# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 113 | ଭାଗ ୩୩ | ସଂଖ୍ୟା ୧୧୩ | Bhubaneswar | Monday 14 July 2025 | Page 8 Rs. 4.00 | ● ଭୁବନେଶ୍ୱର ସୋମବାର ୧୪ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା





# ଏବେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ଭାବନା କମ୍

**ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ):** ମନମୋହନ ସାମଲ ପୁଣି ଥରେ ରାଜ୍ୟ ସଭାପତି ଭାବେ ନିର୍ବାଚିତ ହେବା ଏବଂ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦିଲ୍ଲୀ ଗସ୍ତ ପରେ ଜୋର ଧରିଛି ମନ୍ତ୍ରୀମଣ୍ଡଳ ଅଦଳବଦଳ ଚର୍ଚ୍ଚା। ଗସ୍ତ ବେଳେ ରାଜ୍ୟରେ ସରକାର ଏବଂ ସଂଗଠନ ସ୍ଥିତି ନେଇ ହୋଇଛି ଆଲୋଚନା ହୋଇଥିବା ବେଳେ ଏବେ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ହେବନି ବୋଲି ଜଣାପଡିଛି। ବିଶ୍ୱସ୍ତ ସୂତ୍ରରୁ ମିଳୁଥିବା ସୂଚନା ଅନୁଯାୟୀ ସରକାର ଆଗ ବୋର୍ଡ ଓ ନିଗମ ଅଧ୍ୟକ୍ଷ ପଦବି ପୂରଣ କରିବେ। ରାଜ୍ୟର ୩୬ରୁ ଅଧିକ ନିଗମ ଓ ୪୦ରୁ ଅଧିକ ବୋର୍ଡ ରହିଛି। ଏହିସବୁ ପଦବୀରେ ରାଜନୈତିକ ନେତାଙ୍କୁ ନିଯୁକ୍ତି ମିଳିଥାଏ। ସରକାରରେ ଏହିସବୁ ନିଗମ ଓ ବୋର୍ଡର ଯଥେଷ୍ଟ ଗୁରୁତ୍ୱ ଥିବା ବେଳେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାର ବର୍ଷେ ବିତିଲାଣି। ହେଲେ ଏହିସବୁ ନିଗମ ଓ ବୋର୍ଡ ଅଧ୍ୟକ୍ଷ ପଦ ପୂରଣ ହୋଇନି। ଯେଉଁଥିପାଇଁ ଦଳ ମଧ୍ୟରେ ଆଶାୟୀ ନେତାମାନେ ଅନେଇ ବସିଛନ୍ତି। ଦେଖିବାକୁ ଗଲେ ଗତ ସାଧାରଣ ନିର୍ବାଚନରେ ଦଳର ବହୁ କର୍ମୀ ଓ ନେତା ବିଜେପିକୁ ସରକାରକୁ ଆଣିବାକୁ କଠିନ ପରିଶ୍ରମ କରିଥିଲେ। ବିଜେପି ସରକାରକୁ ଆସିଥିଲେ ବି ସେହିସବୁ ନେତା ଓ କର୍ମୀମାନେ କୌଣସି ଭାବେ ଲାଭବାନ ହୋଇନାହାଁନ୍ତି। ଦଳ ଓ ସଂଗଠନକୁ ମଜବୁତ କରିବାକୁ ଏହି ନେତାଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ତେଣୁ ମୁଖ୍ୟମନ୍ତ୍ରୀ ପ୍ରଥମେ ଏହିସବୁ ପଦବୀରେ ସେହି ନେତାଙ୍କ ମଧ୍ୟରୁ କିଛି ନେତାଙ୍କୁ ଥଇଥାନ କରିବାକୁ ଚିନ୍ତା କରୁଛନ୍ତି। ଏନେଇ ସେ ଦଳର ରାଜ୍ୟ ସଭାପତିଙ୍କ ସହ ମଧ୍ୟ ➪ପୃଷ୍ଠା-୬

- ଆଗ ବୋର୍ଡ ଓ ନିଗମରେ ମିଳିବ ନିଯୁକ୍ତି
- ନେତା ଓ କର୍ମୀଙ୍କ ଥଇଥାନକୁ ପ୍ରାଥମିକତା



#### ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର, କଲେଜରେ ଘଣ୍ଟାଚକଟା

# ମୃତ୍ୟୁ ସହ ଯୁଝୁଛି ଫାଇଟର ସୌମ୍ୟାଶ୍ରୀ



**ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେବାକୁ ଯେଉଁ ତତ୍ପରତା ଏବେ ଦେଖାଦେଇଛି, ସେଇ ତତ୍ପରତା ଯଦି ୧୦ ଦିନ ପୂର୍ବରୁ ପ୍ରକାଶ ପାଇଥାନ୍ତା, ତା'ହେଲେ ଆଜି ଏହି ଲଢୁଆ ଝିଅଟିକୁ ମୃତ୍ୟୁ ସହ ସଂଗ୍ରାମ କରିବାକୁ ପଡୁନଥାନ୍ତା। ସହପାଠୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦେଉଥିବା ଶିକ୍ଷାର୍ଥୀ ଆତ୍ମସମ୍ମାନ ରକ୍ଷା ପାଇଁ ଆତ୍ମାହୁତି ଦେବାକୁ ବାଧ୍ୟ ହୋଇଛି। ଶିକ୍ଷାନୁଷ୍ଠାନରେ ଏଭଳି ବାତାବରଣ କେବେ ଦୂର ହେବ?**

**ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ):** ଗତକାଲି ବାଲେଶ୍ୱର ଏଫ୍‌ଏମ୍ କଲେଜର ଇଣ୍ଟିଗ୍ରେଟେଡ୍ ବିଇଡି ଛାତ୍ରୀ ସୌମ୍ୟାଶ୍ରୀ ବିଶି ଏଜୁକେଶନ ବିଭାଗ ମୁଖ୍ୟ (ଏଚ୍‌ଓଡି) ସମୀର ସାହୁଙ୍କ ନିର୍ଯାତନାର ଶିକାର ହୋଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଏମ୍ସରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ତାଙ୍କ ଶରୀରର ୯୦ ପ୍ରତିଶତରୁ ଅଧିକ ଭାଗ ପୋଡ଼ିଯାଇଥିବା ଜଣାପଡ଼ିଛି। ଫଳସ୍ୱରୂପ ଛାତ୍ରୀ ଜଣଙ୍କ ମୃତ୍ୟୁ ସହ ସଂଘର୍ଷ କରୁଥିବା ବେଳେ ଏହି ଘଟଣା ପ୍ରତିବାଦରେ ସମଗ୍ର ରାଜ୍ୟରେ ବିରୋଧର ସ୍ୱର ଉଠିଛି। ବିଶେଷକରି ରାଜଧାନୀରେ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଘଟଣାରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀରୁ ଫେରିବା ପରେ ତୁରନ୍ତ ଏମ୍ସ ବର୍ଣ୍ଣ ୟୁନିଟ୍‌କୁ ଯାଇ ପହଞ୍ଚି ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇଦେବା ସକାଶେ ଡାକ୍ତରମାନଙ୍କୁ ତାଗିଦା କରିଛନ୍ତି। ସେ ଏମ୍ସ ନିର୍ଦ୍ଦେଶକ ➪ପୃଷ୍ଠା-୬

- ✪ହସ୍ତକ୍ଷେପ କଲେ ଏନ୍‌ସିଡବ୍ଲ୍ୟୁ
- ✪ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମୁଖ୍ୟମନ୍ତ୍ରୀ
- ✪୪୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ କହିଲେ ଏମ୍ସ ନିର୍ଦ୍ଦେଶକ
- ✪ତଦାରଖ ଦାୟିତ୍ୱରେ ୮ଜଣିଆ ବିଶେଷଜ୍ଞ କମିଟି



### ଆବଶ୍ୟକ ପଡ଼ିଲେ ଏୟାରଲିଫ୍ଟ ହେବ: ମୁଖ୍ୟମନ୍ତ୍ରୀ

ଜୀବନ ସହ ସଂଘର୍ଷ କରୁଥିବା ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତର ସହ ନେଇଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ପୀଡ଼ିତାଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଏମ୍ସ ଡାକ୍ତରଙ୍କ ସହ ଆଲୋଚନା କରିବା ସହ ଦିଲ୍ଲୀ ଏମ୍ସ ଷ୍ଟାଣ୍ଡାର୍ଡର ଚିକିତ୍ସା ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି। ଏଥିସହ ଡାକ୍ତରୀ ଟିମ୍ ମଧ୍ୟ ଦିଲ୍ଲୀ ଏମ୍ସ କର୍ତ୍ତୃପକ୍ଷଙ୍କ ସହ ନିୟମିତ ଭାବେ ଭିଡିଓ କନ୍‌ଫରେନ୍ସିଂରେ ଆଲୋଚନା କରୁଥିବା ସୂଚନା ଦେଇଛନ୍ତି ➪ପୃଷ୍ଠା-୬

### ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ

ରାଜ୍ୟରେ ଚହଳ ପକାଇଛି ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିବା ସହ ଏହି ମାମଲାରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ଭାବେ ରାଜ୍ୟପାଳ ଉକ୍ତ ଛାତ୍ରୀଙ୍କୁ ନ୍ୟାୟ ଦେବା ସକାଶେ ଶ୍ରୀ ପଟ୍ଟନାୟକ ସୋସିଆଲ୍ ମିଡିଆ 'ଏକ୍ସ'ରେ ରାଜ୍ୟପାଳଙ୍କୁ ନିବେଦନ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟର ପ୍ରମୁଖ ➪ପୃଷ୍ଠା-୬

#### ପ୍ରଧାନମନ୍ତ୍ରୀଙ୍କ ସହ ୩୫ ମିନିଟ୍ ଆଲୋଚନା।

# ଫୋକସ୍‌ରେ ବିକଶିତ ଓଡ଼ିଶା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ତାଙ୍କ ଦିଲ୍ଲୀ ଗସ୍ତ ସାରି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଗସ୍ତ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତାଙ୍କୁ ଶ୍ରଦ୍ଧାଞ୍ଜଳି ➪ପୃଷ୍ଠା-୬



# ୨୨ରୁ ୭୮ ହେଲା, ୧୪ରୁ ଶହେ କାହିଁକି ନୁହେଁ

**ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ):** ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ପରେ ଜୋର ଧରିଛି ରାଜ୍ୟ ରାଜନୀତି। କିଛି ଦିନ ପୂର୍ବରୁ ରାଜ୍ୟ କଂଗ୍ରେସ ମଙ୍ଗ ଧରିଥିବା ଭକ୍ତ ଦାସଙ୍କ ଟିମ ବେଶ ଉତ୍ସାହିତ ହୋଇଉଠିଥିବା ବେଳେ ୨୦୨୯ରେ ସରକାର ଗଠନର ଦାବି କରୁଛନ୍ତି। କଂଗ୍ରେସର ଏହି ଦାବିକୁ କିଛି ରାଜନୈତିକ ସମୀକ୍ଷକ ଦିବାସ୍ୱପ୍ନ ବୋଲି କହୁଛନ୍ତି। ହେଲେ ଆଉ କିଛି ରାଜନୈତିକ ବଡପଣ୍ଡାଙ୍କ କହିବାନୁଯାୟୀ, ଯଦି ବିଜେପି ୨୨ରୁ ୭୮ ଆସନ ଜିତି ସରକାର କରିପାରିଲା, ତେବେ କଂଗ୍ରେସ ୧୪ରୁ ଶହେକୁ କାହିଁକି ଲମ୍ଫ ଦେଇପାରିବ ନାହିଁ। ରାଜନୀତିରେ କିଛି ବି ଅସମ୍ଭବ ନୁହେଁ ବୋଲି ସେମାନେ କହୁଛନ୍ତି। ଅବଶ୍ୟ ନିର୍ବାଚନକୁ ମାତ୍ର ବର୍ଷ ପୂରିଥିବା ବେଳେ ରାଜନୈତିକ ସମୀକ୍ଷକମାନେ ଏବେଠୁ ଏଭଳି ଆକଳନ କରିବା ରାଜ୍ୟ ସରକାରଙ୍କ ପାଇଁ ସତର୍କ ଘଣ୍ଟି ଭଳି। ୨୦୧୯ ସାଧାରଣ ନିର୍ବାଚନରେ ବିଜେପି ୨୩ଟି ବିଧାନସଭା ଆସନ ଜିତିଥିଲା। ବିଜେଡି ➪ପୃଷ୍ଠା-୬

**ରାହୁଲଙ୍କ ଗସ୍ତ ପରେ ଜୋସରେ କଂଗ୍ରେସ**




#### ସୁରକ୍ଷିତ ରହିବ ପୁରୀ ଜଗନ୍ନାଥ ମନ୍ଦିର ରୀତିନୀତି

# କପିରାଇଟ୍ କରିବେ ସରକାର: ଗଜପତି

**ପୁରୀ,୧୩।୭(ସଂଚାର ବ୍ୟୁରୋ):** ବିଗତ ଦିନରେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ବିଭିନ୍ନ ପାରମ୍ପରିକ ରୀତିନୀତି ଓ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ଏହାର କପିରାଇଟ୍ ଦିଗରେ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଏନେଇ ଆଜି ପୁରୀର ଗଜପତି ମହାରାଜ ଦିବ୍ୟସିଂହ ଦେବ ସୂଚନା ଦେଇଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ପ୍ରଥମ ସେବକ ଭାବେ ପରିଚିତ ଗଜପତି ମହାରାଜ ଏକ ସାକ୍ଷାତକାରରେ କହିଛନ୍ତି ଯେ ବିଦେଶରେ ଇସ୍କନ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ରୀତିନୀତିର ଅସମୟରେ ପାଳନ ଓ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଦିଘାରେ ଏକ ମନ୍ଦିରକୁ 'ଜଗନ୍ନାଥ ଧାମ' ଭାବେ ଘୋଷଣା କରାଯିବା ଭକ୍ତଙ୍କ ଭାବାବେଗକୁ ପ୍ରଭାବିତ କରିଛି। ଏହା ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଥିବା ବେଳେ ଏହା ପବିତ୍ର ଶାସ୍ତ୍ର ଓ ପ୍ରାଚୀନ ପରମ୍ପରାର 'ଗୁରୁତର ଉଲ୍ଲଂଘନ' ବୋଲି ଗଜପତି ମହାରାଜ ➪ପୃଷ୍ଠା-୬



# ଆଜି ଆସୁଛନ୍ତି ରାଷ୍ଟ୍ରପତି

- କମିଶନରେଟ୍ ପୁଲିସର କାରକେଡ୍ ରିହର୍ସାଲ



**ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ):** ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତିଙ୍କ ଏହି ଗସ୍ତ ପାଇଁ କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଏହି କ୍ରମରେ ଆଜି କାରକେଡ୍ ରିହର୍ସାଲ କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ଅନୁସାରେ ଶ୍ରୀମତୀ ମୁର୍ମୁ ଆସନ୍ତାକାଲି ଅପରାହ୍ଣ ୫ଟା ୧୦ ମିନିଟରେ ବାୟୁସେନା ବିମାନ ଯୋଗେ ଆସି ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ। ସନ୍ଧ୍ୟାରେ ଭୁବନେଶ୍ୱର ଏମ୍ସର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଯୋଗଦେଇ କୃତୀ ➪ପୃଷ୍ଠା-୬

# ଘାତକ ବଜ୍ରପାତ: ବିଭିନ୍ନ ସ୍ଥାନରେ ୫ ମୃତ

**ଭୁବନେଶ୍ୱର/ମାହାଙ୍ଗା,୧୩।୭(ସଂଚାର ବ୍ୟୁରୋ):** ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରାଘାତ ଯୋଗୁଁ ଗତ ୨୪ ଘଣ୍ଟା ମଧ୍ୟରେ ୫ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକମାନେ ସମ୍ବଲପୁର, ଯାଜପୁର, ଜଗତସିଂହପୁର, ଭଦ୍ରକ ଓ କଟକ ଜିଲ୍ଲାର ହୋଇଥିବା ବେଳେ ଏହା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ମିଳିଥିବା ସୂଚନାନୁସାରେ, ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଅଞ୍ଚଳରେ ଜଣେ ବ୍ୟକ୍ତି ବର୍ଷା ସମୟରେ ଏକ ଗଛ ତଳେ ଆଶ୍ରୟ ନେଇଥିବା ସମୟରେ ବଜ୍ରାଘାତ ହୋଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ସେହିପରି ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନସ୍ଥ ମଧୁସୂଦନପୁର ପଞ୍ଚାୟତର ବଳଭଦ୍ରପୁର ଗାଁରେ ଭାଗୀରଥୀ ନାୟକ ନାମକ ଚାଷୀ ବିଲରେ କାମ କରୁଥିବା ସମୟରେ ବଜ୍ରାଘାତରେ ପ୍ରାଣ ହରାଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାଛଡ଼ା ଜଗତସିଂହପୁରର କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ଜଳଧରପୁରରେ ଜଣେ ଚାଷୀ ବିଲରୁ ଫେରୁଥିବା ସମୟରେ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ଆହୁରି ଭଦ୍ରକ ଜିଲ୍ଲାର କୋଡ଼ବରୁଆଁ ଅଞ୍ଚଳରେ ଜଣେ ଯୁବତୀ ବଗିଚାକୁ ଯାଉଥିବା ସମୟରେ ବଜ୍ରାଘାତ ଯୋଗୁଁ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସେହିପରି ➪ପୃଷ୍ଠା-୬


ପ୍ରଦୀପ୍ତ ଖଟୁଆ

# ଚର୍ଚ୍ଚାରେ ବିଜନେସ ଟାଇକୁନଙ୍କ ପ୍ରତିଯୋଗିତା

**ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ):** ଓଡ଼ିଶାର ଲୋକଙ୍କ ମନକୁ ମୋହିବା ପାଇଁ ଏବେ ରାଜ୍ୟରେ ଚାଲିଛି ବହୁରାଷ୍ଟ୍ରୀୟ ଶିଳ୍ପଗୋଷ୍ଠୀଙ୍କ ମଧ୍ୟରେ ପ୍ରତିଯୋଗିତା। ଦେଶର ଦୁଇ କର୍ପୋରେଟ ହାଉସର ବଡ଼ପଣ୍ଡାମାନଙ୍କ ଘନ ଘନ ଓଡିଶା ଗସ୍ତ ସାଙ୍ଗକୁ ମାଗଣା ଖାଦ୍ୟ ବଣ୍ଟନ, ସଫଳତାର ଫାଳ ଫାଳ ବିଜ୍ଞାପନ ସହ ବିଭିନ୍ନ ଉପାୟରେ ନିଜକୁ ଉପସ୍ଥାପନ କରିବାରେ ଲାଗିଛନ୍ତି। ରାଜ୍ୟକୁ ଖଣି ଲୋଭରେ ଆସୁଥିବା ଏହିସବୁ ବହୁରାଷ୍ଟ୍ରୀୟ କମ୍ପାନୀ ବ୍ୟବସାୟ ସହ ସରକାର ଓ ପ୍ରଶାସନରେ ନିଜର ଦବଦବା ଏଭଳି ରଖୁଛନ୍ତି ଯେ ସେମାନଙ୍କର ସବୁ ବେଆଇନ କାର୍ଯ୍ୟକୁ ଆଇନର ମୋହର ମରାଯାଉଛି। ଓଡ଼ିଶାରେ ଏଭଳି ଉଦାହରଣ ପୂର୍ବରୁ ଅନେକ ରହିଛି, ଯାହା ରାଜ୍ୟର ପ୍ରତ୍ୟେକ ବୁଦ୍ଧିଜୀବୀ ଓ ଶିକ୍ଷିତ ଲୋକ ଭଲଭାବେ ଜାଣିଛନ୍ତି। ଚଳିତବର୍ଷ ରଥଯାତ୍ରା ପୂର୍ବରୁ ମୁକେଶ ଅମ୍ବାନିଙ୍କ ବଡପୁଅ ଶ୍ରୀମନ୍ଦିର ଆସିଥିଲେ । ତାହା ସେତେବେଳେ ଏତେଟା ଦୃଷ୍ଟି ଆକର୍ଷଣ କରିପାରିନଥିଲା। ତେବେ ରଥଯାତ୍ରା ସମୟରେ ଅଦାନୀ ଗ୍ରୁପର ମାଲିକ ସପରିବାର ପୁରୀ ଯାତ୍ରା ➪ପୃଷ୍ଠା-୬





- ଟାର୍ଗେଟ୍‌ରେ ଓଡ଼ିଶାର ଖଣି, ପାଣି
- ଲୋକଙ୍କ ମନ ମୋହିବାକୁ ଜୋରଦାର ଉଦ୍ୟମ



**କାନ ଡେରିଥା**

ଏକ୍ସ ଆକାଉଣ୍ଟ ଖୋଲିକି ରଖିଛ
ସରକାର ଦେଖୁଥାଅ
ଅଭିଯୋଗ ସବୁ ସରକାର ପାଖେ
କିଏ ଦାୟୀ ହେବ କୁହ
କାହିଁକି ଲୁହ ଗଡାଅ...
କୁମ୍ଭୀର କାନ୍ଦଣା କରିକି ଭାବୁଛ
ତମେ ପଛେ ମରିଯାଅ !
ଆମେ ଛାଡ଼ିବୁନି ମୋହ।

■ ଦେବାଶିଷ

# କାହା ପଦ୍ମତୋଳାରେ ଫଣା ଟେକିଲା ନାଗ

**ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ):** ବ୍ଲାକମେଲ ଅଭିଯୋଗରେ ଗିରଫ ଅର୍ଚ୍ଚନା ନାଗ ଦୀର୍ଘ ଦିନ ପରେ ହଠାତ କାହିଁକି ମୁହଁ ଖୋଲିଲେ। କାହା ଇଙ୍ଗିତରେ ସେ ଲମ୍ବାଚଉଡା ସାମ୍ବାଦିକ ସମ୍ମିଳନୀ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ସେ ଯେଉଁମାନଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ ସେ ସମ୍ପର୍କରେ ଗୋଟିଏ ହେଲେ ପ୍ରମାଣ ଦେଖାଇପାରିଲେ ନାହିଁ। ସାମ୍ବାଦିକ ସମ୍ମିଳନୀରେ ସେ ପଢୁଥିବା ଲିଖିତ ବିବୃତ୍ତିକୁ କିଏ ଡ୍ରାଫ୍ଟ କରିଥିଲା, ଏହାକୁ ନେଇ ଏବେ ଚର୍ଚ୍ଚା ହେଉଛି କାହା ପଦ୍ମତୋଳାରେ ଫଣା ଟେକିଲା ନାଗ।

ଅର୍ଚ୍ଚନା ନାଗ ଗିରଫ ହୋଇ ଜେଲ ଗଲେ ଏବଂ ପରେ ତାଙ୍କୁ ଜାମିନ ମଧ୍ୟ ମିଳିଛି। ଯେଉଁ ସମୟରେ ସେ ଏକ ବ୍ୟକ୍ତିଗତ ଅଭିଯୋଗରେ ଗିରଫ ହୋଇଥିଲେ ସେତେବେଳେ ସେ ନିଜକୁ ବଞ୍ଚାଇବାକୁ ବହୁ ନେତା, ଅଫିସରଙ୍କ ନାଁ କହିଥିଲେ। ତାଙ୍କ ବିରୋଧରେ ଆସିଥିବା ବ୍ଲାକମେଲ ଅଭିଯୋଗର ଇଡି ମଧ୍ୟ ତଦନ୍ତ କରୁଛି। ତାଙ୍କ ବିରୋଧରେ ଆସିଥିବା ମୂଳ ଅଭିଯୋଗର ଆସନ୍ତାକାଲି (ସୋମବାର) ଭୁବନେଶ୍ୱର କୋର୍ଟରେ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଛି। ଏହି ଶୁଣାଣି ସମୟରେ ସବୁ ସାକ୍ଷୀମାନଙ୍କୁ ଡକାଯାଇଛି। ହେଲେ ଶୁଣାଣିର ଦୁଇ ଦିନ ପୂର୍ବରୁ ସେ ହଠାତ କାହିଁକି ସାମ୍ବାଦିକ ସମ୍ମିଳନୀ କରି ବିଜେଡି ନେତାଙ୍କୁ ଟାର୍ଗେଟ କଲେ, ତାକୁ ନେଇ ପ୍ରଶ୍ନ ଉଠିଛି। ଏପିରିକି ଜେଲରେ ତାଙ୍କୁ ପାଗଳ କରିଦେବାକୁ ଚକ୍ରାନ୍ତ କରାଯାଉଥିଲା ବୋଲି ସେ ଅଭିଯୋଗ କରୁଛନ୍ତି। ଅବଶ୍ୟ ଏନେଇ ତାଙ୍କୁ କେତେକ ଗଣମାଧ୍ୟମ ପ୍ରତିନିଧି ପ୍ରମାଣ ମାଗିଥିଲେ ସେ ତାହା ଦେଇପାରିନଥିଲେ।

ସେପଟେ ଏହି ସାମ୍ବାଦିକ ସମ୍ମିଳନୀ ପରେ ତାଙ୍କ ସହ ବିଜେପିର କିଛି ନେତାଙ୍କ ଫଟୋ ମଧ୍ୟ ପୁଣି ଥରେ ଘନ ଘନ ଭାଇରାଲ ହେଉଛି। ଅବଶ୍ୟ ଯେଉଁ ବିଜେପି ନେତାଙ୍କ ବିରୋଧରେ ସେ ୩ ବର୍ଷ ତଳେ ଏଫଆଇଆର କରିଥିଲେ, ପରେ ତାକୁ ପ୍ରତ୍ୟାହାର କରିନେଇଥିଲେ। ଥାନାରେ ଅଭିଯୋଗ କରିବା ପରେ ସେ ନିଜର ବୟାନ ମଧ୍ୟ ରେକର୍ଡ କରାଇନଥିଲେ। ଏଭଳି ସ୍ଥିତିରେ ନାଗଙ୍କ ଅଭିଯୋଗର ପ୍ରକୃତ ଟାର୍ଗେଟ କିଏ ତାକୁ ନେଇ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି।

ଜେଲରେ ଥିବା ସମୟରେ ସେ ଆଇନ ପରୀକ୍ଷା ମଧ୍ୟ ଦେଇଛନ୍ତି। ଯଦି ତାଙ୍କୁ ଜେଲରେ ପାଗଳ କରିଦେବାକୁ ଚକ୍ରାନ୍ତ କରାଯାଇଥିଲା, ତା'ହେଲେ ସେ ଆଇନ ପରୀକ୍ଷା କେମିତି ଦେଲେ, ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଏମିତି କିଛି ଘଟଣାକ୍ରମ ଓ ତାଙ୍କ ବିବୃତିକୁ ଶୁଣିଲେ ଲାଗୁଛି କେଉଁଠି ନା କେଉଁଠି ଅର୍ଚ୍ଚନା ନାଗଙ୍କୁ ରାଜନୈତିକ ମୋହରା କରାଯାଇଛି। କୋର୍ଟ ଟ୍ରାଏଲ ପୂର୍ବରୁ ମିଡିଆ ଟ୍ରାଏଲ କରି ରାଜନୈତିକ ହଟଚମଟ ସୃଷ୍ଟି



**ବିଜେଡି ନା ବିଜେପି, କାହା ପଶାପାଲିର ଗୋଟି ସାଜିଥିଲେ ଅର୍ଚ୍ଚନା?**

# କାଲିଫର୍ଣ୍ଣିଆର ଅରଭାଇନ୍ ସହରରେ ପବିତ୍ର ରଥଯାତ୍ରା ଉତ୍ସବ-୨୦୨୫

ରଥଯାତ୍ରା ମହୋତ୍ସବ ବହୁ ପ୍ରାଚୀନ କାଳରୁ ପୁରୀ ଶ୍ରୀମନ୍ଦିରରେ ରରେ ଅନୁଷ୍ଠିତ ହୋଇ ଆସୁଛି ଓ ବର୍ତ୍ତମାନ ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଆମେରିକାର ଯେଉଁ ସେଠାରେ ମଧ୍ୟ ପ୍ରତିବର୍ଷ ଯାଉଛି। ସବୁ ସହରରେ ଚତୁର୍ଦ୍ଧା ମୂର୍ତ୍ତି ପ୍ରତିଷ୍ଠା ହୋଇଛ ହାଇଛନ୍ତି, ସେଠା ଗୁଣ୍ଡିଚା ଯାତ୍ରା ଓ ବାହୁଡ଼ା ଯାତ୍ରା ଖୁବ୍ ଆଡ଼ମ୍ବରରେ ପାଳନ କରାଯାଇଛି। ବାହୁଡା ଯାତ୍ରା ଏହି ବର୍ଷ କାଲିଫର୍ଣ୍ଣିଆର ଅରଭାଇନ୍ ସହରରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଜାକଜମକରେ ସମ୍ପାଦିତ ହୋଇଛି। ପ୍ରଥମେ ସମ୍ପୃକ୍ତ ଭକ୍ତ ଓ ଓଡିଆ ସ୍ୱେଚ୍ଛାସେବୀମାନଂକ ଦ୍ୱାରା ସୁଦର୍ଶନ ଓ ଲକ୍ଷ୍ମୀନାରାୟଣ ପୂଜା ଅନୁଷ୍ଠିତ ହୋଇଥିଲା ଓ ତା' ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ରଥ ପୂଜା ହୋଇଥିଲା। ଛୋଟ ଛୋଟ ପିଲା ମାନଂକର କଣ୍ଠରୁ ସୁଲଳିତ ପୂଜା ମନ୍ତ୍ରଧ୍ୱନୀରେ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇ ସ୍ଥାନଟି ଆନନ୍ଦରେ ମୁଖରିତ ହୋଇ ଉଠିଥିଲା। ଠାକୁରଂକର ପହଣ୍ଡି ବିଜେରେ ପ୍ରଥମେ ସ୍ଥାନୀୟ ବରିଷ୍ଠ ଓଡିଆ ନିରୋଦ ମହାନ୍ତି ଶ୍ରୀସୁଦର୍ଶନଂକୁ ନେଇ ରଥାରୂଢ଼ କରିଥିଲେ। ତତପଶ୍ଚାତ୍ ପବିତ୍ର ଛେରା ପହଁରା ନୀତି ସବ୍ୟସାଚୀ ପାଣିଗ୍ରାହୀ ତଥା ତାହୁଙ୍କ ସ୍ମୃତି ରଂଜନ ମହାନ୍ତିଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ରଥ ସମ୍ମୁଖରେ ଘଣ୍ଟନାଦ, ଶଂଖଧ୍ୱନୀ ଓ ସଂକୀର୍ତ୍ତନ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିବା ସହିତ ଭକ୍ତମାନଂକ ଦ୍ୱାରା ସୁସଂଚାଳିତ ନୃତ୍ୟ ଗୀତ ପରିବେଷଣରେ ରଥଯାତ୍ରା ଆହୁରି ଦିବ୍ୟ ଓ ମନୋରମ ହୋଇ ଉଠିଥିଲା। ମୁଖ୍ୟ ରାଜରାସ୍ତାରେ ଭକ୍ତିମାନେ ପ୍ରାୟ ଦେଢ ମାଇଲ୍ ଧରି ଅତି ଆନନ୍ଦରେ ରଥ ଟାଣି ଆଣିଥିଲେ ତଥା ଛପନ ଭୋଗ, ଫୁଲମାଳ ଓ ଟାହିଆ ଲାଗି, ସୁନାବେଶ ମଣ୍ଡନ ଏବଂ ପ୍ରସାଦ ଇତ୍ୟାଦି ବିଧି ସମସ୍ତଂକର ସ୍ୱତଃପ୍ରବୃତ୍ତ ଓ ମିଳିତ ଉଦ୍ୟମରେ ସୁଚାରୁ ରୂପେ ସମାପିତ ହୋଇଥିଲା ଓ ପ୍ରାୟ ୮୦୦ରୁ ଉର୍ଦ୍ଧ୍ୱ ଭକ୍ତ ଆନନ୍ଦରେରେ ପ୍ରସାଦ ସେବନ କରିଥିଲେ। ଏହି ବର୍ଷର ଅରଭାଇନ୍ ରଥଯାତ୍ରା ଓ ବାହୁଡା ଯାତ୍ରା ଏଠାରେ ସ୍ମରଣୀୟ ହୋଇ ରହିବ।







## ମୋ ମାଆ

ଡ ଚନ୍ଦ୍ରକଳା ନାୟକ

ଚଉଦ ବରଷର ବହୁଚୋରୀ
ଓ ଖପରା ଡିଆଁ ଖେଳ ଛାଡି
ମୋ ମାଆ ସାଥୀରେ
ହାରମୋନିୟମ ଧରି
ଏ ଗାଁକୁ ବୋହୂ ହୋଇ ଆସିଲା।
ନଡା ଛପର ଘର
ଝାଟିମାଟିର କାନ୍ଥ
ନଇଁ ନଇଁ ଭାତ ତିଅଣ ରାନ୍ଧି
ସମସ୍ତଙ୍କୁ ବାଢୁ ବାଢୁ
ମୋ ମାଆକୁ ବାର୍ଦ୍ଧକ୍ୟ ଗ୍ରାସିଲା ।
ଅତୀତକୁ ବଖାଣି ବାପା କହନ୍ତି
ରାତି ଚାରିଟାରୁ ଉଠି
ତା କାମ କାଳେ ଯମା ସରେନା
ବାସନ ମଜା ଓ ପହଁରା ଶବ୍ଦ ଭିତରେ
ତା ଜୀବନର ଗତି ଚାଲିଥାଏ ଅନବରତ।
ପିଲାଙ୍କ ଖାଇବା, ଧାନଉଁସା, ବଢ଼ିପରା
ଚୁଲିର ଉସୁନା ପୋଡପିଠା
ଦୁଧ ଗଇଁଠା ଓ ତା ସାଥୀରେ
ବାଡିର ଶାଗ କିଆରୀ ବଛା
ସବୁ ଯେପରି ମାଆର ହାତରେ
ତା ସହ ସମୟ ବି ଦଉଡୁଥାଏ
କୋଉଥିରେ ଟିକେ ଉଣା ନାହିଁ
କି ଡେରି ବି ନାହିଁ।
ମଗୁସୁର ମାସ ଆସିଲେ
ତା କାମ ଢେର ବଢ଼ିଯାଏ
ଛୋଟ ଛୋଟ ଲକ୍ଷ୍ମୀପାଦ
ଆଉ ପଦୁଅଁର କଢ
ମାଆର ଚାଉଳ ଭଜା ଓସା
ଚିତାବୋଲା ସେର
ଧାନ କଉଡିର ସମ୍ଭାର
ତା ସହ ପରିବାର ସାରା ଖୁସିର ପସରା
ତା ସହିତ ପୁଣି ମଣ୍ଡାପିଠାର ଆସର।
ମୋ ମାଆ ପାଇଁ କାଳେ ସବୁ ହସେ
ଗାଁ ଦାଣ୍ଡ, ଅଗଣା
ଗୋବର ଲିପା ମାଟି ପିଣ୍ଡା
ଆଉ ବଅଁସ ସାରା
ସେ ନଥିଲେ ସବୁ ଶୁଷ୍କ
ନିସ୍ତବ୍ଧ ଗାଁ ଖାଁ ଖାଁ ଗୋଡାଏ
ଯେମିତି ଉଜୁଡା ଘର।
ଚମ୍ପା ଫୁଲ ପରି
ମୋ ମାଆର ହଳଦିଆ ଗୋରା ମୁହଁ
ପାଖରେ ହାର ମାନିଯାଏ
ପୂର୍ଣ୍ଣିମାର ଜହ୍ନର ସୌନ୍ଦର୍ଯ୍ୟ
ମନ୍ଦ ମନ୍ଦ ପବନ
କୋଇଲିର କୁହୁତାନ
ଆମ୍ବ ବଉଳର ବାସ୍ନା
ବାସ୍ ପୃଥିବୀର ସବୁ ସମାହାର।
ବାପା ଯିବା ପରେ ତା ଧର୍ଯ୍ୟତା ହିମାଳୟ
ସେ କିନ୍ତୁ ଅଧର୍ଯ୍ୟର ମେଘଖଣ୍ଡ
ସୁଖ ଖୋଜୁଥିବା ଏରୁଣ୍ଡି ବନ୍ଧଟା
ଏବେ ତା ପାଇଁ ନିଃସଙ୍ଗ ଜୀବନ ଦଣ୍ଡ।
ମାଆକୁ ଏବେ ଆଉ ଶୁଭୁନି
ହାରମୋନିୟମର ଧୁନ ଆଉ
ବାଜୁନି
ସବୁ କିଛି ନୀରବି ଯାଇଛି
ଠାକୁରଙ୍କୁ ଦିନରାତି ହାତ ଯୋଡୁଛି
ମୋତେ ଟିକେ ନେଇଯାଅ
ସେଇଠିକି, ଯେଉଁଠି ତା
ଗେରସ୍ତ ରହିଛି ଅନାଇ
ଯାହାର ପ୍ରେତ ଆତ୍ମାକୁ ସେ
ନିଇତି ପାଣି ପିଆଉଛି।

ଅଧ୍ୟାପିକା, ମହାପୁରୁଷ ହାଡିଦାସ
**ମହାବିଦ୍ୟାଳୟ, ଛତିଆ, ଯାଜପୁର**
ମୋବାଇଲ୍:
୯୪୩୭୯୫୭୬୧୭

# ଅନୁଭୂତି ଆଉ ଏକ ଜନ୍ମର

ଏଲିନା ପାଣିଗ୍ରାହୀ



ଅନୁଭୂତି ହେଉଛି ମନରେ ହୋଇଥିବା ଏକ ଗଭୀର ଅଭିଜ୍ଞାନ ଯାହାକୁ ଆମେ ଅନ୍ତର୍ମୁଖୀ ଭାବରେ ଅନୁଭବ କରୁ। ଯେତେବେଳେ କୌଣସି ଘଟଣା ବା ପରିସ୍ଥିତି ଆମର ମନକୁ ଛୁଇଁଯାଏ, ଆମେ ତାହାକୁ ଅନୁଭୂତି ଭାବରେ ଅନୁଭବ କରୁ। କିଛି ଅନୁଭୂତି ଆମକୁ ଖୁସି ଦେଉଥିବା ବେଳେ ଆଉ କିଛି ଅନୁଭୂତି ଦୁଃଖ ଦେଇଥାଏ। ଏମିତି ତ ମୋ ଜୀବନ କାଳ ଭିତରେ ଅନେକ ସାରା ଛୋଟ ବଡ଼ ଦୁଃଖ ସୁଖ ଭରା ଅନୁଭୂତି ଥିଲା। କିନ୍ତୁ ମୁଁ କେବେ ଭାବିନଥଲି, ମୋ ସହ ଏମିତି ଗୋଟେ ଘଟଣା ଘଟିବ ଯେଉଁଥିରେ ଆନନ୍ଦର ଅଶ୍ରୁ ବି ଥିବ ଏବଂ ହୃଦୟ ବିଦାରକ କୋହ ବି ଥିବ, ଆଉ ସେ ଘଟଣାର ଅନୁଭବରୁ ସୃଷ୍ଟି ଅନୁଭୂତି ମୋ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ମୋର ମନକୁ ଆନ୍ଦୋଳିତ କରିବ। ପୂର୍ଣ୍ଣଜନ୍ମ ଏଇ ଶବ୍ଦଟି ଶୁଣିଲେ ଲାଗେ ହଁ ଏଇଟା ସେଇ ପିଲାବେଳେ ଆଈ, ଜେଜେମାଆଙ୍କ ଠୁଁ ଶୁଣିଥିବା ତାଙ୍କ କାହାଣୀ ମୁଣିରୁ ଗୋଟେ ଗପ ବୋଧେ। ଯାହାର କୌଣସି ସତ୍ୟତା ନାହିଁ। ମୋତେ ବି ଏଇଟା ହିଁ ଲାଗୁଥିଲା ଠିକ୍ ୫ ମେ ୨୦୨୨ ପୂର୍ବରୁ କିନ୍ତୁ ତା ପରଠୁ ନୁହଁ। ସତରେ ମଣିଷର ଗୋଟିଏ ଜନ୍ମରେ ଆଉ ଗୋଟେ ଜନ୍ମ ବି ହୋଇପାରେ।

ଘଣ୍ଟାରେ ରାତି ୧୨ଟା ବାଜିଲାଣି କିନ୍ତୁ ଆଖିକୁ ମୋର ଟିକେ ବି ନିଦ ନାହିଁ। କେତେ ବର୍ଷ ପରେ ମୁଁ ପୁଣି ଥରେ ମୋ ଭଉଣୀ ଓ ଭିଣେଇଙ୍କ ସହ ବୁଲିବାକୁ ଯିବି। ଶେଷ ଥର ବୋଧେ ମୁଁ କଲେଜ୍ ରେ ପଢୁଥିବା ସମୟରେ ଯାହା ତାଙ୍କ ସହ ଯାଇଥିଲି, ଆଉ କେବେ ସେମିତି ସୁଯୋଗ ମିଳି ନଥିଲା। ସେତେବେଳେ ତ ମୋ ଝିଆରୀ ଦୁଇଜଣ ସାନ ଥିଲେ ତଥାପି କେତେ ମଜା କରିଥିଲେ, ଏବେ ତ ସେମାନେ ବଡ଼ ହେଲେଣି ତା ସହିତ ବଡ଼ ଝିଆରୀର ବିବାହ ବି ସରିଲାଣି। ଖାସ୍ ଆମେ ସବୁ ଏକାଠି ଏମିତି ବୁଲି ଯିବୁ ବୋଲି ବଡ଼ ଝିଆରୀ(ଜ୍ୟୋତି) ଓ ଝିଆରୀ ଜ୍ୱାଇଁ (ଭବାନୀ) ଦୁଇ ଜଣ ଯାକ ଅଫିସ୍ ରୁ ଛୁଟି ନେଇ ମୁମ୍ବାଇରୁ ଆସିଥିଲେ। ଏମିତି ଭାବୁ ଭାବୁ କେତେବେଳେ ମୋ ଆଖିରେ ଆଖିଏ ନିଦ ଭରି ଯାଇଥିଲା। ସକାଳୁ ଉଠି ସଅଳ ସଅଳ ପ୍ରସ୍ତୁତ ହେବା ପାଇଁ ପୁଅକୁ ତାଗିଦ୍ କରି କହିଲି। ମୁଁ ଆଉ ମୋ ପୁଅର କେବଳ ଯିବାର ଥିଲା, କାହିଁକି ନା ୟାଙ୍କର ହଠାତ୍ କାମ ପଡ଼ିବାରୁ ଇଏ ଯାଉ ନଥିଲେ ଆମ ସହ କିନ୍ତୁ ଆମ ମାନଙ୍କ ଯିବା ପାଇଁ ଗାଡ଼ିର ବ୍ୟବସ୍ଥା କରିଦେଇ ଥିଲେ। ଯେହେତୁ ଆମେ ଦୁଇ ଦିନ ବୁଲା ବୁଲି କରିବା, ସେଥିପାଇଁ ଚିହ୍ନା ଜଣା ଡ୍ରାଇଭର୍ ଟେ ଠିକ୍ କରିଥିଲେ। ତାପରେ ବୁଧବାର ଠିକ୍ ସକାଳ 8 ଟା ବେଳେ ପ୍ରଭୁ ଜଗନ୍ନାଥଙ୍କୁ ପ୍ରଣାମ କରି, ତାଙ୍କ ନାଆଁ ନେଇ, ତାଙ୍କୁ ଦର୍ଶନ କରିବାର ଅଭିଳାଷା ରଖି ଆରମ୍ଭ ହୋଇଥିଲା ଆମର ପୁରୀ ଅଭିମୁଖେ ଯାତ୍ରା। ଯେହେତୁ ନାନୀ (ଜ୍ୟୋସ୍ନା), ନନା( ବିମ୍ବାଧର) ଓ ସାନ ଝିଆରୀ(ପ୍ରୀତି) ଗାଡ଼ି ସହ ଆମକୁ ନେବା ପାଇଁ ରେମୁଣା ଆସି ସାରିଥିଲେ ସେଥିପାଇଁ ଆମେ ଏଥର ଏକାଥରେ ଯାଇଥିଲୁ ନୀଳଗିରି। କାହିଁକି ନା ସେଠାରୁ ବଡ଼ ଝିଆରୀ ଓ ଝିଆରୀ ଜ୍ୱାଇଁଙ୍କୁ ଆମ ସହ ଯିବାର ଥିଲା। ରାସ୍ତା ସାରା ଅନେକ ମଜା ମସ୍ତି ଭିତରେ ଆଗେଇ ଚାଲିଥିଲା ଆମ ଗାଡ଼ି। ସମସ୍ତଙ୍କ ଭିତରେ ଗୋଟେ ପ୍ରକାର ଅହେତୁକ ଖୁସିର ଆସର ଜମି ଯାଇଥିଲା।

ଶେଷରେ ଆମ ଯାତ୍ରାର ଅନ୍ତ ଘଟିଥିଲା ଓ ଆମେ ଦିନ 2 ଟାରେ ପୁରୀରେ ପହଞ୍ଚିଥିଲୁ। ପହଞ୍ଚିଲା ପରେ ହୋଟେଲ ରେ ଟିକେ ଫ୍ରେଶ୍ ହୋଇ, ଖାଇ ପିଇ ବାହାରି ଥିଲୁ ପୁରୀ ସମୁଦ୍ର ବେଳାଭୂମି ବୁଲିବାକୁ। ସେଠାରୁ ବୁଲାବୁଲି କରି ଫେରିଲା ବେଳକୁ ଏମିତି ବି ସଂଧ୍ୟା ହୋଇ ଯାଇଥିଲା। ତେଣୁ ଆଉ ଡେରି ନ କରି ବାହାରିଲୁ ମନ୍ଦିରକୁ। ସେଠାରେ ଅତି ସୁନ୍ଦର ଭାବେ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ମିଳିଲା। ସତେ ଲାଗିଲା ଯେପରି ପ୍ରଭୁ ଆମକୁ ହିଁ ଅପେକ୍ଷା କରିଥିଲେ, କି ମନୋହର ରୂପ ତାଙ୍କର, ଚକା ଚକା ଆଖିକୁ ନାଲି ଅଧରର ସ୍ମିତ ହସା ମନ କହୁଥିଲା ଏମିତି ସବୁବେଳେ ଦିନ ରାତି ମୁଁ ମୋ ପ୍ରଭୁଙ୍କୁ ଦେଖୁ ଥାଆନ୍ତି କି। ସତରେ ଭାବ ବିନୋଦିଆ ଠାକୁରଙ୍କ ର ଏମିତି ଭାବର ବନ୍ଧନ ଯେ ଜଣେ ସହଜରେ ତାଙ୍କଠୁ ବିମୁଖ ହେଇ ପାରିବନି। ତଥାପି ପ୍ରଭୁଙ୍କଠୁ ବିଦାୟ ନେଇ ତାଙ୍କ ପ୍ରସାଦ ସେବନ କରି ଫେରିଥିଲୁ ହୋଟେଲକୁ। ସମସ୍ତେ ଥକି ଯାଇଥିବାରୁ ଡେରି ନ କରି ଶୀଘ୍ର ଶୋଇ ପଡିଲୁ। କାହିଁକି ନା ଆମକୁ ସବୁ ସକାଳେ ଚନ୍ଦ୍ରଭାଗା ଓ କୋଣାର୍କ ଯିବାର ଥିଲା। ହେଲେ ସକାଳେ ଆମେ ହୋଟେଲ ଛାଡ଼ିଲା ବେଳେ ହୋଟେଲ ର କର୍ମଚାରୀ ପ୍ରସ୍ତାବ ଦେଇଥିଲେ କାଳିଜାଈ ବୁଲି ଯିବା ପାଇଁ, ଆମେ ବି ସମସ୍ତେ ରାଜି ହେଇଥିଲୁ କାହିଁକି ନା ଆମ ଭିତରୁ କେହି ବି କାଳିଜାଈ ଦେଖି ନଥିଲୁ। ସମସ୍ତଙ୍କ ସମ୍ମତିରେ ଗାଡ଼ି ଧରି ବାହାରିଲୁ କାଳିଜାଈକୁ। ରାସ୍ତାରେ ଖାଇ ପିଇ ଯାଇ ପହଞ୍ଚିଲା ବେଳକୁ ଦିନ ପାଖା ପାଖି ୧ ଟା ହୋଇ ଯାଇଥିଲା। ସେଠୁ ଗୋଟେ କାଠ ଡଙ୍ଗା ଟେ ଠିକ୍ କରିଲୁ ଯିବା ପାଇଁ। ତାପରେ ସମସ୍ତେ ମାଆ କାଳିଜାଈ ଙ୍କ ନାଆଁ ସ୍ମରଣ କରି ଡଙ୍ଗାରେ ବସିଲୁ।ଆମ ସହିତ ଯାଇଥିବା ଡ୍ରାଇଭର ପିଲାଟି ଖୁବ୍ ମେଳାପି ଚରିତ୍ରର ଥିଲା ବୋଲି ନିଃସଙ୍କୋଚରେ ଆମ ମାନଙ୍କ ସହ ସେ ବି ଦର୍ଶନ କରିବା ପାଇଁ ଡଙ୍ଗାରେ ଚଢ଼ିଥିଲା। ମୁଁ କଣ ମୋ



ପରିବାରର ସମସ୍ତେ ବୋଧେ ପ୍ରଥମ ଥର ଏମିତି ଡଙ୍ଗାରେ ଯାତ୍ରା କରୁଥିଲୁ। ଭାରି ନିଆରା ଥିଲା କାଳିଜାଈ ନଦୀର ସେ ଦୃଶ୍ୟ। ପାଣି କୁ କାଟି ଚାଲିଥିଲା ଆମର ଡଙ୍ଗାଟି ଆଗକୁ। ସେ ଡଙ୍ଗା ଚଳାଉଥିବା ମଉସା ଆଉ ତାଙ୍କ ପୁଅ ଦୁଇଜଣ ଯାକ ଭାରି ଭଲ ଲୋକ ଥିଲେ, ଖୁବ୍ ସାବଧାନତା ର ସହ ଡଙ୍ଗା ବାହୁଥିଲେ। କିନ୍ତୁ କାହାକୁ ନ କହିଲେ ବି ମୋତେ ଭାରି ଭୟ ଲାଗୁଥିଲା। ମନ ଟାକୁ ବଦଳାଇବା ପାଇଁ ମୁଁ ୟାଙ୍କୁ ଭିଡିଓ କଲ୍ କରି ଆମ ସମସ୍ତଙ୍କୁ ଦେଖାଇଥିଲି ଓ ପୁଅ ଜିତ୍ ସହ କଥା କରେଇ ଥିଲି। ଡଙ୍ଗାରେ ଯାଉଥଲା ବେଳେ ଠିକ୍ ମଝା ମଝିରେ ପହଞ୍ଚିଛୁ ମୋ ବଡ଼ ଝିଆରୀ ନାନୀ ଙ୍କୁ ପଚାରିଲା "ମାମା ଏଇ ସେଇ ନଦୀର ମଝି ଯାଗା ନା ଯେଉଁଠି କାଳିଜାଈ ବୁଡ଼ି ଯାଇଥିଲା"। ନାନୀ ତାକୁ ହଁ ରେ ଉତ୍ତର ଦେଇ କହିଥିଲେ ଡଙ୍ଗାରେ ବସି ଏମିତି ସବୁ କଥା କୁହନ୍ତିନି। ତାପରେ ଆମେ ପରସ୍ପର ଖୁସି ହାସି ହୋଇ ଯାଇ ପହଞ୍ଚିଲୁ ମନ୍ଦିର ରେ ସେଠି ପୂଜା ଓ ଦର୍ଶନ ସାରି ଫେରିଲା ବେଳକୁ ପ୍ରାୟତଃ ଦିନ୨.୩୦ ହୋଇ ଯାଇଥିଲା। ଆମେ ଯେତେବେଳେ ଫେରୁ ଥିଲୁ ଆମକୁ ଅନୁଭୂତ ହେଲା ବୋଧେ କିଛି ସମୟ ଭିତରେ ବର୍ଷା ହେବ। ଠିକ୍ ମଝା ମଝି ପହଞ୍ଚିଛୁ କୋଉଠି ଥିଲା କଳା ହାଣ୍ଡିଆ ମେଘ ଟା ପୁରା ଘୋଟି ଆସିଲା। ଛାତି ଫଟା ବିଜୁଳି ଘଡ଼ଘଡ଼ି ର ଶବ୍ଦ ସହ ତୁହାକୁ ତୁହା ବର୍ଷା ଆରମ୍ଭ ହୋଇ ଯାଇଥିଲା, କିଛି ଭାବିବା ଆଗରୁ କଣ ହେଉଛି ବୋଲି ଢେଉ ମାଡ଼ରେ ଡଙ୍ଗାରେ ପାଣି ପଶିବାକୁ ଆରମ୍ଭ ହୋଇଥିଲା। ନାଉରିଆ ମଉସାର ନିର୍ଦ୍ଦେଶ ରେ ଆମେ ଯିଏ ଯାହା ପାରିଛୁ ଲାଇଭ ଜ୍ୟାକେଟ ପିନ୍ଧି ପକାଇଥିଲୁ। ସମସ୍ତଙ୍କ କାନ୍ଦ ବୋବାଳି ଭିତରେ ହଠାତ୍ ଡଙ୍ଗାଟି ଭାଙ୍ଗି ଯାଇଥିଲା ଆଉ ବୁଡ଼ିବାକୁ ଲାଗିଥିଲା। ଯାହା ହେଉ ସମସ୍ତ କଷ୍ଟେ ମଷ୍ଟେ ହାତ ଧରା ଧରି ହୋଇ ସେଇ ଭଙ୍ଗା ଡଙ୍ଗା କୁ ଗୋଡ଼ ସାହାଯ୍ୟରେ ଛନ୍ଦି ଭାସିବାକୁ ଲାଗିଲୁ। ଅକାତ କାତ ପାଣି ଘେର ଭିତରେ ଦୀର୍ଘ ଦେଢ଼ ଘଣ୍ଟାର ସଂଘର୍ଷ ପରେ ଆମେ ଜୀବନ ଧରି ଘରକୁ ଫେରିବୁ ବୋଲି ଆଶା ଛାଡି ଦେଇଥିଲୁ। ଆମକୁ ଲାଗିଥିଲା, ବୋଧହୁଏ ଏଇ କାଳିଜାଈର ଅପରାହ୍ନ ସୂର୍ଯ୍ୟ, ଅସ୍ତ ହେଲା ପରି ଆମ ମାନଙ୍କର ଜୀବନ ବି ଅସ୍ତ ହୋଇଯିବ ଏବଂ ଆଜିର ଏଇ ଗୁରୁବାର ଦିନଟି ଆମ ପରିବାର ଲୋକଙ୍କ ପାଇଁ କଳା ଗୁରୁବାର ପାଲଟିଯିବ। ସେ ସମୟର ସେ ପରିସ୍ଥିତି ଆଜି ବି ମନେ ପଡିଲେ ଛାତି ଭିତରଟା କଣ ହେଇଯାଉଛି। ମୋ ପାଖେ ନବମ ଶ୍ରେଣୀରେ ପଢୁଥିବା ମୋର ଚଉଦ ବର୍ଷର ଗୋଟେ ବୋଲି ପୁଅ, ଢେଉ ମାଡ଼ରେ ଡୁବୁଛି ଉଠୁଛି, ଉଠିସାରି କାନ୍ଦି କାନ୍ଦି କହୁଛି, "ମାମା ଆମେ ଆଉ ଘରକୁ ଫେରିବା ନାହିଁନା?, କେବେ କହୁଛି ମାମା ମୋ ହାତ ଛାଡ଼ିବନି, ତ କେବେ କହୁଛି ମାମା ତୁମେ ଠିକ୍ ଅଛତ? ମୁଁ ତା ପ୍ରଶ୍ନର କଣ ଉତ୍ତର ଦେବି କିଛି ବୁଝି ପାରୁ ନଥିଲି ଖାଲି ଯାହା ଆଖି ଆଗରେ ପାଣି ହିଁ ପାଣି ଦିଶୁଥିଲା, କିନ୍ତୁ ମୁଁ ତା ହାତକୁ ଗୋଟେ ମୁହୂର୍ତ୍ତ ପାଇଁ ବି ଛାଡ଼ି ନଥିଲି। ମୋ ସାମ୍ନା ରେ ମୋ ଭଉଣୀ, ଭିଣେଇ, ଦୁଇ ଝିଆରୀ, ଝିଆରୀ ଜ୍ୱାଇଁ ..... ମୋର, ଆମ ସଭିଙ୍କର ଗୋଟିଏ ଆର୍ତ୍ତ ଚିତ୍କାର ବଞ୍ଚାଅ, କେହି ତ ଆସି ଆମକୁ ବଞ୍ଚାଅ।

ସେଥିରେ ପୁଣି ଆମ ସହ ଫେରୁଥିବା ଜଣେ ସହଯାତ୍ରୀ ଆମ ସାମ୍ନାରେ ପାଣିରେ ନିମଗ୍ନ ହେଇଗଲେ। ଓଃ ସେ ମୁହୂର୍ତ୍ତ କି ହୃଦୟ ବିଦାରକ ଓ ଭୟାନକ ! କିନ୍ତୁ ପରସ୍ପର ପ୍ରତି ଆମର ଏତେ ଭଲ ପାଇବା ଥିଲା ଯେ କେହି କାହାରିକୁ ଛାଡୁ ନଥିଲୁ କୌଣସି ନା କୌଣସି ପ୍ରକାରେ ଧରା ଧରି ହେଇ ଥିଲୁ କାହିଁକି ନା ଆମ ମାନଙ୍କ ମଧ୍ୟରୁ କାହାରି ଜଣଙ୍କର ବି ଯଦି କିଛି ହେଇଥାନ୍ତା ତ ଆମେ ମାନେ କେହି ବଞ୍ଚି ନଥାନ୍ତୁ। ଶେଷରେ ଦେଢ଼ ଘଣ୍ଟାର ନିଷ୍ଫଳ ଚେଷ୍ଟାକୁ ଛାଡ଼ି ଦେଇ ପ୍ରଭୁ ଜଗନ୍ନାଥଙ୍କୁ ହାତ ଟେକିଦେଇଥିଲୁ, "ପ୍ରଭୁ ତୁମେ ରଖିଲେ ରଖିବ ମାରିଲେ ମାରିବ"। ବୋଧହୁଏ ସେତେ ପର୍ଯ୍ୟନ୍ତ ପ୍ରଭୁ ଆମ ମାନଙ୍କର ପରୀକ୍ଷା ନେଉଥିଲେ ଯେ ଏମାନେ କେତେବେଳେ ମୋ ଉପରେ ସଂପୂର୍ଣ୍ଣ ଭରସା କରୁଛନ୍ତି। ସେ ତ ଭକ୍ତର ଭଗବାନ, ତାଙ୍କର ଲୀଳା ଚମତ୍କାର ଓ ଅବର୍ଣ୍ଣନୀୟ। ଶେଷରେ ଆମର ସବୁ ଦୁଃଖ କଷ୍ଟ ଚେଷ୍ଟାର ଅବସାର୍ଣ୍ଣ ଘଟିଥିଲା। ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ କୃପାରୁ, ଆଉ ଗୋଟେ ଡଙ୍ଗାକୁ ଠାବ କରି ଆସିଥିବା ମେରାଇନ ଲଞ୍ଚଟି ଆମକୁ ଦୂରରୁ ଦେଖି ଆମ ମାନଙ୍କ ପାଖରେ ଆସି ପହଞ୍ଚିଥିଲେ। ବହୁତ ସମୟରେ ପ୍ରଚେଷ୍ଟା ପରେ ଆମ ମାନଙ୍କୁ ଉଦ୍ଧାର କରିଥିଲେ ଏବଂ ଆମ ସମସ୍ତଙ୍କୁ ବାଲୁଗାଁ ର ଚିକିତ୍ସାଳୟକୁ ନେଇ ଆଶୁ ଚିକିତ୍ସାର ବ୍ୟବସ୍ଥା କରାଇଥିଲେ। ଯେହେତୁ ଆମ ସମସ୍ତଙ୍କର ଫୋନ୍ ପାଣିରେ ପୋଡ଼ି ଯାଇଥିବାରୁ ଆମେ କାହାରିକୁ ସମ୍ପର୍କ କରି ପାରି ନଥିଲୁ। କିନ୍ତୁ ସାମ୍ବାଦିକ ମାନଙ୍କ ଜରିଆରେ ଆମମାନଙ୍କ ଖବର ସବୁ ଘରେ ପହଞ୍ଚି ଯାଇଥିଲା। ରାତିରେ ଆମ ମାନଙ୍କ ସହ କଥା ହେଲା ପରେ ଯାଇ ସେମାନେ ଆଶ୍ୱସ୍ତ ହେଲେ। ତା ପରଦିନ ଆମେ ସମସ୍ତେ ଘରେ ସବୁ ପହଞ୍ଚିଲୁ। ଆମକୁ ଦେଖି ପରିବାର ଲୋକଙ୍କ ସହ ଗାଆଁ ସାହି ପଡିଶା ଙ୍କ ଆଖିରୁ ବି ଲୁହ ଝରି ଆସିଥିଲା। ସତରେ ସେ ମୁହୂର୍ତ୍ତ ଏକ ଅଭୁଲା ମୁହୂର୍ତ୍ତ।

ଆଜି ହୁଏତ ଆମ ମାନଙ୍କ ମୃତ୍ୟୁର ତିନି ବର୍ଷର ଶ୍ରାଦ୍ଧ ବିତି ଯାଇ ସାରନ୍ତାଣି କିନ୍ତୁ ପ୍ରଭୁ ଶ୍ରୀ ଜଗନ୍ନାଥ ଓ ମା କାଳିଜାଈଙ୍କ ଅଶେଷ କୃପା ଓ ଆଶୀର୍ବାଦ ରୁ ମୁଁ ମୋର ଜୀବନର ସବୁଠୁ ବଡ଼ ଓ ଭୟଙ୍କର ଘଟଣାର ଅନୁଭୂତିକୁ ଆପଣ ମାନଙ୍କ ସହ ବାଣ୍ଟି ପାରୁଛି। ଏମିତି ବି ଏଇ ଅନୁଭୂତି କଥା ଲେଖୁ ଲେଖୁ ମୋ ଅଜାଣତରେ ମୋ ଆଖି, ଲୁହରେ ଓଦା ହେଇ ସାରିଲାଣି । ସବୁ ସେଇ ଲୀଳାମୟ ପ୍ରଭୁ ଜଗନ୍ନାଥଙ୍କ ନିର୍ଦ୍ଦେଶ, କୃପା ଓ ଆଶୀର୍ବାଦ। ପ୍ରଭୁଙ୍କୁ ଏତିକି ଗୁହାରି କାହାରି ଜୀବନରେ ଏମିତି ଅଘଟଣ କେବେ ବି ନ ଘଟୁ।



## ଗଛଟିଏ

ଡଃ ନାରାୟଣ ଚନ୍ଦ୍ର ସେନାପତି

ପ୍ରାଣୀଙ୍କ ଜୀବନ ବଞ୍ଚାଇବା ପାଇଁ
ଜନମିଛି ଏ ଧରାରେ
ନିଜ ଚିନ୍ତା ଛାଡି ସଭିଙ୍କ ଖୁସିରେ
ଜୀବନକୁ ମୁଁ ବିତରେ।

ମାଟି ମାଆ ମୋତେ ଶିଖେଇ କହିଛି
ଦବୁନି କାହାକୁ କଷ୍ଟ
ପର ହିତ ପାଇଁ ଜୀବନ ଢ଼ାଳିବୁ
କରିବୁ ସଦା ସନ୍ତୁଷ୍ଟ।

ମଣିଷ ଜାତିଟା ଏତେ ସ୍ୱାର୍ଥପର
ସବୁକିଛି ମୋ ଠୁଁ ପାଏ
ହେଲେ ସେ ନିର୍ଦ୍ଦୟ ବହୁ କଷ୍ଟ
ଦେଇ
ଠୋଠୋ ହସୁଥାଏ।

ଗଛ ହେଲେବି ମୁଁ ଜୀବଟିଏ ଜାଣି
ଦେଖାନ୍ତିନି କେହି ଦୟା
ଡାଳ ପତ୍ର ମୂଳ ସବୁ କାଟି ଦେଇ
ଲିଭାଇ ଦିଅନ୍ତି କାୟା।

ସାଧାରଣ ଜନ ଅଜ୍ଞାନ ମୂରୁଖ
ଚିହ୍ନି ପାରନ୍ତିନି ମୋତେ
ଅମ୍ଳଜାନ ଜଳ ଖାଦ୍ୟ ବସ୍ତ୍ର ନେଇ
ତଥାପି ମାରନ୍ତି କେତେ ।

ଔଷଧ ଜାଳେଣି ଘର ପାଇଁ କାଠ
ବାସ ପାଇଁ ଦିଏ ତନ୍ତୁ
ଏତେ ସବୁ ପାଇ କାହିଁକି କୃତଘ୍ନ
ଜାଣି ପାରେନା ମୁଁ କିନ୍ତୁ।

ପରିବେଶ ରଖେ ନିର୍ମଳ ବିଶୁଦ୍ଧ
ରବି ତାପ କରେ ନାଶ
ମୋତେ କାଟି କାହିଁ ବିପଦକୁ ଡାକି
କରେ ତାର ସର୍ବନାଶ।

ଦେବତା ମଣି କେ ପୂଜା କରେ
ମୋତେ
କେ ଭାବେ ମୁଁ ଛାର ତୁଚ୍ଛ
ବିଷ ପାନ କରି ଅମୃତ ଦିଏ ମୁଁ
ସଂସାରକୁ କରେ ସ୍ୱଚ୍ଛ।

ଅଂଶୁଘାତ ମୋର ଚିର ଶତ୍ରୁ ବୋଲି
କରେ ଶତ ପରାଜିତ
ଛାଇ ଟିକେ ଦେଇ ଡାକେ ପଥିକକୁ
ମୋ କୋଳେ ବସ ରେ ମିତ।

କିଏ କହେ କର୍ଣ୍ଣ ମହାଦାନୀ ବୋଲି
ଦାନ ବୀର ହରିଶ୍ଚନ୍ଦ୍ର
ମୋ ଦାନ ମହିମା ହିସାବ କରିଲେ
ସଭିଏଁ ସାଜିବେ ଅନ୍ଧ।

**ଜମ୍ବରା, କେନ୍ଦୁଝର**



## କେମିତି ରହିଛ ଦୂରେ

ଡଃ ତାନଶ୍ରୀ ପାଣିଗ୍ରାହୀ



ତୁମ ନୀରବତା ପାରେନା ମୁଁ ସହି
ତୁମ ଛବି ମୋ ଆଖିରେ
ବ୍ୟଥା ଭରା ମନ ଦୁଃଖ ଭରା ସ୍ୱପ୍ନ
ନିତି ଜିଇଁ ନିତି ମରେ...
ହୃଦୟକୁ ମୋର ଜିଣିଲ ଯେ ଦିନ
ମିଳନର ନଦୀ ତୀରେ
ସବୁ ଋତୁ ମୋତେ ଲାଗିଲା ଫଗୁଣ
ତୁମକୁ ପାଇଲା ପରେ...
ମନ ମୟୂରୀ ମୋ ନାଚି ଉଠିଥିଲା
ଆଶା କଳା ମେଘ ଚାହିଁ
ଜହ୍ନ ସାଜି ଗଲ ମୋ ମନ ଆକାଶେ
ମୁଁ ଯେ ତୁମ ନୀଳ କଇଁ...
କେଉଁ ଜନମରେ କି ସମ୍ପର୍କ ଥିଲା
ଏ ଜନମେ ହେଲା ଦେଖା
ଜୀବନ ବାଟରେ ଚାଲୁ ଚାଲୁ ତୁମେ
ହୋଇ ଗଲ ପ୍ରିୟ ସଖା...



ମନେ ପଡେ ତୁମ ପ୍ରଥମ ପରଶ
ଅମୃତର ମଧୁଛୁଆଁ
ପ୍ରୀତିର ଭ୍ରମର ଫୁଲ ପାଖୁଡାରେ
ଲେଖୁଥିଲା ଆମ ନାଆଁ...
ପରଦେଶୀ ସାଜି ଦୂରରେ ରହିଛ
କୁହ ବଞ୍ଚିବି କେମିତି... ?
ଭାରି ମନେ ପଡେ ଆଗୋ ପ୍ରିୟତମ
ଆମ ମିଳନର ସ୍ମୃତି ॥

**ବାଲେଶ୍ୱର**
**ମୋବାଇଲ: ୯୩୩୭୩୦୪୨୯୫**



# ବୟସର କୃଷ୍ଣଚୂଡ଼ା



ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ

ପ୍ରସିଦ୍ଧ ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲ ଅନେକ ସମୟରେ ଶୁଣିବାକୁ ମିଳେ କି ବୟସ କେବଳ ଏକ ସଂଖ୍ୟା। ବୟସ ବଢ଼ିବା ସହ କମି ଯାଉଥିବା ମନୋବଳକୁ ଲକ୍ଷ୍ୟ କରି ଏହା କୁହାଯାଏ। ବର୍ତ୍ତମାନ ସମୟରେ ନିୟମିତ ଜିମ୍ ଯାଉଥିବା, ପ୍ରାତଃ ଭ୍ରମଣ କରୁଥିବା ଅନେକଙ୍କୁ ଭେଟିବାକୁ ମିଳେ। ମାତ୍ର ସତରେ କଣ ବଢୁଥିବା ବୟସକୁ ଅଟକେଇ ହୁଏ? ଏଇ ନିକଟରେ ଶେଫାଳୀ ଜରିୱାଲା ନାମ୍ନୀ ସଫଳ ଅଭିନେତ୍ରୀଙ୍କ ଅକାଳ ମୃତ୍ୟୁ ଖବର ଅନେକ ସ୍ୱାସ୍ଥ୍ୟ ସଚେତନଙ୍କ ନିଦ ହଜାଇ ଦେଇଚି। ବୟସକୁ ଧରି ରଖିବା ପାଇଁ ମିଳୁଥିବା ଔଷଧ ବା ଉପଚାର ପ୍ରକୃତରେ କେତେ ହାନିକାରକ ତାହା ଅନେକ ଥର ପ୍ରମାଣିତ ହୋଇ ସାରିଲାଣି। ତଥାପି ପ୍ରୟାସ ଜାରି ରହିଛି। ମନେ ପକେଇବା ପ୍ରସିଦ୍ଧ ପପ୍ ଗାୟକ ମାଇକେଲ ଜ୍ୟାକ୍ସନଙ୍କ ଦୁଃଖଦ ମୃତ୍ୟୁକୁ। କୁହାଯାଏ, ଜ୍ୟାକସନ ଦେଢ଼ ଶହ ବର୍ଷ ବଞ୍ଚିବା ପାଇଁ ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନେଉଥିଲେ ଏବଂ ସେଥିପାଇଁ ୧୨ଜଣିଆ ଡାକ୍ତରୀ ଦଳ ଦିନରାତି ଉଦ୍ୟମରତ ଥିଲେ। ଚର୍ମ ରୋଗକୁ ଢାଙ୍କିବା ସେ ଅନେଗୁଡ଼ିଏ ପ୍ରସାଧନ ମଧ ବ୍ୟବହାର କରୁଥିଲେ। ନିଦ୍ରାହୀନତାର ଶିକାର ହେବା ପରେ ଏକ ବିଶେଷ ପ୍ରକାରର ନିଶା ଔଷଧ ତାଙ୍କୁ ଦିଆ ଯାଉଥିଲା। ମାତ୍ର, ଥରେ ଅତ୍ୟଧିକ ନିଦ୍ରାହିନତା ଭୋଗିବା ପରେ ଏହି ଔଷଧର ମାତ୍ରାଧିକ ବ୍ୟବହାର ତାଙ୍କୁ ଚିର ନିଦ୍ରାରେ ଶୁଆଇ ଦେଇଥିଲା। ମାତ୍ର ପଚାଶ ବର୍ଷ ବୟସରେ ଏହି ଅନନ୍ୟ ପ୍ରତିଭା ଅକାରଣେ ନଷ୍ଟ ହୋଇ ଗଲା। କହିବା ବାହୁଲ୍ୟ, ଅନେଗୁଡ଼ିଏ ଅସ୍ତ୍ରୋପଚାର କରି ତାଙ୍କର ଚେହେରା ଖରାପ ମଧ ହୋଇ ଯାଇଥିଲା। ବୟସକୁ ବାନ୍ଧି ରଖିବାର ସ୍ୱପ୍ନ ଦେଖୁଥିବା ନାୟକ ସମୟ ପୂର୍ବରୁ ବାହୁଡ଼ି ଗଲେ। ଏପରି ଅନେକ ଉଦାହରଣ ଆମ ସାମ୍ନାରେ ରହିଛି। ମହାନ୍ ଅଭିନେତ୍ରୀ ଶ୍ରୀଦେବୀଙ୍କ ମୃତ୍ୟୁ ଗାଧୁଆ କୁଣ୍ଡରେ ହୋଇ ଥିବା ବେଳେ, ସୋନ୍ଦର୍ଯ୍ୟବର୍ଦ୍ଧକ ଡ୍ରଗ ସେବନ ଏହାର କାରଣ ବୋଲି କୁହା ଯାଉଚି। କିଛି ବର୍ଷ ତଳେ ପ୍ରସିଦ୍ଧ ଅଭିନେତା ସିଦ୍ଧାର୍ଥ ଶୁକ୍ଲାଙ୍କ ହୃଦଘାତ ଜନିତ ମୃତ୍ୟୁ ପାଇଁ ମଧ ସ୍ୱାସ୍ଥ୍ୟ ବର୍ଦ୍ଧକ ଔଷଧ ସେବନକୁ ଦାୟୀ କରାଯାଉଛି। ସାଧାରଣତଃ ଜିମ ଯାଉଥିବା ଯୁବକ ଯୁବତୀ ମାନଙ୍କୁ ଏକ ପ୍ରକାର ଶକ୍ତି ବର୍ଦ୍ଧକ ଚୂର୍ଣ୍ଣ ବା ପାନୀୟ ସେବନ କରିବାକୁ ପଡ଼ିଥାଏ। ଏହା ଶରୀରର ସୁଠାମ ଗଠନରେ ସହାୟକ ହୁଏ ସତ ମାତ୍ର ହୃଦୟ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡିଥାଏ। କମ୍ ବୟସରେ ହୃଦ୍ ଘାତ ହେବା




ପାଇଁ ମେଦ ବହୁଳତା ଯେତିକି ଦାୟୀ, ଏହି ସ୍ୱାସ୍ଥ୍ୟ ବର୍ଦ୍ଧକ ପୁଷ୍ଟିକର ଔଷଧ ମଧ ସେତିକି ଦାୟୀ।

ବର୍ତ୍ତମାନ ସମୟରେ ମଣିଷର ଖାଦ୍ୟ ପେୟ ଓ ଚଳଣୀରେ ଅନେକ ପରିବର୍ତ୍ତନ ଆସିଥିବା ବେଳେ ଅନେକେ ମାନସିକ ଅବସାଦର ଶିକାର ହୋଇ ପଡୁଛନ୍ତି। ଆପଣ ଅନେକଙ୍କୁ ଦେଖିବେ ଅଳ୍ପ କିଛି ସ୍ୱାସ୍ଥ୍ୟ ସମସ୍ୟା ହେଲେ ନିଜେ ଔଷଧ ଦୋକାନୀକୁ ପଚାରି କିମ୍ବା ଡାକ୍ତର ପରାମର୍ଶ କରି ଔଷଧ ଖାଇ ଥାଆନ୍ତି। ଉଭୟ ହିଁ କ୍ଷତିକାରକ। ସାମାନ୍ୟ ଥଣ୍ଡା ଜର, ନିଦ ନ ହେବା, ମୁଣ୍ଡ ବିନ୍ଧା, ପେଟ ଗୋଳମାଳ ପାଇଁ ମୁଠା ମୁଠା ଔଷଧ ଖାଇବା ଦ୍ୱାରା ଶରୀରର କୋଷିକା ଗୁଡ଼ିକ ଦୁର୍ବଳ ହୋଇ ପଡନ୍ତି। ବାରମ୍ବାର ଔଷଧ ସେବନ ଦ୍ୱାରା ଶରୀର ଆଉ ସେଗୁଡିକ ଗ୍ରହଣ କରେ ନାହିଁ ଓ ଏକ ନୂତନ ରୋଗକୁ ଜନ୍ମ ଦିଏ। ବୟସ ବଢିଲେ ଶରୀରର ଶକ୍ତି କମିବା, ମୁହଁ ଦେହରେ କୁଞ୍ଚିତ ରେଖା ଆସିବା, ଆଖିକୁ କମ୍ ଦେଖା ଯିବା, ନିଦ କମ୍ ହେବା ଆଦି ଲକ୍ଷଣ ଦେଖା ଯିବା ସ୍ୱାଭାବିକ। ମହିଳା ମାନଙ୍କର ମେନୋପଜ୍ ସମୟରେ ଓଜନ ବୃଦ୍ଧି, କେଶ ଝଡ଼ିବା, ଚିଡ଼ ଚିଡ ଲାଗିବା ସହ କ୍ଳାନ୍ତ ଲାଗିବା ମଧ ସ୍ୱାଭାବିକ। ଆଖିତଳେ କୁଂଚିତ ଦାଗ ଦେଖି ବୟସ୍କା ଲାଗିବା ଭୟରେ ଗୁଡ଼ାଏ ଔଷଧ ସେବନ କଲେ ମଧ କିଛି ଲାଭ ହୁଏ ନାହିଁ। ବରଂ ନିଜର ସଠିକ୍ ଆହାର ଓ ନିଦ୍ରାର ବ୍ୟବସ୍ଥା କରିବା ଉଚିତ୍। ଯୁବା ଦେଖା ଯିବା ଠାରୁ ଜୀବିତ ରହିବା ବେଶି ଜରୁରୀ। ଆମର ଶାସ୍ତ୍ରରେ ସ୍ୱାସ୍ଥ୍ୟ କୁ ସମ୍ପଦ ବୋଲି କୁହା ଯାଇଛି। ସଫଳତା ସୁନ୍ଦର ବା କମ ବୟସ୍କ ଦେଖା ଯିବାରେ ନଥାଏ, ବରଂ ଏକ ସୁସ୍ଥ ମାନସିକ ଓ ଶାରିରୀକ ଅବସ୍ଥାକୁ ବୁଝାଏ। ମୋର ଆଈ ମାତ୍ର ପନ୍ଦର ବର୍ଷ ବୟସରେ ବିବାହ କରି ଥିଲେ। ତାଙ୍କୁ ଅଶି ପାର ହୋଇ ଯାଇଥିବା ସ୍ଥଳେ ସେ ଏବେ ମଧ ଚଳ ଚଞ୍ଚଳ ଲାଗନ୍ତି। ମୋର ବିବାହ ଉପରାନ୍ତେ ଜେଜି ଶାଶୁମାଙ୍କୁ ମଧ ଅନେକ ଗୃହ କର୍ମ କରୁଥିବା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି। ମାତ୍ର ସେମାନେ



ନିଜକୁ କେବେଠାରୁ ବୁଢ଼ୀ ପର୍ଯ୍ୟାୟକୁ ନେଇ ସାରିଥିଲେ। ବୟସ ବଢ଼ିବା ସହ ସୋନ୍ଦର୍ଯ୍ୟ ଅତୁଟ ରହିବା ସମ୍ଭବ ନୁହେଁ। ଏହି ସତ୍ୟକୁ ସମସ୍ତେ ମାନିନେବା ଉଚିତ୍। ଆମ କବି ଲେଖକମାନେ ତ ଚିରଯୌବନରେ ବିଶ୍ୱାସ ରଖନ୍ତି। ନବେ ବର୍ଷ ଯାଏଁ ପ୍ରେମ କବିତା ଲେଖୁଥିବା କବିଟିଏ ମନରେ କେବେ ବୁଢ଼ା ହୁଏ ନାହିଁ। ଆମେ କବିତାଟି ପଢ଼ିଲା ବେଳେ କେବେ କବିର ବୟସ କଥା ଭାବନ୍ତି ନାହିଁ। ଲତା ମଙ୍ଗେସକର ବାୟସାଧିକ୍ୟ ବେଳେ ମଧ ଅନେକ ଯୁବ ନାୟିକାଙ୍କ ପାଇଁ ଗୀତ ଗାଉଥିଲେ। ଆମେ କେବେ ଏହାକୁ ବୟସ୍କା ଗାୟିକାର ସ୍ୱର ବୋଲି କୁହନ୍ତି ନାହିଁ। ତେବେ ବୟସ ବଢ଼ିଲେ ଆମେ ଆମ ଚେହେରାକୁ ନେଇ ଏତେ ସଚେତନ ହୋଇ ପଡୁ କାହିଁକି? ବୋଧହୁଏ ଏଥିପାଇଁ କି ବର୍ତ୍ତମାନର ପ୍ରଚାର ସର୍ବସ୍ୱ ଯୁଗରେ ସମସ୍ତେ ଚେହେରା ଓ ସୌନ୍ଦର୍ଯ୍ୟକୁ ନେଇ ପ୍ରତିଯୋଗିତା କରିବାରେ ବ୍ୟସ୍ତ। ଯୋଗ୍ୟତା ଅପେକ୍ଷା ଚେହେରା ଅନେକ ସମୟରେ ସଫଳତାର ବାଟ ଫିଟାଏ। ଏହାର ବିଶେଷ ପ୍ରୟୋଗ ସାମାଜିକ ଗଣମାଧମରେ ଦେଖିବାକୁ ମିଳେ। ଅନେକ ଉପାଦେୟ ଲେଖା ଆସୁଥିଲେ ମଧ ସୁନ୍ଦର ଚେହେରା ପାଖରେ ସମସ୍ତେ ଅଟକି ଯାଆନ୍ତି। ସେଥିରେ ମତ, ମନ୍ତବ୍ୟ ଅଜାଡ଼ି ହୋଇ ପଡେ। ଏହା ଅନ୍ୟମାନଙ୍କୁ ହୀନମନ୍ୟତା ଆଡ଼କୁ ଠେଲି ଦିଏ। ଅନେକ ଅନୁଷ୍ଠାନରେ ପ୍ରତିଭାକୁ ନୁହେଁ ବରଂ ଚେହେରାକୁ ଗୁରୁତ୍ୱ ଦିଆ ଯାଉଥିବାର ଅଭିଯୋଗ ମଧ ଆସେ। ମାତ୍ର, ମନେ ରଖିବାକୁ ହେବ ଯେ, ବାହ୍ୟ ସୌନ୍ଦର୍ଯ୍ୟ ଚିରସ୍ଥାୟୀ ନୁହେଁ। ଏପରିକି ମଣିଷର ଆୟୁଷ ମଧ। ଆମେ କରି ଯାଉଥିବା କର୍ମହିଁ ଆମକୁ ଆୟୁଷ୍ମାନ କରି ରଖେ ଚିରକାଳ। ଆଦ୍ୟ ଯୌବନରେ କୃଷ୍ଣଚୂଡ଼ାର ଫୁଲ ପରି ରଙ୍ଗ ଆସେ, ରୂପ ଆସେ। ସମୟ ହେଲେ ତାହା ଝଡି ଯାଏ। ତାହା ହିଁ ପ୍ରକୃତିର ନିୟମ। ବୟସ ବଢ଼ିଲେ ଅଭିଜ୍ଞତା ବଢେ। ମର୍ଯ୍ୟାଦା ବଢେ। ଜୀବନରେ ପାଇଥିବା ଘାତ ପ୍ରତିଘାତ ମଣିଷକୁ ପରିପକ୍ୱ କରେ। ପରିପକ୍ୱତା ପରିବର୍ତ୍ତିତ ସମୟକୁ ଅସ୍ୱୀକାର କରି ନୁହେଁ ବରଂ ଉପଭୋଗ କରିବାରେ ଥାଏ।

**ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**
**ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪**

ଏଫ୍ଏମ୍ ଛାତ୍ରୀଙ୍କ ଆତ୍ମାହୁତି ପ୍ରସଙ୍ଗ

## ସରକାରଙ୍କୁ ଜବାବ ମାଗିଲେ ଭକ୍ତ

**ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ସେ କହିଛନ୍ତି ଯେ କଂଗ୍ରେସ ପକ୍ଷରୁ ଘଟଣାକୁ ନେଇ ଆନ୍ଦୋଳନ କରାଯାଉଛି। ଠିକ୍ ଢଙ୍ଗରେ ଘଟଣାର ତଦନ୍ତ ହେବାର ଆବଶ୍ୟକତା ରହିଛି। ଏହି ଘଟଣାର ସରଜମିନ୍ ତଦନ୍ତ ପାଇଁ ଆସନ୍ତାକାଲି ମହିଳା କଂଗ୍ରେସର ଏକ ଟିମ୍ ବାଲେଶ୍ୱର ଫକୀରମୋହନ କଲେଜରେ ପହଞ୍ଚିବ ବୋଲି ଭକ୍ତ କହିଛନ୍ତି। ସେହିପରି ସେ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ନେଇ କହିଛନ୍ତି ଯେ ସମ୍ପୃକ୍ତ ଛାତ୍ରୀ ଜଣଙ୍କ କାହିଁକି ଆତ୍ମାହୁତି ଉଦ୍ୟମ କରିଛନ୍ତି, ସେନେଇ ସମସ୍ତଙ୍କୁ ଅବଗତ କରାଇଥିଲେ। କିନ୍ତୁ ତାଙ୍କ ଅଭିଯୋଗକୁ ସବୁ ସ୍ତରରେ ବେଶ୍ ହାଲୁକା ଭାବେ ନିଆଯାଇଛି। ଯଦି କେହି ବି ତାଙ୍କ ମାମଲାକୁ ଗୁରୁତ୍ୱ ଦେଇ ଠୋସ୍ ପଦକ୍ଷେପ ନେଇଥାନ୍ତେ, ତା'ହେଲେ ଆଜି ଛାତ୍ରୀ ଜଣଙ୍କୁ ଏପରି ଚରମ ନିଷ୍ପତ୍ତି ନେବାକୁ ପଡ଼ିନଥାନ୍ତା। ତେବେ କାହିଁକି ସବୁ ମହଲରେ ତାଙ୍କ ଅଭିଯୋଗକୁ ଗୌଣ କରିଦିଆଗଲା, ସେନେଇ ସରକାର ସ୍ପଷ୍ଟ କରିବା ଦରକାର ବୋଲି ଭକ୍ତ କହିବା ସହ ରାଜ୍ୟର ବିଜେପି ସରକାର ଏହାର ଜବାବ ଦେବାକୁ ଦାବି କରିଛନ୍ତି।

## ଏଆଇଡିଏସ୍ଓର ବିକ୍ଷୋଭ




**କଟକ,୧୩।୭(ସଂଚାର ବ୍ୟୁରୋ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସମସ୍ତ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରିବା, ସମସ୍ତ ଶିକ୍ଷାନୁଷ୍ଠାନ ମଧ୍ୟରେ ଛାତ୍ରୀ ମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା, ଅଶ୍ଳୀଳତା-ନଗ୍ନତା-ଅପସଂସ୍କୃତି ପ୍ରଚାର ପ୍ରସାର ବନ୍ଦ କରିବା, କ୍ୟାମ୍ପସ ମଧ୍ୟରେ ଗଣତାନ୍ତ୍ରିକ ପରିବେଶକୁ ସୁରକ୍ଷା ଦେବା ଇତ୍ୟାଦି ଦାବିରେ ଏଆଇଡିଏସଓ କଟକ ଜିଲ୍ଲା କମିଟି ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ବିକ୍ଷୋଭରେ ଏଆଇଡିଏସଓ ଓଡ଼ିଶା ରାଜ୍ୟ ପରିଷଦର ସମ୍ପାଦକ ସିଦ୍ଧାର୍ଥ ରଥ, ଉପସଭାପତି ଭାଗ୍ୟରବି ଦାସ, ସମ୍ପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ, ସଂଗଠନର କଟକ ଜିଲ୍ଲା ସଭାପତି ଈଶା ଧର, ଉପସଭାପତି ଶିବାନୀ ସାହୁ, ସମ୍ପାଦକ ତରୁଣସେନ ନାୟକ, କୋଷାଧ୍ୟକ୍ଷ ଶୁଭସ୍ମିତା ସାହୁ, ସମ୍ପାଦକ ମଣ୍ଡଳୀ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ଦାସ, ସରୋଜ ମାନସିଂହ ଉପସ୍ଥିତ ଥିଲେ।

## କଲେଜ କର୍ତ୍ତୃପକ୍ଷଙ୍କୁ ଯୁବ ଛାତ୍ର କ୍ରାନ୍ତି ସେନାର ନିନ୍ଦା

**ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ କଲେଜର ଛାତ୍ରୀଙ୍କ ଦୁଃଖଦାୟକ ଆତ୍ମଦାହ ଉଦ୍ୟମ ପାଇଁ କଲେଜ କର୍ତ୍ତୃପକ୍ଷ, ନିଜେ ଉତ୍ପୀଡ଼କ ହେଉଥିବା ଅଧ୍ୟାପକ ଏବଂ କର୍ତ୍ତୃପକ୍ଷଙ୍କ ଖାତାପତ୍ରରେ ଥିବା ଛାତ୍ରୀଙ୍କ ପ୍ରତି ଏଭଳି ନିର୍ଯାତନା ବିଷୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସିଧାସଳଖ ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମକୁ ମୁଁ ଗଭୀର ନିନ୍ଦା କରୁଛି। ଛାତ୍ର ଛାତ୍ରୀଙ୍କୁ ଉପଯୁକ୍ତ ସମ୍ମାନ ନ୍ୟାୟ ଦେବା ସରକାରଙ୍କ ନୈତିକ ଦାୟିତ୍ୱ। ଛାତ୍ର ଛାତ୍ରୀଙ୍କ ସମ୍ମାନ ସ୍ୱାଭିମାନ ଓ ଅଧିକାର ଦେବା ସଂକଳ୍ପ ହେଉ। ପୂର୍ବରୁ ସମସ୍ତ ଅଭିଯୋଗ କଲେଜ କମିଟି ପାଇଥିଲେ ମଧ୍ୟ ଉପଯୁକ୍ତ ପଦକ୍ଷେପ ନେଲେ ନାହିଁ ବରଂ କଲେଜ କର୍ତ୍ତୃପକ୍ଷ ଛାତ୍ରୀଙ୍କୁ ଅଭିଯୋଗ ପ୍ରତ୍ୟାହାର ପାଇଁ, କଲେଜରୁ ବିଦା କରି ଦେବାର ଭୟ ଦେଖାଇ ଓ ଅନ୍ୟ ପିଲାଙ୍କ ଲଗାଇ ଏହି ଝିଅଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣି ସମ୍ପୂର୍ଣ୍ଣ ଚାପ ସୃଷ୍ଟି କରାଗଲା। ତେଣୁ କୌଣସି ନ୍ୟାୟ ନ ପାଇ ସେଇ କଲେଜ ସାମ୍ନାରେ ଆତ୍ମାହୁତି ପାଇଁ ପଦକ୍ଷେପ ଭଳି ଏକ ଚରମ ନିଷ୍ପତ୍ତି ନେଇଛନ୍ତି। ଏହା ଏକ ଦୁଃଖଦ ଓ ଲଜ୍ଜାଜନକ ଘଟଣା ବୋଲି ଯୁବ ଛାତ୍ର କ୍ରାନ୍ତି ସେନାର ରାଜ୍ୟ ଆବାହକ ପାର୍ଥସାରଥୀ ମୁଦୁଲି କହିଛନ୍ତି।

## ଆସୁଛି ଦୁଇଟି ଲଘୁଚାପ : ପ୍ରବଳ ବର୍ଷା ସମ୍ଭାବନା



**ଭୁବନେଶ୍ୱର, ୧୩।୭ (ସଂଚାର ବ୍ୟୁରୋ) :** ଆସୁଛି ଲଘୁଚାପ, ପ୍ରବଳ ବର୍ଷା ସମ୍ଭାବନା । ପୁଣି ଏକ ଡବଲ ଲଘୁଚାପ ସମ୍ଭାବନା। ଆଗାମୀ ୨୪ ଘଣ୍ଟାରେ ସୃଷ୍ଟି ହେବ ଲଘୁଚାପ। ଉତ୍ତର ମଧ୍ୟପ୍ରଦେଶର ମଧ୍ୟ ଭାଗ ଏବଂ ତାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳ ଗୋଟିଏ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଅନ୍ୟ ଏକ ଘୂର୍ଣ୍ଣିବଳୟ ଉତ୍ତର ବଙ୍ଗୋପସାଗର ଉପରେ । ଦୁଇ ଦୁଇଟି ଘୂର୍ଣ୍ଣିବଳୟ ପ୍ରଭାବରେ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା ରହିଛି । ଗୋଟିଏ ଲଘୁଚାପ କ୍ଷେତ୍ର ଉତ୍ତରପଶ୍ଚିମ ମଧ୍ୟପ୍ରଦେଶ ଓ ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହେବ । ଅନ୍ୟ ଏକ ଲଘୁଚାପ କ୍ଷେତ୍ର ପଶ୍ଚିମବଙ୍ଗ ଏବଂ ଓଡିଶା ଉପକୂଳରେ ସୃଷ୍ଟି ହେବ। ଏହାର ପ୍ରଭାବରେ ରାଜ୍ୟରେ ପୁଣି ପ୍ରବଳ ବର୍ଷା ସମ୍ଭାବନା ରହିଛି । ଆଗାମୀ ୨୪ ଘଣ୍ଟାରେ ପ୍ରବଳରୁ ଅତିପ୍ରବଳ ବର୍ଷା ପାଇଁ ୩ ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ପାଇଁ ୧୪ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି ।

# ପୁଣି ପ୍ରେମ ପାଇଁ ଯୋଡ଼ିବଳଦ



**କୋରାପୁଟ,୧୩।୭(ସଂଚାର ବ୍ୟୁରୋ):** କଥାରେ ଅଛି ପ୍ରେମ ମାନେନା ବାଧା ବନ୍ଧନ। ଅର୍ଥାତ୍ ପ୍ରେମ କୌଣସି ବାଧା ବନ୍ଧନକୁ ଖାତିର୍ କରେ ନାହିଁ। ଦୁଇଟି ମନର ମିଳନରେ ସବୁ ବାଧାବିଘ୍ନ ପଛରେ ପଡ଼ିଯାଏ। କିନ୍ତୁ ଆବହମାନ କାଳରୁ ପ୍ରେମକୁ ସମାଜ ଭଲ ନଜରରେ ଦେଖିପାରେନା ବୋଲି ରହିଥିବା ଧାରଣା ଏବେ ବି ବଦଳିନି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ରାଜ୍ୟରେ ତିନି ଦିନ ବ୍ୟବଧାନରେ ୪ ଜଣ ପ୍ରେମିକ ପ୍ରେମିକାଙ୍କୁ ସ୍ଥାନୀୟ

■ ତିନି ଦିନରେ ଦ୍ୱିତୀୟ ଘଟଣା

■ ପ୍ରେମ ବିବାହ କରିବାରୁ ଯୁବକଯୁବତୀଙ୍କୁ ଅମାନବୀୟ ଶାସ୍ତି

ଲୋକେ ଅମାନବୀୟ ଶାସ୍ତି ଦେବା ଘଟଣା। ଗତ ଶୁକ୍ରବାର ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁରଠାରେ ଜଣେ ପିଉସୀ ଓ ତାଙ୍କ ପୁତୁରା ମଧ୍ୟରେ ପ୍ରେମ ସମ୍ପର୍କ ରହିଥିବା ନେଇ ଗ୍ରାମବାସୀ ଜାଣିବା ପରେ ସେମାନଙ୍କୁ ଦଣ୍ଡ ଦେବାକୁ ଯାଇ କାନ୍ଧରେ ଜୁଆଳି ପକାଇବା ସହ ବିଲରେ ଚାଷ କାମ କରିବାକୁ ବାଧ୍ୟ କରିଥିବା ଦୃଶ୍ୟ ମାନବ ସମାଜକୁ ବ୍ୟଥିତ କରିଥିଲା। କିନ୍ତୁ ଏହା କୋରାପୁଟ ଜିଲ୍ଲାର ନାରାୟଣପାଟଣା ବ୍ଲକ୍ ବରଗି ପଞ୍ଚାୟତର ପେଦାଇଟିକି ଗ୍ରାମବାସୀଙ୍କ ଉପରେ କୌଣସି ପ୍ରଭାବ ପକାଇପାରିନାହିଁ। କାରଣ ଏଠାରେ ଆଜି ଏପରି ଘଟଣାର ପୁନରାବୃତ୍ତି ଦେଖିବାକୁ ମିଳିଛି। ପ୍ରେମ ବିବାହ କରିଥିବା ଦୁଇ ଯୁବକଯୁବତୀଙ୍କୁ ବଳଦ ଦଣ୍ଡ ଦିଆଯାଇଛି।

ଉଭୟ ଯୁବକ ଯୁବତୀ ସମ୍ପର୍କରେ ଭାଇ ଭଉଣୀ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ବିବାହକୁ ଗ୍ରାମବାସୀ ଗ୍ରହଣ କରିପାରିନାହାନ୍ତି। ତେଣୁ ସେମାନେ ଏପରି ସମ୍ପର୍କ ପାଇଁ ଉଭୟଙ୍କୁ ଦଣ୍ଡଦେବା ସକାଶେ ବେକରେ ଜୁଆଳି ପକାଇ ଗାଁ ଦାଣ୍ଡରେ ବୁଲାଇଛନ୍ତି। ଅଧିକନ୍ତୁ ସେମାନେ ଉଭୟେ ଜୀବିତ ଥିଲେ ମଧ୍ୟ ସେମାନଙ୍କୁ ଶୁଦ୍ଧି ହୋଇଛନ୍ତି। ଏହି ଘଟଣା ଏବେ ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ୍ ହେଉଛି। ମିଳିଥିବା ସୂଚନାନୁସାରେ, ଗ୍ରାମରେ ଜଣେ ଯୁବକ ନିଜ ସମ୍ପର୍କୀୟ ଭଉଣୀ ସହ ପ୍ରେମ ସମ୍ପର୍କ ରଖି ଧରାପଡ଼ିବା ପରେ ଆଦିବାସୀ ସମାଜ ପ୍ରଥାନୁସାରେ ଦଣ୍ଡିତ କରାଯାଇଥିବା ଜଣାପଡ଼ିଛି। ପ୍ରଥା ପାଳନ କରିବାକୁ ଯାଇ ଏପରି ଅମାନବୀୟ କାର୍ଯ୍ୟକୁ ସଭ୍ୟ ସମାଜରେ ନିନ୍ଦା କରାଯାଇଛି। ପେଦା ଇଟିକି ଗ୍ରାମର ପୁଅ ନରି ପଡ଼ିକା ଓ ଝିଅ ଆସ ପଡ଼ିକାଙ୍କ ପ୍ରତି ଏପରି ଅମାନବୀୟ ଆଚରଣ କରାଯାଇଥିବା ଜଣାପଡ଼ିଛି। ଦୁହେଁ ଦୀର୍ଘ ଦିନ ଧରି ଭଲ ପାଇବା ପରେ ପରସ୍ପରକୁ ବିବାହ କରି ଗାଁରୁ ପଳାଇଯାଇଥିଲେ। କିନ୍ତୁ ନିକଟରେ ସେମାଙ୍କୁ ବନ୍ଧୁବାନ୍ଧବ ଡକାଇଥିଲେ। ସେମାନେ ଗାଁରେ ପହଞ୍ଚିବା ପରେ ସେମାନଙ୍କୁ ଗାଁ ମଝିରେ ସମସ୍ତଙ୍କ ଉପସ୍ଥିତିରେ ଉଭୟଙ୍କ ବେକରେ ଜୁଆଳି ପକାଇ ହଳ କରୁଥିବା ଚିତ୍ର ସାମ୍ନାକୁ ଆସିଛି। ଏପରି ଏକ ଅମାନୁଷିକ ଘଟଣାକୁ ସମସ୍ତେ ଦେଖୁଥିଲେ ବି କେହି ରୋକିବାକୁ ଉଦ୍ୟମ କରନଥିଲେ। ବରଂ କେତେକ ଯୁବକ ଭିଡିଓ ଶୁଟିଂ କରି ଏହାର ମଜା ନେଉଥିବା ଦେଖିବାକୁ ମିଳିଥିଲା। ଆଧୁନିକତାର ସ୍ପର୍ଶରେ ଆଜି ମଣିଷ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରୁଥିଲେ ହେଁ ଏବେ ବି କେତେକ ଅନୁନ୍ନତ ଅଞ୍ଚଳରେ ପାରମ୍ପରିକ ପ୍ରଥା ବଳଦ ଦଣ୍ଡ ଚାଲିଆସିବା ବାସ୍ତବିକ ଦୁଃଖଦ ଘଟଣା। ଏଦିଗରେ ଆଇନ ବ୍ୟବସ୍ଥା ଅଧିକ ଠୋସ୍ ହେବା ଦରକାର ବୋଲି ମତ ପ୍ରକାଶ ପାଉଛି।

ଛାତ୍ରୀ ଆତ୍ମାହୁତି ଘଟଣା ଚପାଇବାକୁ ଉଦ୍ୟମ ଅଭିଯୋଗ

# ନାରୀ ସୁରକ୍ଷା ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କୁ ଫେରାଦ ହେବ ବିଜେଡି

**ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ):** ଆସନ୍ତାକାଲି ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦି ମୁର୍ମୁ ଦୁଇଦିନିଆ ଓଡିଶା ଗସ୍ତରେ ଆସୁଥିବା ବେଳେ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ତାଙ୍କୁ ଭେଟି ରାଜ୍ୟରେ ଗତ ଏକ ବର୍ଷର ବିଜେପି ଶାସନରେ ନାରୀ ସୁରକ୍ଷା ବିପର୍ଯ୍ୟସ୍ତ ହୋଇଥିବା ପ୍ରସଙ୍ଗରେ ଆଲୋଚନା କରିବ ବୋଲି ନିଷ୍ପତ୍ତି ନେଇଛି। ଏଥିସକାଶେ ଅନୁମତି ଦେବା ସକାଶେ ରାଷ୍ଟ୍ରପତିଙ୍କୁ ଦଳ ଇମେଲ୍ ମାଧ୍ୟମରେ ନିବେଦନ କରାଯାଇଛି ବୋଲି ଆଜି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଟୁକୁନି ସାହୁ ସୂଚନା ଦେଇଛନ୍ତି। ବାଲେଶ୍ୱର ଏଫଏମ



ଅଟୋନମୋସ କଲେଜର ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା ରାଜ୍ୟରେ ମହିଳା, ଛାତ୍ରୀ ଅସୁରକ୍ଷିତ ହୋଇ ପଡ଼ିଥିବା ଘଟଣାର ସଦ୍ୟତମ ଉଦାହରଣ ବୋଲି ସେମାନେ ଅଭିଯୋଗ କରିଥିଲେ। ଶ୍ରୀମତୀ ମଲ୍ଲିକ କହିଥିଲେ, ଏହି ସମ୍ବେଦନଶୀଳ ଓ ସ୍ପର୍ଶକାତର ଘଟଣାରେ ରାଜ୍ୟ ସରକାରଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ପୀଡିତା ଛାତ୍ରୀ ନ୍ୟାୟ ପାଇଁ ବିଧିବଦ୍ଧ ଭାବେ କଲେଜ କର୍ତ୍ତୃପକ୍ଷଙ୍କ ପାଖରେ ଅଭିଯୋଗ କରିବା ଛଡ଼ା ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏହାଛଡା ସେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ବ୍ୟକ୍ତିଗତ ଭାବେ ଭେଟି ତାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। କିନ୍ତୁ, ଦୁଃଖ ଓ ପରିତାପର ବିଷୟ ଯେ ଏମାନଙ୍କ ଭିତରୁ କେହି ଛାତ୍ରୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ନଥିଲେ। ଛାତ୍ରୀ ଜଣକ ନ୍ୟାୟ ପାଇବାରେ ବିଫଳ ହେବା କାରଣରୁ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଇଥିଲା। ସେହିପରି ଶ୍ରୀମତୀ ଛୁରିଆ କହିଥିଲେ ଯେ ପୀଡିତା ଛାତ୍ରୀଙ୍କ ପରିବାର ସଦସ୍ୟଙ୍କ ସହିତ କଥାବାର୍ତ୍ତା କରି ଆମେ ଜାଣିବାକୁ ପାଇଲୁ ଯେ, କଲେଜର ଅଧ୍ୟକ୍ଷ ପୀଡିତା ଛାତ୍ରୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ, ଅଭିଯୁକ୍ତ ଅଧ୍ୟାପକଙ୍କ ସମ୍ମୁଖରେ, ଛାତ୍ରୀଙ୍କୁ ତାଙ୍କ ଅଭିଯୋଗ ପ୍ରତ୍ୟାହାର କରିବାକୁ କହିଥିଲେ। ଏହି ଘଟଣାରେ ପୀଡ଼ିତାକୁ ନ୍ୟାୟ ଦେବା ପରିବର୍ତ୍ତେ, ଘଟଣାକୁ ଚପାଇବାକୁ ସରକାର ଉଦ୍ୟମ କରୁଛନ୍ତି। ଏମ୍ସରେ ପୀଡିତା ଚିକିତ୍ସିତ ହେଉଥିବା ବେଳେ ସେଠାରେ ବିଜେପିର କିଛି ଗୁଣ୍ଡା ଶ୍ରେଣୀୟ ଯୁବକ ବାହାରେ ଜଗି ରହିଥିବା ଶ୍ରୀମତୀ ଛୁରିଆ ଅଭିଯୋଗ କରିଛନ୍ତି। ଏହାଛଡ଼ା ଶ୍ରୀମତୀ ସାହୁ କହିଥିଲେ ଯେ କେବଳ ଏହି ଘଟଣା ନୁହେଁ ବରଂ ରାଜ୍ୟରେ ଗତ ୧୩ ମାସର ବିଜେପି ଶାସନରେ ମହିଳା ଓ ଛାତ୍ରୀମାନେ ଅସୁରକ୍ଷିତ ହୋଇ ପଡିଛନ୍ତି। ଓଡ଼ିଶାରେ ନାରୀ ସୁରକ୍ଷା ନେଇ ଆମେରିକାର ରାଷ୍ଟ୍ରପତିଙ୍କ ଟିପ୍ପଣୀ ଓଡିଶାକୁ ଦେଶ ବିଦେଶରେ ଲଜ୍ଜିତ ଓ ନିନ୍ଦିତ କରିଛି। ନିୟମିତ ବ୍ୟବଧାନରେ, ଗୋଟିଏ ପରେ ଗୋଟିଏ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସୁଥିଲେ ମଧ୍ୟ ସରକାର ନିଦାବିଷ୍ଟୁ ସାଜି ବସି ରହିଛନ୍ତି ବୋଲି ସେ କହିଛନ୍ତି।

● ହିନ୍ଦୋଳ ମଦ ମୃତ୍ୟୁ ଘଟଣା

## ୧୦ ଲକ୍ଷ କ୍ଷତିପୂରଣ ଦାବି କଲା ବିଜେଡି

**ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ):** ଆଜି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକର ବମ୍ପା ଗ୍ରାମରେ ବିଷାକ୍ତ ମଦ ପିଇ ମୃତ୍ୟୁବରଣ କରିଥିବା ପରିବାରକୁ ଭେଟିଛନ୍ତି ବିଜେଡିର ଏକ ପ୍ରତିନିଧିମଣ୍ଡଳୀ। ପୀଡିତ ପରିବାରବର୍ଗଙ୍କୁ ଆଶ୍ୱାସନା ଦେବା ସହ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରିବା ସକାଶେ ପ୍ରତିନିଧି ମଣ୍ଡଳୀ ଦାବି କରିଛି। ଏଥିସହ ଚୋରାମଦ କାରବାର ଉପରେ ରୋକ୍ ଲଗାଇବା ପାଇଁ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସକାଶେ ମଧ୍ୟ ସେମାନେ ଦାବି କରିଛନ୍ତି। ବିଷାକ୍ତ ମଦ ପିଇ ବମ୍ପାର ମିଲୁ ସାମଲ ଓ ପ୍ରଫୁଲ୍ଲ ସାମଲ ମୃତ୍ୟୁବରଣ କରିଥିବା ବଳେ ପ୍ରଶାସନିକ ଦାୟିତ୍ୱହୀନତାକୁ ପ୍ରତିନିଧିମଣ୍ଡଳୀ ନିନ୍ଦା କରିଛି । ପ୍ରଶାସନିକ ହସ୍ତକ୍ଷେପ ଦ୍ୱାରା ମୃତ ବ୍ୟକ୍ତିଙ୍କ ଶବ ବ୍ୟବଛେଦ ନକରି ମେଡିକାଲରୁ ଘରକୁ ଫେରାଇ ଦିଆଯାଇଥିଲା । ଏଥିରୁ ସ୍ପଷ୍ଟ ଜଣାପଡୁଛି ଏ ସରକାର ବିଷାକ୍ତ ମଦ ମୃତ୍ୟୁକୁ ଚପାଇଦେବାକୁ ଷଡଯନ୍ତ୍ର କରୁଛନ୍ତି ବୋଲି ଅଭିଯୋଗ ହୋଇଛି । ପୀଡିତା ପରିବାର ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଆଜକୁ ଦୀର୍ଘ ଦିନ ହେଲା ପୋଲିସ ଓ ଅବକାରୀ ବିଭାଗର ସହାୟତାରେ ଏହି ଅଞ୍ଚଳ ଖୁଲମଖୋଲା ଚୋରା ମଦ କାରବାର ବିପୁଳ




ପରିମାଣରେ ଚାଲୁଛି । ଯାହା ଫଳରେ ଅଞ୍ଚଳର ଯୁବକମାନେ ପଥଭ୍ରଷ୍ଟ ହେବା ଗରିବ ପରିବାରରେ ସାମାଜିକ କଳହ ସୃଷ୍ଟି ହେଉଛି। ଏହି ଅଞ୍ଚଳରେ କିଭଳି ଚୋରା ମଦ କାରବାର ବନ୍ଦ ହେବ ସେ ଦିଗରେ ସରକାର ଦୃଢ଼ ପଦକ୍ଷେପ ନେବା ପାଇଁ ବିଜେଡି ଦାବି କରିଛି। ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ସାଂସଦ ମହେଶ ସାହୁ, ମୁଖପାତ୍ର ନାରାୟଣ ଜେନା, ଜିଲ୍ଲା ପରିଷଦ ସଦସ୍ୟା ମମତାଞ୍ଜଳି ବେହେରା, ଦେବୀପ୍ରସାଦ ପଟ୍ଟନାୟକ, ପ୍ରଶାନ୍ତ ଦାସ, ମିଳନ ରାଉତ ଓ ପ୍ରଦ୍ୟୁମ୍ନ ବେହେରାଙ୍କ ସମେତ ସ୍ଥାନୀୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ସେପ୍ଟେମ୍ବର ୫ରୁ ସିପିଆଇ ରାଜ୍ୟ ସମ୍ମିଳନୀ




**ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୨୪ତମ ଓଡ଼ିଶା ରାଜ୍ୟ ସମ୍ମିଳନୀ ଆସନ୍ତା ସେପ୍ଟେମ୍ବର ୫ରୁ ୭ ତାରିଖ ପର୍ଯ୍ୟନ୍ତ ଏଠାରେ ଅନୁଷ୍ଠିତ ହେବ ବୋଲି ପାର୍ଟିର ରାଜ୍ୟ କମିଟିର ନିଷ୍ପତ୍ତି ଭିତ୍ତିରେ ଆଜି ଏହି ସମ୍ମିଳନୀ ପାଇଁ ଅଭ୍ୟର୍ଥନା କମିଟି ବୈଠକ ବରିଷ୍ଠ ସାମ୍ବାଦିକ ପଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ପାର୍ଟି ପ୍ରତିଷ୍ଠା ଶତବାର୍ଷିକୀ ଅବସରରେ ଅନୁଷ୍ଠିତ ହେଉଥିବାରୁ ଏହାର ଖୋଲା ଅଧିବେଶନ ୫ ସେପ୍ଟେମ୍ବରରେ ଶତବାର୍ଷିକୀ ସଂଘର୍ଷ ସଂକଳ୍ପ ପାଇଁ ରାଜ୍ୟସ୍ତରୀୟ ସମାବେଶ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ପ୍ରତ୍ୟେକ ସଭ୍ୟ, ସମର୍ଥକ ଓ ଜନଗଣ ଅଧିକ ସଂଖ୍ୟାରେ ଯୋଗ ଦେବେ। ଏ ସମ୍ପର୍କରେ ପାର୍ଟିର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସହସମ୍ପାଦକ କ୍ଷୀରୋଦ ସିଂହଦେଓ, ସମ୍ପାଦକମଣ୍ଡଳୀ ସଦସ୍ୟ ଡା. ପ୍ରଶାନ୍ତ ମିଶ୍ର, ଏନ. ନାରାୟଣ ରେଡ୍ଡି, ଜୟନ୍ତ ଦାସ, ବିଜୟ ଜେନା, ଦାମୋଦର ବେହେରା, ରମଣୀ ରଞ୍ଜନ ରାଉତରାୟ, ଅଭ୍ୟର୍ଥନା କମିଟି ସାଧାରଣ ସମ୍ପାଦକ ଅମିୟ ପଟ୍ଟନାୟକ, ଉପସାଧାରଣ ସାଧାରଣ ସମ୍ପାଦକ ସୁର ଜେନା, ଶିକ୍ଷକ ନେତା ଅମୀୟ କୁମାର ମହାନ୍ତି, କୈଳାସ ପୁହାଣ, ଅଶୋକ ସାହୁ, ଅରକ୍ଷିତ ବେହେରା, ନମିତା ସାହୁ, ଦେବାଶିଷ ପରିଜା, ପ୍ରଫୁଲ୍ଲ ତ୍ରିପାଠୀ, ମୁରଲୀ ଜେନା, ବସନ୍ତ ସେଠୀ, ମମତା ରାଉତ, ହୃଷୀ ମହାନ୍ତି, ପ୍ରମୋଦିନୀ ପାଇକରାୟ, ବିବେକାନନ୍ଦ ଦାଶ, ଦୁଷ୍ମନ୍ତ ନାୟକ ପ୍ରମୁଖ ଯୋଗ ଦେଇ ସୁଚିନ୍ତିତ ମତାମତ ଦେବା ସହ ଏହି ସମ୍ମିଳନୀ ପାଇଁ ନୂଆଦୁନିଆ ପକ୍ଷରୁ ପାର୍ଟିର ଶତବାର୍ଷିକୀ ସମ୍ମିଳନୀ ସ୍ମରଣିକା ପ୍ରକାଶ ପାଇବ। ଏହି ସ୍ମରଣିକା ଆଲେକ୍ଷ୍ୟ ପ୍ରକାଶିତ ହେବ। ଏ ସମସ୍ତ ବାବଦରେ ଗଣପାଣ୍ଠି ସଂଗୃହୀତ ହେବ। ବୈଠକରେ ବସନ୍ତ ସେଠୀ, ଶଙ୍କର ବାରିକ, ବିପ୍ଳବକେଶରୀ ମହାପାତ୍ର, ସଞ୍ଜୁ ଭୋଇ, ସୁରେନ୍ଦ୍ର ବେହେରା, ନୃସିଂହ ବେହେରା, ବସନ୍ତ ପାଇକରାୟ, ଗନ୍ଧର୍ବ ବେହେରା, ମଞ୍ଜୁ ଭୋଇ, ଶରତ ସ୍ୱାଇଁ, ଅଭୟ ବାରିକ, ପରମାନ୍ଦ ବେହେରା ପ୍ରମୁଖ ଆଲୋଚନା କରିଥିଲେ।

## ଷ୍ଟେସନରୁ ଚୋରି ଶିଶୁକନ୍ୟା ଉଦ୍ଧାର

**ଖଲ୍ଲିକୋଟ,୧୩।୭(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗୁରାପଲ୍ଲୀ ଟୋଲ ଗେଟ୍‌ଠାରେ ଆଜି ଦୁଇ ବର୍ଷର ଶିଶୁକନ୍ୟାକୁ ଜଣେ ବ୍ୟକ୍ତି ଛାଡ଼ି ଫେରାର ହୋଇଯାଇଥିଲେ। ଶିଶୁ କନ୍ୟାଟି ଟୋଲ୍‌ଗେଟଠାରେ ଏକୁଟିଆ ବୁଲୁଥିବା ଦେଖି ନିକଟରେ ଥିବା ଜଣେ ଚା' ଦୋକାନୀ ତାଙ୍କୁ ଆଣି ପାଖରେ ରଖିଥିଲେ। ପରେ ସେ ଏ ସମ୍ପର୍କରେ ପୁଲିସକୁ ଖବର ଦେବାରୁ ଖଲ୍ଲିକୋଟ ଥାନା ପୁଲିସ ସକାଳ ୮ରେ ଟୋଲ୍ ଗେଟଠାରେ ପହଞ୍ଚି ଶିଶୁକନ୍ୟାକୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ତେବେ ଶିଶୁକନ୍ୟାର ପରିଚୟ ନ ପାଇବାରୁ ଖଲ୍ଲିକୋଟ ଥାନା ପକ୍ଷରୁ ସବୁ ଥାନାକୁ ପିଲାଟିର ଫଟୋ ପଠାଯିବା ସହ ଚାଇଲ୍ଡ ହେଲ୍ପଲାଇନ୍‌କୁ ଖବର ଦିଆଯାଇଥିଲା। ଖବର ପାଇ ଖଲ୍ଲିକୋଟ ସିଡିପିଓ ବିଜୟଲକ୍ଷ୍ମୀ ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଅଙ୍ଗନୱାଡି ସୁପରଭାଇଜର ଭାଗ୍ୟଲତା ସେନାପତି, ସୁନିତା କୁମାରୀ ସାବତଙ୍କ ସମେତ ଦୁଇ ଜଣ କର୍ମଚାରୀ ଥାନାରେ ପହଞ୍ଚିଥିଲେ। ଥାନାରେ ଶିଶୁ କନ୍ୟାକୁ ଚାଇଲ୍ଡ ହେଲ୍ପଲାଇନକୁ



ହସ୍ତାନ୍ତର କରିବାକୁ ପ୍ରକ୍ରିୟା ଚାଲିଥିବା ବେଳେ ହଠାତ ପିଲାଟିର ମା' ଥାନାରେ ପହଞ୍ଚିଥିଲେ। ମା'ଙ୍କୁ ଦେଖି ପିଲାଟି ଆନନ୍ଦରେ ତାଙ୍କ କୋଳକୁ ଦୌଡ଼ି ଯାଇଥିଲା। ମା' ଝିଅଙ୍କ ମିଳନରେ ଥାନା ପରିସରରେ ଖୁସିର ଲହରି ଖେଳିଯାଇଥିଲା। ବାଲୁଗାଁ ଉମା ମହେଶ୍ୱର ମନ୍ଦିର ନିକଟରେ ରହୁଥିବା ସଙ୍ଗୀତା ପାରିମାଣିକ ନିଜର ଦୁଇ ବର୍ଷର ଶିଶୁକନ୍ୟାକୁ ବାଲୁଗାଁ ରେଳ ଷ୍ଟେସନର ୧ ନମ୍ବର ପ୍ଲାଟଫର୍ମରେ ବସେଇ ଦେଇ କାମ କରିବାକୁ ଯାଇଥିଲେ। କିନ୍ତୁ ଫେରି ଦେଖିବା ବେଳକୁ ଝିଅ ସେଠାରେ ନ ଥିଲା। ବହୁ ଖୋଜାଖୋଜି ପରେ ଝିଅର କୌଣସି ସନ୍ଧାନ ନ ମିଳିବାରୁ ସେ ରେଳୱେ ଥାନାରେ ଅଭିଯୋଗ କରିଥିଲେ। ଆଜି ଖଲ୍ଲିକୋଟ ଥାନା ପକ୍ଷରୁ ଜାରି ହୋଇଥିବା ଫଟୋ ଦେଖି ସେ ଥାନାରେ ପହଞ୍ଚି ଝିଅକୁ ପାଇଥିବାରୁ ଏଥିପାଇଁ ଖଲ୍ଲିକୋଟ ପୁଲିସକୁ ଧନ୍ୟବାଦ ଦେଇଛନ୍ତି। ମା' କୋଳକୁ ଝିଅ ଫେରିଥିବାରୁ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ,ଅଙ୍ଗନୱାଡି ସୁପରଭାଇଜର ଭାଗ୍ୟଲତା ସେନାପତି,ସୁନିତା କୁମାରୀ ସାବତ ଓ ପୁଲିସ କର୍ମଚାରୀମାନେ ଖୁସି ପ୍ରକାଶ କରିଛନ୍ତି।

# ବଢ଼ୁଛି ମହିଳା ଓ ଶିଶୁଙ୍କ ପ୍ରତି ନିର୍ଯାତନା, ପ୍ରତିକାର କରିବ କିଏ ?

**ଭୁବନେଶ୍ୱର,୧୩।୭:** ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ମହିଳା ଓ ଶିଶୁମାନଙ୍କ ପ୍ରତି ଅତ୍ୟାଚାର ବଢ଼ି ଚାଲିଛି । ଓଡ଼ିଶାରେ ଘଟୁଥିବା ମହିଳା ଅତ୍ୟାଚାର ପ୍ରସଂଗରେ ଜାତୀୟ ମହିଳା କମିଶନ ବାରମ୍ବାର ଉଦ୍‌ବେଗ ପ୍ରକାଶ କରୁଥିବା ବେଳେ ରାଜ୍ୟରେ କିନ୍ତୁ ମହିଳା କମିଶନ ଅଚଳ ଅବସ୍ଥାରେ ପଡ଼ିରହିଛି। ଫଳରେ ଉତ୍ପୀଡ଼ନର ଶିକାର ହେଉଥିବା ମହିଳାମାନେ ରାଜ୍ୟ କମିଶନଙ୍କ ଦ୍ୱାରସ୍ଥ ହୋଇପାରୁନାହାନ୍ତି । ସେହିଭଳି ରାଜ୍ୟ ଶିଶୁ ସୁରକ୍ଷା କମିଶନ ମଧ୍ୟ ଅଚଳାବସ୍ଥାରେ ଥିବାରୁ ଶିଶୁଙ୍କ ପ୍ରତି ନିର୍ଯାତନା ଘଟଣାର ଉପଶମ କରାଯାଇପାରୁନାହିଁ ।

ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋର ସର୍ବଶେଷ 'କ୍ରାଇମ୍ ଇନ୍ ଇଣ୍ଡିଆ-୨୦୨୨ ରିପୋର୍ଟ' ୨୦୨୩ ଡିସେମ୍ବର ମାସରେ ପ୍ରକାଶ ପାଇଥିଲା । ଏହା ପରଠାରୁ ଆଉ କୌଣସି ରିପୋର୍ଟ ସାର୍ବଜନୀନ ହୋଇନାହିଁ । ଏନ୍‌ସିଆରବିର ରିପୋର୍ଟ ତଥ୍ୟ ମୁତାବକ ୨୦୨୨ ଶେଷ ସୁଦ୍ଧା ସାରା ଦେଶରେ ୨୧,୮୪,୭୬୯ଟି ମହିଳାଙ୍କ ପ୍ରତି ଘଟିଥିବା ଅପରାଧ ମାମଲା ବିଚାରାଧୀନ ରହିଥିଲା । ୨୦୨୨ ବର୍ଷରେ ଏହି ଧରଣର ମାମଲାରୁ ଦେଶରେ ମାତ୍ର ୭.୭ ପ୍ରତିଶତ ଫଇସଲା ହୋଇଥିବାବେଳେ ଦଣ୍ଡବିଧାନ ହାର ଥିଲା ୨୫.୩



ପ୍ରତିଶତ ।

୨୦୨୨ ଶେଷ ବେଳକୁ ଦେଶର ବିଭିନ୍ନ ଆଇନ୍ ଅଦାଲତରେ ଶିଶୁମାନଙ୍କ ପ୍ରତି ଘଟିଥିବା ୫,୪୧,୮୦୦ ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ଉକ୍ତ ବର୍ଷରେ ଏହି କିସମର ମାମଲାରୁ ମାତ୍ର ୭.୯ ପ୍ରତିଶତ ଫଇସଲା ହୋଇଥିଲା ଏବଂ ଏଥିରେ ଦଣ୍ଡବିଧାନ ହାର ୩୩.୬ ପ୍ରତିଶତ ଥିଲା ।

ଏଠାରେ ଉଲ୍ଲେଖନୀୟ ଯେ ୨୦୧୬ ଶେଷ ବେଳକୁ ଓଡ଼ିଶାରେ ମହିଳାଙ୍କ ପ୍ରତି ଘଟୁଥିବା ୮୨,୩୬୪ଟି ଅପରାଧିକ ମାମଲା ବିଚାର ପ୍ରତୀକ୍ଷାରେ ଥିଲା । ଉକ୍ତ ବର୍ଷରେ ମାତ୍ର ୭.୭ ପ୍ରତିଶତ ମାମଲା ଫଇସଲା ହୋଇଥିବା ବେଳେ ଦଣ୍ଡବିଧାନ ହାର ରହିଥିଲା ୬.୨ ପ୍ରତିଶତ। ଏନ୍‌ସିଆରବି ରିପୋର୍ଟର ତଥ୍ୟ ମୁତାବକ ୨୦୨୨ ଶେଷ ସୁଦ୍ଧା ଓଡ଼ିଶାରେ ମହିଳାଙ୍କ ପ୍ରତି ଘଟିଥିବା ବିଚାରାଧୀନ ଅପରାଧିକ ମାମଲା ସଂଖ୍ୟା ୧,୬୯,୫୭୨କୁ ବୃଦ୍ଧି ପାଇଥିଲା । ଅର୍ଥାତ୍ ଏହି ୬ବର୍ଷ ଭିତରେ ଏହି କିସମର ମାମଲା ସଂଖ୍ୟା ଦୁଇଗୁଣରୁ ଅଧିକା ଓଡ଼ିଶାରେ ବଢ଼ିଛି । ଏବେ ଏହି ସଂଖ୍ୟା ପାଖାପାଖି ୨ଲକ୍ଷ ହୋଇଯିବ ବୋଲି ଆଶଙ୍କା କରାଯାଉଛି। ୨୦୨୨ ବର୍ଷ ସୁଦ୍ଧା ଏହି କିସମର ଯେତେ ମାମଲା ବିଚାର ପ୍ରତୀକ୍ଷାରେ ଥିଲା ସେଥିରୁ ଉକ୍ତ ବର୍ଷରେ ମାତ୍ର ୪.୨ ପ୍ରତିଶତ ଫଇସଲା ହୋଇଥିବା ବେଳେ ଓଡ଼ିଶା।ରେ ଦଣ୍ଡବିଧାନ ହାର ରହିଥିଲା ୯.୨ ପ୍ରତିଶତ ମାତ୍ର । ସେହିପରି ୨୦୧୬ ସୁଦ୍ଧା ରାଜ୍ୟରେ ଶିଶୁମାନଙ୍କ ପ୍ରତି ଘଟିଥିବା ଅପରାଧ ସଂକ୍ରାନ୍ତୀୟ ୬୫୫୨ ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ୨୦୨୨ ଶେଷ ସୁଦ୍ଧା ଏହି ସଂଖ୍ୟା ୨୧,୪୨୪ରେ ପହଞ୍ଚିଛି । ଅର୍ଥାତ୍ ଏହି ୬ବର୍ଷ ଭିତରେ ଶିଶୁଙ୍କ ପ୍ରତି ଅତ୍ୟାଚାର ଜନିତ ମାମଲା ସଂଖ୍ୟା ଓଡ଼ିଶାରେ ୩ଗୁଣରୁ ଅଧିକ ବଢ଼ିଛି । ଏନ୍‌ସିଆରବି ରିପୋର୍ଟର ତଥ୍ୟ ମୁତାବକ ୨୦୨୨ ବର୍ଷରେ ଏହି କିସମର ବିଚାରାଧୀନ ମାମଲାରୁ ମାତ୍ର ୪.୪ ପ୍ରତିଶତ ଫଇସଲା ହୋଇଥିବାବେଳେ ଦଣ୍ଡବିଧାନ ହାର ୧୨.୬ ପ୍ରତିଶତରେ ସୀମିତ ରହିଛି। ଏହାଛଡ଼ା ରାଜ୍ୟରେ ମହିଳା ଓ ଶିଶୁ ନିଖୋଜ ହେବା ଏକ ଖରାପ ପରମ୍ପରାରେ ପଡ଼ିଯାଇଛି । ସମାଜ ବିଜ୍ଞାନୀମାନେ କହୁଛନ୍ତି ଯେ ତଥାକଥିତ ଆଧୁନିକତା, ନିଶାର ପ୍ରସାର, ସାମାଜିକ ସଚେତନତାର ଅଭାବ, ଚରିତ୍ର ବିହୀନ ଶିକ୍ଷା, ଆଇନ୍‌ଶୃଙ୍ଖଳା ରକ୍ଷା ବ୍ୟାପାରରେ ରାଜନୈତିକ ହସ୍ତକ୍ଷେପ, ଶିଶୁ ଓ ମହିଳାଙ୍କ ପ୍ରତି ଘଟୁଥିବା ଅପରାଧ ସଂକ୍ରାନ୍ତୀୟ ମାମଲାର ତଦନ୍ତରେ ତ୍ରୁଟି, ଦୁର୍ବଳ ମାମଲା ପରିଚାଳନା ଏବଂ ବିଳମ୍ବିତ ବିଚାର ତଥା ଅଭିଯୁକ୍ତଙ୍କ ପତିଆରା ଯୋଗୁ ପୀଡ଼ିତାମାନଙ୍କ ଯନ୍ତ୍ରଣା ବଢ଼ୁଛି । ବିଭିନ୍ନ ରାଜନୈତିକ ଦଳ ସରକାରରେ ଥିବା ସମୟରେ ମହିଳାମାନଙ୍କ ନିରାପତ୍ତା ବିପନ୍ନ ହେଉଥିବାବେଳେ ଏହାକୁ ବିରୋଧୀମାନେ ରାଜନୈତିକ ଅସ୍ତ୍ର ଭାବେ ପ୍ରୟୋଗ କରି ନେତାଙ୍କ ପ୍ରଚାରରେ ମାତୁଛନ୍ତି ।

ସମାଜରୁ କିଭଳି ଏହି ବ୍ୟାଧି ଦୂର ହୋଇପାରିବ, ସେ ଦିଗରେ ଆମ ବ୍ୟବସ୍ଥା ଯେଭଳି ପଦକ୍ଷେପ ନେବା କଥା ତାହା ହୋଇପାରୁ ନାହିଁ । ଏ ପରିପ୍ରେକ୍ଷୀରେ ଆନ୍ତର୍ଜାତିକ ସ୍ତରରେ ଆମ ରାଜ୍ୟ ତଥା ଦେଶର ଛବି ମଳିନ ହେଉଛି । ନିକଟରେ ଯୁକ୍ତରାଷ୍ଟ୍ର ଆମେରିକା ପକ୍ଷରୁ ତା'ର ନାଗରିକମାନଙ୍କୁ ଭାରତ ଯାତ୍ରା ସମୟରେ ସତର୍କ ରହିବା ପାଇଁ ଯେଉଁ ମାର୍ଗନିର୍ଦ୍ଦେଶିକା ଜାରି କରାଯାଇଛି ସେଥିରେ ଆତଙ୍କବାଦୀ କାର୍ଯ୍ୟକଳାପ ସହିତ ମହିଳାଙ୍କ ପ୍ରତି ନିର୍ଯାତନା କଥା ମଧ୍ୟ ଉଲ୍ଲେଖ ରହିଛି । ଏମିତିକି ଜାତୀୟ ପାରିବାରିକ ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ଓ ଓଡ଼ିଶା ରାଜ୍ୟ ମହିଳା ଓ ବାଳିକା ନୀତିରେ ଆମ ଦେଶରେ ପ୍ରାୟ ଦୁଇ ତୃତୀୟାଂଶ ମହିଳା ହିଂସାକାଣ୍ଡର ଶରବ୍ୟ ହୋଇଥିବା କଥା ଉଲ୍ଲେଖ କରାଯାଇଛି। (ତଥ୍ୟ)

■ ଭିତ୍ତିପ୍ରସ୍ତରକୁ ଦେଢ଼ ବର୍ଷ ବିତିଲା

## କେବେ ନିର୍ମାଣ ହେବ କେସିଙ୍ଗା କଲେଜ ବହୁମୁଖୀ କକ୍ଷ ?

**କେସିଙ୍ଗା,୧୩।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ମହାବିଦ୍ୟାଳୟରେ ୪ ହଜାର ବର୍ଗଫୁଟ ବିଶିଷ୍ଟ ଏକ ବହୁମୁଖୀ କକ୍ଷ ନିର୍ମାଣ ହେବାରେ ଅହେତୁକ ବିଳମ୍ବ ହେଉଥିବା ଜଣାପଡିଛି। ଭିତ୍ତିପ୍ରସ୍ତର ସ୍ଥାପନକୁ ଇତିମଧ୍ୟରେ ଦେଢ଼ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ନିର୍ମାଣ କାମ ଆରମ୍ଭ ହୋଇପାରିନାହିଁ। ମହାବିଦ୍ୟାଳୟ ପରିସରରେ ବହୁମୁଖୀ କକ୍ଷ ନିର୍ମାଣ ପାଇଁ ଗତ ବର୍ଷ ମାର୍ଚ୍ଚ ୬ରେ ପୂର୍ବତନ ନର୍ଲା ବିଧାୟକ ଭୂପିନ୍ଦର ସିଂଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ପ୍ରକଳ୍ପର ନିର୍ମାଣ କାମ ଆରମ୍ଭ ହୋଇପାରିନାହିଁ। ସୂଚନାଯୋଗ୍ୟ ଯେ କେସିଙ୍ଗା ମହାବିଦ୍ୟାଳୟରେ ଏକ ବହୁମୁଖୀ କକ୍ଷ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗତ ୨୦୨୩ ଡିସେମ୍ବରରେ ୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହି ଅନୁଦାନରୁ ପ୍ରଥମ ଦୁଇଟି କିସ୍ତିରେ ୫୦ ଲକ୍ଷ ଟଙ୍କା କେସିଙ୍ଗା ମହାବିଦ୍ୟାଳୟକୁ ଆସିଥିଲା। ତେବେ ଟେଣ୍ଡର ଜରିଆରେ କାମ କରିବା ପାଇଁ କଲେଜ କର୍ତ୍ତୃପକ୍ଷ କେସିଙ୍ଗା ବ୍ଲକ ପ୍ରଶାସନକୁ ଚିଠି କରି ଅନୁଦାନର ୨୫ ଲକ୍ଷ ଟଙ୍କା ଗତ ୨୦୨୪ ଫେବୃଆରୀରେ ବ୍ଲକ ଆକାଉଣ୍ଟକୁ ଦିଆଯାଇଥିଲା। ହେଲେ ବ୍ଲକ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ଟେଣ୍ଡର ହୋଇନଥିବା ଯୋଗୁଁ ତାହା ଖର୍ଚ୍ଚ ହୋଇପାରିନାହିଁ। ତେବେ ଟେଣ୍ଡର କରିବାରେ ବ୍ଲକ ପ୍ରଶାସନ କାହିଁକି ବିଳମ୍ବ କରିଛି, ସେନେଇ ବ୍ଲକ୍ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ବହୁମୁଖୀ କକ୍ଷ ନିର୍ମାଣର ଭିତ୍ତିପ୍ରସ୍ତର ପରେ କାମ ଆରମ୍ଭ ହୋଇ ନ ପାରିବା ବିଷୟରେ କେସିଙ୍ଗା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ କାମ କରିବା ପାଇଁ ବ୍ଲକକୁ ଅନୁଦାନ ଯୋଗାଇ ଦିଆଯାଇଛି ହେଲେ କାହିଁକି ବିଳମ୍ବ ହେଉଛି ସେ ବିଷୟରେ ବ୍ଲକ ପ୍ରଶାସନ ସହ ଆଲୋଚନା କରିଛନ୍ତି। ତେବେ ବହୁମୁଖୀ କକ୍ଷ ନିର୍ମାଣ ପାଇଁ ଯଥାଶୀଘ୍ର ଟେଣ୍ଡର କରାଯାଇ ତୁରନ୍ତ କାମ ଆରମ୍ଭ ଦିଗରେ ପ୍ରଶାସନ ପଦକ୍ଷେପ ନେବା ସକାଶେ ଦାବି ହେଉଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ସୋମବାର ୧୪ ଜୁଲାଇ ୨୦୨୫, ଭୁବନେଶ୍ୱର
Monday 14 July 2025, Bhubaneswar



# ଡ୍ରାଗନ ସହ ବନ୍ଧୁତା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ଯୁଦ୍ଧରେ ସାରା ବିଶ୍ୱ ପ୍ରଭାବିତ। ବିଶ୍ୱର ୧୮% ଦେଶ ଏଥିରେ ପ୍ରଭାବିତ ହୋଇଛି। ଆମେରିକା ବିରୋଧରେ ଚୀନର ପାଲଟା ପଦକ୍ଷେପ ପରେ ଆମେରିକା ଓ ଚୀନ ମୁହାଁମୁହିଁ ହୋଇଛନ୍ତି। ଏହା ଦ୍ୱାରା ସାରା ବିଶ୍ୱରେ ହାହାକାର ପଡ଼ିଯାଇଛି। ସେୟାର ମାର୍କେଟ ଧରାଶାୟୀ। ଯଦିଓ ବିଶ୍ୱବଜାରରେ ତୈଳ ଦର ହ୍ରାସ ପାଇଛି, କିନ୍ତୁ ଏହା କେତେଦିନ ସ୍ଥିର ରହିବ ତାହା ବଡ଼ ପ୍ରଶ୍ନ। ଏହା ଦ୍ୱାରା ନିବେଶକମାନେ ହତାଶ ହୋଇଛନ୍ତି। ସେମାନେ ଏବେ ମାର୍କେଟରେ ନିଜ ଅର୍ଥ ବିନିଯୋଗ କରିବାକୁ ଆଗ୍ରହୀ ନୁହଁନ୍ତି। ଇତିମଧ୍ୟରେ ଟ୍ରମ୍ପ ଚୀନ ଉପର ୧୦୪ ପ୍ରତିଶତ ଟାରିଫ ଲାଗୁ କରିଛନ୍ତି। ଏହା ବୁଧବାରଠାରୁ ଲାଗୁ ହୋଇଛି। ଭାରତ ପ୍ରତି ମଧ୍ୟ ବର୍ଦ୍ଧିତ ଟାରିଫ ଲାଗୁ ହୋଇଛି। ଟ୍ରମ୍ପଙ୍କ ପାଗଳାମି ପାଇଁ ଆଜି ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଯଦିଓ ବେଜିଂ ସହ ଆଲୋଚନା ନିମନ୍ତେ ଆମେରିକା ପ୍ରସ୍ତୁତ ବୋଲି ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି କିନ୍ତୁ ଚୀନ ଏଥିପ୍ରତି ସକାରାତ୍ମକ ପ୍ରତିକ୍ରିୟା ପ୍ରକାଶ କରିନି। ଚୀନ ଏକ ଶକ୍ତିଶାଳି ଏବଂ ସମୃଦ୍ଧ ରାଷ୍ଟ୍ର। ଏହା ଆମେରିକା ଉପରେ ନିର୍ଭରଶୀଳ ନୁହେଁ। ବରଂ ଆମେରିକା ଚୀନର ବଜାର ଉପରେ ଅନେକାଂଶରେ ନିର୍ଭରଶୀଳ। ତେଣୁ ଆଗକୁ ଟ୍ରମ୍ପଙ୍କ ଭୁଲ ନିଷ୍ପତ୍ତି ପାଇଁ ଆମେରିକା କ୍ଷତିଗ୍ରସ୍ତ ହେବ। ଏଥିଲାଗି ଆମେରିକାରେ ଏବେ ଟ୍ରମ୍ପଙ୍କ ବିରୋଧରେ ଜନ ଅସନ୍ତୋଷ ବିସ୍ଫୋରକ ରୂପ ନେଉଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ ବୃଦ୍ଧି ଭାରତ ପାଇଁ ପରୋକ୍ଷରେ ଆଶୀର୍ବାଦ ହୋଇପାରେ। କାରଣ ସବୁ ସଙ୍କଟ ଏକ ନୂଆ ସୁଯୋଗ ସୃଷ୍ଟି କରିଥାଏ। ଏହାର କେବଳ ଉପଯୋଗ ଆବଶ୍ୟକ। ଟ୍ରମ୍ପ ଉଭୟ ଭାରତ ଏବଂ ଚୀନ ଉପରେ ଟାରିଫ ବୃଦ୍ଧି କରିବା ପରେ ଉଭୟ ଦେଶ ପରସ୍ପରର ନିକଟତର ହେବାକୁ ସୁଯୋଗ ସୃଷ୍ଟି ହୋଇଛି। ଶତ୍ରୁର ଶତ୍ରୁ ମିତ୍ର। ତେଣୁ ଏବେ ଆମେରିକା ବିରୋଧରେ ଭାରତ ଓ ଚୀନ ଏକାଠି ହୋଇପାରନ୍ତି। ଚୀନ ବୈଦେଶିକ ମନ୍ତ୍ରୀ ଏଥିଲାଗି ଭାରତକୁ ଆହ୍ୱାନ କରି କହିଛନ୍ତି ଯେ, ଏବେ ଡ୍ରାଗନ ଏବଂ ଏଲିଫ୍ୟାଣ୍ଟ ଏକାଠି ନାଚିବାର ସୁଯୋଗ ସୃଷ୍ଟି ହୋଇଛି। ଦୁଇ ଦେଶ ମଧ୍ୟରେ ଅନେକ ବର୍ଷ ହେବ ସୀମା ବିବାଦ ଲାଗି ରହିଛି। ଇତିମଧ୍ୟରେ ମୋଦି ଏବଂ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ଦ୍ୱାରା ବିବାଦର ସାମୟିକ ସମାଧାନ ହୋଇଛି। ସୀମାରେ ଉତ୍ତେଜନା ହ୍ରାସ ପାଇଛି। ଚୀନର ବୈଦେଶିକ ମନ୍ତ୍ରୀ ଯାହା କହିଛନ୍ତି ତାହା ଯଥାର୍ଥ। ସୀମା ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରହିବ। ଏହାକୁ ପଛରେ ପକାଇ ବିଶ୍ୱର ଏହି ଦୁଇ ମହାନ ପୁରାତନ ସଭ୍ୟତା ସମ୍ପନ୍ନ ରାଷ୍ଟ୍ର ଉଭୟଙ୍କ ବୃହତ୍ତମ ସ୍ୱାର୍ଥ ନିମନ୍ତେ ଏକାଠି ହେବା ଉଚିତ ବୋଲି ସେ କହିଛନ୍ତି।

ଏବେ ଭାରତ ସରକାର ଗୁରୁତ୍ୱର ସହ ଏ ସମ୍ପର୍କରେ ଚିନ୍ତା କରିବା ଉଚିତ। ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଦାୟିତ୍ୱଗ୍ରହଣ କରିବା ପରେ ବିଶ୍ୱ ଅର୍ଥନୀତି, କୂଟନୀତିରେ ବଡ଼ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଟ୍ରମ୍ପଙ୍କ ଏକଚାଟିଆ କାରବାର ଆଗରେ ସାରା ବିଶ୍ୱ ହତଚକିତ ହୋଇଛି। ଜଣେ ବିଶ୍ୱନେତା ଭାବେ ନୁହେଁ, ଜଣେ ଅହଂକାରୀ, ଏକଛତ୍ରବାଦୀ ଶାସକ ଏବଂ ବେପାରୀ ଭଳି ସେ ଆଚରଣ ପ୍ରଦର୍ଶନ କରୁଛନ୍ତି। ତାଙ୍କର ଆମେରିକା ପ୍ରଥମେ ନୀତି ସାରା ବିଶ୍ୱପାଇଁ ମହଙ୍ଗା ପଡ଼ୁଛି। ଆମେରିକା ରାଷ୍ଟ୍ରପତି ଭାବେ ନିଜ ଦେଶର ସ୍ୱାର୍ଥ ରକ୍ଷା ଦାୟିତ୍ୱ ତାଙ୍କର। ସେଥିରେ କାହାର କିଛି ଆପତ୍ତି ନାହିଁ। ଏହା ତାଙ୍କର ଦାୟିତ୍ୱ



ଏବଂ ନିଜସ୍ୱ ଅଧିକାର। କିନ୍ତୁ ଅନ୍ୟକୁ ଆଘାତ ଦେବାର ଅଧିକାର ତାଙ୍କର ନାହିଁ। ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ଟ୍ରମ୍ପ ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଦସ୍ୟତାକୁ ବାତିଲ କରିବା ନିମନ୍ତେ ଦୁଇଟି ନିଷ୍ପତ୍ତି ନେଲେ। ଏବେ ଆମେରିକା ଜାତିସଂଘ. ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ଆମେରିକା ଓହରିଯିବାକୁ ଚିନ୍ତା କରୁଥିବା ସଙ୍କେତ ମିଳିଛି। ଟ୍ରମ୍ପଙ୍କ ପ୍ରମୁଖ ପରାମର୍ଶଦାତା ଭାବେ ପରିଚିତ ଏଲନ ମସ୍କ ଏବଂ ଅନ୍ୟ କେତେକ ବେପାରୀ ତାଙ୍କୁ ଏଭଳି ଦୁର୍ବୁଦ୍ଧି ଦେଉଛନ୍ତି। ଈଶ୍ୱର କରନ୍ତୁ ଟ୍ରମ୍ପଙ୍କ ସଦବୁଦ୍ଧି ଉଦୟ ହେଉ ଏବଂ ସେ ଏଭଳି ଅପ୍ରୀତିକର ନିଷ୍ପତ୍ତିରୁ ଓହରି ଯାଆନ୍ତୁ। ଟ୍ରମ୍ପ କ୍ଷମତାସୀନ ହେବା ପରେ ଆମେରିକା ସହ ଏହାର ବନ୍ଧୁ ରାଷ୍ଟ୍ର୍ରମାନଙ୍କ ସମ୍ପର୍କ ତିକ୍ତ ହୋଇଛି। ଏବେ ଆମେରିକା ନାଟୋରୁ ଓହରିଯିବାକୁ ଚିନ୍ତା କରୁଛି। ଆମେରିକାର ବନ୍ଧୁ ରାଷ୍ଟ୍ର ଇଂଲଣ୍ଡ, ଫ୍ରାନ୍ସ ଆଦି ରାଷ୍ଟ୍ରଙ୍କ ପ୍ରତି ଟ୍ରମ୍ପଙ୍କ ବ୍ୟବହାର, କଟୁକ୍ତି ଏବଂ ଛଳନାତ୍ମକ ଆଚରଣ ଅସହ୍ୟ ଏବଂ ଏହାକୁ ଅପ୍ରତ୍ୟାଶିତ ବୋଲି କୁହାଯାଇପାରେ। ଦୀର୍ଘ ବର୍ଷ ହେବ ଆମେରିକା ଯେଉଁ ରାସ୍ତାରେ ଯାଉଥିଲା, ବିଶ୍ୱ ନେତାଭାବେ ଦାୟିତ୍ୱ ବହନ କରି ଆସୁଥିଲା, ତାହା ଏବେ ବ୍ୟାହତ ହେବ। ଏଥିରେ ଆମେରିକାର ନେତୃତ୍ୱକୁ କିଏ କାହିଁକି ଗ୍ରହଣ କରିବ? ଆମେରିକା ବି୍ବର ସବୁଠାରୁ ଧନଶାଳି ଏବଂ ଶକ୍ତିଶାଳି ରାଷ୍ଟ୍ର ହୋଇପାରେ। କିନ୍ତୁ ବିଶ୍ୱର ଅନ୍ୟ ଦେଶମାନଙ୍କୁ ଉପେକ୍ଷା କରି, ସେମାନଙ୍କୁ ଅଣଦେଖା କରି ଆମେରିକା ନିଜର ପ୍ରଭୁତ୍ୱ ସାବ୍ୟସ୍ତ କରିପାରିବ ନାହିଁ। ଟ୍ରମ୍ପ ଇତିମଧ୍ୟରେ ବିଭିନ୍ନ ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଟାରିଫ ବୃଦ୍ଧି କରିଛନ୍ତି। ସବୁଠାରୁ ଅଧିକ ଟାରିପ ବଢ଼ିଛି ଚୀନରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ। ଭାରତ ମଧ୍ୟ ଏଥିରେ ପ୍ରଭାବିତ ହେବାକୁ ଯାଉଛି। ଟ୍ରମ୍ପଙ୍କ ବ୍ଲାକମେଲିଂ ଆଗରେ ଅନେକ ମୁଣ୍ଡ ନୁଆଁଇବାକୁ ବାଧ ହୋଇପାରନ୍ତି। କିନ୍ତୁ ତାହା ଦୀର୍ଘସ୍ଥାୟୀ ହେବ ନାହିଁ। ଏମିତି ସମୟ ଆସିବ ଆମେରିକା ବିଶ୍ୱରେ ଏକଘରିକିଆ ହୋଇଯିବ। ଟ୍ରମ୍ପ ଗୋଟିଏ ପଟେ ଚୀନ ସହ ଶତ୍ରୁତା କରୁଥିବା ବେଳେ ରଷିଆ ସହ ହାତ ମିଳାଇଛନ୍ତି। ୟୁକ୍ରେନ ଉପରେ ରଷିଆ ଆକ୍ରମଣକୁ ତିନି ବର୍ଷ ତଳେ ଆମେରିକା ନିନ୍ଦା କରୁଥିଲା ଏବଂ ୟୁକ୍ରେନକୁ ସାମରିକ ତଥା ଆର୍ôଥିକ ସହାୟତା ପ୍ରଦାନ କରୁଥିଲା। ଏବେ ଟ୍ରମ୍ପ ପୁଟିନଙ୍କ ସହ ହାତ ମିଳାଇ ୟୁକ୍ରେନ ପ୍ରତି କ୍ରୁର ଆଚରଣ ପ୍ରଦର୍ଶନ କରୁଛନ୍ତି। ରଷିଆ ନିକଟରେ ଆତ୍ମସମର୍ପଣ କରିବାକୁ ସେ ୟୁକ୍ରେନକୁ ବାଧ କରୁଛନ୍ତି। ଏହା ସହିତ ୟୁକ୍ରେନକୁ ସମସ୍ତ ପ୍ରକାର ସାମରିକ ସହାୟତାକୁ ଟ୍ରମ୍ପ ବନ୍ଦ କରି ଦେଇଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ, ତାଙ୍କ ସହାସହକୁ ପ୍ରଶଂସା କରିବାକୁ ପଡ଼ିବ। ସେ ଟ୍ରମ୍ପଙ୍କ ନାଲି ଆଖିକୁ ଖାତିର ନକରି ଆମେରିକା ଛାଡ଼ି ଚାଲିଆସିଲେ। ନିଜ ଘରକୁ ଆସିଥିବା ଜଣେ ଅତିଥୀଙ୍କ ପ୍ରତି ଟ୍ରମ୍ପ ଯେପରି ଆଚରଣ ପ୍ରଦର୍ଶନ କଲେ ତାହା ଅତି ଅସଭ୍ୟ ଏବଂ ଅଭଦ୍ରୋଚିତ। ଏହାକୁ ଯେତେ ନିନ୍ଦା କଲେ ବି କମ ହେବ। ଏବେ ଆମେରିକାର ବିଶ୍ୱସନୀୟତା ହ୍ରାସ ପାଉଛି। ଏହାର ସୁଯୋଗ ନେବ ଚୀନ। ଆମେରିକାକୁ ପଛରେ ପକାଇ ଚୀନ ବିଶ୍ୱ ନେତା ହେବାକୁ ବେଶୀ ଡେରି ଲାଗିବ ନାହିଁ। ଟ୍ରମ୍ପ ମନେ ରଖିବା ଉଚିତ ଯେ ସେ ସବୁଦିନ କ୍ଷମତାରେ ରହିବେ ନାହିଁ। କିନ୍ତୁ ସେ ନିଜ ଦେଶର ଯେଉଁ କ୍ଷତିସାଧନ କରି ଚାଲିଯିବେ, ତାହା ଭବିଷ୍ୟତରେ ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ଟ୍ରମ୍ପଙ୍କ ଭୁଲ ନିଷ୍ପତ୍ତି ପାଇଁ ଆଜି ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାହାର ପ୍ରଭାବ ଏକ ମହାଯୁଦ୍ଧର ପ୍ରଭାବ ସହ ସାମନ। ଅନେକ ବର୍ଷ ପର୍ଯ୍ୟନ୍ତ ଏହା ବଜାୟ ରହିବ। ଯଦି ଟ୍ରମ୍ପଙ୍କ ସଦବୁଦ୍ଧି ଉଦୟ ହେବ ଏବଂ ସେ ନିଜ ନିଷ୍ପତ୍ତିର ପୁନର୍ବିଚାର କରି ଟାରିଫ ପ୍ରତ୍ୟାହାର କରିବେ ତେବେ ସ୍ଥିତି ଶୀଘ୍ର ସ୍ୱାଭାବିକ ହୋଇଛି। ଟ୍ରମ୍ପ ଯାହା ପଦକ୍ଷେପ ନେଇଛନ୍ତି ତାହା ବିଶ୍ୱ ବାଣିଜ୍ୟ ଚୁକ୍ତିର ଖିଲାପ କରୁଛି। ତେଣୁ ଆମେରିକା ବିରୋଧରେ ବିଶ୍ୱର ସବୁ ପ୍ରମୁଖ ରାଷ୍ଟ୍ର ଏକାଠି ହୋଇ ଏହାକୁ ବୟକଟ କରିବା ଉଚିତ। ତେବେ ବର୍ତ୍ତମାନ ପରିସ୍ଥିତିରେ ଆତ୍ମନିର୍ଭରଶୀଳତାର ମୂଲ୍ୟ ଲୋକେ ବୁଝୁଛନ୍ତି।

# ପବିତ୍ର ଶ୍ରାବଣ ମାସ ଓ ପ୍ରଥମ ସୋମବାର



**ଡଃ. ଅମୂଲ୍ୟ କୁମାର ପଣ୍ଡା**



ପବିତ୍ର ଶ୍ରାବଣ ମାସ, ଦେବ ଦେବ ମହାଦେବଙ୍କର ଅତୀବ ପ୍ରିୟ ମାସ । ଶ୍ରବଣା ନକ୍ଷତ୍ର ଯୁକ୍ତ ପୂର୍ଣ୍ଣିମା ପଡ଼ୁଥିବା ଚନ୍ଦ୍ର ମାସକୁ ଶ୍ରାବଣ ମାସ ତଥା ଶିରାବଣ ଓ ଶାବଣ ନାମରେ ମଧ କୁହାଯାଏ । ଏହାର ପୂର୍ବବର୍ତ୍ତୀ ମାସ ଆଷାଢ଼ ଓ ପରବର୍ତ୍ତୀ ମାସ ଭାଦ୍ରବ । ଏହି ମାସ ଓ ଏହାର ପୂର୍ବବର୍ତ୍ତୀ ମାସ ବର୍ଷା ଋତୁ । ଏହି ମାସରେ ଚିତାଲାଗି ଅମାବାସ୍ୟା ବା ଚିତଉ ଅମାବାସ୍ୟା, ନାଗ ପଞ୍ଚମୀ ତଥା ମନସା ପଞ୍ଚମୀ, ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଝୁଲଣ ଯାତ୍ରା ଓ ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣମୀ ତଥା ବଳଭଦ୍ର ଜନ୍ମ ଦିନ ପଡେ। ତେବେ ଏହି ମାସରେ ମୁଖ୍ୟ ପବିତ୍ର ବୋଲବମ ଯାତ୍ରା ହୋଇଥାଏ, ମାସସାରା ଅର୍ଥାତ୍ ପ୍ରତ୍ୟେକ ସୋମବାର ବୋଲବମ ଯାତ୍ରୀ ଦୂର ଦୂର ଶୈବ ପୀଠକୁ ଜଳ ଭାର ଧରି ଚାଲି ଚାଲି ଯାଇଁ ଶିବ ମନ୍ଦିରରେ ଶିବ ଲିଙ୍ଗରେ ଜଳାଭିଷେକ କରନ୍ତି । ଏହି ସମୟରେ ଡମ୍ବରୁଧାରୀ ଶିବ ହୋଇ ଉଠନ୍ତି ଅତୀବ ମନୋହାରି ଏବଂ କାରୁଣିକ ତଥା ବୋଲ୍ ବମ୍ ଭକ୍ତଙ୍କ ଗହଳିରେ ଶୈବ ପୀଠ ଗୁଡିକ ହୋଇଉଠେ ଶିବମୟ ଏବଂ ଆନନ୍ଦମୟ। କରୁଣାମୟ ଶିବଙ୍କ ଆଶୀର୍ବାଦ ପାଇବା ପାଇଁ ଶିବଭକ୍ତ ହୋଇଉଠେ ତତ୍ପର।

କିମ୍ବଦନ୍ତୀ ତଥା ପୌରାଣିକ କଥା ବସ୍ତୁ ଅନୁସାରେ ଦେବତା ଓ ଅସୁର ମାନଙ୍କଦ୍ୱାରା କରାଯାଇଥିବା ସମୁଦ୍ରମନ୍ଥନ ଯୋଗୁଁ , ଶ୍ରାବଣ ମାସ ଅମାବାସ୍ୟା ଦିନ ସମୁଦ୍ରରୁ ଅମୃତ ଓ ବିଷ ପ୍ରାପ୍ତ ହୋଇଥିଲା। ଦେବତା ମାନଙ୍କ ଅନୁରୋଧ କ୍ରମେ ମହାଦେବ ସେହି ହଳାହଳ ବିଷ ପାନ କରିଥିଲେ। ବିଷର ଉତ୍କଟ ଜ୍ୱାଳାରେ ତାଙ୍କ କଣ୍ଠ ନୀଳବର୍ଣ୍ଣ ହୋଇଯାଇଥିଲା। ସେ ପାଲଟି ଯାଇଥିଲେ ନୀଳକଣ୍ଠ। ବିଷପାନ ଯନ୍ତ୍ରଣାକୁ ଲାଘବ କରିବା ପାଇଁ ଦେବତାଗଣ ମହାଦେବଙ୍କ ମସ୍ତକରେ ସୁବାସିତ ଜଳ ଢାଳିଥିଲେ। ଏହାକୁ ମନେପକାଇବା ପାଇଁ ପ୍ରତିବର୍ଷ ଶ୍ରାବଣ ମାସରେ ନୀଳକଣ୍ଠଙ୍କ ଜଳଲାଗି ଉତ୍ସବ ପାଳନ କରାଯାଏ ବୋଲି ବିଶ୍ୱାସ ରହିଛି। ଶ୍ରାବଣ ମାସ ଭଗବାନ ଶିବଙ୍କର ଅତି ପ୍ରିୟ। ଏହି ମାସରେ କାଉଡ଼ିଆ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରା ଶହ ଶହ ବର୍ଷ ଧରି ଚାଲି ଆସୁଛି।ଯାତ୍ରାର ଆରମ୍ଭ କେବେ ଓ କିଏ କରିଥିଲେ ସେ ନେଇ ପୁରାଣରେ ଅନେକ ବର୍ଣ୍ଣନା ରହିଛି। ସର୍ବପ୍ରଥମ କାଉଡିଆ ଭାବେ କେତେକ ଭଗବାନ ଶ୍ରୀରାମଙ୍କୁ କହିଥାନ୍ତି। ଶ୍ରୀରାମ ସୁଲତା ନଦୀରୁ ଜଳ ଉଠାଇ ବାବାଧାମରେ ଥିବା ଶିବଲିଙ୍ଗରେ ଜଳାଭିଷେକ କରିଥିଲେ ବୋଲି ପୁରାଣରେ ବର୍ଣ୍ଣନା ରହିଛି। ଭଗବାନ ଶିବଙ୍କ ପରମଭକ୍ତ ପର୍ଶୁରାମ ସର୍ବପ୍ରଥମେ ଏହି ଯାତ୍ରା ଆରମ୍ଭ କରିଥିଲେ ବୋଲି କେତେକ କହିଥାନ୍ତି। ସେହିପରି ଶ୍ରବଣ କୁମାର ଏହି ପରମ୍ପରା ଆରମ୍ଭ କରିଥିଲେ ବୋଲି ମଧ କିଛି ଲୋକେ ମତ ଦିଅନ୍ତି। ଶ୍ରବଣ କୁମାର ହରିଦ୍ୱାରରେ ନିଜ ଦୃଷ୍ଟିହୀନ ମାତାପିତାଙ୍କ ଗଙ୍ଗାସ୍ନାନ କରିବାର ଇଚ୍ଛା ପୂରଣ କରିବା ପାଇଁ ସେମାନଙ୍କୁ ଭାରରେ ବୋହିଥିଲେ। ହରିଦ୍ୱାରରେ ମାତାପିତାଙ୍କୁ ଗଙ୍ଗାସ୍ନାନ କରାଇଥିଲେ।

ପ୍ରତିବର୍ଷ ଏହି ସମୟରେ ହେଉଥିବା କାଉଡିଆ ଯାତ୍ରା ଅତୀବ ମନୋରମ ତଥା ଆଧାତ୍ମିକ। ଶ୍ରାବଣ ବର୍ଷାରେ ଭିଜା ଶରୀରରେ କାଉଡିଆ ମାନେ ଗାଇଥାନ୍ତି ଶିବ ବନ୍ଦନା, "ବୋଲ୍ ବମ୍" ଧ୍ୱନି ଦେଇ ଗତି କରନ୍ତି ଶିବ ଦର୍ଶନ ଅଭିମୁଖେ। ଶ୍ରାବଣ ମାସରେ ଶିବ ପୂଜା ପ୍ରାଚୀନ, କେଉଁ ଅନାଦି କାଳରୁ ଚାଲି ଆସୁଛି ଏହି ମହାନ ପରମ୍ପରା। ଭକ୍ତମାନେ ଏକ କାଳ ଭୋଜନ କରନ୍ତି, ସନ୍ଧ୍ୟାରେ ପ୍ରସାଦ ଗ୍ରହଣ କରନ୍ତି। ଶ୍ରାବଣ ମାସରେ ଶିବ ପୁଜା କରିବା ଦ୍ୱାରା ମନୋବାଞ୍ଛିତ ଫଳ ପ୍ରାପ୍ତି ଘଟେ ବୋଲି ବିଶ୍ୱାସ ରହିଛି। ଓଡିଶା ବା ଉତ୍କଳ/କଳିଙ୍ଗ ଅତି ପ୍ରାଚୀନ କାଳରୁ ଶୈବ ପୂଜାର ଏକ ପୀଠସ୍ଥଳି ରୁପେ ପରିଗଣିତ। ଓଡିଶାର ପ୍ରମୁଖ ଶୈବ ପୀଠସ୍ଥଳି ଗୁଡିକ ହେଉଛି - ଲିଙ୍ଗରାଜ ମନ୍ଦିର (ଭୁବନେଶ୍ୱର), ଆଖଣ୍ଡଳମଣି ମନ୍ଦିର (ଆରଡି), ଲୋକନାଥ ମନ୍ଦିର (ପୁରୀ), ଗୁପ୍ତେଶ୍ୱର (କୋରାପୁଟ, ରାମଗିରି) ଇତ୍ୟାଦି। ମହାଦେବଙ୍କ ମସ୍ତକରେ ସୁଶୀତଳ ଶ୍ରାବଣ ଜଳ ଲାଗି ପାଇଁ ବିଭିନ୍ନ ଶୈବପୀଠକୁ ଛୁଟେ ଭକ୍ତଙ୍କ ସୁଅ। ଧର୍ମଶାସ୍ତ୍ର ମତରେ "ନମସ୍କାରେ ପ୍ରିୟ ଭାନୁ, ଜଳାଧାରେ ପ୍ରିୟ ଶିବ"। ତେଣୁ ଅନ୍ୟାନ୍ୟ ପୂଜାର୍ଚ୍ଚନା କରିବା ବଦଳରେ ଶିବଙ୍କ ମସ୍ତକରେ ଜଳାଭିଷେକରେ ସେ ତୃପ୍ତ ହୁଅନ୍ତି। ଶିବଙ୍କ ମସ୍ତକର ଜଳଲାଗି କରାଯିବାର ପ୍ରଥା ବୈଦିକ ଯୁଗରୁ ହିଁ ପ୍ରଚଳିତ। ଶିବପୂଜା ବିଧିରେ ରୁଦ୍ରଦେବଙ୍କ ଅଭିଷେକ ପାଇଁ ସ୍ୱତନ୍ତ୍ର ମନ୍ତ୍ର ରହିଥିବା ପରିଦୃଷ୍ଟ ହୁଏ। ଦେବ ଦେବ ମହାଦେବଙ୍କ ମସ୍ତକରେ ଜଳାଭିଷେକ କରିବା ଲାଗି ନିର୍ଦ୍ଧିଷ୍ଟ ନିୟମ ରହିଛି । ଏଗୁଡିକୁ ପାଳନ କରିବା ଅତ୍ୟନ୍ତ ଆବଶ୍ୟକ। ଶଙ୍କର ଭଗବାନଙ୍କର ଅର୍ଚ୍ଚନା ପାଇଁ ଏହା ପୂର୍ବରୁ ପ୍ରଥମେ ମନ୍ତ୍ର ବା ଜଳସ୍ନାନ କରି ଶୁଦ୍ଧ ବସ୍ତ୍ର ପିନ୍ଧିବାକୁ ହୋଇଥାଏ। ଆର୍ଦ୍ର ବସନରେ ଶିବ ପୂଜନ ଶାସ୍ତ୍ର ନିଷିଦ୍ଧ । କାୟା ଓ ବସ୍ତ୍ରକୁ ପବିତ୍ର କରି ନୂତନ ଯଜ୍ଞୋପବୀତ ଧାରଣପୂର୍ବକ ପ୍ରଥମେ ଦ୍ୱାରପାଳଙ୍କୁ ପୂଜା କରିବାକୁ ହୁଏ । ରୁଦ୍ରଙ୍କ ଅଭିଷେକ ଲାଗି ଗାଈ କ୍ଷୀର, ଶୁଦ୍ଧ ସୁବାସିତ ଜଳ ଓ ପଇଡ ପାଣି ଆବଶ୍ୟକ ହୁଏ । ଦୂଷୀତ ଜଳରେ ରୁଦ୍ର ଅଭିଷେକ କରିବା ଉଚିତ ନୁହେଁ । ରୁଦ୍ରାଭିଷେକ ପଦ୍ଧତି ଅନୁଯାୟୀ ଶିବଙ୍କ ମସ୍ତକରେ ଷଡ ଅଙ୍ଗୁଳ ଉଚ୍ଚତାରୁ ଜଳ ଲାଗି ବିଧେୟ ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ: ୯୯୩୮୯୦୬୦୭୦**

# ପ୍ରାଥମିକ ଶିକ୍ଷାର ଦୁର୍ବଳ ମୂଳଦୁଆ

**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**



ନିକଟରେ ପ୍ରକାଶିତ ଦୁଇଟି ସର୍ଭେ ରିପୋର୍ଟ ଦେଶର ସାକ୍ଷରିତା ତଥା ଲେଖିବା, ପଢ଼ିବା ଏବଂ ଗଣିତ ସ୍ତରରେ ଦେଶର ମୂଳଦୁଆ ଦୟନୀୟ ସ୍ଥିତିକୁ ପ୍ରଦର୍ଶିତ କରିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ ଏବଂ ୟୁନୋସ୍କୋର ସଷ୍ଟେନବୁଲ ଡେଭଲମେଣ୍ଟ ଗୋଲସ-୪(ଏସଡିଜି-୪) ନିକଟରେ ଦେଶରେ ବିଭିନ୍ନ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କରି ଏହି ରିପୋର୍ଟ ପ୍ରକାଶ କରିଛନ୍ତି। ଦେଶର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୭୪, ୨୨୯ଟି ସରକାରୀ ଓ ଘରୋଇ ବିଦ୍ୟାଳୟର ତୃତୀୟ, ଷଷ୍ଠ ଏବଂ ନବମ ଶ୍ରେଣୀର ମୋଟ ୨୧ଲକ୍ଷ, ୧୫ ହଜାର ୦୨୨ଜଣ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କରି ରିପୋର୍ଟ ପ୍ରକାଶ କରିଥିବା ବେଳେ ଏହି ତିନୋଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ତୃତୀୟ ଶ୍ରେଣୀର ପିଲାମାନେ ତୁଳନାତ୍ମକ ଭାବେ ଉତମଫଳ ପ୍ରଦର୍ଶନ କରିଥିବା ଉଲ୍ଲେଖ କରିଛି। ସେମାନଙ୍କ ମଧ୍ୟରୁ କେବଳ ୫୫ପ୍ରତିଶତ ଛାତ୍ରଛାତ୍ରୀ ୧୦ରୁ ୯୯ପର୍ଯ୍ୟନ୍ତ ସଂଖ୍ୟାଗୁଡିକୁ ଉଭୟ ଉପରମୁଖୀ ଓ ନିମ୍ନମୁହାଁ ସଜାଇ ପାରୁଥିବା ବେଳେ ୫୮ପ୍ରତିଶତ ଛାତ୍ରଛାତ୍ରୀ ଦୁଇଅଙ୍କ ବିଶିଷ୍ଟ ମିଶନ ଓ ଫେଡାଣ କରିବାରେ ସକ୍ଷମ ହୋଇଛନ୍ତି। ମାତ୍ର ଷଷ୍ଠ ଶ୍ରେଣୀରେ ଏହି ହାର ହ୍ରାସ ପାଇଛି। ଷଷ୍ଠ ଶ୍ରେଣୀରେ ୫୪ ପ୍ରତିଶତ ଛାତ୍ରଛାତ୍ରୀ ପୂର୍ଣ୍ଣସଂଖ୍ୟା ବା ଅଭଗ୍ନ ରାଶିର ତୁଳନା ଏବଂ ବଡବଡ ସଂଖ୍ୟା ପଢ଼ିପାରୁନଥିବା ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ ସଂସ୍ଥାର ରିପୋର୍ଟରେ କୁହାଯାଇଛି। ସେହିପରି ୨୦୨୫-ୟୁନୋସ୍କୋର ଏସଡିଜି-୪ ରିପୋର୍ଟରେ ଭାରତର ହାରାହାରି ପ୍ରାଥମିକ ଓ ନିମ୍ନ ମାଧମିକ ଶିକ୍ଷା ସମ୍ପାଦନ ଦକ୍ଷିଣ ଏସୀୟ ଅଞ୍ଚଳ ତୁଳନାରେ ଉତମ ରହିଛି। ଏପରିକି ଦକ୍ଷିଣ ଏସୀୟ ଅଞ୍ଚଳର ଉଚ୍ଚ ଆୟକାରୀ ରାଷ୍ଟ୍ରଗୁଡିକରେ ପ୍ରାଥମିକ ଓ ନିମ୍ନ ମାଧମିକ ଶିକ୍ଷା ସାର୍ବଜନୀନ ହୋଇଥିବା ସତ୍ୱେ ଭାରତର ସ୍ଥିତି ଉତମ ରହିଥିବା କୁହାଯାଇଛି। କିନ୍ତୁ ଦେଶରେ ଷଷ୍ଠ ଶ୍ରେଣୀର ୪୩ ପ୍ରତିଶତ ଛାତ୍ରଛାତ୍ରୀ ପାଠ୍ୟପୁସ୍ତକର ମୁଖ୍ୟ ସାରାଂଶକୁ ବୁଝିପାରିନାହାଁନ୍ତି କିମ୍ବା ସମାଧାନ କରିବାରେ ଅକ୍ଷମ ହୋଇଛନ୍ତି। ସେହିପରି ଦେଶରେ ୫୧ ପ୍ରତିଶତ ଛାତ୍ରଛାତ୍ରୀ ପଞ୍ଚାୟତରାଜ କଣ ବୁଝିପାରିନଥିବାବେଳେ ନଦୀ, ପର୍ବତମାଳା ଚିହ୍ନଟ କରିବାରେ ସକ୍ଷମ ନାହାଁନ୍ତି। ସେହିପରି ଏସଡିଜି-୪ ରିପୋର୍ଟ ଆହୁରି ଦର୍ଶାଇଛି ଯେ, ଭାରତର ଉଚ୍ଚମାଧମିକ ଓ ତୃତୀୟସ୍ତରୀୟ ଶିକ୍ଷା ମଧ ଉଦ୍‌ବେଗଜନକ ଭାବେ କକ୍ଷ୍ୟଚ୍ୟୁତ ହୋଇଛି। ୧୫ରୁ ୧୭ବର୍ଷ ବର୍ଗରେ ୨୧ ପ୍ରତିଶତ ଛାତ୍ରଛାତ୍ରୀ ବିଦ୍ୟାଳୟବାହାରେ ରହିଛନ୍ତି। ଦେଶରେ ମାଧମିକ ଶିକ୍ଷାସ୍ତରରେ ଡ୍ରପ୍ ଆଉଟ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଶିକ୍ଷାର ସ୍ଥିତି ଏବେ ଦୟନୀୟ ରହିଛି ଯେ, ନବମ ଶ୍ରେଣୀର ୬୩ପ୍ରତିଶତ ପିଲା ହରଣ କିମ୍ବା ଗୁଣନ ବୁଝିପାରୁନଥିବାବେଳେ ସରଳ ସଂଖ୍ୟାଗୁଡିକୁ ଚିହ୍ନଟ କରିପାରୁନାହାଁନ୍ତି। ଆହୁରି ମଧ ସେମାନେ ୭ର ବର୍ଗ କିମ୍ବା ତୃତୀୟ ବର୍ଗ କେତେ ଜାଣନ୍ତି ନାହିଁ। ସେହିପରି ୬୦ପ୍ରତିଶତ ପିଲା ଯେକୌଣସି ବିଷୟରେ ବେଞ୍ଚମାର୍କ ଅତିକ୍ରମ କରିବାରେ ବିଫଳ ଥିବା କୁହାଯାଇଛି। ମୋଟାମୋଟି ଭାବେ ଏହି ତିନି ଶ୍ରେଣୀ ତଥା ତୃତୀୟ, ଷଷ୍ଠ ଏବଂ ନବମରେ ପିଲାମାନେ ସମ୍ପୂର୍ଣ୍ଣ ଦୁର୍ବଳ ଥିବା ରିପୋର୍ଟ କହେ। ତେବେ ସହରାଚଂଳରେ ଷଷ୍ଠ ଓ ନବମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଗ୍ରାମାଚଂଳ ପିଲାଙ୍କ ତୁଳନାରେ ଉତମ ଫଳ ପ୍ରଦର୍ଶନ କରିଛନ୍ତି। କିନ୍ତୁ ଗ୍ରାମାଚଂଳରେ ତୃତୀୟ ଶ୍ରେଣୀର ପିଲାମେନେ ଉଭୟ। ସାହିତ୍ୟ ଓ ଗଣିତରେ ଉତମ ସ୍ଥିତିରେ ଅଛନ୍ତି। ଏସଡିଜି-୪ ରିପୋର୍ଟରେ ଆହୁରି ଭାରତ ଏବେ ଲିଙ୍ଗଗତ ସମାନତା ଆଡକୁ ଅଗ୍ରସର ହେଉଛି। କିନ୍ତୁ ଲିଙ୍ଗଗତ ପାର୍ଥକ୍ୟ ନେଇ ଭାରତୀୟ ସର୍ଭେ ଏବେ ବି ଅସୁଖୀ ରହିଛି। ରିପୋର୍ଟରେ ଏସଡିଜି-୪ ଯେଉଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଦର୍ଶାଇଛି, ତାହା ହେଉଛି ଭାରତରେ ଶିକ୍ଷା ପାଣ୍ଠି ନିଅଟିଂଆ ସ୍ଥିତି। ଗତ ୨୦୨୩ରେ ଭାରତରେ ଶିକ୍ଷା ବ୍ୟୟ ଜିଡିପିର ୩.୧ ପ୍ରତିଶତ ଥିବାବେଳେ ଆଞ୍ଚଳିକ ସ୍ତରରେ ହାରାହାରି ବ୍ୟୟ ୩.୪ ପ୍ରତିଶତ ରହିଛି। କିନ୍ତୁ ଶିକ୍ଷା ପାଣ୍ଠି ଜିଜିପିରୁ ୪ ପ୍ରତିଶତ ଏସଡିଜି ଧାର୍ଯ୍ୟ କରିଛି। କିନ୍ତୁ ସୁଖର କଥା ଜାତୀୟ ଶିକ୍ଷାନୀତି-୨୦୨୦ ଶିକ୍ଷା ବ୍ୟୟ ଜିଜିପିର ୬ପ୍ରତିଶତ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଉଚ୍ଚ ଆୟକାରୀ ରାଷ୍ଟ୍ରଗୁଡିକରେ ଶିକ୍ଷାବ୍ୟୟ ଏବେ ଜିଜିପିର ୪.୮ ପ୍ରତିଶତରୁ ୫.୫ ପ୍ରତିଶତ ରହିଛି। ଏବେ ଏହି ଦେଶଗୁଡିକ ସ୍କୁଲଶିକ୍ଷାରେ ବେଞ୍ଚମାର୍କ ନିକଟତର ବୋଲି ଏସଡିଜି-୪ ରିପୋର୍ଟ କହେ। ଭାରତରେ ଆଉ ଏକ ମୂଳଦୁଆଜନିତ ସମସ୍ୟା ହେଉଛି ପ୍ରାଥମିକ ଶିକ୍ଷା ସ୍ତରରେ ତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଘୋର ଅଭାବ। ଭାରତ ପ୍ରାଥମିକ ଓ ନିମ୍ନ ମାଧମିକ ସ୍ତରରେ ଶିକ୍ଷାକୁ ସାର୍ବଜନୀନ କରିଥିବା ସତ୍ୱେ ଦେଶରେ ସ୍କୁଲ ଶିକ୍ଷା ଦୁର୍ବଳ ସ୍ଥିତିରେ ରହିଛି। ଏହା ନିସନ୍ଦେହ ଯେ, ସ୍କୁଲ ଶିକ୍ଷାର ଦୁର୍ବଳତାକୁ ଚିହ୍ନଟ କରି ଭାରତ ଏହାର ସମାଧାନ କରିବା ଏକାନ୍ତ ଆବଶ୍ୟକ ବୋଲି ଏସଡିଜି-୪ ରିପୋର୍ଟ ପରାମର୍ଶ ଦେଇଛି।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# ସମସ୍ତଙ୍କ ପାଇଁ ବିକାଶ ଓ ସଂକଳ୍ପର ଯାତ୍ରା

**ହୃଷିକେଶ ପୁହାଣ**



ଗରିବ, ନିଷ୍ପେସିତଙ୍କ ଠାରୁ ଆରମ୍ଭ କରି ସମାଜର ସବୁଠୁ ଶେଷ ଧାଡ଼ିରେ ଥିବା ଅବହେଳିତ ଲୋକଙ୍କୁ ବିକାଶର ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଭାରତ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଫ୍ଲାଗସିପ କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏବଂ ଏସବୁ ଯୋଜନାର ସଫଳ ରୂପାୟନ ନିଶ୍ଚିତ କରାଇବା ସକାଶେ ଆରମ୍ଭ ହୋଇଛି ବିକଶିତ ଭାରତ ସଂକଳ୍ପ ଯାତ୍ରା।

ଭାରତ ସରକାର କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ରାଜ୍ୟ ଗୁଡ଼ିକର ସହଯୋଗରେ ବିଭିନ୍ନ ଫ୍ଲାଗସିପ ଯୋଜନାର ସଫଳ ରୂପାନ୍ତର ତଥା ଠିକଣା କାର୍ଯ୍ୟକାରିତା ପାଇଁ ଏବେ ମିଶନ ଧାରାରେ କାମ ଆରମ୍ଭ କରିଛନ୍ତି। ପରିମଳ ସୁବିଧା ଅତ୍ୟାବଶ୍ୟକ ଆର୍ଥିକ ସେବା, ଏଲପିଜି ସଂଯୋଗ ସୁବିଧା, ଗରିବଙ୍କ ପାଇଁ ଘର, ଖାଦ୍ୟ ନିରାପତ୍ତା, ଉପଯୁକ୍ତ ପୁଷ୍ଟି, ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟସେବା, ସ୍ୱଚ୍ଛ ପାନୀୟ ଜଳ, ଗୁଣାତ୍ମକ ଶିକ୍ଷା ଭଳି ଫ୍ଲାଗସିପ କାର୍ଯ୍ୟକ୍ରମ ଗରିବ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ। ସମସ୍ତ ଯୋଗ୍ୟ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହିତାଧିକାରୀଙ୍କ ନିକଟରେ ଏସବୁ ସେବା ଯେପରି ନିଶ୍ଚିତ ପହଞ୍ଚିପାରିବ ସେଥିପାଇଁ ମିଶନ ମୋଡ଼ରେ ଏହାକୁ କାର୍ଯ୍ୟକାରୀ କରାଯାଉଛି। ସମାଜର ତୃଣମୂଳସ୍ତରରେ ସବା ଶେଷ ଲୋକ ପାଖରେ ଯେପରି ଏସବୁ ମୌଳିକ ସେବା ପହଞ୍ଚିପାରିବ ସେଥିପାଇଁ ବିଭିନ୍ନ ଯୋଜନାର ଉପକାରିତା ଏବଂ ଏଥିରେ ଉପଲବ୍ଧ ସୁବିଧା ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଉଛି।

ବିକଶିତ ଭାରତ ସଂକଳ୍ପ ଯାତ୍ରାର ମୂଳ ଆଭିମୁଖ୍ୟ ହେଲା ଅପହଞ୍ଚଙ୍କ ନିକଟରେ ପହଞ୍ଚିବା। ଯେଉଁମାନେ ସରକାରଙ୍କ ବିଭିନ୍ନ ସ୍କିମରେ ଯୋଜନାର ସୁଫଳ ପାଇବାକୁ ହକଦାର ଏବଂ ଯୋଗ୍ୟ କିନ୍ତୁ ଏପର୍ଯ୍ୟନ୍ତ ପାଇପାରିନାହାନ୍ତି ସେମାନଙ୍କ ନିକଟରେ ପହଞ୍ଚିବା, ବିଭିନ୍ନ ଯୋଜନା ବାବଦରେ ସଚେତନତା ସୃଷ୍ଟି କରିବା ଏବଂ ସୂଚନା ପ୍ରଦାନ କରିବା ଏ କାର୍ଯ୍ୟକ୍ରମର ଲକ୍ଷ୍ୟ। ନାଗରିକ ବା ହିତାଧିକାରୀଙ୍କ ଠାରୁ ସେମାନଙ୍କ ବ୍ୟକ୍ତିଗତ ଅନୁଭୂତି ବା ପ୍ରତିକ୍ରିୟା ଜାଣିବା ଏବଂ ଆବଶ୍ୟକ ସ୍ଥଳେ ଯୋଗ୍ୟ ହିତାଧିକାରୀଙ୍କ ପଞ୍ଜୀକରଣ କରିବା ମଧ ଏହି ଯାତ୍ରାର ଉଦ୍ଦେଶ୍ୟ। ଜନଜାତୀୟ ଗୌରବ ଦିବସ ଅବସରରେ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଅଧିକ ଆଦିବାସୀ ଜନସଂଖ୍ୟା ଥିବା ଜିଲ୍ଲା ଗୁଡ଼ିକରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଭ୍ରାମ୍ୟମାଣ ଯାନ ଜରିଆରେ ଏ ବିଷୟରେ ଲୋକଙ୍କୁ ସଚେତନ କରାଯିବା ପ୍ରକ୍ରିୟା ଜାରି ରହିଛି। ଦେଶର ସବୁ ଜିଲ୍ଲାକୁ ଏହି ଯାତ୍ରା ମାଧମରେ ଜନସଚେତନତା ସୃଷ୍ଟି କରାଯିବାର ଲକ୍ଷ୍ୟ ରହିଛି।

ଓଡ଼ିଶାରେ ନଭେମ୍ବର ୧୫ ବିର୍ସାମୁଣ୍ଡା ଜୟନ୍ତୀରୁ ଆରମ୍ଭ ହୋଇଥିବା ବିକଶିତ ଭାରତ ସଂକଳ୍ପ ଯାତ୍ରା ଆଦିବାସୀ ଅଧ୍ୟୁଷିତ କୋରାପୁଟ, ମାଲାକାନାଗିରି, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ବେଶ ସଫଳ ହୋଇଛି। ବର୍ତ୍ତମାନ ଏଲଇଡ଼ି ୱାଇ, ପ୍ରଚାର ପତ୍ର,




ସେଲଫି ପଏଣ୍ଟ, ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ସଚିତ୍ର ସୂଚନା ଥିବା ୭୫ ଭ୍ରାମ୍ୟମାଣ ଯାନ ଓଡ଼ିଶାର ୩୦ ଜିଲ୍ଲାରେ ବୁଲି କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଉଛି। ଏହି ଅଭିଯାନରେ ଅତିରିକ୍ତ ୩୦ଯାନ ସାମିଲ କରାଯାଇ ମୋଟ ୧୦୫ଟି ଯାନରେ ରାଜ୍ୟର ୩୦ ଜିଲ୍ଲାର ୬୭୯୪ ଗ୍ରାମ ପଞ୍ଚାୟତକୁ ସଚେତନତା ଯାତ୍ରା କାର୍ଯ୍ୟକ୍ରମ ପହଞ୍ଚାଇବାର ଲକ୍ଷ୍ୟ ରହିଛି। ବିକଶିତ ଭାରତ ସଂକଳ୍ପ ଯାତ୍ରା ଅଭିଯାନରେ ପିଏମ ଉଜ୍ଜ୍ୱଳା, କୃଷି ବିଭାଗ, ପିଏମ ଜନଔଷଧି କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ବିଭାଗ, ଡାକ ଏବଂ ବ୍ୟାଙ୍କ ଆଦି ବିଭିନ୍ନ ସ୍କିମର ପ୍ରଚାର ଷ୍ଟଲକୁ ସାମିଲ କରାଯାଇଛି। ପିଏମ ଜନଔଷଧି କାର୍ଯ୍ୟକ୍ରମ ଅଧିନରେ ସାଧାରଣ ଲୋକମାନଙ୍କୁ ସ୍ୱଚ୍ଛ ମୂଲ୍ୟରେ ସିଲିଣ୍ଡର ସହ ଗ୍ୟାସ ସଂଯୋଗ ଏବଂ ଷ୍ଟୋଭ ଗୁଣାତ୍ମକ ଔଷଧ ଯୋଗାଇବାର ବ୍ୟବସ୍ଥା ହୋଇଛି। ହିତାଧିକାରୀ ଏହାର ସୁଯୋଗ ନେଇପାରୁଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସୁକନ୍ୟା ସମୃଦ୍ଧି ସ୍କିମ, ପିଏମ କିଷାନ ସମ୍ମାନ ନିଧି ଯୋଜନା, ପିଏମ ଉଜ୍ଜ୍ୱଳା, ହର ଘର ଜଳ, ପିଏମ ଆବାସ ଯୋଜନା, ଆତ୍ମନିର୍ଭର ଭାରତ ଆଦି ଯୋଜନାର ହିତାଧିକାରୀ ଏହି ଯାତ୍ରାକାଳରେ ସେମାନଙ୍କ ଅନୁଭୂତି ମଧ ବର୍ଣ୍ଣନା କରୁଛନ୍ତି। କୃଷି କ୍ଷେତ୍ରରେ ଅଧିକ ଉତ୍ପାଦନ ପାଇଁ କୃଷକଙ୍କୁ ତାଲିମ ପ୍ରଦାନ ଲାଗି ଗ୍ରାମ ପଞ୍ଚାୟତ ସ୍ତରରେ ଅଭିଯାନ କାଳରେ ଡ୍ରୋନ ଜ୍ଞାନକୌଶଳର ମଧ ପ୍ରଦର୍ଶନ କରାଯାଉଛି। ଏହା ବ୍ୟତୀତ କାର୍ଯ୍ୟକ୍ରମ ସ୍ଥଳରେ ଜାତୀୟ ଏକତା ଏବଂ ସଂହତି ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସ୍ଥାନୀୟ କଳାକାର ଏବଂ ଅନ୍ୟାନ୍ୟ ସାଂସ୍କୃତିକ ଦଳ ପକ୍ଷରୁ ସୂଚନାଧର୍ମୀ ତଥ୍ୟ ସମ୍ବଳିତ କାର୍ଯ୍ୟକ୍ରମ ପରିବେଷଣ ସହିତ ଜନସାଧାରଣଙ୍କୁ ସଚେତନ କରାଯାଉଛି। ହମାରା ସଂକଳ୍ପ ବିକଶିତ ଭାରତ ହେଉଛି ଏକ ଦେଶବ୍ୟାପୀ ଜନସଚେତନତା ଅଭିଯାନ ଯାହା ମାଧମରେ ସରକାରଙ୍କ ବିଭିନ୍ନ ସ୍କିମ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ସହିତ ଯୋଜନାକୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଜୀକୃତ କରିବା ଦେଶ ଏବଂ ବିଭିନ୍ନ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ, ନଗର ପଞ୍ଚାୟତ ଏବଂ ଅର୍ବାନ ଲୋକାଲ ବଡ଼ିରେ ଏହି ସଚେତନତାର ବାର୍ତ୍ତା ପ୍ରଚାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଶେଷ କରି ବିକଶିତ ଭାରତର ଭିଜନ ବା ଦୂରଦୃଷ୍ଟିକୁ ବାସ୍ତବ ରୂପାୟନ ଦେବା, ସମସ୍ତ ସ୍କିମର ଉପକାରିତା ଯେପରି ସବୁ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରିବ ସେ ବିଷୟ ସୁନିଶ୍ଚିତ କରାଇବା ନିମନ୍ତେ ଏହି ଅଭିଯାନରେ ବିଭିନ୍ନ ମନ୍ତ୍ରଳାୟ / ସରକାରୀ ବିଭାଗ, ରାଜ୍ୟ ସରକାର, କେନ୍ଦ୍ର ସରକାରୀ ସଂସ୍ଥା ସକ୍ରିୟ ଭାବେ ସାମିଲ ହୋଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଗାମୀ ୨୫ ବର୍ଷ ଭିତରେ ଭାରତକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ସାମିଲ ହେବା ଏବଂ ପରସ୍ପର ମଧ୍ୟରେ ସହଯୋଗ ଓ ସହାୟତାର ହାତ ବଢ଼ାଇବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ବିଶେଷକରି ଦେଶକୁ ୨୦୪୭ ମସିହା ସୁଦ୍ଧା ବିକଶିତ କରିବା ପାଇଁ ସମସ୍ତେ ନିଜର ସାଧ ଅନୁସାରେ ସହଯୋଗ କରିବା ଏବଂ ନିଜର ଦୂରଦୃଷ୍ଟି ଓ ସାମର୍ଥ୍ୟ ଦେଶ ହିତରେ ବିନିଯୋଗ କରିବାକୁ ବିକଶିତ ଭାରତ ସଂକଳ୍ପ ଯାତ୍ରା ଏକ ପ୍ରକୃଷ୍ଟ ମାଧମ ବୋଲି କହିଛନ୍ତି। ଏହି ଯାତ୍ରାକୁ ସଫଳ କରିବା କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

**ଥାଇଲୋ, ଅଲିକଣ୍ଟା, ବାଲିକୁଦା, ଜଗତସିଂହପୁର-୭୫୪୧୦୮**
**ମୋବାଇଲ୍: ୭୦୦୮୪୩୮୯୫୯**

# ରାଜ୍ୟସଭାକୁ ୪ ଜଣଙ୍କୁ ମନୋନୀତ କଲେ ରାଷ୍ଟ୍ରପତି



**ନୂଆଦିଲ୍ଲୀ,୧୩।୭:** ରାଜ୍ୟସଭା ପାଇଁ ୪ ଜଣ ବିଶିଷ୍ଟ ବ୍ୟକ୍ତି ମନୋନୀତ ହୋଇଛନ୍ତି। ଉଜ୍ଜ୍ୱଳ ଦେବରାଓ ନିକମ, ସି. ସଦାନନ୍ଦନ ମାଷ୍ଟର, ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ଏବଂ ଡ. ମିନାକ୍ଷୀ ଜୈନ ମନୋନୀତ ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ୪ ଜଣଙ୍କୁ ମନୋନୀତ କରିଛନ୍ତି। ଏନେଇ ଗୃହ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ପୂର୍ବତନ ବୈଦେଶିକ ସଚିବ ଥିଲେ। ୧୯୮୪ ବ୍ୟାଚ୍‌ର ଭାରତୀୟ ବୈଦେଶିକ ଅଧିକାରୀ ଶ୍ରୀଙ୍ଗଲା ପୂର୍ବରୁ ବାଂଲାଦେଶର ହାଇକମିଶନରରେ ଭାରତର ରାଷ୍ଟ୍ରଦୂତ ଭାବେ ବି କାର୍ଯ୍ୟ କରିଥିଲେ। ସେହିପରି ୨୬/୧୧ ଘଟଣାରେ କସାବ ମାମଲାରେ ପୂର୍ବତନ ସ୍ୱତନ୍ତ୍ର ସରକାରୀ ଓକିଲ ଉଜ୍ଜ୍ୱଳ ଦେବରାଓ ନିକମ ଥିଲେ। ମିନାକ୍ଷୀ ଜୈନ ଇତିହାସବିତ୍ ଏବଂ ସଦାନନ୍ଦନ ମାଷ୍ଟର ହେଉଛନ୍ତି ଜଣେ ସମାଜସେବୀ। ସାହିତ୍ୟ, ବିଜ୍ଞାନ କଳା ଏବଂ ସମାଜସେବା ଭଳି କ୍ଷେତ୍ରରେ ବିଶେଷ ଅଭିଜ୍ଞତା ଥିବା ବ୍ୟକ୍ତିବିଶେଷମାନେ ରାଜ୍ୟସଭାକୁ ହିଁ ମନୋନୀତ ହୋଇଥାନ୍ତି। ସେହି ଆଧାରରେ ଏହି ୪ ଜଣଙ୍କୁ ରାଷ୍ଟ୍ରପତି ରାଜ୍ୟସଭାକୁ ମନୋନୀତ କରିଛନ୍ତି।

## ଅହମଦାବାଦ ବିମାନ ଦୁର୍ଘଟଣା

# ପାଇଲଟଙ୍କର ନୁହେଁ, ଚିପର୍‌ର ତ୍ରୁଟି: ଏଏଆଇବି

**ଲଣ୍ଡନ,୧୩।୭:** ଅହମଦାବାଦରେ ଗତ ମାସରେ ହୋଇଥିବା ଭୟଙ୍କର ବିମାନ ଦୁର୍ଘଟଣା ମନରୁ ଲିଭିନି। ଇତି ମଧ୍ୟରେ ବିମାନ ଦୁର୍ଘଟଣାର କାରଣ ସାମ୍ନାକୁ ଆସିଛି । ବର୍କିଂଗହମସ ନ୍ୟୁ ୟୁନିଭର୍ସିଟିର ବରିଷ୍ଠ ଅଧ୍ୟାପକ ତଥା ପୂର୍ବତନ ପାଇଲଟ ମାର୍କୋ ଚାନ କହିଛନ୍ତି, ବିମାନ ଦୁର୍ଘଟଣାର କାରଣ ପାଇଲଟଙ୍କ ତ୍ରୁଟି ନୁହେଁ, ଚିପର ତ୍ରୁଟି ହୋଇଥାଇପାରେ । ବିମାନ ଦୁର୍ଘଟଣା ପାଇଁ ଯଦିଓ ଦୁଇ ପାଇଲଟଙ୍କ ମାନବୀୟ ତ୍ରୁଟିକୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇ ପାରିବ ନାହିଁ, ତେବେ ଇନ୍ଧନ କଟ୍-ଅଫ୍ ଟଗଲକୁ ଭୁଲରେ ଚାଲୁ କରିବାର ସମ୍ଭାବନା ପ୍ରାୟତଃ ଶୂନ୍ୟ ।

ବୋଇଂ ଡ୍ରିମଲାଇନର ୭୮୭-୮ବିମାନ ଏଆଇ ୧୭୧ ଗୁଜୁରାଟର ଅହମ୍ମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣାରେ ମୋଟ ୨୬୦ ଜଣଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ୨୨୯ ଜଣ ଯାତ୍ରୀ, ୧୨ ଜଣ କ୍ରୁ ସଦସ୍ୟ ଥିଲେ । ଭୂପୃଷ୍ଠରେ ବିମାନ ପଡିବା ପରେ ୧୯ ଜଣଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାର କାରଣ ଜାଣିବା ପାଇଁ ଏୟାରପୋର୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ପକ୍ଷରୁ ତଦନ୍ତ କରାଯାଇଥିଲା । ଏବେ ଏହାର ରିପୋର୍ଟ ପ୍ରକାଶ ପାଇଛି । ଏକ ଚିପ କାମ ନ କରିବା କାରଣରୁ ଦୁର୍ଘଟଣା ଘଟିଛି ବୋଲି ପୂର୍ବତନ ପାଇଲଟ ମାର୍କୋ ଚାନ ତାଙ୍କ ରିପୋର୍ଟରେ କହିଛନ୍ତି ।



ଜୁଲାଇ ୧୨ ତାରିଖରେ ଏଏଆଇବି ପକ୍ଷରୁ ଜାରି କରାଯାଇଥିବା ପ୍ରାଥମିକ ରିପୋର୍ଟରେ କୁହାଯାଇଛି, ବିମାନ ଦୁର୍ଘଟଣାଗ୍ରସ୍ତ ହେବାର ଠିକ ପୂର୍ବରୁ କକପିଟରେ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଦେଖାଯାଇଥିଲା। ଏଥିରେ ବିମାନ ଇଞ୍ଜିନର ଇନ୍ଧନ କଟଅଫ ସୁଇଚ ହଠାତ ଏକାସାଙ୍ଗରେ ବନ୍ଦ ହୋଇଗଲା ଏବଂ ଇଞ୍ଜିନରେ ଇନ୍ଧନ ଶେଷ ହୋଇଯାଇଥିବା କୁହାଯାଇଛି ।

ପୂର୍ବତନ ପାଇଲଟ ମାର୍କୋ ଚାନ ଏକ ସାକ୍ଷାତକାରରେ କହିଥିଲେ, "ଯାଞ୍ଚ ରିପୋର୍ଟର ନିଷ୍କର୍ଷ ପଢିବା ପରେ ଜଣା ପଡିଛି, ଏଥିରେ ପାଇଲଟର ତ୍ରୁଟି ନ ଥିଲା । ରିପୋର୍ଟରୁ ଯାହା ଜଣାଯାଉଛି ଚିପରେ ତ୍ରୁଟି ଥିଲା । ସ୍ପଷ୍ଟ ଭାବେ ଜଣାଯାଇଛି ଯେ, ଚିପ ଠିକ ଭାବେ କାମ କରୁ ନ ଥିଲା ଏବଂ ଏହାର ସମ୍ପର୍କ କଟି ଯାଇଥିଲା ।"

ପୂର୍ବତନ ପାଇଲଟ କହିଛନ୍ତି, ଏକାଧିକ ଯାନ୍ତ୍ରିକ ତ୍ରୁଟି ଏହି ବିମାନ ଦୁର୍ଘଟଣାର କାରଣ ହୋଇପାରେ। ପୂର୍ବତନ ପାଇଲଟଙ୍କ କହିବା ଅନୁଯାୟୀ, ଯୋଗାଯୋଗ ବିଚ୍ଛିନ୍ନ ହେବା ପରେ ପୂରା ସିଷ୍ଟମ ଫେଲ ହୋଇଯାଇଥିଲା । ସେ ଆହୁରି କହିଥିଲେ, "ତାପଜ ଚକ୍ରର ଉତ୍ତାପ ଯୋଗୁଁ ହୁଏତ ସିଗନାଲ ଠିକ୍ ଭାବରେ ସଂଯୋଗ ହୋଇପାରି ନ ଥାଏ । ସଂଯୋଗ ଭାଙ୍ଗିଗଲେ, ଏହା ବିଦ୍ୟୁତ୍ ପରି କାମ କରେ । "

ପୂର୍ବତନ ପାଇଲଟ କହିଥିଲେ, ଅତ୍ୟଧିକ କାମ ଚାପ ଯୋଗୁଁ ସିଷ୍ଟମ କାମ କରିବା ବନ୍ଦ କରି ଦେଇ ଥାଇପାରେ। ଠିକ ଯେମିତି ଲାପଟପ୍ ବନ୍ଦ ହୁଏ ସେମିତି ଏହା ବନ୍ଦ ହୋଇଥାଇ ପାରେ । ସାକ୍ଷାତକାର ସମୟରେ କହିଥିଲେ, ଇନ୍ଧନ ନିୟନ୍ତ୍ରଣ ୟୁନିଟ୍ (ଏଫ୍‌ୟୁ) ଚାଲୁ ସ୍ଥିତିରେ ରଖିବା ପାଇଁ ନିର୍ଦ୍ଦେଶ ପାଇ ନ ଥିଲା । ଯାହା ଫଳରେ ଇନ୍ଧନ ଯୋଗାଣରେ ଅସ୍ଥାୟୀ ବାଧା ସୃଷ୍ଟି ହୋଇଥିଲା। ପୂର୍ବତନ ପାଇଲଟ ଆହୁରି କହିଥିଲେ, କିଛି ସେକେଣ୍ଡ ପାଇଁ ଇନ୍ଧନ ବନ୍ଦ ହୋଇଯିବାରୁ ଇଞ୍ଜିନର ଗତି କମିବାକୁ ଲାଗିଲା।

ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ବିଷୟରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇ ଚାନ କହିଛନ୍ତି, ଏୟାର ଇଣ୍ଡିଆ ବିମାନର ଆବଶ୍ୟକୀୟ ରକ୍ଷଣାବେକ୍ଷଣ କରିଛି କି ନାହିଁ ଏବଂ ସେବା ବୁଲେଟିନ୍ ଅନୁସାରେ କିଛି ଚିପ୍ସ ବଦଳାଇଛି କି ନାହିଁ ତାହା ଉପରେ ମଧ୍ୟ ଧ୍ୟାନ ଦିଆଯିବା ଉଚିତ।

## ଆଇଆଇଏମ୍ କ୍ୟାମ୍ପସରେ ଛାତ୍ରୀଙ୍କୁ ଦୁଷ୍କର୍ମ ପ୍ରସଙ୍ଗ

# ଅଭିଯୋଗକୁ ଖଣ୍ଡନ କଲେ ପୀଡ଼ିତାଙ୍କ ବାପା




**କୋଲକାତା,୧୩।୭:** କୋଲକାତାର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) କ୍ୟାମ୍ପସରେ ଘଟିଥିବା ଦୁଷ୍କର୍ମ ଘଟଣାରେ ନୂଆ ଖୁଲାସା । ଏହି ଘଟଣାରେ ପୀଡିତାଙ୍କ ବାପା ଓ ଅଭିଯୁକ୍ତ ଛାତ୍ରର ମା'ଙ୍କର ବୟାନ ସାମନାକୁ ଆସିଛି। ପୀଡିତାର ବାପା କହିଛନ୍ତି ଝିଅ ସହ କୈଣସି ଭୁଲ ହୋଇନାହିଁ କି ତାସହ ଦୁଷ୍କର୍ମ ହୋଇନାହିଁ । ଝିଅ ଅଭିଯୁକ୍ତକୁ ଜାଣିନାହିଁ । ସେ ସମ୍ପୂର୍ଣ୍ଣ ଠିକ ଅଛି ଓ ଏବେ ସେ ଶୋଇଛି ବୋଲି କହିଛନ୍ତି ପୀଡିତାଙ୍କ ବାପା ।

ଶୁକ୍ରବାର ରାତି ୯ଟା୩୪ ସମୟରେ ତାଙ୍କୁ ଏକ ଫୋନ ଆସିଥିଲା । ଯେଉଁ କଲ୍ ରେ କୁହାଗଲା କି ତାଙ୍କ ଝିଅ ଅଟୋରୁ ପଡିଯାଇଛି ଏବଂ ଚେତାଶୂନ୍ୟ ହୋଇଯାଇଛି । ଏହାପରେ ପୋଲିସ ପୀଡିତାଙ୍କୁ ଏକ ହସ୍ପିଟାଲରେ ଥିବା ନ୍ୟୁରୋଲୋଜି ବିଭାଗରେ ଭର୍ତ୍ତି କରିଛି । ତେବେ ଏହି ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ମହାବୀର ଟପ୍ପନ୍ନାଭର ଓରଫ ପରମାନନ୍ଦ ଜୈନଙ୍କ ମା କହିଛନ୍ତି ପ୍ରାୟ ରାତି ୧୧ ଟାରେ ତାଙ୍କ ବନ୍ଧୁଙ୍କଠାରୁ ଆମକୁ ଫୋନ୍ ଆସିଥିଲା । ସେମାନେ କହିଥିଲେ କି ମୋ ପୁଅକୁ ଅଟକ ରଖାଯାଇଛି । କିନ୍ତୁ ଏହାର କାରଣ ସେ ଜାଣିନଥିବା କହିଥିଲେ । କାହିଁକି ଗିରଫ କରାଯାଇଛି ତାହା ଜାଣିବାକୁ ଚାହୁଁଥିଲେ । ଏଥିପାଇଁ ଅଭିଯୁକ୍ତଙ୍କ ମା ନିଜ ପୁଅକୁ ଭେଟି କଥା ହେବାପାଇଁ ଚାହୁଥିଲେ । ମୋ ପୁଅ କଲେଜ ର ଶେଷ ବର୍ଷରେ ପାଠ ପଢୁଥିଲା । ଆମେ କୋଲକତା ବିଷୟରେ କିଛି ଜାଣିନାହୁଁ । ପୋଲିସ ଷ୍ଟେସନ ଓ କୋର୍ଟ କେଉଁଠାରେ ରହିଛି। ମୋ ପୁଅ ନିର୍ଦ୍ଦୋଷ । ସେ ଏତେ ଦୁରକୁ ପାଠ ପଢ଼ିବା ପାଇଁ ଆସିଛି। ସେ ଏମିତି ଖରାପ କାମ କରିବ ନାହିଁ ବୋଲି କହିଛନ୍ତି ଅଭିଯୁକ୍ତର ମା ।

ସୂଚନା ଅନୁସାରେ ପୀଡିତା ତାଙ୍କ ଏଫଆଇଆରରେ କହିଛନ୍ତି ଯେ ସେ କାଉନସେଲିଂ ପାଇଁ ହଷ୍ଟେଲ ଯାଇଥିଲେ। ଅଭିଯୋଗ ହେଉଛି କି କଲେଜର ଅଭିଯୁକ୍ତ ଛାତ୍ର ତାଙ୍କୁ କଲେଜର କାଉନସିଲ କରିବା ବାହାନାରେ ପୀଡିତାଙ୍କୁ ହଷ୍ଟେଲ ବୁଲାଇଥିଲା ଓ ତାଙ୍କୁ ପିଜା ଓ ପାଣି ଦେଇଥିଲା । ଖାଇବା ଓ ପିଇବା ପରେ ପୀଡିତା ବେହୋସ୍ ହୋଇଯାଇଥିଲେ । ଯେତେବେଳେ ପୀଡିତାଙ୍କ ହୋସ ଆସିଲା ସେତେବେଳେ ସେ ଜାଣିବାକୁ ପାଇଲେ କି ତାଙ୍କ ସହ ଦୁଷ୍କର୍ମ ହୋଇଛି । ପୀଡିତା ଅଭିଯୋଗ କରିଛନ୍ତି କି ଅଭିଯୁକ୍ତ ତାଙ୍କୁ ଧମକ ଦେଇଥିଲା ଓ କହିଥିଲା ଏହି ବିଷୟରେ ଯଦି ପୀଡିତା କାହାକୁ କିଛି କହିବେ ତାହାହେଲେ ପରିସ୍ଥିତି ଆହୁରୀ ଜଟିଳ ହେବ ।

ପୀଡିତା ମହିଳା ହରିଦେବପୁର ଥାନାରେ ଏକ ଏତଲା ଦେଇଥିଲେ । ଯାହାପରେ କି କୋଲକତା ପୋଲିସ ବିଏନ୍‌ଏସ୍ ଧାରା ୬୪ ୧୩୪ ରେ ମାମଲା ରୁଜୁ କରି କର୍ଣ୍ଣାଟକ ନିବାସୀ ଅଭିଯୁକ୍ତକୁ ଗିରଫ କରିଥିଲା । ଅଭିଯୁକ୍ତକୁ କୋଲକତାରେ ଥିବା ଅଲ୍ଲିପୁର କୋର୍ଟରେ ହାଜର କରାଗଲା । ଯେଉଁଥିରେ ୭ ଦିନ ପର୍ଯ୍ୟନ୍ତପୋଲିସ ହେପାଜତକୁ ପଠାଇ ଦିଆଯାଇଥିଲା ।

# ଆରପିଏଫ୍‌କୁ ମିଳିଲା ପ୍ରଥମ ମହିଳା ମହାନିର୍ଦ୍ଦେଶକ



**ନୂଆଦିଲ୍ଲୀ,୧୩।୭:** ବରିଷ୍ଠ ଆଇପିଏସ୍ ଅଧିକାରୀ ସୋନାଲି ମିଶ୍ର ରେଲୱେ ସୁରକ୍ଷା ବଳ (ଆର୍‌ପିଏଫ୍‌ର ପ୍ରଥମ ମହିଳା ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି । ତାଙ୍କର ଏହି ନିଯୁକ୍ତିକୁ କ୍ୟାବିନେଟ ନିଯୁକ୍ତି କମିଟି ମଞ୍ଜୁରୀ ଦେଇଛି । ଅବସର ନେବା ପର୍ଯ୍ୟନ୍ତ ସେ ଏହି ପଦରେ ରହିବେ । ଆଇପିଏସ୍ ସୋନାଲି ମିଶ୍ର ୨୦୨୬ ଅକ୍ଟୋବର ୩୧ରେ ଅବସର ଗ୍ରହଣ କରିବେ । ସୋନାଲି ମିଶ୍ର, ମନୋଜ ଯାଦବଙ୍କ ସ୍ଥାନରେ କାର୍ଯ୍ୟଭାର ସମ୍ଭାଳିବେ। ମନୋଜ ଯାଦବ ଜୁଲାଇ ୩୧ରେ ଅବସର ନେବାକୁ ଯାଉଛନ୍ତି। ଏବେ ଆଇପିଏସ୍ ସୋନାଲି ରେଲଓ୍ୱେ ସୁରକ୍ଷା ସହ ଜଡ଼ିତ ସବୁ ବଡ଼ ନିଷ୍ପତ୍ତି ନେବେ । ସୋନାଲି ମିଶ୍ର ୧୯୯୩ ବ୍ୟାଚର ମଧ୍ୟପ୍ରଦେଶ କ୍ୟାଡରର ଆଇପିଏସ ଅଧିକାରୀ। ୨୦୨୧ ଜୁଲାଇରେ ପଞ୍ଜାବରେ ଭାରତ- ପାକିସ୍ତାନ ସୀମାରେ ବିଏସଏଫ ଗଠନର ନେତୃତ୍ୱ କରିବାରେ ପ୍ରଥମ ମହିଳା କମାଣ୍ଡର ଥିଲେ ସୋନାଲି। ସେ କାଶ୍ମୀର ଘାଟିରେ ଇନ୍ସପେକ୍ଟର ଜେନେରାଲ (ଆଇଜି) ଭାବରେ ମଧ୍ୟ ନେତୃତ୍ୱ କରିଛନ୍ତି। ଏହା ବ୍ୟତୀତ ସେ ବିଏସଏଫର ଗୁଇନ୍ଦା ବିଭାଗର ମଧ୍ୟ ନେତୃତ୍ୱ ନେଇଛନ୍ତି। ସେ ବିଏସ୍‌ଏଫ୍‌ରେ ଏଡିଜି ଭାବରେ କାମ କରିଛନ୍ତି। ବର୍ତ୍ତମାନ ସେ ମଧ୍ୟପ୍ରଦେଶ ପୋଲିସରେ ଅତିରିକ୍ତ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି । ସୋନାଲିଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପୋଲିସ ପଦକ ଏବଂ ପ୍ରଶଂସନୀୟ ସେବା ପାଇଁ ପୋଲିସ ପଦକରେ ସମ୍ମାନିତ କରାଯାଇଛି। ତାଙ୍କ ପାଖରେ ଅନେକ ମହତ୍ୱପୂର୍ଣ୍ଣ ପଦରେ କାମ କରିବାର ଅନୁଭବ ରହିଛି । ସେ ବିଏସଏଫରେ ମଧ୍ୟ ବଡ଼ ପଦରେ କାମ କରିଛନ୍ତି। ତାଙ୍କୁ ବୀରତ୍ୱ ଏବଂ ଉଲ୍ଲେଖନୀୟ ସେବା ପାଇଁ ଅନେକ ପଦକ ମିଳିଛି । ଏଥିରୁ ଜଣାପଡୁଛି ସେ ଜଣେ ଖୁବ୍ ଦକ୍ଷ ଏବଂ ଅନୁଭବୀ ଆଇପିଏସ୍ ଅଫିସର ।

# ଡିଜେଲ ବୋଝେଇ ଟ୍ରେନରେ ଅଗ୍ନିକାଣ୍ଡ, ୫ବଗି ଧ୍ୱଂସ



**ତାମିଲନାଡୁ,୧୩।୭:** ତାମିଲନାଡୁର ତିରୁବଲ୍ଲୁର ନିକଟରେ ଡିଜେଲ ବୋଝେଇ ଏକ ମାଲବାହୀ ଟ୍ରେନରେ ଘଟିଲା ଅଘଟଣ । ଟ୍ରେନରେ ଲାଗିଯାଇଥିଲା ନିଆଁ । ତେବେ ଏହି ଦୁର୍ଘଟଣା ପରେ ଟ୍ରେନକୁ ବନ୍ଦ କରିଦିଆଯାଇଛି । ନିଆଁ ଏତେ ଭୟଙ୍କର ରହିଥିଲା ଆକାଶରେ କେବଳ ଧୂଆଁ ଦେଖାଦେଉଛି । ତେବେ ଏହି ଦୁର୍ଘଟଣାରେ ଅନେକ ଡିଜେଲ ଟ୍ୟାଙ୍କରେ ନିଆଁ ଲାଗିଯାଇଛି । ଯାହାର ଏକ ଭିଡିଓ ସାମ୍ନାକୁ ଆସିଛି । ଅଗ୍ନିକାଣ୍ଡ ପରେ ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ନିଆଁ ଲିଭାଇବା ପାଇଁ ପ୍ରୟାସ କରାଯାଉଛି । ସୂଚନା ଅନୁସାରେ ଆଜି ସକାଳ ସମୟରେ ତିରୁବଲ୍ଲୁର ନିକଟରେ ଏକ ମାଲବାହୀ ଟ୍ରେନର ୪ଟି କୋଚରେ ନିଆଁ ଲାଗିଗଲା । ରେଳବାଇର ସୂଚନା ଅନୁଯାୟୀ, ଏହି ମାଲବାହୀ ଟ୍ରେନଟି ଡିଜେଲରେ ଲୋଡ୍ ହୋଇ ମନାଲିରୁ ତିରୁପତିକୁ ଯାଉଥିଲା । ଆଜି ସକାଳେ ମାଲବାହୀ ଟ୍ରେନର ୪ଟି କୋଚରେ ନିଆଁ ଲାଗିଯାଇଥିଲା, ବାକି କୋଚଗୁଡ଼ିକୁ ସେମାନଙ୍କଠାରୁ ଅଲଗା କରିଦିଆଯାଇଛି । ଏହି ଘଟଣା ଯୋଗୁଁ ଚେନ୍ନାଇରୁ ଛାଡି ଚେନ୍ନାଇ ଅଭିମୁଖେ ଯାଉଥିବା ଟ୍ରେନଗୁଡ଼ିକର ଯାତାୟାତ ପ୍ରଭାବିତ ହୋଇଛି । ବର୍ତ୍ତମାନ ରେଳ ଲାଇନ ସଫା କରିବା ପାଇଁ କାମ ଚାଲିଛି । ଦୁର୍ଘଟଣା ପରେ, ଦକ୍ଷିଣ ରେଳବାଇ ଏକ ସତର୍କତା ଜାରି କରିଛି । ସୋସିଆଲ ମିଡିଆ ପ୍ଲାଟଫର୍ମ X ରେ ଏକ ପୋଷ୍ଟରେ, ଦକ୍ଷିଣ ରେଳବାଇ କହିଛି, "ଟ୍ରେନ୍ ସେବା ସତର୍କତା! ତିରୁବଲ୍ଲୁର ନିକଟରେ ଅଗ୍ନିକାଣ୍ଡ ଘଟଣା ଯୋଗୁଁ, ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ଓଭରହେଡ୍ ବିଦ୍ୟୁତ୍ ଯୋଗାଣ ବନ୍ଦ କରାଯାଇଛି। ଏହି କାରଣରୁ, ଟ୍ରେନ୍ ପରିଚାଳନା ପରିବର୍ତ୍ତନ କରାଯାଇଛି । ଯାତ୍ରା କରିବା ପୂର୍ବରୁ ଯାତ୍ରୀମାନଙ୍କୁ ସର୍ବଶେଷ ଅପଡେଟ୍ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି ।

# ଚୀନ୍‌କୁ ଲାଗିବ ଝଟକା, ଲଦାଖ ଗଲେ ଦଲାଇ ଲାମା

**ନୂଆଦିଲ୍ଲୀ/ବେଜିଂ,୧୩।୭:** ଦଲାଇ ଲାମାଙ୍କ ଉତ୍ତରାଧିକାରୀ ବିବାଦରେ ରାଗି ଥିବା ଚାଇନା, ଲଦାଖରେ ହୋଇଥିବା ଏକ ନୂଆ ଘଟଣାକୁ ନେଇ ପୁଣି ରାଗିଯାଇପାରେ। ଦଲାଇ ଲାମା ଏକ ମାସ ଧରି ଲଦାଖରେ ରହିବା ପାଇଁ ହିମାଚଳ ପ୍ରଦେଶର ଧର୍ମଶାଳାରୁ ଭାରତୀୟ ବାୟୁସେନାର ଏକ ବିମାନରେ ପହଞ୍ଚିଛନ୍ତି। ଶନିବାର ଦଲାଇ ଲାମା କଡ଼ା ସୁରକ୍ଷା ମଧ୍ୟରେ ଲେହ ବିମାନବନ୍ଦରରେ ପହଞ୍ଚିଥିଲେ। ଭାରତ ସରକାର ଏହି ବର୍ଷ ଦଲାଇ ଲାମାଙ୍କୁ ଜେଡ ପ୍ଲସ ବର୍ଗର ସୁରକ୍ଷା ଯୋଗାଇ ଦେଇଥିଲେ। ତାଙ୍କ ସହିତ ସର୍ବଦା ଦୁଇ ଡଜନ ସିଆରପିଏଫ୍ କମାଣ୍ଡୋଙ୍କ ଏକ ଘେରାବନ୍ଦୀ ରହିଥାଏ। ସେ ଲେହ ବିମାନବନ୍ଦରରେ ଅବତରଣ କରିବା ମାତ୍ରେ, ଦଲାଇ ଲାମାଙ୍କୁ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ୍) କମାଣ୍ଡୋ କର୍ଡନ ସୁରକ୍ଷାରେ ବାହାରକୁ ନିଆଯାଇଥିଲା। ଲଦାଖ ପୋଲିସ ମଧ୍ୟ ଦଲାଇ ଲାମାଙ୍କ ସୁରକ୍ଷା ପାଇଁ କଡ଼ା ବ୍ୟବସ୍ଥା କରିଛି। କାରଣ ଦଲାଇ ଲାମା ଲଦାଖରେ ସାଧାରଣ ସଭାରେ ଯୋଗ ଦେଇପାରିବେ। ଏହି ମାସରେ ଦଲାଇ ଲାମା ତାଙ୍କର ୯୦ ତମ ଜନ୍ମଦିନ ପାଳନ କରିଥିଲେ। ଏବେ ତାଙ୍କ ଉତ୍ତରାଧିକାରୀଙ୍କୁ ନେଇ ଆଲୋଚନା ତୀବ୍ର ହୋଇଛି। ଦଲାଇ ଲାମାଙ୍କ ଘୋଷଣାରେ ଚାଇନା ରାଗିଛି ଯେ ତାଙ୍କ ଉତ୍ତରାଧିକାରୀ ଚୟନ କରିବାର ଦାୟିତ୍ୱ ଗାଡେନ ଫୋଡ୍ରଙ୍ଗ ଟ୍ରଷ୍ଟର।

# ତେଲୁଗୁ ଅଭିନେତା କୋଟା ଶ୍ରୀନିବାସ ରାଓଙ୍କ ପରଲୋକ



**ହାଇଦ୍ରାବାଦ,୧୩।୭:** ପ୍ରଖ୍ୟାତ ତେଲୁଗୁ ଅଭିନେତା ତଥା ପୂର୍ବତନ ଭାଜପା ବିଧାୟକ କୋଟା ଶ୍ରୀନିବାସ ରାଓଙ୍କର ୮୩ ବର୍ଷ ବୟସରେ ପରଲୋକ ହୋଇଛି। ରବିବାର ସକାଳେ ହାଇଦ୍ରାବାଦର ଫିଲ୍ମନଗର ସ୍ଥିତ ନିଜ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ ନେଇଛନ୍ତି। ଦୀର୍ଘ ଦିନରୁ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କ ମୃତ୍ୟୁ ତେଲୁଗୁ ଚଳଚ୍ଚିତ୍ର ଓ ରଙ୍ଗମଞ୍ଚ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଆନ୍ଧ୍ରପ୍ରଦେଶର କୃଷ୍ଣା ଜିଲାର କଙ୍କିପାଡୁରେ ୧୯୪୨ ମସିହା ଜୁଲାଇ ୧୦ରେ ଜନ୍ମଗ୍ରହଣ କରିଥିବା କୋଟା ଶ୍ରୀନିବାସ ରାଓ ନିଜର ଅଭିନୟ ଜୀବନ ଆରମ୍ଭ କରିଥିଲେ ରଙ୍ଗମଞ୍ଚରୁ। ୧୯୭୮ ମସିହାରେ ତେଲୁଗୁ ଚଳଚ୍ଚିତ୍ର 'ପ୍ରାଣମ ଖରିଦୁ' ମାଧ୍ୟମରେ ସେ ଫିଲ୍ମ ଜଗତରେ ପାଦ ଦେଇଥିଲେ। ଚାରି ଦଶନ୍ଧିରୁ ଅଧିକ ସମୟ ଧରି ସେ ୭୫୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ, ଯେଉଁଥିରେ ତେଲୁଗୁ ସହିତ ତାମିଲ, ହିନ୍ଦୀ, କନ୍ନଡ଼ ଓ ମାଲାୟାଲମ ଚଳଚ୍ଚିତ୍ର ମଧ୍ୟ ରହିଛି। ଖଳନାୟକ, ହାସ୍ୟ ଅଭିନେତା ଓ ଚରିତ୍ର ଅଭିନେତା ଭାବେ ତାଙ୍କର ବହୁମୁଖୀ ଅଭିନୟ ଦର୍ଶକଙ୍କ ହୃଦୟ ଜିତିଥିଲା। ତାଙ୍କର କେତେକ ହିଟ୍ ଫିଲ୍ମ ମଧ୍ୟରେ ରହିଛି 'ଆହା ନା ପେଲ୍ଲାନ୍ତା!', 'ପ୍ରତିଗତନା', 'ଖୈଦୀ ନମ୍ବର ୭୮୬', 'ଶିବା', ଓ 'ୟମଲୀଲା'। ୨୦୨୩ ମସିହାରେ ମୁକ୍ତିଲାଭ କରିଥିବା 'ସୁବର୍ଣ୍ଣ ସୁନ୍ଦରୀ' ଥିଲା ତାଙ୍କର ଶେଷ ତେଲୁଗୁ ଚଳଚ୍ଚିତ୍ର। ତାଙ୍କର ଅଭିନୟ ପାଇଁ ସେ ୨୦୧୫ ମସିହାରେ ଭାରତ ସରକାରଙ୍କ ତରଫରୁ ପଦ୍ମଶ୍ରୀ ସମ୍ମାନ ସହିତ ୯ଟି ନନ୍ଦୀ ପୁରସ୍କାର ଗ୍ରହଣ କରିଥିଲେ। ଚଳଚ୍ଚିତ୍ର ଜଗତ ବ୍ୟତୀତ, ଶ୍ରୀନିବାସ ରାଓ ୧୯୯୯ ମସିହାରୁ ୨୦୦୪ ମସିହା ପର୍ଯ୍ୟନ୍ତ ଭାଜପା ପ୍ରାର୍ଥୀ ଭାବେ ବିଜୟୱାଡ଼ା ପୂର୍ବ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇ ଜନସେବା କରିଥିଲେ। ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରି କହିଛନ୍ତି, କୋଟା ଶ୍ରୀନିବାସ ରାଓଙ୍କ ବିୟୋଗ ତେଲୁଗୁ ଚଳଚ୍ଚିତ୍ର ଓ ରଙ୍ଗମଞ୍ଚ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ତେଲୁଗୁ ଚଳଚ୍ଚିତ୍ର ଜଗତର ମେଗାଷ୍ଟାର ଚିରଞ୍ଜୀବୀ ତାଙ୍କୁ ବହୁମୁଖୀ ପ୍ରତିଭା ଭାବେ ଅଭିହିତ କରି ଶୋକ ପ୍ରକାଶ କରିଛନ୍ତି। ଅଭିନେତା ରବି ତେଜା, ଯିଏ ଶ୍ରୀନିବାସ ରାଓଙ୍କ ସହ ୧୦ରୁ ଅଧିକ ଚଳଚ୍ଚିତ୍ରରେ କାମ କରିଛନ୍ତି, ସେ ମଧ୍ୟ ତାଙ୍କ ମୃତ୍ୟୁରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି, କୋଟା ଶ୍ରୀନିବାସ ରାଓଙ୍କ ପତ୍ନୀ ରୁକ୍ମିଣୀ ଓ ଦୁଇ ଝିଅ ତାଙ୍କ ପରେ ରହିଛନ୍ତି। ତାଙ୍କ ଏକମାତ୍ର ପୁତ୍ର କୋଟା ବେଙ୍କଟ ଅଞ୍ଜନେୟ ପ୍ରସାଦ ୨୦୧୦ ମସିହାରେ ହାଇଦ୍ରାବାଦରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ।

## ରାଧିକା ହତ୍ୟା ମାମଲା

# ନିଜ ପାଇଁ ଫାଶୀ ଦାବି କଲେ ବାପା

**ନୂଆଦିଲ୍ଲୀ,୧୩।୭:** ଟେନିସ୍ ଖେଳାଳି ରାଧିକା ଯାଦବଙ୍କ ବାପା ଦୀପକ ଯାଦବ ସବୁଠାରୁ କଠୋର ଦଣ୍ଡ ପାଇଁ ଅନୁରୋଧ କରିଛନ୍ତି ଏବଂ କହିଛନ୍ତି ଯେ ଏହି ସପ୍ତାହର ଆରମ୍ଭରେ ତାଙ୍କ ଝିଅକୁ ହତ୍ୟା କରିଥିବା ଅଭିଯୋଗରେ ତାଙ୍କୁ ଫାଶୀ ଦିଆଯିବା ଉଚିତ, ପରିବାରର ଜଣେ ସମ୍ପର୍କୀୟ କହିଛନ୍ତି। ଶନିବାର ଦିନ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ, ରାଧିକାଙ୍କ କାକା ବିଜୟ ଯାଦବ କହିଛନ୍ତି ଯେ ପରିବାରର କୌଣସି ସଦସ୍ୟ ଜାଣି ନାହାଁନ୍ତି ଯେ କ'ଣ ଭୁଲ ହୋଇଛି ଏବଂ ତାଙ୍କ ସାନ ଭାଇ ଦୀପକ ତାଙ୍କ ଝିଅକୁ ହତ୍ୟା କରିଛି । ତେବେ ଏହି ଘଟଣାରେ ବିଜୟ କହିଛନ୍ତି ଦୀପକ ତାଙ୍କ ଝିଅକୁ ବହୁତ ଭଲ ପାଉଥିଲେ। ପରିବାରରେ ଆଜି ପର୍ଯ୍ୟନ୍ତ କେହି ଜାଣି ନାହାଁନ୍ତି ଯେ କ'ଣ ଭୁଲ ହୋଇଛି। ଯେତେବେଳେ ମୁଁ ତାଙ୍କ ସହିତ ବ୍ୟକ୍ତିଗତ ଭାବରେ କଥା ହେଲି, ସେ କହିଲେ ଯେ ସେ 'କନ୍ୟା ବଧ' କରିଛନ୍ତି ଏବଂ ଏଥିପାଇଁ ତାଙ୍କୁ ଦଣ୍ଡ ମିଳିବା ଉଚିତ। ସେ କହିଲେ ଯେ ତାଙ୍କ ଝିଅକୁ ହତ୍ୟା କରିବା ପାଇଁ ତାଙ୍କୁ ଫାଶୀ ଦିଆଯିବା ଉଚିତ ବିଜୟ କହିଛନ୍ତି । ବିଜୟ ସ୍ପଷ୍ଟ ଭାବରେ ଅସ୍ୱୀକାର କରିଥିଲେ ଯେ ରାଧିକା ଏକ ଟେନିସ୍ ଏକାଡେମୀ ଚଳାଉଛନ୍ତି। ମୁଁ ଜାଣେ ଯେପର୍ଯ୍ୟନ୍ତ କୌଣସି ଏକାଡେମୀ ନଥିଲା, ତା'ପରେ ତାଙ୍କ ଏକାଡେମୀ ବନ୍ଦ କରିବା ପାଇଁ ତାଙ୍କ ଉପରେ କୌଣସି ପ୍ରକାରର ଚାପ ପକାଇବାର ପ୍ରଶ୍ନ ଉଠୁନାହିଁ । ସେ ବିଭିନ୍ନ ସ୍ଥାନରେ ପିଲାମାନଙ୍କୁ ପାଠ ପଢ଼ାଉଥିଲେ।

# ଫୋନ୍ ଗିଳିଦେଲେ କଏଦୀ, ଅସ୍ତ୍ରୋପଚାର ପରେ ଉଦ୍ଧାର



ଶିବମୋଗା କେନ୍ଦ୍ରୀୟ କାରାଗାରରୁ ଆସିଲା ଆଶ୍ଚର୍ଯ୍ୟଜନକ ଘଟଣା। ଜଣେ କଏଦୀ ଏକ ମୋବାଇଲ୍ ଫୋନ୍ ଗିଳି ଦେଇଛନ୍ତି । ଅସ୍ତ୍ରୋପଚାର ପରେ ତାଙ୍କ ପେଟରୁ ବାହାର କରାଯାଇଥିଲା ମୋବାଇଲ୍ । ସୂଚନା ଅନୁଯାୟୀ, ଅଭିଯୁକ୍ତ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଶିବମୋଗା କେନ୍ଦ୍ରୀୟ କାରାଗାରରେ ସଜା କାଟୁଛନ୍ତି । ନିକଟରେ ଧରାପଡ଼ିବା ଭୟରେ ସେ ମୋବାଇଲ୍ ଫୋନ୍ ଗିଳି ଦେଇଥିଲେ। ଜୁନ୍ ୨୪ ତାରିଖରେ, ୩୦ବର୍ଷୀୟ କଏଦୀ ଦୌଲତ ଓରଫ ଗୁଣ୍ଡୁ ଜେଲ କର୍ମଚାରୀଙ୍କ ନିକଟରେ ପେଟ ଯନ୍ତ୍ରଣା ଅଭିଯୋଗ କରିଥିଲେ। କିନ୍ତୁ, ହସ୍ପିଟାଲକୁ ଯିବା ପରେ ସତକଥା ଜଣାପଡିଲା। ପଥର ନୁହେଁ ପେଟରେ ଥିଲା ଫୋନ୍। ଡାକ୍ତରମାନେ ଅସ୍ତ୍ରୋପଚାର ମାଧ୍ୟମରେ ତାଙ୍କ ପେଟରୁ ତିନି ଇଞ୍ଚ ଲମ୍ବା ଏବଂ ଗୋଟିଏ ଇଞ୍ଚ ଚଉଡା ଫୋନ୍ ବାହାର କରିଥିଲେ। କଏଦୀଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତାର ପ୍ରାସଙ୍ଗିକ ଧାରା ଅନୁଯାୟୀ ଏକ ଫୌଜଦାରୀ ମାମଲା ରୁଜୁ କରାଯାଇଛି। ଦୋଷୀ ସାବ୍ୟସ୍ତ ୩୦ ବର୍ଷୀୟ ଦୌଲତ ଓରଫ ଗୁଣ୍ଡୁ ୧୦ ବର୍ଷ ଜେଲଦଣ୍ଡ ଭୋଗୁଛନ୍ତି । ଅସ୍ତ୍ରୋପଚାର ସମୟରେ, ଡାକ୍ତରମାନେ ତାଙ୍କ ପେଟରେ ଏକ ମୋବାଇଲ୍ ଫୋନ୍ ପାଇଲେ, ଯାହା ଏକ ଇଞ୍ଚ ଚଉଡା ଏବଂ ତିନି ଇଞ୍ଚ ଲମ୍ବା ଥିଲା। ଫୋନ୍‌ଟିକୁ ସଫଳତାର ସହ ବାହାର କରିବା ପରେ, ଡାକ୍ତରମାନେ ଏହାକୁ ଜେଲ୍ ପ୍ରଶାସନକୁ ହସ୍ତାନ୍ତର କରିଥିଲେ। ଜୁନ୍ ୨୦୨୪ ରେ ଶିବମୋଗା ଜିଲ୍ଲା କୋର୍ଟ ଦୌଲତଙ୍କୁ ଡ୍ରଗ୍ସ ଚୋରାଚାଲାଣ ମାମଲାରେ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ ।

# ରାଗିଲେ ଟ୍ରମ୍ପ, ଲଗାଇଲେ ୩୦% ଶୁଳ୍କ

**ୱାଶିଂଟନ,୧୨।୭:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର (୧୨ ଜୁଲାଇ, ୨୦୨୫) ମେକ୍ସିକୋ ଏବଂ ୟୁରୋପୀୟ ସଂଘ ଉପରେ ତାଙ୍କର ଶୁଳ୍କ ବୋମା ପକାଇଛନ୍ତି। ଟ୍ରମ୍ପ ମେକ୍ସିକୋ ଏବଂ ୟୁରୋପୀୟ ସଂଘ ପାଇଁ ନୂତନ ଶୁଳ୍କ ସମ୍ପର୍କରେ ଏକ ଚିଠି ଜାରି କରିଛନ୍ତି। ସେ ଘୋଷଣା କରିଛନ୍ତି ଯେ ଆସନ୍ତା ମାସ ଆରମ୍ଭରୁ ଅର୍ଥାତ୍ ଅଗଷ୍ଟ ୧ ତାରିଖରୁ, ମେକ୍ସିକୋ ଏବଂ ୟୁରୋପୀୟ ସଂଘରୁ ଆମଦାନି ହେଉଥିବା ସମସ୍ତ ସାମଗ୍ରୀ ଉପରେ ଆମେରିକାରେ ୩୦ ପ୍ରତିଶତ ଶୁଳ୍କ ଲାଗୁ କରାଯିବ। ଆମେରିକା ରାଷ୍ଟ୍ରପତି ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ ମେକ୍ସିକୋ ଏବଂ ୟୁରୋପୀୟ ସଂଘକୁ ପଠାଯାଇଥିବା ଶୁଳ୍କ ଚିଠିଗୁଡ଼ିକୁ ଶେୟାର କରିଛନ୍ତି। ଡୋନାଲ୍ଡ ଟ୍ରମ୍ପ ଆମେରିକା ଦ୍ୱାରା ଲାଗୁ ହେବାକୁ ଥିବା ଶୁଳ୍କ ସମ୍ପର୍କରେ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମ ପାର୍ଡୋଙ୍କୁ ଏକ ଚିଠି ଲେଖିଛନ୍ତି। ଚିଠିରେ ଟ୍ରମ୍ପ ଲେଖିଛନ୍ତି, 'ଏହା ମୋ ପାଇଁ ଏକ ବଡ଼ ସମ୍ମାନର କଥା ଯେ ମୁଁ ଆପଣଙ୍କୁ ଏହି ଚିଠି ପଠାଉଛି, ଯାହା ଆମର ବାଣିଜ୍ୟ ସମ୍ପର୍କର ଶକ୍ତି ଏବଂ ପ୍ରତିବଦ୍ଧତାକୁ ଦର୍ଶାଏ।

# ବ୍ରାଜିଲ ଭାରତରୁ କିଣିବନି ଆକାଶ ଏୟାର ଡିଫେନ୍ସ ସିଷ୍ଟମ




**ନୂଆଦିଲ୍ଲୀ,୧୩।୭:** ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷେତ୍ରକୁ ବଡ଼ ଝଟକା। ଭାରତଠାରୁ 'ଆକାଶ ମିସାଇଲ ସିଷ୍ଟମ ସିଷ୍ଟମ କିଣିବନି ବ୍ରାଜିଲ। ନିଜ ପଦକ୍ଷେପରୁ ପଛକୁ ହଟିବାର କାରଣ ହେଉଛି 'ଆକାଶ' ମିସାଇଲ କିଛି ଅପରେସନନାଲ ପାରାମିଟର୍ସରେ ପ୍ରଦର୍ଶନ କରିବାରେ ଦୁର୍ବଳ ବୋଲି ବ୍ରାଜିଲ ରହିଛି। ଏବେ ବ୍ରାଜିଲର ୟୁରୋପର ପ୍ରତିରକ୍ଷା କ୍ଷେତ୍ରର ଜଣାଶୁଣା କମ୍ପାନୀ ଏମ୍‌ବିଡିଏ ଆଡକୁ ମୁହାଁଇଛି। ଯାହାକି ଏନହାନସ୍‌ଡ ମଡ୍ୟୁଲାର ଏୟାର ଡିଫେନ୍ସ ସଲ୍ୟୁସନ୍ (ଇଏମ୍‌ଏଡିଏସ୍) ପ୍ରଦାନ କରିଥାଏ। ଏହି ପ୍ରଣାଳୀ ନାଟୋ ଦେଶରେ ପୂର୍ବରୁ ବ୍ୟବହାର କରାଯାଉଥିଲା ଓ ବିଶ୍ୱାସନୀୟ ବୋଲି ମନେ କରାଯାଉଥିଲା। ବ୍ରାଜିଲିଆନ ମିଡିଆ 'ଦ ରିଓ ଟାଇମ୍ସ' ପକ୍ଷରୁ ରିପୋର୍ଟରେ କୁହାଯାଇଛି ଯେ,ବ୍ରାଜିଲ ସେନା ଓ ଏମ୍‌ବିଡିଏ ଭିତରେ ଆଲୋଚନା ପ୍ରାୟ ୧ ଆରବ ଆମେରିକୀୟ ଡଲାର (ପ୍ରାୟ ୪.୭ ଅରବ ରିଙ୍ଗଗିଟ୍) ଡିଲ ଆଖପାଖରେ ବୁଲୁଛି। ଏହା ଲାଟିନ୍ ଆମେରିକାରେ ନିକଟ କିଛି ବର୍ଷରେ ସବୁଠାରୁ ବଡ଼ ଏୟାର ଡିଫେନ୍ସ ଡିଲ୍ ମନେ କରାଯାଉଥିଲା। ବ୍ରାଜିଲ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବ୍ରାଜିଲ 'ଆକାଶ'କୁ ହାଇସ୍ପିଡ ଏବଂ ଲୋ ଏଲ୍ଟିଚ୍ୟୁଡ୍ ଟାର୍ଗେଟ ପାଇଁ କମ୍ ଉପଯୁକ୍ତ ବୋଲି ବିବେଚନା କରିଥିଲା। ଆଜିର ଯୁଦ୍ଧରେ ଯେତେବେଳେ ହାଇବ୍ରିଡ୍ ଓ୍ୱାରଫେୟାର, ଡ୍ରୋନ୍ ଆକ୍ରମଣ ଏବଂ ସ୍ମାର୍ଟ ବୋମା ବର୍ଦ୍ଧିତ ଭାବରେ ବ୍ୟବହାର ହେଉଛି, ବ୍ରାଜିଲ ଅନୁଭବ କରୁଛି ଯେ ଆକାଶ ଏହି ବିପଦଗୁଡ଼ିକର ମୁକାବିଲା କରିବା ପାଇଁ ଯଥେଷ୍ଟ ନୁହେଁ। ବ୍ରାଜିଲର ଏହି ନିଷ୍ପତ୍ତି ଭାରତର 'ଆତ୍ମନିର୍ଭର ଭାରତ' ଅଭିଯାନ ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ। ଭାରତ 'ଆକାଶ'କୁ ଏହାର ସବୁଠାରୁ ସଫଳ ଘରୋଇ ବ୍ୟବସ୍ଥା ମଧ୍ୟରୁ ଗୋଟିଏ ଭାବରେ ବର୍ଣ୍ଣନା କରିଛି । ଏହାକୁ ଅନ୍ତର୍ଜାତୀୟ ବଜାରରେ ପ୍ରୋତ୍ସାହିତ କରୁଛି, କିନ୍ତୁ ବ୍ରାଜିଲର ଅସନ୍ତୋଷ ଦର୍ଶାଉଛି ଯେ ବିଦେଶୀ ସେନା ନାଟୋ-ମାନକ ପ୍ରଯୁକ୍ତିବିଦ୍ୟାକୁ ଅଧିକ ନିର୍ଭରଯୋଗ୍ୟ ବୋଲି ବିବେଚନା କରେ। ସେଭଳି ଭାରତର ସିଷ୍ଟମକୁ ସେହି ସ୍ତରକୁ ପହଞ୍ଚିବା ପାଇଁ ଆହୁରି ଅଧିକ ପରିଶ୍ରମ କରିବାକୁ ପଡିବ।

# ୨୪ ଘଣ୍ଟାରେ ୪ ଜଣଙ୍କୁ ଗୁଳି

**ପାଟନା,୧୩।୭:** ୨୪ ଘଣ୍ଟାରେ ୪ ଜଣଙ୍କୁ ଗୁଳି କରି ହତ୍ୟା। ବିହାରର ଗୁଳିକାଣ୍ଡ ଥମିବାର ନାଁ ନେଉନି। ରବିବାର ପାଟନାର ସୁଲତାନପୁର ଥାନା ଠାରୁ ମାତ୍ର ୩୦୦ ମିଟର ଦୂରରେ ପୁଣି ଜଣେ ଓକିଲଙ୍କୁ ଗୁଳି କରି ହତ୍ୟା କରାଯାଇଛି। ମୃତକ ହେଲେ ୫୮ ବର୍ଷୀୟ ଜିତେନ୍ଦ୍ର କୁମାର ମହତୋ। ଗୁଳି କରିଥିବା ଅପରାଧୀଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରି ନାହିଁ। ପୂର୍ବ ପାଟନା ଏସପି ପରିଚୟ କୁମାରଙ୍କ ସୂଚନା ଅନୁଯାୟୀ, ଜିତେନ୍ଦ୍ର ମହତୋ ଚା' ପିଇ ଫେରୁଥିବା ସମୟରେ ଅଜ୍ଞାତ ଆକ୍ରମଣକାରୀମାନେ ତାଙ୍କୁ ଗୁଳି କରିଥିଲେ। ଏହାପରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଯେଉଁଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରୁ ତିନୋଟି ଗୁଳି ସେଲ୍ ଜବତ କରାଯାଇଛି। ଏବଂ ସବୁ ଦୃଷ୍ଟିକୋଣରୁ ଘଟଣାର ତଦନ୍ତ ଚାଲିଛି ବୋଲି ଏସ୍‌ପି କହିଛନ୍ତି। ପୋଲିସ ଅଧିକାରୀଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ, ମାହତୋ ପେଶାରେ ଜଣେ ଓକିଲ। ହେଲେ ସେ ଗତ ଦୁଇ ବର୍ଷ ଧରି ସେତେଟା ସକ୍ରିୟ ଭାବେ ଆଇନ ଅଭ୍ୟାସ କରୁ ନ ଥିଲେ। ତାଙ୍କ ପରିବାର ଲୋକଙ୍କ କହିବା କଥା ହେଲା ସେ ପ୍ରତିଦିନ ସେହି ସ୍ଥାନକୁ ଚା' ପିଇବା ପାଇଁ ଯାଆନ୍ତି। ଆଜି ବି ଚା' ପିଇବାକୁ ଆସିଥିଲେ। ଫେରିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଆଟାକ୍ କରିଥିଲେ ବୋଲି ଏସ୍‌ପି କହିଛନ୍ତି। ପାଟନା ସିଟି ଏଏସ୍‌ପି ଅତୁଲେଶ ଝା ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସୁଲତାନପୁର ପୋଲିସ ଟିମ୍ ବର୍ତ୍ତମାନ ମାମଲାର ତଦନ୍ତ କରୁଥିବା ବେଳେ ଫୋରେନସିକ୍ ସାଇନ୍ସ ଲାବୋରେଟୋରୀକୁ ସୂଚନା ଦିଆଯାଇଛି। ପୋଲିସ ଆକ୍ରମଣକାରୀଙ୍କୁ ଚିହ୍ନଟ କରିବା ପାଇଁ ନିକଟବର୍ତ୍ତୀ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ଆରମ୍ଭ କରିଛି। ଆଶ୍ଚର୍ଯ୍ୟର କଥା ହେଲା ଏହାକୁ ମିଶାଇ ଗତ ୨୪ ଘଣ୍ଟା ମଧ୍ୟରେ ବିହାରରେ ତିନୋଟି ଗୁଳିକାଣ୍ଡ ଘଟିଲାଣି।

# ଭାରତ ଆଗରେ ୧୯୩ ରନ୍‌ର ଟାର୍ଗେଟ୍

## ରୋଚକ ସ୍ଥିତିରେ ଲର୍ଡ୍ସ ଟେଷ୍ଟ୍

ଲର୍ଡ୍ସ,୧୩।୭(ସଂଚାର ବ୍ୟୁରୋ): ଚଳିତ ଲର୍ଡ୍ସ ଟେଷ୍ଟ୍ ରୋଚକ ସ୍ଥିତିରେ ପହଞ୍ଚିଛି। ମ୍ୟାଚ୍‌ର ତୃତୀୟ ଦିନରେ ଉଭୟ ଦଳର ପ୍ରଥମ ଇନିଂସ ସ୍କୋର୍ ବରାବର ହେବା ପରେ ଦ୍ୱିତୀୟ ଇନିଂସରେ ଘରୋଇ ଇଂଲଣ୍ଡ ୧୯୨ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି। ଫଳସ୍ୱରୂପ ଭାରତ ଆଗରେ ୧୯୩ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ତେବେ ଆଜି ମ୍ୟାଚ୍‌ର ଚତୁର୍ଥ ଦିନର ଖେଳ ଶେଷ ସୁଦ୍ଧା ଭାରତ ଏହି ଲକ୍ଷ୍ୟ ହାସଲ ପାଇଁ ତା'ର ବ୍ୟାଟିଂ ଆରମ୍ଭ କରି ମାତ୍ର ୫୮ ରନ୍‌ରେ ୪ଟି ୱିକେଟ୍ ହରାଇଛି।



ଫଳରେ ଅନ୍ତିମ ଦିନରେ ଉଭୟ ଦଳ ପାଖରେ ବିଜୟର ସମ୍ଭାବନା ରହିଛି। ଏଥିପାଇଁ ଇଂଲଣ୍ଡ ଆଉ ୬ଟି ୱିକେଟ୍ ଆବଶ୍ୟକ କରୁଥିବା ବେଳେ ସିରିଜ୍‌ରେ ଅଗ୍ରଣୀ ଲାଭ କରିବା ସକାଶେ ଭାରତ ଆଉ ୧୩୫ ରନ୍ ଆବଶ୍ୟକ କରୁଛି। ଆଜିର ଖେଳ ଶେଷ ବେଳକୁ ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଓପନର ଲୋକେଶ ରାହୁଲ୍ ୩୩ ରନ୍‌ରେ ଅପରାଜିତ ଅଛନ୍ତି। ଗତକାଲି ଇଂଲଣ୍ଡ ତା'ର ଦ୍ୱିତୀୟ ଇନିଂସରେ ବିନା କ୍ଷତିରେ ୨ ରନ୍ କରିଥିବା ବେଳେ ଦୁଇ ଓପନର ବେନ୍ ଡକେଟ୍ ଓ ଜ୍ୟାକ୍ କ୍ରଲି ଇନିଂସ ଆଗକୁ ବଢ଼ାଇ ୨୨ ରନ୍‌ରେ ପହଞ୍ଚାଇଥିଲେ। ଏହି ସମୟରେ ଡକେଟ୍ ଆଉଟ୍ ହେବାରୁ ଇଂଲଣ୍ଡର ୱିକେଟ୍ ପତନ ଧାରା ଆରମ୍ଭ ହୋଇଥିଲା। ଭାରତୀୟ ବୋଲର୍‌ମାନେ ୮୭ ରନ୍ ମଧ୍ୟରେ ୪ଟି ୱିକେଟ୍ ନେଇଥିଲେ। ତେବେ ପଞ୍ଚମ ୱିକେଟ୍‌ରେ ଜୋ ରୁଟ୍ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ୬୭ ରନ୍ ଯୋଡ଼ିଥିଲେ। ରୁଟ୍ ୪୦ ଓ ଷ୍ଟୋକ୍ସ ୩୩ ରନ୍ କରିଥିବା ବେଳେ ଅନ୍ୟ କେହି ବିଶେଷ ଯୋଗଦାନ ଦେଇପାରିନଥିଲେ। ଭାରତ ପକ୍ଷରୁ ୱାଶିଂଟନ୍ ସୁନ୍ଦର ୪ଟି, ଜସପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସିରାଜ୍ ୨ଟି ଲେଖାଏଁ ଏବଂ ନୀତୀଶ କୁମାର ରେଡ୍ଡୀ ଓ ଆକାଶ ଦୀପ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

ଜାତୀୟ କନିଷ୍ଠ ବାଳକ ରଗ୍‌ବି

## କ୍ୱାର୍ଟର୍ ଫାଇନାଲ୍‌ରେ ଓଡ଼ିଶା

ଭୁବନେଶ୍ୱର, ୧୩।୭ (ସଂଚାର ବ୍ୟୁରୋ): ଉତ୍ତରାଖଣ୍ଡର ଡେରାଡୁନଠାରେ ଚାଲିଥିବା ଜାତୀୟ କନିଷ୍ଠ ବାଳକ ରଗ୍‌ବି ସେଭେନ୍ସ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛି ଗତଥର ବିଜେତା ଓଡ଼ିଶା। ଆସାମ ଓ ତାମିଲନାଡୁ ସହ ପୁଲ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ନିଜ ପ୍ରଥମ ଦୁଇ ଲିଗ୍ ମ୍ୟାଚ୍‌ରେ ତାମିଲନାଡୁକୁ ଏକତରଫା ଭାବେ ୫୬-୦ ଏବଂ ଆସାମକୁ ୩୪-୭ରେ ହରାଇ ପୁଲ୍ ଟପ୍ପର ଭାବେ ପ୍ରି-କ୍ୱାର୍ଟର ଫାଇନାଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ସେଠାରେ ଆସାମକୁ ୩୧-୦ରେ ହରାଇ କ୍ୱାର୍ଟର ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଥିଲା। ୨୭ଟି ଦଳକୁ ନେଇ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାର ଅନ୍ୟ ଏକ ଉଲ୍ଲେଖନୀୟ ଘଟଣାକ୍ରମେ ଶୃଙ୍ଖଳା ଜନିତ କାରଣ ପାଇଁ ଭାରତୀୟ ରଗ୍‌ବି ୟୁନିୟନ୍ ରାଜସ୍ଥାନ ଦଳକୁ ଏଥିରୁ ବାଦ୍ ଦେଇଛି। ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ଶେଷ ହୋଇଥିବା ବାଳିକା ବର୍ଗ ପ୍ରତିଯୋଗିତାରେ ଓଡ଼ିଶା ରୌପ୍ୟ ପଦକ ଜିତିଥିଲା।

ଜାତୀୟ ଓପନ୍ ପାରା ଦୌଡ଼କୁଦ

## ଓଡ଼ିଶାକୁ ୪ ସ୍ୱର୍ଣ୍ଣ ସହ ୧୧ ପଦକ




ଭୁବନେଶ୍ୱର, ୧୩।୭ (ସଂଚାର ବ୍ୟୁରୋ): ବେଙ୍ଗାଲୁରୁର କାନ୍ତିରବା ଷ୍ଟାଡିୟମ୍‌ରେ ଆୟୋଜିତ ସପ୍ତମ ଜାତୀୟ ଓପନ୍ ପାରା ଦୌଡ଼କୁଦରେ ଓଡ଼ିଶା ପ୍ରତିଯୋଗୀମାନେ ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୨ କାଂସ୍ୟ ପଦକ ସହ ମୋଟ ୧୧ ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଓଡ଼ିଶା ପକ୍ଷରୁ ପଦକ ଜିତିଥିବା ଖେଳାଳିଙ୍କ ମଧ୍ୟରେ ଜୟନ୍ତୀ ବେହେରା ମହିଳା ଟି-୪୭ ୧୦୦ ଓ ୨୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୪୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ। ସେହିଭଳି ସୁଚିତ୍ରା ପରିଡ଼ା ଏଫ୍-୫୫ ଜାଭଲିନରେ ସ୍ୱର୍ଣ୍ଣ ପଦକ ଜିତିଥିଲା ବେଳେ ସଟପୁଟ୍‌ରେ ରୌପ୍ୟ ପଦକ ପାଇଥିଲେ। ଜାନକୀ ଓରାମ ଟି-୧୨ର ୧୦୦ ମିଟରରେ ସ୍ୱର୍ଣ୍ଣ, ୨୦୦ ମିଟରରେ କାଂସ୍ୟ ପଦକ ପାଇଥିଲେ। ଏହି ବର୍ଗର ଲମ୍ବ ଡିଆଁରେ ଏକମାତ୍ର ପ୍ରତିଯୋଗୀ ଥିବାରୁ ସ୍ୱର୍ଣ୍ଣ ପଦକ ହାସଲ କରି ନେଇଥିଲେ ସେ। କମଳାକାନ୍ତ ନାୟକ ଏଫ୍ ଓ ଟି ୫୩/୫୪ର ଜାଭଲିନ ଏବଂ ୮୦୦ ମିଟର ଗୋଟିଏ ଲେଖାଏଁ ରୌପ୍ୟ ପଦକ ଜିତିଥିଲେ। ଏହି ବର୍ଗର ୪୦୦ ମିଟର ଦୌଡ଼ରେ ତାଙ୍କୁ କାଂସ୍ୟ ପଦକ ମିଳିଥିଲା। ଏହି ସଫଳତା ଲାଗି ରାଜ୍ୟ ସଂଘ ପକ୍ଷରୁ ସମସ୍ତ ସଫଳ ପ୍ରତିଯୋଗୀଙ୍କୁ ଶୁଭକାମନା ଜ୍ଞାପନ କରାଯାଇଛି।

ଆଇଟା ୧୦୦କେ ଟେନିସ୍

## ଦେବାଶିଷ ବିଜେତା




ଭୁବନେଶ୍ୱର, ୧୩।୭ (ସଂଚାର ବ୍ୟୁରୋ): ଖୋର୍ଦ୍ଧାର କେଟି ଗ୍ଲୋବାଲ୍ ସ୍କୁଲ୍‌ଠାରେ ଆୟୋଜିତ ଆଇଟା ୧ଲକ୍ଷ ପୁରୁଷ ଏକକ ଟେନିସ୍ ପ୍ରତିଯୋଗିତାରେ କନିଷ୍ଠ ଡେଭିସ୍ କପ୍ ତାରକା ଦେବାଶିଷ ସାହୁ ବିଜେତା ହୋଇଛନ୍ତି। ଫାଇନାଲ୍‌ରେ ସେ ମହାରାଷ୍ଟ୍ରର ଅନୁରାଗ ରେଡ୍ଡୀଙ୍କୁ ସିଧାସଳଖ ୬-୪, ୬-୨ ସେଟ୍‌ରେ ପରାସ୍ତ କରିଥିଲେ। ଏହା ପୂର୍ବରୁ ସେମିଫାଇନାଲ୍‌ରେ ମହାରାଷ୍ଟ୍ରର ଅନ୍ୟତମ ତାରକା ସୌର୍ଯ୍ୟ ମାଣିକଙ୍କୁ ସେହି ୬-୪, ୬-୨ ସେଟ୍‌ରେ ହରାଇ ଫାଇନାଲ୍‌ରେ ପ୍ରବେଶ କରିଥିଲେ। ସର୍ବଭାରତୀୟ ଟେନିସ୍ ମହାସଂଘ (ଆଇଟା) ଅନୁକୂଲ୍ୟରେ ଖେଳାଯାଇଥିବା ଏହି ପ୍ରତିଯୋଗିତା ଚଳିତ ଜୁଲାଇ ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ଖେଳାଯାଇଥିଲା। ଦେବାଶିଷ ଏହି ସଫଳତା ଲାଗି ଓଡ଼ିଶା ଟେନିସ୍ ସଂଘ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର୍ ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ ଟେନିସ୍ ଏକାଡେମି, କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସଙ୍କୁ ହୃଦୟର ଗଭୀରତମ କୋଣରୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଜାତୀୟ ବାଳିକା ହକି ଫାଇନାଲ୍‌ରେ ଓଡ଼ିଶା



ଭୁବନେଶ୍ୱର, ୧୩।୭ (ସଂଚାର ବ୍ୟୁରୋ): ଝାଡ଼ଖଣ୍ଡର ମରାଙ୍ଗ ଗୋମ୍‌କେ ଜୟପାଲ ସିଂହ ହକି ଷ୍ଟାଡିୟମ୍‌ରେ ଚାଲିଥିବା ପଞ୍ଚଦଶ ଜାତୀୟ ଉପକନିଷ୍ଠ ବାଳିକା (୧୭ ବର୍ଷରୁ କମ୍) ହକିର ଫାଇନାଲ୍‌ରେ ପ୍ରବେଶ କରିଛି ଓଡ଼ିଶା। ଶନିବାରର ରୋମାଞ୍ଚକ ସେମିଫାଇନାଲ୍‌ରେ ଓଡ଼ିଶା ୧-୦ ଗୋଲ୍‌ରେ ହରିୟାଣାକୁ ହରାଇ ଏହି ସଫଳତା ଲାଭ କରିଛି। ମ୍ୟାଚ୍‌ର ଏକମାତ୍ର ଓ ବିଜୟ ସୂଚକ ଗୋଲ୍ ରାଜ୍ୟ ଦଳର ତାରକା ଖେଳାଳି ସୁଦୀପା ବା' ୪୫ତମ ମିନିଟ୍‌ରେ ଦେଇଥିଲେ। ପ୍ରଥମାର୍ଦ୍ଧ ଗୋଲ୍ ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧର ଏହି ସ୍ୱର୍ଣ୍ଣିମ ଗୋଲ୍ ଓଡ଼ିଶାକୁ ଫାଇନାଲ୍‌କୁ ନେଇଥିଲା। ଫାଇନାଲ୍‌ରେ ଓଡ଼ିଶା ଆୟୋଜକ ଝାଡ଼ଖଣ୍ଡକୁ ଭେଟିବ। ଅନ୍ୟ ଏକ ସେମିଫାଇନାଲ୍‌ରେ ଝାଡ଼ଖଣ୍ଡ ସେହି ୧-୦ ଗୋଲ୍‌ରେ ମିଜୋରାମକୁ ହରାଇଥିଲା। ଫାଇନାଲ୍ ସହ ତୃତୀୟ ଓ ଚତୁର୍ଥ ସ୍ଥାନ ମ୍ୟାଚ୍ ରବିବାର ଅପରାହ୍ଣରେ ଖେଳାଯିବ।

# ସମ୍ବର୍ଦ୍ଧିତ ହେଲେ କ୍ରୀଡ଼ା ପ୍ରତିଭା ଓ ଗୁରୁ

ଏମ୍‌ବି ସ୍ମାରକୀ କ୍ରୀଡ଼ା ସମ୍ମାନ




ଭୁବନେଶ୍ୱର, ୧୩।୭ (ସଂଚାର ବ୍ୟୁରୋ): ପୁରୀର ପ୍ରଥମ କୁସ୍ତି ଗୁରୁ ସ୍ୱର୍ଗତ ମୁକୁନ୍ଦ ବରାଳଙ୍କ ସ୍ମୃତିରେ ଆୟୋଜିତ କ୍ରୀଡ଼ା ପ୍ରତିଭା ପୁରସ୍କାର ଶନିବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉଷୁ କଳା ପାଇଁ ଯୁଗ୍ମ ଭାବେ ପାୟଲ ପଟ୍ଟନାୟକ ଓ ନୂପୁର ପଟ୍ଟନାୟକ, କୁସ୍ତିରେ ରୋହିତ ସାମଲ, ଫୁଟ୍‌ବଲ୍ ପାଇଁ ଇପ୍‌ସିତା ରାଉତ, ବନ୍ଧୁକ ଚାଳନା ପାଇଁ କଣିକା ପ୍ରଧାନଙ୍କୁ କ୍ରୀଡ଼ା ପ୍ରତିଭା ସମ୍ମାନ ଓ ମୁକୁନ୍ଦ ବରାଳ ସ୍ମାରକୀ ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ସମୀକ୍ଷା ସ୍ମରଣିକାଙ୍କୁ ପ୍ରଦାନ କରାଯାଇଛି। ସେହିପରି କୁସ୍ତି ଗୁରୁ କସ୍ତୁରୀ ମହାସୁଆର, ଉଷୁ ପ୍ରଶାସକ ପୃଥ୍ୱୀରାଜ ହରିଚନ୍ଦନ, ଫୁଟ୍‌ବଲ୍‌ରେ ଉର୍ମିଳା କୁମାରୀ ଦାସ, ମିନି ଗଲ୍‌ଫ ପାଇଁ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ସାମରିକ କଳା ପାଇଁ ବାସୁଦେବ ସାହୁଙ୍କୁ କ୍ରୀଡ଼ା ଗୁରୁ ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ଅଲିମ୍ପିକ ଆସୋସିଏସନ୍ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଦେବୀ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଦାସ ମହାପାତ୍ର ଓ ବିଜେପି ନେତା ଜଗନ୍ନାଥ ପ୍ରଧାନ, ଡ. ମୁରଲୀ ଶର୍ମା, ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ବିଧୁଭୂଷଣ ନାୟକ, ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ମୁକୁନ୍ଦ ବରାଳଙ୍କ ସୁପୁତ୍ର ନବ କିଶୋର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମ୍ୟାନେଜିଂ ଟ୍ରଷ୍ଟି ପୀୟୂଷ ମହାନ୍ତି, ଟ୍ରଷ୍ଟି କୈବଲ୍ୟ ବରାଳ, ଦିଲ୍ଲୀପ ଦାସ ଓ ନିର୍ମାଲ୍ୟ ବରାଳ ପ୍ରମୁଖ ପରିଚାଳନା କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଶେଷରେ ସୁର ତରଙ୍ଗ ପକ୍ଷରୁ ପ୍ରିୟ ରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଅଭିନୀତ ଚଳଚ୍ଚିତ୍ରର ସଙ୍ଗୀତକୁ କଳାକାରମାନେ ପରିବେଷଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୨ରୁ ...

୧୧୨ଟି ଆସନ ଜିତିଥିଲା। ଆଉ କଂଗ୍ରେସର ଥିଲେ ମାତ୍ର ୯ଜଣ ବିଧାୟକ। ୨୦୦୦ ମସିହାରୁ କଂଗ୍ରେସ ବିରୋଧୀ ଦଳ ଆସନରେ ବସିଆସୁଥିବା ବେଳେ ୨୦୧୯ରେ ଏହି ଜାତୀୟ ଦଳ ବିରୋଧୀ ଦଳ ମାନ୍ୟତା ବି ପାଇଲା ନାହିଁ। ୨୦୨୪ ନିର୍ବାଚନର ଫଳାଫଳ ସବୁ ରାଜନୀତି ବିଶାରଦଙ୍କ ମୁଣ୍ଡ ଗୋଳ କରିଦେଇଥିଲା। କେହି କେବେ ଭାବିନଥିଲେ ଯେ ବିଜେଡି ୧୧୨ରୁ ୫୧କୁ ଖସିବ ଆଉ ବିଜେପି ୭୮ ବିଧାୟକ ଓ ୩ ସ୍ୱାଧୀନ ବିଧାୟକଙ୍କ ସମର୍ଥନରେ ସରକାର ଗଠନ କରିବ। ତେବେ କଂଗ୍ରେସର ପ୍ରଦର୍ଶନ ସମସ୍ତଙ୍କୁ ଚକିତ କରିଦେଇଥିଲା।

କଂଗ୍ରେସର ୯ ଜଣ ବିଧାୟକଙ୍କ ମଧ୍ୟରୁ ଦୁଇ ତିନି ଜଣ ଜିତିବେ ବୋଲି ଆକଳନ କରାଯାଉଥିଲା। ହେଲେ ସରକାର ବିରୋଧୀ ହାୱାରେ କଂଗ୍ରେସ ୧୪ଟି ଆସନ ଜିତିଥିଲା। ଗତ ନିର୍ବାଚନରେ ରାଜ୍ୟରେ କଂଗ୍ରେସ ଭୟଙ୍କର ଆଭ୍ୟନ୍ତରୀଣ କନ୍ଦଳ ଦେଇ ଗତି କରୁଥିଲା। ପିସିସି ସଭାପତି ଶରତ ପଟ୍ଟନାୟକ ଶେଷ ପର୍ଯ୍ୟନ୍ତ ସବୁ ସ୍ତରର ନେତାଙ୍କୁ ନିଜ ସହ ବାନ୍ଧିପାରିଲେ ନାହିଁ। ଏଆଇସିସି ମଧ୍ୟ ଓଡ଼ିଶାକୁ ସେ ସମୟରେ ଗୁରୁତ୍ୱ ଦେଇନଥିଲା। କହିବାକୁ ଗଲେ ଓଡିଶା ଉପରୁ ଏଆଇସିସି ଏକପ୍ରକାର ଆଶା ଛାଡିଦେଇଥିଲେ। ରାଜ୍ୟକୁ ଏଆଇସିସି ନିର୍ବାଚନ ଲଢ଼ିବାକୁ ଆବଶ୍ୟକ ପାଣ୍ଠି ମଧ୍ୟ ଦେଉନଥିଲା। ଗତ ୨୪ ବର୍ଷ ଧରି କଂଗ୍ରେସ କ୍ଷମତାରେ ନଥିବାରୁ ନିର୍ବାଚନ ଲଢ଼ିବାକୁ କଂଗ୍ରେସ ନେତାଙ୍କ ପାଖରେ ସମ୍ବଳ ମଧ୍ୟ ନଥିଲା। ଏହା ସତ୍ତ୍ୱେ ସମସ୍ତଙ୍କ ଅନୁମାନକୁ ଭୁଲ ପ୍ରମାଣିତ କରି ୧୪ ଜଣ ବିଧାୟକ ଜିତିଲେ।

କଂଗ୍ରେସର ବରିଷ୍ଠ ନେତାଙ୍କ ଯୁକ୍ତି ହେଉଛି ପ୍ରଥମ ଥର ପାଇଁ ବିଜେଡି ମୁଖ୍ୟ ବିରୋଧୀ ଦଳ ଆସନରେ ବସିଛି। କିନ୍ତୁ ରାଜରାସ୍ତାରେ କଂଗ୍ରେସ ମୁଖ୍ୟ ବିରୋଧୀ ଦଳର ଭୂମିକା ତୁଲାଉଛି। ରାଜ୍ୟ ସରକାରଙ୍କ ବିରୋଧରେ ମୁଖ୍ୟ ବିରୋଧୀ ଦଳ ଭାବେ ବିଜେଡି ଯେଉଁ ଭଳି ଭୂମିକାରେ ଅବତୀର୍ଣ୍ଣ ହେବା କଥା ତାହା ହୋଇପାରୁନି। ଅପରପକ୍ଷରେ କଂଗ୍ରେସ ସବୁ ସରକାର ବିରୋଧୀ ପ୍ରସଙ୍ଗରେ ରାସ୍ତାକୁ ଓହ୍ଲାଇ ସରକାରଙ୍କୁ ଅଡୁଆରେ ପକାଉଛି। ବରଂ ବିଜେଡି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ବିରୋଧରେ ଆକ୍ରମଣାତ୍ମ ହେବା ବଦଳରେ ସାଲିସ କରିଦେଉଥିବା ଅଭିଯୋଗ ହେଉଛି। ସର୍ବୋପରି ପ୍ରତିଦିନ ବିଜେଡିର ଆଭ୍ୟନ୍ତରୀଣ କନ୍ଦଳ ହାଟରେ ପଡି ଦାଣ୍ଡରେ ଗଡୁଛି। ଅପରକ୍ଷରେ ଡବଲ ଇଂଜିନ ସରକାର ବିରୋଧରେ କଂଗ୍ରେସ ଓଡିଶାରୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢେଇ କରୁଛି। ଗୋଟିଏ ଗୋଟିଏ ପ୍ରସଙ୍ଗରେ ସମାନ୍ତରାଳ ଭାବେ କଂଗ୍ରେସ ଓଡିଶା ଓ ଦିଲ୍ଲୀ ମିଡିଆକୁ ମଧ୍ୟ ପ୍ରଭାବିତ କରୁଛି। ଗତ କିଛି ମାସ ମଧ୍ୟରେ କଂଗ୍ରେସ କନ୍ଦଳ ବି କିଛିଟା କମିଛି। ୨୦୨୯ ପର୍ଯ୍ୟନ୍ତ ଏହି ଟେମ୍ପୋ କାଏମ କରିପାରିଲେ, ରାଜ୍ୟ କଂଗ୍ରେସ ୧୦୦ ଆସନ ଦଖଲ କରିବା କାହିଁକି ସମ୍ଭବ ନୁହେଁ ବୋଲି ବରିଷ୍ଠ କଂଗ୍ରେସ ନେତାମାନେ ଦାବି କରୁଛନ୍ତି।

### ଏବେ...

ବୈଠକ କରିସାରିଛନ୍ତି। କେନ୍ଦ୍ରୀୟ ନେତୃତ୍ୱ ସହ ବି ଏନେଇ ଆଲୋଚନା ହୋଇଥିବା ଜଣାପଡିଛି। କାରଣ ନିଗମ ଓ ବୋର୍ଡ ଅଧ୍ୟକ୍ଷ ପଦ ବାଣ୍ଟିବା ସମୟରେ ନିର୍ବାଚନମଣ୍ଡଳୀ ଓ ଜିଲ୍ଲା ପ୍ରତିନିଧିତ୍ୱ ସାଙ୍ଗକୁ ନେତାଙ୍କ ବ୍ୟକ୍ତିଗତ ଦକ୍ଷତାକୁ ମଧ୍ୟ ମାପଦଣ୍ଡ ଭାବେ ଗ୍ରହଣ କରାଯାଉଛି। ଏହା ଭିତରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗଙ୍କ ଅଧ୍ୟକ୍ଷତାରେ ଦୁଇ ଦୁଇ ଥର ବୈଠକ ବସିଛି । ପାଖାପାଖି ଦେଢ଼ ଶହ ନେତାଙ୍କୁ ନିଯୁକ୍ତି ନେଇ ବି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଛି । ତା' ଉପରେ ବି ଶୀଘ୍ର ଚର୍ଚ୍ଚା ଆଲୋଚନା କରି କାର୍ଯ୍ୟକାରୀ କରାଯିବ ବୋଲି କୁହାଯାଉଛି ।

### ଚର୍ଚ୍ଚାରେ...

କରିବା ସହ ଶ୍ରୀକ୍ଷେତ୍ରରେ ମାଗଣା ଖାଦ୍ୟ ବଣ୍ଟନ କରି ତା'ର ଜୋରଦାର ପ୍ରଚାର କରାଇଥିଲେ। ରାଜଧାନୀରୁ ପୁରୀ ପର୍ଯ୍ୟନ୍ତ ଚାରିଆଡେ ଅଦାନୀ ରଥଯାତ୍ରା ହୋର୍ଡିଂ ଲାଗିଥିଲା ଓ ସୋସିଆଲ ମିଡିଆରେ ଏହାକୁ ନେଇ ବିବାଦ ଦେଖାଯାଇଥିଲା। ଅଦାନୀ ଗୋଷ୍ଠୀର ଏଭଳି ପ୍ରଚାର ପଛରେ ଅଭିସନ୍ଧି ଥିବା ନେଇ ଆଲୋଚନା ବି ହୋଇଥିଲା। ଏବେ ହଠାତ ଅମ୍ବାନୀ ଗୋଷ୍ଠି ସକ୍ରିୟ ହୋଇଉଠିଛନ୍ତି। ନିଜ ପିଲାଙ୍କ ବାହାଘର କିଭଳି ଶହ ଶହ କୋଟି ଟଙ୍କା ଖର୍ଚ୍ଚରେ ହୋଇଥିଲା, ତାହା ଓଡ଼ିଶାବାସୀଙ୍କୁ ଜଣାଉଛନ୍ତି। ଜାତୀୟ ସ୍ତରରେ ଦୁଇ ବୃହତ ଓ ପ୍ରତିଷ୍ଠିତ ସଂସ୍ଥା ନିଜ ନିଜ ମଧ୍ୟରେ ପ୍ରତିଯୋଗିତା ଚଳାଇଥିବା ବେଳେ ଏବେ ଓଡ଼ିଶାରେ ସେମାନଙ୍କର ଲଢେଇ ଆରମ୍ଭ କରିଦେଇଛନ୍ତି ।

ଉଭୟ ଶିଳ୍ପ ଗୋଷ୍ଠୀ ଖଣିଖାଦାନ, ଶକ୍ତି, ପରିବହନ ଭଳି ବିଭିନ୍ନ ବୃହତ୍ ବ୍ୟବସାୟ ସହ ଜଡ଼ିତ ଥିବାରୁ ରାଜ୍ୟରେ ସେମାନଙ୍କର ଏଭଳି ପ୍ରଚାରର ଲକ୍ଷ୍ୟ କ'ଣ, ତାହାକୁ ନେଇ ରାଜ୍ୟରେ ଜୋରଦାର ଆଲୋଚନା ଆରମ୍ଭ ହୋଇଛି। ଦେଶର ଏହି ଦୁଇ ପ୍ରତିଷ୍ଠିତ ବିଜନେସ ଟାଇକୁନଙ୍କୁ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ପୂର୍ବରୁ ବିଜେଡି ସରକାର ମଧ୍ୟ ଆମନ୍ତ୍ରଣ କରିଥିଲା, ଏବେ ବିଜେପି ସରକାର ବି ଅଫର ଦେଇଛି। ଅବଶ୍ୟ ଏହି ଦୁଇ ସଂସ୍ଥା ଓଡିଶାରେ ସେମାନଙ୍କ କାରବାର ଆରମ୍ଭ କଲେ ରାଜ୍ୟର କିଛି ଲୋକ ଲାଭବାନ ହେବା ସ୍ୱାଭାବିକ। ଚର୍ଚ୍ଚା ହେଉଛି, ଏମାନଙ୍କ ନଜର ଓଡ଼ିଶାର ଖଣି ଓ ପାଣି ଉପରେ ରହିଛି। ତେବେ ଯେଉଁମାନେ ଖଣି ଖୋଳା ଠିକାଦାରଙ୍କ ଓଡ଼ିଶା ପ୍ରବେଶର ଇତିହାସକୁ ଦେଖିଛନ୍ତି, ସେମାନେ ଆତଙ୍କିତ ହେବାରେ ଲାଗିଛନ୍ତି। କାରଣ ଏହି ବୃହତ୍ ଶିଳ୍ପଗୋଷ୍ଠୀ ଯଦି ଓଡ଼ିଶାର ଖଣି ଖାଦାନର ବ୍ୟବସାୟରେ ପଶନ୍ତି, ତେବେ କେବଳ ପ୍ରାକୃତିକ ସମ୍ପଦକୁ ସାରିବେ ନାହିଁ, ରାଜ୍ୟ ରାଜନୀତିରେ ମଧ୍ୟ ଓଲଟପାଲଟ କରିଦେଇପାରିବେ। ତେଣୁ ଏହି ପ୍ରସଙ୍ଗରେ ରାଜ୍ୟ ସରକାର କି ଆଭିମୁଖ୍ୟ ଗ୍ରହଣ କରୁଛନ୍ତି, ତା' ଉପରେ ସମସ୍ତଙ୍କ ନଜର।

### ବଜ୍ରାଘାତରେ...

କଟକ ଜିଲ୍ଲାର ମାହାଙ୍ଗା ବ୍ଲକ୍‌ର ବ୍ଲକ ଭଦ୍ରେଶ୍ୱର ଥାନା ଅଧୀନସ୍ଥ ପୋଡ଼ାମରାଇ ପଞ୍ଚାୟତ ଅନ୍ତର୍ଗତ ସିନ୍ଧୁପୁର ଗ୍ରାମର ପ୍ରଦୀପ୍ତ ଖଟୁଆ (୪୫) ଆଜି ମଧ୍ୟାହ୍ନରେ ଧାନବିଲରେ କାର୍ଯ୍ୟ କରୁଥିବା ବେଳେ ଘଡ଼ଘଡ଼ି ସାଙ୍ଗକୁ ବର୍ଷା ଆରମ୍ଭ ହୋଇଯାଇଥିଲା। ଫଳରେ ଅନ୍ୟ କେତେକ ଚାଷୀଙ୍କ ସହ ପ୍ରଦୀପ୍ତ ନିକଟସ୍ଥ ଏକ ବରଗଛ ମୂଳେ ଆଶ୍ରୟ ନେଇଥିଲେ। ତେବେ ହଠାତ୍ ଭୀଷଣ ଶବ୍ଦ କରି ବଜ୍ରାଘାତ ହେବା ଫଳରେ ଏଥିରେ ପ୍ରଦୀପ୍ତ ଟଳିପଡ଼ିଥିଲେ। ତାଙ୍କୁ ତୁରନ୍ତ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ୍ ମୃତଦେହକୁ କଟକ ବଡ଼ ମେଡିକାଲ୍‌କୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

ପାଣିପାଗ ବିଭାଗ ପକ୍ଷରୁ ବାରମ୍ବାର ଜନସାଧାରଣଙ୍କୁ ବିଜୁଳି ଘଡ଼ଘଡ଼ି ସହ ବର୍ଷାର ପୂର୍ବାନୁମାନ ନେଇ ସତର୍କ ସୂଚନା ଦିଆଯାଉଛି। ବିଶେଷକରି ବଜ୍ରପାତ ସମୟରେ ଖୋଲା ଜାଗା, ଗଛ ତଳେ କିମ୍ବା ବିଲ ପାଖରେ ଆଶ୍ରୟ ନ ନେବାକୁ ମଧ୍ୟ ପରାମର୍ଶ ଦିଆଯାଉଛି।

### ଘାତକ...

ଡା.ଆଶୁତୋଷ ବିଶ୍ୱାସ ଓ ଅଧୀକ୍ଷକ ଡାକ୍ତର ଦିଲ୍ଲୀପ ପରିଡ଼ାଙ୍କ ସହ ସ୍ଥିତିର ସମୀକ୍ଷା କରିଛନ୍ତି। ଏହାଛଡ଼ା ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏମ୍ସରେ ପହଞ୍ଚି ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତାଙ୍କ ବାପା-ମା'ଙ୍କୁ ଭେଟି ଆଶ୍ୱାସନା ଦେଇଛନ୍ତି। ସେମାନଙ୍କ ସହ ଏକାମ୍ର ବିଧାୟକ ବାବୁ ସିଂ ମଧ୍ୟ ମହଜୁଦ ଥିଲେ।

ଅନ୍ୟପକ୍ଷରେ ଘଟଣା ନେଇ ଗତକାଲି ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯାଇଥିବା ବେଳେ ଏହାର ୩ ଜଣଯାକ ସଦସ୍ୟ ଆଜି କଲେଜରେ ପହଞ୍ଚି ତନାଘନା କରିଛନ୍ତି। କମିଟିରେ ଆଇଏଏସ୍ କାଳିପ୍ରସନ୍ନ ମହାପାତ୍ର, ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ ମୌସୁମୀ ନାୟକ ଓ ବିଜେବି ସ୍ୱୟଂଶାସିତ କଲେଜର ପ୍ରଫେସର ଝୁମକି ରଥ ରହିଛନ୍ତି। ସେମାନେ ପୀଡିତାଙ୍କ ସାଙ୍ଗସାଥୀଙ୍କ ସହ କଲେଜ କର୍ତ୍ତୃପକ୍ଷଙ୍କୁ ପଚରାଉଚରା କରିବା ସହ କେଉଁ ପରିସ୍ଥିତିରେ ଛାତ୍ରୀ ଜଣଙ୍କ ଆତ୍ମାହୁତି କରିବା ପର୍ଯ୍ୟନ୍ତ କଥା ଗଲା, ତା'ର ଛାନ୍‌ଭିନ୍ କରି ଫେରିଥିବା ଜଣାପଡ଼ିଛି।

ଏହାଛଡ଼ା ଆଜି ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି କଲେଜରେ ତଦନ୍ତ କରିଛନ୍ତି କ୍ରାଇମବ୍ରାଞ୍ଚର ୱିମେନ୍ ୱିଙ୍ଗ୍। ପ୍ରଥମ ପର୍ଯ୍ୟାୟରେ ପ୍ରାରମ୍ଭିକ ତଦନ୍ତ ଆରମ୍ଭ ଟିମ୍ ପକ୍ଷରୁ ଆରମ୍ଭ କରାଯାଇଛି। ୱିଙ୍ଗ୍‌ର ୨ ଜଣ ସଦସ୍ୟା ନିଲମ୍ବିତ ଅଧ୍ୟକ୍ଷଙ୍କ ସମେତ ଅନ୍ୟ ଆଇସିସି କମିଟିକୁ ତଦନ୍ତ ପରିସରଭୁକ୍ତ କରିଛନ୍ତି। ପରବର୍ତ୍ତୀ ସମୟରେ ପୁଣିଥରେ ସମସ୍ତଙ୍କୁ ଡକାଯାଇ ତଦନ୍ତ ପରିସରଭୁକ୍ତ କରାଯିବ। ପ୍ରାଥମିକ ପର୍ଯ୍ୟାୟର ତଦନ୍ତ ସମ୍ପର୍କରେ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଯାଇଥିବା ନେଇ ମଧ୍ୟ ସୂଚନା ଦିଆଯାଇଛି।

ସେହିପରି ଏହି ଘଟଣାରେ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ହସ୍ତକ୍ଷେପ କରିଛନ୍ତି। କମିଶନ୍ ନିଜ ଆଡୁ ମାମଲା ରୁଜୁ କରିବା ସହ ଏପରି ଏକ ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ଏଥିସହ ଏହି ମାମଲାରେ ପୁଲିସ୍ ଡିଜିଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କମିଶନ୍ ନିର୍ଦ୍ଦେଶ ଦେଇଛନ୍ତି। ୩ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ଦାଖଲ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଏମ୍ସରେ ସଂକଟାପନ୍ନ ଅବସ୍ଥାରେ ପୀଡ଼ିତାଙ୍କ ଚିକିତ୍ସା ଚାଲିଛି। ଏମ୍ସରେ ଭର୍ତ୍ତି ହେବା ପରଠାରୁ ଡାକ୍ତରମାନେ ଆପ୍ରାଣ ଉଦ୍ୟମ କରିବା ସତ୍ତ୍ୱେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ କିଛି ସୁଧାର ଆସିନଥିବା ଏମ୍ସ ନିର୍ଦ୍ଦେଶକ ଡାକ୍ତର ବିଶ୍ୱାସ କହିଛନ୍ତି। ତାଙ୍କୁ ଶ୍ୱାସନଳୀ ପୋଡ଼ିଯାଇଥିବା ବେଳେ ତାଙ୍କୁ ଆଇସିୟୁ ଭେଣ୍ଟିଲେଟରରେ ରଖାଯାଇଛି। ନିଆଁ ଲାଗିବା ଯୋଗୁଁ ତାଙ୍କର କିଡ଼ନୀ, ଲିଭର୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କ୍ଷତିଗ୍ରସ୍ତ ହୋଇଛି। ରକ୍ତଚାପ ସ୍ଥିତି ମଧ୍ୟ ଅତି ବିପଜ୍ଜନକ ଅବସ୍ଥାରେ ରହିଛି। ଏହି ଦୃଷ୍ଟିରୁ ଆଗାମୀ ୪୮ ଘଣ୍ଟା ଅତି ଗୁରୁତ୍ୱପୂର୍ଣ୍ଣ। ଇତିମଧ୍ୟରେ ତାଙ୍କର ଡାଇଲିସିସ୍ ମଧ୍ୟ ଆରମ୍ଭ ହୋଇଛି। ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ତାଙ୍କ ଚିକିତ୍ସା କରୁଛନ୍ତି। ସ୍ୱାସ୍ଥ୍ୟାବସ୍ଥାର ତଦାରଖ ପାଇଁ ଏମ୍ସ ତରଫରୁ ଗଠନ ହୋଇଛି ୮ ଜଣିଆ ବିଶେଷଜ୍ଞ କମିଟି, ଯେଉଁଥିରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ରହିଛନ୍ତି ବୋଲି ଡାକ୍ତର ବିଶ୍ୱାସ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାରେ ଗତକାଲି ନିଲମ୍ବିତ ହୋଇଥିବା କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ଦର୍ଶାଇ ପୁଲିସ୍ ନିକଟରେ ସୁରକ୍ଷା ପାଇଁ ନିବେଦନ କରିଛନ୍ତି। ସେହିପରି ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ଛାତ୍ରଛାତ୍ରୀମାନଙ୍କୁ ହିଂସାତ୍ମକ କାର୍ଯ୍ୟକଳାପରୁ ନିବୃତ୍ତ ରହିବାକୁ ନିବେଦନ କରିଛନ୍ତି। ଆହୁରି ଗତକାଲି ସମ୍ପୃକ୍ତ ଛାତ୍ରୀଙ୍କୁ ବଞ୍ଚାଇବା ସକାଶେ ଉଦ୍ୟମ ବେଳେ ଆହତ ହୋଇଥିବା ଛାତ୍ରଙ୍କୁ ଆଜି କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ତାଙ୍କ ହାତ ଓ ମୁହଁ ପୋଡ଼ିଯାଇଥିବା ବେଳେ ତାଙ୍କର ଚିକିତ୍ସା ଚାଲିଛି।

### ରାଜ୍ୟପାଳଙ୍କ...

ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀ ଆତ୍ମହତ୍ୟା କରିବା ଘଟଣା ଆଶ୍ଚର୍ଯ୍ୟଜନକ ଓ ଅତ୍ୟନ୍ତ ଦୁଃଖଦାୟକ। ମୁଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି। ଜଣେ ଅଧ୍ୟାପକ ତାଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଅଧ୍ୟକ୍ଷଙ୍କୁ ଲେଖିଥିବା ଚିଠିରେ ସେ ପ୍ରକାଶ କରିଛନ୍ତି ଯେ ସେ ପୂର୍ବରୁ ମଧ୍ୟ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ। ମାସ ମାସ ଧରି ଛାତ୍ରୀ ଜଣଙ୍କ ଭୟ ଓ ଯନ୍ତ୍ରଣାରେ ରହୁଥିଲେ। ଅଧ୍ୟକ୍ଷଙ୍କଠାରୁ ଉଚ୍ଚ ଶିକ୍ଷାମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ନ୍ୟାୟରୁ ତାଙ୍କୁ ବଞ୍ଚିତ କରାଗଲା। ନ୍ୟାୟ ପାଇଁ ନିବେଦନ କରି ଅନେକ ଉଚ୍ଚ ପଦାଧିକାରୀଙ୍କୁ ଟ୍ୟାଗ ମଧ୍ୟ କରିଥିଲେ। କିନ୍ତୁ ଶେଷ ପ୍ରୟାସରେ ବିଫଳ ହେବାରୁ ହତାଶ ହୋଇ ଅଧ୍ୟକ୍ଷଙ୍କ ଚାମ୍ବର ବାହାରେ ଆତ୍ମାହୁତି କରିବାକୁ ଚରମ ନିଷ୍ପତ୍ତି ନେଲେ। ରାଜ୍ୟପାଳଙ୍କୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରୁଛି। ବିଶ୍ୱବିଦ୍ୟାଳୟର କୁଳପତି ହିସାବରେ ସେ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି।

### ଆବଶ୍ୟକ...

ମୁଖ୍ୟମନ୍ତ୍ରୀ। ତେବେ ବର୍ତ୍ତମାନ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରିବ ନାହିଁ। କିନ୍ତୁ ସ୍ଥିତିରେ ସାମାନ୍ୟ ସୁଧାର ଆସିଲେ ଓ ଆବଶ୍ୟକ ପଡ଼ିଲେ ତାଙ୍କର ଏୟାରଲିଫ୍ଟ କରାଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ତିନିଜଣିଆ ତଦନ୍ତ କମିଟି ତାଙ୍କ ରିପୋର୍ଟ ପ୍ରଦାନ କରିବା ପରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହିତ ଆଗାମୀ ଦିନରେ ଯେଭଳି କୌଣସି ଶିକ୍ଷାନୁଷ୍ଠାନରେ ଏଭଳି ଘଟଣା ନଘଟେ ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

### କାହା...

କରାଯାଉଛି। ତେଣୁ ପ୍ରଶ୍ନ ଉଠୁଛି, ରାଜନୀତିର ପଶାପାଲିରେ ଅର୍ଚ୍ଚନା ବିଜେଡିର ମୋହରା ସାଜିଥିଲେ ନା ବିଜେପିର ମୋହରା ଥିଲେ। ଅର୍ଚ୍ଚନାଙ୍କ ଅଭିଯୋଗ ବିଜେଡିର କିଛି ନେତାଙ୍କୁ ବଦନାମ କରିବାକୁ ଉଦ୍ଦିଷ୍ଟ ଥିଲା ନା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବାକୁ ଯାଉଥିବାରୁ ବିଜେପିର କିଛି ନେତାଙ୍କୁ ଲଜ୍ଜିତ କରିବାକୁ ଚକ୍ରାନ୍ତ କରାଯାଇଛି, ତାକୁ ନେଇ ସୋସିଆଲ ମିଡିଆରେ ଜୋରସୋରରେ ଚର୍ଚ୍ଚା ହେଉଛି। ବିଜେଡି ଏବେ ଆଉ କ୍ଷମତାରେ ନାହିଁ, ତେଣୁ ବିଜେଡିର ନେତାଙ୍କୁ ବଦନାମ କରି ଅର୍ଚ୍ଚନାଙ୍କୁ କିଛି ଲାଭ ମିଳିବ ନାହିଁ। ବରଂ ବିଜେପିକୁ ନେଇ ହେଉଥିବା ଚର୍ଚ୍ଚା ଯଦି ସତ ହୋଇଥାଏ, ତାହେଲେ ତାହା ଦଳର ଆଭ୍ୟନ୍ତରୀଣ ଦୁର୍ବଳତାକୁ ପଦାରେ ପକାଉଛି ବୋଲି ଧରିନେବାକୁ ପଡ଼ିବ।

### ଫୋକସ୍‌ରେ...

ଜଣାଇବା ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ଏହି କାର୍ଯ୍ୟ ଶେଷ ହେବା ପରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବା ସହ ରାଜ୍ୟର ବିକାଶ ନେଇ ଦୀର୍ଘ ୩୫ ମିନିଟ ଧରି ଆଲୋଚନା କରିଥିଲେ। ଏହି ଆଲୋଚନାରେ ମୁଖ୍ୟତଃ ବିକଶିତ ଓଡ଼ିଶା ଉପରେ ଫୋକସ୍ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ସହ ହୋଇଥିବା ଆଲୋଚନା ଫଳପ୍ରଦ ହେବା ସହ ଆଗାମୀ ଦିନରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାର ବିକାଶ କିପରି ତ୍ୱରାନ୍ୱିତ ହେବ, ତା' ଉପରେ ପର୍ଯ୍ୟବସିତ ଥିଲା। ସମୃଦ୍ଧ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବା ସହ ତାଙ୍କୁ ଭିଜନ ଡକ୍ୟୁମେଣ୍ଟ ପୁସ୍ତକ ପ୍ରଦାନ କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଦଳର ସଙ୍ଗଠନ ମନ୍ତ୍ରୀ ବିଏଲ ସନ୍ତୋଷଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ସାକ୍ଷାତ କରିଥିଲେ।

### କପିରାଇଟ୍...

ଅଭିହିତ କରିଛନ୍ତି ଶ୍ରୀ ଜଗନ୍ନାଥଙ୍କ ରୀତିନୀତି ଏବଂ ସାଂସ୍କୃତିକ ପରମ୍ପରା ଆମର ଅନନ୍ୟ ଐତିହ୍ୟର ଅଂଶ। ଏହାର ଅପବ୍ୟବହାର ବା ଅସମ୍ମାନ କୌଣସି ଭାବେ ବରଦାସ୍ତ କରାଯାଇପାରିବ ନାହିଁ। ଏହାକୁ ସୁରକ୍ଷିତ ରଖିବା ପାଇଁ ସରକାର କପିରାଇଟ୍ ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।।

ଏହି ଘଟଣା ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ପାରମ୍ପରିକ ରୀତିନୀତିର ସଂରକ୍ଷଣ ଏବଂ ଏହାର ଅପବ୍ୟବହାର ରୋକିବା ପାଇଁ ଆଇନଗତ ପଦକ୍ଷେପର ଆବଶ୍ୟକତାକୁ ପୁନର୍ବାର ଉଜାଗର କରିଛି। ସରକାରଙ୍କ ଏହି ଉଦ୍ୟମ ଜଗନ୍ନାଥ ସଂସ୍କୃତିର ପବିତ୍ରତା ଓ ଐତିହ୍ୟକୁ ସୁରକ୍ଷିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଶା କରାଯାଉଛି। ଏଥିସହ ଭକ୍ତ ଓ ସାଧାରଣ ଜନତା ମଧ୍ୟ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ଶ୍ରୀ ଜଗନ୍ନାଥଙ୍କ ପରମ୍ପରାର ମର୍ଯ୍ୟାଦା ରକ୍ଷା ପାଇଁ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ସପକ୍ଷରେ ମଧ୍ୟ ମତ ଦେଇଛନ୍ତି।

### ଆଜି ...

ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ଓ ସ୍ୱର୍ଣ୍ଣପଦକ ପ୍ରଦାନ କରିବେ। ସେହିପରି ଆସନ୍ତା ୧୫ ତାରିଖରେ ରାଷ୍ଟ୍ରପତି କଟକ ଗସ୍ତ କରି ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଥମେ ରାଷ୍ଟ୍ରପତି ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହି ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଅଧ୍ୟକ୍ଷତା କରିବେ। ସେହିପରି ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟର ୩ଟି ନୂତନ କୋଠାର ଶିଳାନ୍ୟାସ ମଧ୍ୟ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କରିବାର କାର୍ଯ୍ୟକ୍ରମ ରହିଛି। ତା'ଛଡ଼ା ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି 'କଳିଙ୍ଗ ରତ୍ନ ପୁରସ୍କାର-୨୦୨୪' ମଧ୍ୟ ପ୍ରଦାନ କରିବେ।

# ବନ୍ୟା ପାଣି ଘେରରେ ୩୦୦ ପରିବାର



**ରାଜନଗର,୧୩ା୭ (ସଂଚାର ବ୍ୟୁରୋ):** ଲଗାଣ ବର୍ଷା ପରେ ରାଜନଗରରେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ଆଜି ବନ୍ୟା ପାଣି ଜନବସତିରେ ପଶିବା ପରେ ଓସ୍ତିଆ ପଞ୍ଚାୟତ ନଗଡ଼ ଗାଁର ୩୦୦ ପରିବାର ପାଣି ଘେରରେ ରହିଛନ୍ତି। ଗତ ଶୁକ୍ରବାର ରାତିରୁ ରାଜନଗର ଅଞ୍ଚଳରେ ବନ୍ୟା ପାଣି ବଢ଼ିବାରେ ଲାଗିଛି। ରେଙ୍ଗାଲିରୁ ବନ୍ୟାଜଳ ଛାଡ଼ିବା ପରେ ବ୍ରାହ୍ମଣୀ ଫୁଲିବାରେ ଲାଗିଛି। ବଡ଼ଧରଣର ବନ୍ୟା ଆସିନଥିଲେ ମଧ୍ୟ ଏହି ବନ୍ୟାଜଳ ଯୋଗୁଁ ଧାନତଳି ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଓସ୍ତିଆ ପଞ୍ଚାୟତର ନଗଡ଼ ଗାଁ ରାସ୍ତା ଉପରେ ୪ ଫୁଟର ପାଣି ଚାଲୁଅଛି। ଗାଁ ଦାଣ୍ଡରେ ବନ୍ୟା ପାଣି ଲହଡି ଭଙ୍ଗୁଥିବାରୁ ବିପନ୍ନ ୩୦୦ ପରିବାର ବନ୍ୟା ଘେରରେ ରହିଛନ୍ତି। ଏହି ପଞ୍ଚାୟତ ବାଲିକଣା ଗାଁର ସହଦେବ ଜେନା, ବୈକୁଣ୍ଠ ଜେନାଙ୍କ ଘର ବନ୍ୟା ପାଣି ଘେରରେ ରହିଛି। ଗାଁର ହନୁମାନ ମନ୍ଦିର ପାଣି ଘେରରେ ଥିବାବେଳେ ଫିରିକିଦାଣ୍ଡିସ୍ଥିତ କଣସରା ବିଦ୍ୟାଶ୍ରମ ଚାରିପାଖରେ ବନ୍ୟା ପାଣି ମାଡିଯାଇଛି। ବଳଭଦ୍ରପୁର-ରାଜପୁର ରାସ୍ତାରେ ଜୁଆର ସମୟରେ ୩ ଫୁଟ ଉଚ୍ଚତାର ପାଣି ଚାଲୁଅଛି। ଉପର ଓସ୍ତିଆ ରାସ୍ତା ଉପରେ ତିନି ଫୁଟର ବନ୍ୟା ଜଳ ପ୍ରଭାବିତ ହେଉଛି।ଫଳରେ ସୌଦାଗର ନାୟକ, ଅନାଦି ବଳ, ରବୀନ୍ଦ୍ର ମଇ, କପିଳାସ ବଳ, ମହେଶ୍ୱର ବଳ ପ୍ରଭୃତି ୭ରୁ ଅଧିକ ପରିବାର ସହିତ ଶ୍ରୀଧର ମହାନ୍ତିଙ୍କ ଦୋକାନ ମଧ ବନ୍ୟା ବନ୍ୟା ପାଣି ଘେରରେ ରହିଛି। ଗାଁର ବଟବାବା ମନ୍ଦିର ସମ୍ମୁଖରେ ବନ୍ୟା ପାଣି ଜମି ରହିଛି।ସେହିପରି ବେଲପାଳ ଗାଁ ଦାଣ୍ଡରେ ବନ୍ୟା ପାଣି ଚାଲୁଥିବା ବେଳେ ବେଲପାଳ ପଞ୍ଚାୟାତ ଅଫିସ ବି ପାଣି ଘରରେ ରହିଛି।

ଚଳିତବର୍ଷ ରଜ ପରଠାରୁ ଲଘୁ ଚାପଜନିତ ଲଗାଣ ବର୍ଷା ତଳିଘେରା ପ୍ରସ୍ତୁତ କରିବାରେ ବାଧକ ସାଜିଛି। ବ୍ରାହ୍ମଣୀରେ ପ୍ରବାହିତ ବନ୍ୟାଜଳ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତର ଚକିବାଙ୍କ, ଫିରିକିଦାଣ୍ଡି, ଗୋବିନ୍ଦପୁର, ସଚ୍ଚପଡ଼ା, ଟାଙ୍ଗଣତୈଳା, ବନ୍ଧପଡ଼ା, ଓସ୍ତିଆ ପଞ୍ଚାୟତର ନଗଡ଼, ନଳଦିଆ, କଟକଣା, ବନ୍ଧପାଟଣା, ଓସ୍ତିଆ, ବେଲପାଳ ପଞ୍ଚାୟତ, ରାଜପୁର ପଞ୍ଚାୟତର ରାଜପୁର, ବାଲିଚନ୍ଦ୍ରପୁର, ଚନ୍ଦନପୁର, ବଳଭଦ୍ରପ୍ରସାଦ, କେରଡ଼ାଗଡ଼ ପଞ୍ଚାୟତ, ବାଲିସାହିପାଟଣା ପଞ୍ଚାୟତର ଶହ ଶହ ଏକର ଜମିର ତଳିଘେରା ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି।



### ବୃଦ୍ଧଙ୍କୁ ହତ୍ୟା ଘଟଣା

## ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ସହଯୋଗରେ ପୁଲିସର ଯାଞ୍ଚ୍

**ଡେରାବିଶ,୧୩ା୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଦାନପୁର ପଞ୍ଚାୟତର ଦୋହଳିସ୍ଥ ମିନି ଷ୍ଟାଡିୟମ ପଛରେ ଥିବା ଏକ ପରିତ୍ୟକ୍ତ ପାଇଖାନା ଘରୁ କେଶରପୁର ଗ୍ରାମର ପ୍ରମୋଦ କୁମାର ସେଠୀ (୬୫)ଙ୍କ ବିଭିତ୍ସ ମୃତଦେହକୁ ଶୁକ୍ରବାର ଅପରାହ୍ନରେ ପୁଲିସ୍ ଉଦ୍ଧାର କରିଥିଲା। ଏହି ଘଟଣାକୁ ପୁଲିସ ହତ୍ୟାକାଣ୍ଡ ଭାବେ ବିବେଚନା କରି ସମ୍ପୂର୍ଣ୍ଣ ଘଟଣାସ୍ଥଳକୁ ସିଲ୍ କରିବା ସହ ଘେରାବନ୍ଦୀରେ ରଖିଥିଲା। ଗତକାଲି ତଦନ୍ତ କରିବା ଓ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ପରେ ସନ୍ଧ୍ୟା ହୋଇଯାଇଥିଲା । ଆଜି ସକାଳୁ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ସୁଭେନ୍ଦୁ କୁମାର ସାହୁ, ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ରଥ ଘଟଣାସ୍ଥଳକୁ ଡଗ୍ ସ୍କାର୍ଡ ଓ ସାଇଣ୍ଟିଫିକ୍ ଟିମ୍ ଡକାଇ ତଦନ୍ତ ଆରମ୍ଭ କରିଥିଲେ। ତେବେ ଡଗ୍ ସ୍କାର୍ଡ ଦ୍ୱାରା କିଛି ସୁଫଳ ମିଳିନଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ହତ୍ୟାରେ ବ୍ୟବହୃତ ଠେଙ୍ଗା ଓ ଅନ୍ୟାନ୍ୟ ଜିନିଷକୁ ନିଜ ହେପାଜତକୁ ନେଇ ଫରେନ୍‌ସିକ୍ ଲ୍ୟାବକୁ ପଠାଇଥିବା ଜଣାପଡ଼ିଛି। ତେବେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୁଲିସ୍ ପ୍ରମୋଦଙ୍କ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଶୋକାକୂଳ ପରିବେଶରେ ପ୍ରମୋଦଙ୍କର ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । କେନ୍ଦ୍ରାପଡ଼ା ସଦର ଥାନାରେ ୨୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ହତ୍ୟାକାଣ୍ଡର କାରଣ ଓ ହତ୍ୟାକାରୀଙ୍କୁ ଖୋଜିବା ନିମନ୍ତେ ଉଦ୍ୟମ ଜାରି ରଖିଛି ।

### ଶ୍ରାବଣ ପ୍ରଥମ ସୋମବାର

## ମହାଦେବଙ୍କ ଜଳାଭିଷେକ ପାଇଁ ପ୍ରାଚୀ ବିଶ୍ୱାମିତ୍ର ଘାଟରୁ ପାଣି ଉଠାଇଲେ ଶତାଧିକ କାଉଡ଼ିଆ

**କାକଟପୁର/ଅସ୍ତରଙ୍ଗ,୧୩ା୭ (ସଂଚାର ବ୍ୟୁରୋ):** ପବିତ୍ର ଶ୍ରାବଣ ପ୍ରଥମ ସୋମବାର ରେ ଦେବ ଦେବ ମହାଦେବ ଙ୍କୁ ଜଳାଭିଷେକ କରିବା ପାଇଁ ଶୁକ୍ରବାର ଠାରୁ ଭିଡ଼ ଜମାଇଛନ୍ତି କାକଟପୁର ପ୍ରାଚୀ ବିଶ୍ୱାମିତ୍ର ନିକଟରେ। ମା ମଙ୍ଗଳା ମନ୍ଦିର ନିକଟରେ ପ୍ରବାହିତ ପ୍ରାଚୀ ନଦୀରୁ ଶତାଧିକ କାଉଡିଆ ପାଣି ଉଠାଇଛନ୍ତି।ବୋଲ ବମ୍... ହର ହର ବମ୍। ଏହିଭଳି ଧ୍ୱନିରେ ପ୍ରକମ୍ପିତ ହେଉଛି ନଦୀ ଘାଟ, ରାସ୍ତା ଓ ଶିବାଳୟ। ଗେରୁଆ ବସ୍ତ୍ର ପିନ୍ଧି କାନ୍ଧରେ ପବିତ୍ର ଜଳ ଧରି ଭକ୍ତ ମାନେ ମହାଦେବଙ୍କୁ କରିବେ ଜଳଲାଗି। ପ୍ରଭୁଙ୍କୁ ମାଗିବେ ନିଜର ମନସ୍କାମନା। ୧୪ତାରିଖ ଶ୍ରାବଣ ମାସର ପ୍ରଥମ ସୋମବାର। ଶ୍ରାବଣ ମାସକୁ ଅନ୍ୟତମ ପବିତ୍ର ମାସ ଭାବେ ଗଣନା କରାଯାଏ। ଏହି ମାସକୁ ଶିବ ଭକ୍ତ ମାନେ ଅନେଇ ବସିଥାନ୍ତି। କେହି କେହି ଶ୍ରାବଣ ମାସର ପ୍ରଥମ ସୋମବାର ମହାଦେବ ଙ୍କୁ ଜଳଲାଗି କରୁଥିବା ବେଳେ କେହି ପ୍ରତି ଶ୍ରାବଣ ସୋମବାର ରେ ପାଣି ଢାଳନ୍ତି। ସେଥିପାଇଁ ପ୍ରାଚୀ ନଦୀ ରୁ କାଉଡିଆ ମାନେ ପବିତ୍ର ଜଳ ନେଇ ପୁରୀ ଲୋକନାଥ, ଭୁବନେଶ୍ୱର ଲିଙ୍ଗରାଜ, କୋଣାର୍କ ବାଲିକପିଳେଶ୍ୱର ସମେତ ଗାଁ ମାନଙ୍କ ରେ ଥିବା ବିଭିନ୍ନ ଶୈବ ପୀଠରେ ଜଳ ଲାଗି କରିଥାନ୍ତି। ସୋମବାର ବିଳମ୍ବିତ ରାତ୍ରରୁ ମହାଦେବ ଙ୍କ ଦୈନନ୍ଦିନ ନୀତିକାନ୍ତି ସରିବା ପରେ ଭକ୍ତମାନେ ଦର୍ଶନ ଓ ପାଣି ଲାଗି କରିବେ।

## ବିଜେପିର ରାଷ୍ଟ୍ରୀୟ ପରିଷଦ ସଭ୍ୟଙ୍କୁ ସମ୍ବର୍ଦ୍ଧନା



**ନାଉଗାଁ,୧୩ା୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ଗ୍ରାମର ଉପେନ୍ଦ୍ରନାଥ ବିଶ୍ୱାଳ ବିଜେପିର ରାଷ୍ଟ୍ରୀୟ ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ପରିପେକ୍ଷୀରେ ବିଜେପିର ଅଲଣା ମଣ୍ଡଳ ପକ୍ଷରୁ ଶ୍ରୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବାହାଲିଆ ସାହିସ୍ଥିତ ଓଷାଦେବୀ ମଣ୍ଡପ ପରିସରରେ ମଣ୍ଡଳ ସଭାପତି ମନୋଜ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମଣ୍ଡଳ ସଭାପତି ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଅଶୋକ ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ମିଶ୍ର, ନଗେନ୍ଦ୍ର ମଲ୍ଲିକ, ଆଲୋକ ମହାନ୍ତି, କ୍ଷୀରୋଦ ସେଠୀ, ବୀରକିଶୋର ଶତପଥୀ, ରଞ୍ଜିତ ମଲ୍ଲିକ, ସଞ୍ଜୟ ମହାନ୍ତି, ଦେବଦର୍ଶୀ ରାୟଙ୍କ ସହିତ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇ ରାଷ୍ଟ୍ରୀୟ ପରିଷଦ ସଭ୍ୟ ଶ୍ରୀ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଥାଉକି ଶ୍ରୀ ବିଶ୍ୱାଳ ପୂର୍ବରୁ ଜଗତସିଂହପୁର ବିଜେପି ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ତୁଲାଇ ଥିବା ବେଳେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ।

## ଗୌରୀଶଙ୍କରଙ୍କ ଜନ୍ମଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ବିଜେପି ନେତା



**ନିଶ୍ଚିନ୍ତକୋଇଲି, ୧୩ା୭ (ସଂଚାର ବ୍ୟୁରୋ):** ଆଜି ଓଡ଼ିଆ ଭାଷା ଆନ୍ଦୋଳନ କର୍ଣ୍ଣଧାର ତଥା ପ୍ରଥମ ଓଡିଆ ଖବର କାଗଜ ଉତ୍କଳ ଦୀପିକାର ପ୍ରତିଷ୍ଠାତା ସାମ୍ବାଦିକତାର ଜନକ କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୭ତମ ଜନ୍ମଜୟନ୍ତୀ ପରିପ୍ରେଖିରେ ଜନ୍ମସ୍ଥାନ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଅସୁରେଶ୍‌ବରରେ ଜନ୍ମ ଜୟନ୍ତି ମହାସମାରୋହରେ ପାଳିତ ହୋଇଯାଇଛି। ତାଙ୍କ ଜନ୍ମଜୟନ୍ତୀ ଅବସରରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଜେପି ନେତା ସୁମନ୍ତ କୁମାର ଘଡ଼ାଇ ଅସୁରେଶ୍ୱର ପଞ୍ଚାୟତର ଦୀକ୍ଷିତପଡା ଗୌରୀଶଙ୍କର ରାୟ ବାଳିକା ବିଦ୍ୟାଳୟ ପରିସରରେ ଥିବା କର୍ମବୀର ଗୌରୀଶଙ୍କର ରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ଉପଢ଼ୋକନ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇବା ସହ "ମା ପାଇଁ ଗଛଟିଏ"କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଅସୁରେଶ୍ୱର ମଣ୍ଡଳର ସକ୍ରିୟ କାର୍ଯ୍ୟକର୍ତ୍ତା ପ୍ରଭାତ କୁମାର ମଲିକ, ଗୋଲଖି ସିଂହ, ଅକ୍ଷୟ କୁମାର ସିଂହ, ବଳଦେବାନନ୍ଦ ସିଂହ,ପ୍ରଫୁଲ୍ଲ ଦାସ, ସାଗର ମଲିକ, ପୂର୍ଣ୍ଣଚନ୍ଦ୍ର ରାୟ,ହାଡ଼ିଆ ମଲିକ,ହରପ୍ରସାଦ ପୃଷ୍ଟି, ମଳୟ କୁମାର ଘଡ଼ାଇ, ଶଙ୍କର୍ଷଣ ସ୍ୱାଇଁ, ପ୍ରମିତ ମଲିକ, ସତ୍ୟରଞ୍ଜନ ମିଶ୍ର, ସିପୁନା ମଲିକ,ସଦାନନ୍ଦ ବେହେରା, ଗୋବିନ୍ଦ ରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳାରେ ପୂର୍ଣ୍ଣ ସହଯୋଗ କରିଥିଲେ।

## ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ

**ସାଲେପୁର,୧୩ା୭ (ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ନାନ୍ଦୋଳ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି କେନ୍ଦ୍ରର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ବିଜେପି ନେତା ହିମାଂଶୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଜନ ଔଷଧି କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ। ଏଠାରେ ଜନ ଔଷଧି କେନ୍ଦ୍ର ଖୋଲିବାପରେ ଗ୍ରାମାଞ୍ଚଳର ଲୋକମାନେ ସର୍ବନିମ୍ନ ମୂଲ୍ୟରେ ଗୁଣବତ୍ତା ଔଷଧ ପ୍ରାପ୍ତ ହୋଇପାରିବେ ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରିତେଶ ଦାସ, ମନୋଜ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ସାହୁ, ସୁକାନ୍ତ ବେହେରା, ଶଶିକାନ୍ତ ମହାନ୍ତି, ତୁଳସୀରାଣୀ ଦାସ, ରେଣୁବାଳା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ମହୁଲିଆ-ହରିଶପୁର କେନାଲରେ କୁମ୍ଭୀର

**ରାଜନଗର,୧୩ା୭ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ମହୁଲିଆ-ହରିଶପୁର କେନାଲରେ କୁମ୍ଭୀର ଭାସୁଥିବା ଦେଖିବାକୁ ମିଳିଛି। କେନାଲରେ ବିରାଟକାୟ କୁମ୍ଭୀରକୁ ଦେଖି ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ଏହି କେନାଲ ମହୁଲିଆରୁ ବାହାରି ମହୁଲିଆ, ମହିଂଶାସୁର, କୁରୁଣ୍ଟି ପଞ୍ଚାୟତ ଦେଇ ବ୍ରାହ୍ମଣସାହି ପଞ୍ଚାୟତ ଯାଏଁ ଯାଇଛି। ଏହି କେନାଲର ବାଘୁଆ ଗାଁ ନିକଟରେ ଥିବା ଚାଷ ଜମିରେ ବୀରକିଶୋର ଚରାଇ, ମହେନ୍ଦ୍ର ଚରାଇ, ହେମନ୍ତ ଜେନା, ଗୋପବନ୍ଧୁ ଜେନା, ବଂଶୀଧର ନାୟକ ଓ ବ୍ରହ୍ମାନନ୍ଦ ଦାସ ପ୍ରମୁଖ ଚାଷୀମାନେ ଧାନତଳି ରୋଉଥିଲେ। ଅପରାହ୍ନ ପ୍ରାୟ ସାଢେ ୨ଟା ସମୟରେ କେନାଲରେ ୫ ଫୁଟରୁ ଉର୍ଦ୍ଧ୍ୱ ଲମ୍ବର କୁମ୍ଭୀର ଦେଖିଥିଲେ। ନାଳରେ ଅଧିକ ପରିମାଣରେ କଟକୀଦଳ ଥିବାରୁ କୁମ୍ଭୀରଟି ଲୁଚି ଯାଇଥିଲା। ଚାଷଜମିକୁ ନାଳ ଲାଗିଥିବାରୁ କୁମ୍ଭୀର ଭୟରେ ଲୋକମାନେ ଚାଷ କାର୍ଯ୍ୟ କରିବାକୁ ଭୟ କରୁଛନ୍ତି। ଏନେଇ ବନବିଭାଗ କୁମ୍ଭୀରକୁ ଉଦ୍ଧାର କରି ଅନ୍ୟତ୍ର ନେଇ ଯିବାକୁ ଚାଷୀମାନେ ଦାବୀ କରିଛନ୍ତି।



## ଲେଖନପୁର ରାସ୍ତାରେ ଚାରା ରୋପଣ

**ନୟାଗଡ଼,୧୩ା୭ (ସଂଚାର ବ୍ୟୁରୋ):** ନୟାଗଡ଼ ନିକଟ ଲେଖନପୁର ସ୍ଥିତ ନୟାଗଡ଼ କ୍ଲବ୍ ପରିସରକୁ ଲାଗି ଯାଇଥିବା ରାସ୍ତାର ଦକ୍ଷିଣ ପାର୍ଶ୍ୱରେ କ୍ଲବ୍ ତରଫରୁ ବହୁ ଔଷଧୀୟ ଗୁଣର ଅଧିକାରୀ ଲିମ୍ବ ଓ ମହାଲିମ୍ବ ଗଛ ରୋପଣ କରାଯାଇଛି। ଏହି ଗଛ ଗୁଡିକ ପରିବେଶକୁ ଶୁଦ୍ଧ କରିବା ସହିତ ବହୁ ରୋଗ ଜୀବାଣୁକୁ ନଷ୍ଟ କରିଥାଏ। ଏହି ଗଛର ଉପକାରିତାକୁ ଦୃଷ୍ଟିରେ ରଖି କ୍ଲବ୍ ତରଫରୁ ଏହି ଗଛ ଗୁଡିକୁ ରୋପଣ କରାଯାଉଥିବା କ୍ଲବ୍ ସଂପାଦକ ଶ୍ରୀଧର ସାହୁ ମତବ୍ୟକ୍ତ କରିଛନ୍ତି। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ପ୍ରାଧାପକ ଅଶୋକ କୁମାର ନାୟକ, ଉପସଭାପତି ଶରତଚନ୍ଦ୍ର ଆଚାର୍ଯ୍ୟ, ଯୁଗ୍ମ ସଂପାଦକ ପ୍ରକାଶ ଚନ୍ଦ୍ର ଷଡଙ୍ଗୀ, ବରିଷ୍ଠ ସଦସ୍ୟ ମିହିର ରଂଜନ ନାୟକ, ସନ୍ତୋଷ କୁମାର ନାୟକ, ଅବିନାଶ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## କଲେଜ ଜମିର ସୁରକ୍ଷା ଉପରେ ପୁରାତନ ଛାତ୍ର ସଂସଦ କାର୍ଯ୍ୟକାରିଣୀରେ ପ୍ରାଧାନ୍ୟ

**କେନ୍ଦ୍ରାପଡ଼ା,୧୩ା୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ରସଂସଦର ଗତ ସାଧାରଣ ପରିଷଦ ପରେ ନୂତନ କାର୍ଯ୍ୟକାରିଣୀର ରବିବାର ଅନୁଷ୍ଠିତ ପ୍ରଥମ ବୈଠକରେ ଏହି ଐତିହ୍ୟ ସମ୍ପନ୍ନ ଶିକ୍ଷାନୁଷ୍ଠାନର ଜମିକୁ ଜବରଦଖଲକାରୀଙ୍କ ହାତରୁ ସୁରକ୍ଷା ଦେବାକୁ ପ୍ରାଧାନ୍ୟ ପ୍ରଦାନ କରାଯାଇଛି । ସଂସଦର ସଭାପତି ପ୍ରାଧାପକ ଦୁର୍ଯ୍ୟୋଧନ ପରିଡାଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ଗାନ୍ଧୀ ଭବନରେ ଅନୁଷ୍ଠିତ ଏହି ବୈଠକ ଜମି ସୁରକ୍ଷା ବ୍ୟତିତ ସଂସଦର ସଭ୍ୟ ସଂଗ୍ରହ ବୃଦ୍ଧି କରିବାକୁ, ଏହି ମାତୃ ଶିକ୍ଷାକେନ୍ଦ୍ରର ଶୈକ୍ଷିକ ପରିବେଶ ଓ ଭିତ୍ତିମିର ବିକାଶ ପାଇଁ ବିହିତ ପଦକ୍ଷେପ ନେବାକୁ ସ୍ଥିର କରାଯାଇଛି।

ଏହି କାର୍ଯ୍ୟକ୍ରମ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ କମିଟିମାନ ଗଠନ କରାଯାଇଛି। ସେହି କମିଟି ଗୁଡିକ ହେଉଛି ସଭ୍ୟ ସଂଗ୍ରହ ପାଇଁ ଡକ୍ଟର ତ୍ରୈଲୋକ୍ୟନାଥ ସାମଲ, ବରିଷ୍ଠ ସାମ୍ବାଦିକ ଚିରଞ୍ଜନ ଦାସ, ଅଧାପିକା ସୀମା ମହାନ୍ତ



ଓ ଅଧାପକ ସୁବ୍ରତ ସାମଲଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିବା ବେଳେ ଜମି ସୁରକ୍ଷା ପାଇଁ ଡକ୍ଟର ପ୍ରଦୀପ୍ତ କିଶୋର ଦାଶଙ୍କ ସଂଯୋଜନାରେ ସାମ୍ବାଦିକ ଚିରଞ୍ଜନ ଦାସ ଓ ସାମାଜିକ କର୍ମୀ ପ୍ରତାପ ମହାନ୍ତିଙ୍କୁ ନେଇ ଏକ କମିଟି, ଶୈକ୍ଷିକ ବିକାଶ ସହାୟତା ପାଇଁ ଡକ୍ଟର ବିଦ୍ୟୁଭୂଷଣ ଦାଶ, ସୁବ୍ରତ ସାମଲ ଓ ଡକ୍ଟର ରଶ୍ମୀ କରଙ୍କୁ ନେଇ ଏକ କମିଟି, ଗଣ ଯୋଗାଯୋଗ ପାଇଁ ବରିଷ୍ଠ ସାମ୍ବାଦିକ ରାଜେଶ କୁମାର ନାୟକଙ୍କ ସଂଯୋଜନାରେ ଚିରଞ୍ଜନ ଦାସଙ୍କୁ ନେଇ ଏକ କମିଟି ଏବଂ ସଂସଦର ସଭ୍ୟମାନଙ୍କ ତଥ୍ୟଭିକ ଡାଟାବେସ ପ୍ରସ୍ତୁତ ନିମନ୍ତେ ସ୍ମୃତିରଞ୍ଜନ ଜେନାଙ୍କ ନେତୃତ୍ୱରେ ମଧ ଏକ କମିଟି ଗଠନ କରାଯାଇଛି । ଏହି ଅବସରରେ କଲେଜରେ ନୂତନ ଭାବେ ଯୋଗଦେଇଥିବା ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କୁ ଉରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସଭାପତି ତଥା ର୍ବମାନର ଉପଦେଷ୍ଟା ପ୍ରଫେସର ନନ୍ଦ କିଶୋର ପରିଡା ଓ ବିଶ୍ୱଜିତ ଦାସ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିବା ବେଳେ ଡକ୍ଟର କଳ୍ପନା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

## ଏକାଠି ହେଲେ ବିରୋଧୀ, ମଞ୍ଚେ ଶେୟାର କଲେ




**କେନ୍ଦ୍ରାପଡ଼ା,୧୩ା୭ (ସଂଚାର ବ୍ୟୁରୋ):** ଜିଲ୍ଲାରେ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ପ୍ରତିଷ୍ଠା ନେଇ ସରକାର ଦିନ ଗଡେଇ ଚାଲିଥିବାବେଳେ ଏଥିଲାଗି ଦୀର୍ଘ ବର୍ଷ ହେବ ଦାବି କରି ଆସୁଥିବା ମିଳିତ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନକୁ ଜୋରଦାର କରିଛି। ସହରର ବଡହାଟ ସ୍ଥିତ ମିଶନ ଶକ୍ତି ସଭାଗୃହରେ ଆଜି ମିଳିତ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ଆୟୋଜିତ ଗଣ କନଭେସନ୍‌ରେ ବିଭିନ୍ନ ଗଣ ସଂଗଠନ ସମେତ କଂଗ୍ରେସ, ସିପିଆଇ, ସପିଏମ୍, ଆମ୍ ଆଦମୀ ପାର୍ଟି, ଏସୟୁସିଆଇ ସହ ପ୍ରାୟ ସମସ୍ତ ବିରୋଧୀ ରାଜନୈତିକ ଦଳର ନେତୃବୃନ୍ଦ ଗୋଟିଏ ମଂଚରେ ଏକତ୍ରିତ ହୋଇଛନ୍ତି । ପୂର୍ବରୁ ଏହି ଦାବିରେ ହୋଇଥିବା ଆନ୍ଦୋଳନ ସହ ଏବେର ସରକାରୀ ଦଳ ବିଜେପି ସଂପୃକ୍ତ ଥିଲେ ମଧ ବର୍ତ୍ତମାନ ସରକାରଙ୍କ

### ୨୪ରେ ଆନ୍ଦୋଳନ ପାଇଁ ସଜବାଜ

କାର୍ଯ୍ୟ ସେମାନଙ୍କୁ ଅଡୁଆରେ ପକାଇଛି । ରାଜ୍ୟରେ ଅର୍ଦ୍ଧାଧିକ ଜିଲ୍ଲାରେ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ କାର୍ଯ୍ୟ ଆରମ୍ଭ ହେବା ପରେ ମଧ ଏତେ ଦାବି ସତ୍ତ୍ୱେ କେନ୍ଦ୍ରାପଡା ପରି ଏକ ଅର୍ଥନୈତିକ ପଛୁଆ ଜିଲ୍ଲାରେ ଏଥିଲାଗି ସରକାରୀ ନିଷ୍ପତି ହୋଇନ ପାରିବା ସମସ୍ତଙ୍କୁ ବ୍ୟଥିତ କରୁଛି । ବିଶେଷ କରି ନିକଟ ଅତୀତରେ ଜମ୍ମୁ ମହୋତ୍ସବରେ ଏକାଧିକ ମନ୍ତ୍ରୀଙ୍କର ପ୍ରତିଶ୍ରୁତି ଓ ସରକାର ପାଇଁ ୧ ବର୍ଷ ପୂର୍ତ୍ତି ସମୟରେ ମୁଖ୍ୟମନ୍ତ୍ରୀଙ୍କର କେନ୍ଦ୍ରାପଡା ଗସ୍ତ କାଳରେ ଆଶ୍ୱାସନା ପରେ ମଧ ତାଙ୍କ ଘୋଷଣାରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ନେଇ ଅନ୍ୟ ଜିଲ୍ଲା ଗୁଡିକର ନାମ ଥିଲେ ମଧ କେନ୍ଦ୍ରାପଡାର ନାମ ନ ରହିବା ସମସ୍ତଙ୍କୁ ଚକିତ କରିଛି ।

ଆଜିର ଗଣ କନ୍‌ଭେନସନ୍ ଆସନ୍ତା ମୌସୁମୀ ଅଧିବେଶନ କାଳରେ କେନ୍ଦ୍ରାପଡାରେ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ପ୍ରତିଷ୍ଠା ନେଇ ସରକାର ଘୋଷଣା କରିବା ଦାବିରେ ଆସନ୍ତା ଜୁଲାଇ ୨୪ ତାରିଖ ଦିନ ଗୁରୁବାର ଦିନ ଜିଲ୍ଲା ହେଡକ୍ୱାର୍ଟରକୁ ଅଚଳ କରିଦେବା ନେଇ ଘୋଷଣା କରି ଏଥିଲାଗି ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରିଛି । ଏଥିସହ ଜିଲ୍ଲାର ହକ୍ ପାଇଁ ଦଳଗତ ନିର୍ବିଶେଷରେ ସବୁ ବର୍ଗର ଜନ ସାଧାରଣ ଏହି ଆନ୍ଦୋଳନରେ ସାମିଲ୍ ହେବାକୁ ଆହ୍ୱାନ କରିଛି ।

କମିଟିର ସଭାପତି ଅଧାପକ ଅଜୟ ସାମଲଙ୍କ ଅଧକ୍ଷତାରେ ହୋଇଥିବା ଆଜିର ଗଣ କନ୍‌ଭେନସନ୍‌ରେ ଜାତୀୟ କଂଗ୍ରେସ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ବିଜୁ ଜନତା ଦଳର ନେତା ରବି ସାମଲ, ପୂର୍ବତନ ନଗରପାଳ ଧୀରେନ୍ ସାହୁ, ସିପିଆଇ ଜିଲ୍ଲା ସଂପାଦକ ବିକାଶ ଚନ୍ଦ୍ର ବେହୁରା, ସିପିଏମ୍ ନେତା ନରୋତମ ପାର୍ଥ ସାରଥି, ଆମ୍ ଆଦମୀ ପାର୍ଟିର ନେତା ସନ୍ଦିପ୍ତ ଦାସ, ଜିଲ୍ଲା ସଂପାଦକ ସୂର୍ଯ୍ୟକାନ୍ତ ପରିଡା, ନେତ୍ରୀ ଏଲିନା ସାମନ୍ତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମୁକ୍ତାର ଖାଁ ଧନ୍ୟବାଦ ଦେଇଥିଲେ ।



## ବସନ୍ତପୁର ଶିରିଡ଼ି ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ମହୋତ୍ସବ ପାଳିତ

**ଗରଦପୁର,୧୩ା୭ (ସଂଚାର ବ୍ୟୁରୋ):** ଆଜି ଥିଲା ଗୁରୁ ପୂର୍ଣ୍ଣିମା। ଏହି ଅବସରରେ ଗରଦପୁର ବ୍ଲକ୍ ଅନ୍ତର୍ଗତ ତେଣ୍ଡାକୁଡ଼ା ପଂଚାୟତର ବସନ୍ତପୁର ଗ୍ରାମରେ ପ୍ରତିଷ୍ଠିତ ଶ୍ରୀ ଶ୍ରୀ ଶିରିଡ଼ି ସାଇ ମନ୍ଦିରରେ ଗୁରୁପୂର୍ଣ୍ଣମା ମହୋତ୍ସବ ପାଳିତ ହୋଇ ଯାଇଛି । ଏହି ଉପଲକ୍ଷେ ସକାଳ ୫.୩୦ ରେ କାକଡ଼ ଆରତି, ସକାଳ ୬.୩୦ରେ ବାବାଙ୍କ ସ୍ନାନ ଆରତି, ସକାଳରେ ମହାଭିଷେକ ପୂଜା, ହୋମ ଓ ମଧାହ୍ନ ଆରତି ଅନୁଷ୍ଠିତ ହୋଇଥିଲା । ଏହି ଗୁରୁପୂର୍ଣ୍ଣମା ମହୋତ୍ସବରେ ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ରେଣୁପ୍ରଭା ନାୟକ ଓ ଗରଦପୁର ବ୍ଲକ୍‌ର ବିଡ଼ିଓ ଆଲୋକ ରଂଜନ ସେଠି ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଟ୍ରଷ୍ଟର ସମ୍ପାଦକ ସୁନୀଲ କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ ଦୀପ୍ତିରଂଜନ କାନୁନଗୋ, ସାମ୍ବାଦିକ ଧିରେନ୍ ମିଶ୍ର , ସାମ୍ବାଦିକ ଉମାକାନ୍ତ ପାତ୍ରଙ୍କ ସହ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ଗୁରୁ ପୂର୍ଣ୍ଣିମାରେ ଶ୍ରୀ ଶ୍ରୀ ବାବାଙ୍କ ଆଶିର୍ବାଦ କାମନା କରିଥିଲେ । ଶିରିଡ଼ି ସାଇ ଟ୍ରଷ୍ଟ ପକ୍ଷରୁ ନଳିନୀ କାନ୍ତ ମହାନ୍ତି, ଚଣ୍ଡୀ ପ୍ରସାଦ ମହାନ୍ତି, କମଳ ମହାନ୍ତି ଓ ସଯୁକ ପ୍ରମୁଖ ମହୋତ୍ସବ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟ ର ମ୍ୟାନେଜିଙ୍ଗ ଟ୍ରଷ୍ଟି ଡ଼ ରୁଦ୍ର ମହାନ୍ତି ସମସ୍ତଙ୍କୁ ଟ୍ରଷ୍ଟ ପକ୍ଷରୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ଶ୍ରୀମତୀ ନାୟକ ଓ ବିଡ଼ିଓ ଶ୍ରୀ ସେଠିଙ୍କୁ ପୁଷ୍ପ ମାଲ୍ୟ, ବାବାଙ୍କ ଅଙ୍ଗବସ୍ତ୍ର, ବାବାଙ୍କ ଫଟୋ ଚିତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବର୍ଷା ଋତୁ ଆସିଲେ ମନେପଡୁଛି କେନାଲ ସଫେଇ

**ସାଲେପୁର,୧୩ା୭ (ସଂଚାର ବ୍ୟୁରୋ):** ବର୍ଷା ଋତୁ ଆସିଲେ କେନାଲ ସଫେଇ କଥା ମନେ ପଡେ ଜଳସେଚନ ବିଭାଗର। କେନାଲ ସଫେଇ ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ମଧ କେନାଲ ସଫେଇ ନାମରେ କେନାଲରୁ ଖାଲି ଘାସ ସଫା କରାଯାଇ ବ୍ୟାପକ ଅର୍ଥ ଆତ୍ମସାତ୍

### କେନାଲରୁ ଘାସ ସଫା କରି ଲକ୍ଷାଧିକ ଟଙ୍କା ଆତ୍ମସାତ୍ ଅଭିଯୋଗ

କରାଯାଉଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି। ୬ନଂ କେନାଲ ଜଳସେଚନ ବିଭାଗ ଓ ଠିକାଦାରଙ୍କ ପାଇଁ ଲେଉଟିଆ କିଆରୀରେ ପରିଣତ ହୋଇଛି।

ପ୍ରକାଶ ଯେ କୃଷି ଓ କୃଷକର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଉକ୍ତ ଟଙ୍କା ଠିକ୍ ରୂପେ ବିନିଯୋଗ ହେଉନଥିବାରୁ




କେନାଲ ଗୁଡିକ ପୋତି ହେବାକୁ ବସିଲାଣି। ପ୍ରତିବର୍ଷ କେନାଲ ସଫେଇ କରାଯାଉଥିବା ଦର୍ଶାଯାଉଥିବାବେଳେ କେନାଲର ଉଭୟ ପାର୍ଶ୍ୱରୁ କେବଳ ଘାସ ସଫା କରାଯାଉଥିବା ଅଭିଯୋଗ ହେଉଛି। ଫଳରେ କେନାଲର ବିଭିନ୍ନ ସ୍ଥାନରେ ପୋତି ହୋଇଥିବା ସ୍ଥାନକୁ ଖୋଳାନଯିବାରୁ ଜଳସେଚନ ଠିକ୍ ରୂପେ ହୋଇପାରୁନାହିଁ। ୬ନଂ କେନାଲର ବାରିଗୋଳ ଗ୍ରାମ ନିକଟରେ କେନାଲକୁ ସଫେଇ ନାମରେ ରାତି ଅଧିଆ ଘାସ କଟାଯାଇଥିବାବେଳେ କେନାଲକୁ ସୁଚାରୁ ରୂପେ ସଫେଇ କରାଯାଇନଥିବାରୁ ଏହି ଅଞ୍ଚଳର ବହୁ ଚାଷୀ ଅଭିଯୋଗ କରିଛନ୍ତି। ସେହିପରି କେନ୍ଦ୍ରାପଡ଼ା କେନାଲରୁ ବାହରିଥିବା ବିଭିନ୍ନ ଶାଖା କେନାଲ ଗୁଡିକ ଠିକ୍ ଭାବେ ସଫେଇ କରାଯାଉନଥିବାରୁ ଜମିର ଶେଷ ମୁଣ୍ଡରେ କେନାଲ ପାଣି ପହଞ୍ଚିପାରୁନାହିଁ। ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଚାଷୀମାନେ ବର୍ଷା ଉପରେ ନିର୍ଭର କରି ଚାଷକାର୍ଯ୍ୟ କରିବାକୁ ବାଧ ହେଉଛନ୍ତି।

ସେହିପରି ବର୍ଷା ହେଲାପରେ ୬ନଂ କେନାଲର ଉଭୟ ପାର୍ଶ୍ୱରୁ ମାଟି ଖସି କେନାଲ ମଧ୍ୟରେ ପଡ଼ି କେନାଲ ପୋତି ହେଉଥିଲେ ମଧ ଉକ୍ତ ମାଟିକୁ ସଫା କରାଯାଉନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ ରାଜଧାନୀ ହୁଲ୍‌ସ୍ଥୁଲ୍

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ ଓ ଛାତ୍ର ବିଜେଡି



**ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ):** ବିଜେପି ସରକାରରେ ସାଧାରଣ ଜନତା ଅସୁରକ୍ଷିତ। ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଜଣଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା ପାଇଁ କଲେଜ କର୍ତ୍ତୃପକ୍ଷ ଓ ପୁଲିସର ନିଷ୍କ୍ରିୟତା ସରକାରର ଅସଲ ମୁଖା ଫର୍ଦ୍ଦାଫାସ ହୋଇଛି। ଛାତ୍ରୀଙ୍କୁ ନ୍ୟାୟ ଓ ରାଜ୍ୟରେ ମହିଳା ଓ ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ସରକାର ବିପକ୍ଷରେ ଆଜି ଯୁବ ଓ ଛାତ୍ର ବିଜେଡିର କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରି ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି । ଅନ୍ୟ ଘଟଣା ଓ ମାମଲା ବେଳକୁ ବିଜେପି ସମର୍ଥିତ ଛାତ୍ର ସଂଗଠନ ଏବିଭିପି ଆନ୍ଦୋଳନ କରି ରାଜରାସ୍ତାକୁ ଆସୁଥିଲା ବେଳେ ଏଫ୍‌ଏମ୍ କଲେଜ ଘଟିଥିବା ସଙ୍ଗୀନ ଘଟଣାକୁ ନେଇ କାହିଁକି ତତ୍ପରତା ପ୍ରକାଶ କରୁନାହିଁ। ତେଣୁ ସରକାର ନିଜର ଦୋଷ ତ୍ରୁଟିକୁ ତରବରିଆ ଭାବେ ଚାପି ଦେବାକୁ ଚେଷ୍ଟା କରୁଛି। ଛାତ୍ରୀ ଜଣଙ୍କ ଗତ ୧ରେ ଲିଖିତ ଭାବେ ଅଭିଯୋଗ କରିଥିଲେ। କିନ୍ତୁ ଅଧ୍ୟକ୍ଷ ଏହାକୁ ଗୁରୁତ୍ୱ ଦେଇନଥିଲେ। ତେଣୁ ଛାତ୍ରୀ ଜଣଙ୍କ ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରୁ ବି ନିରାଶ ହେବା ପରେ ସେ ବାଲେଶ୍ୱର ସାଂସଦଙ୍କୁ ଭେଟି ତାଙ୍କ ଦୁଃଖ ଜଣାଇଥିଲେ। ଅଧିକନ୍ତୁ ଛାତ୍ରୀ ଜଣଙ୍କ ବାରମ୍ବାର ସୋସିଆଲ ମିଡିଆରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ ସୁଫଳ ନ ମିଳିବାରୁ ସେ ଆତ୍ମହତ୍ୟା ଉଦ୍ୟମ ପାଇଁ ବାଧ୍ୟ ହୋଇଥିବା ଅଭିଯୋଗ କରାଯାଇଛି। ବିଧାୟକ ଡ. ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ବିଜେଡି ଯୁବ ଓ ଛାତ୍ର ସଂଗଠନ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିଥିଲା।

## ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଯୁବ ଓ ଛାତ୍ର କଂଗ୍ରେସ



**ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ):** ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ପ୍ରସଙ୍ଗରେ ଆଜି ପ୍ରଦେଶ ଯୁବ କଂଗ୍ରେସ ଓ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଥିଲା। ଏହାକୁ ନେଇ ସେମାନଙ୍କର ପୁଲିସ୍ ସହ ୧ ଘଣ୍ଟା କାଳ ଧସ୍ତାଧସ୍ତି ହୋଇଥିଲା। ପରେ ପୁଲିସ ବ୍ୟାରିକେଡକୁ ଆନ୍ଦୋଳନକାରୀମାନେ ଭାଙ୍ଗିଥିଲେ। ପୁଲିସ ଆନ୍ଦୋଳନକାରୀମାନଙ୍କୁ ଉଠାଇ ନେଇଥିଲା। କାର୍ଯ୍ୟକ୍ରମର ନେତୃତ୍ୱ ପ୍ରଦେଶ ଯୁବ କଂଗ୍ରେସ ସଭାପତି କହିଥିଲେ ଯେ ବାଲେଶ୍ୱର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଉଦ୍ୟମ ଘଟଣାରେ ସମ୍ପୂର୍ଣ୍ଣଭାବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପୋଲିସ ପ୍ରଶାସନ ଦାୟୀ। ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ବିଭାଗକୁ ପରିଚାଳନା କରିବାରେ ବିଫଳ ଅଯୋଗ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଏ ସମଗ୍ର ଘଟଣାପାଇଁ ଦାୟୀ ଏବଂ ସେ ତୁରନ୍ତ ଇସ୍ତଫା ଦିଅନ୍ତୁ। ଓଡ଼ିଶାରେ ସରକାରୀ ଓ ବେସରକାରୀ ଶିକ୍ଷାବିଭାଗର କ୍ୟାମ୍ପସରେ ମହିଳା ଅସୁରକ୍ଷିତ। ସୁତରାଂ କ୍ୟାମ୍ପସରେ ଛାତ୍ର ଛାତ୍ରୀଙ୍କୁ ସୁରକ୍ଷା ଦେଇପାରୁନଥିବା ଉଚ୍ଚ ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ ଯୁବ କଂଗ୍ରେସ ଦାବି କରୁଛି। ସେହିଭଳି ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ କହିଲେ ଯେ ମୋହନ ସରକାର ଏକ ଛାତ୍ରବିରୋଧି ସରକାର। ପୀଡ଼ିତା ସୌମ୍ୟାଶ୍ରୀ ବିଶି ନ୍ୟାୟ ପାଇବା ପାଇଁ କଲେଜର ଅଧ୍ୟକ୍ଷ, ଥାନା, ବାଲେଶ୍ୱର ସାଂସଦ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ସମସ୍ତଙ୍କୁ ଯୋଗାଯୋଗ କରିଛନ୍ତି। କିନ୍ତୁ ତାଙ୍କୁ ନ୍ୟାୟ ମିଳିନାହିଁ। ଶେଷରେ ହତାଶ ହୋଇ ସେ ଆତ୍ମଦାହ କରିବାପାଇଁ ନିଷ୍ପତ୍ତି ନେଲେ। ଏବିଭିପି ଛାତ୍ର ସଂଗଠନଙ୍କର ସେ ଜଣେ ସଭ୍ୟା ଥାଇ ମଧ୍ୟ ତାଙ୍କ ନିଜ ସଂଗଠନ ଓ ସରକାର ତାଙ୍କୁ ସୁରକ୍ଷା ଦେଇପାରିଲେ ନାହିଁ। ତେଣୁ ଓଡ଼ିଶାର ସମସ୍ତ କ୍ୟାମ୍ପସରେ ଛାତ୍ରୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ କହିଛନ୍ତି ଯେ ଘଟଣାରେ ଏବିଭିପି ଛାତ୍ର ସଂଗଠନର ଅସଲ ମୁଖା ଖୋଲିଯାଇଛି। ଏହି ସଂଗଠନର ଜଣେ ସଭ୍ୟାଙ୍କୁ ନ୍ୟାୟ ଦେବା ପାଇଁ ଏବିଭିପି ସରକାରର ବିଫଳତା ଉପରେ ମୁହଁ ଖୋଲୁନାହିଁ। ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ଚାକିରିରୁ ବରଖାସ୍ତ କରାଯିବାକୁ ସେ ଦାବି କରିଛନ୍ତି। କାର୍ଯ୍ୟକ୍ରମରେ ମହମ୍ମଦ ଇମଦାଦ, ମନୋଜ ବିଶ୍ୱାଳ, ନିହାର ବେହେରା, ତୁଷାରକାନ୍ତି ତସ୍ୱସୀ, ମହମ୍ମଦ ଗୁଲଫାମ, ବଳରାମ ନନ୍ଦ, ବିରଞ୍ଚି ବାରିକ, ସାହାରୁଖ ଖାନ, ଆଶିଷ ମହାନ୍ତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ, ଜଣେ ଅଟକ

## ବର୍ଷକ ଭିତରେ ଗଲାଣି ୫ ହାତୀ ଜୀବନ

**ରେଢ଼ାଖୋଲ,୧୩।୭(ସଂଚାର ବ୍ୟୁରୋ):** ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଏକ ମାଈ ହାତୀ ମୃତ୍ୟୁବରଣ କରିଛି। ରେଢାଖୋଲ ବନଖଣ୍ଡ ନାକଟିଦେଉଳ ରେଞ୍ଜ ଟିକିଲିପଡ଼ା ଗାଁ ଜଙ୍ଗଲରେ ଚାଷ ଜମିକୁ ସୁରକ୍ଷା ଦେବା ସକାଶେ ଚାଷୀମାନେ ବିଦ୍ୟୁତ ତାର ବିଛାଇଥିଲେ। ଏହି ତାର ସଂସ୍ପର୍ଶରେ ଆସି ଉକ୍ତ ମାଈ ହାତୀର ମୃତ୍ୟୁ ହୋଇଛି। ଖବର ପାଇ ଘଟଣାସ୍ଥଳରେ ବନ ବିଭାଗର କର୍ମଚାରୀମାନେ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ଏହି ମାମଲାରେ ଜଣକୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ ଏହାକୁ ମିଶାଇ ଗୋଟିଏ ବର୍ଷ ମଧ୍ୟରେ ନାକଟିଦେଉଳ ସଦର ବନଖଣ୍ଡରେ ୫ଟି ହାତୀର ମୃତ୍ୟୁ ଘଟିଲାଣି। ୧୦ ମାସ ପୂର୍ବରୁ ଚହଟାପଦା ନିକଟରେ ଗୋଟିଏ ଓ ୮ମାସ ତଳେ ଘୋଷରାମାଳ ଗ୍ରାମ ବୁରୋମାଳ ଜଙ୍ଗଲରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୋଟିଏ ହାତୀର ମୃତ୍ୟୁ ଘଟିଥିଲା। ଉଭୟ ଘଟଣାରେ ବିଦ୍ୟୁତ ତାର ହିଁ ପ୍ରମୁଖ କାରଣ ଥିଲା। ବାରମ୍ବାର ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ହାତୀଙ୍କ ଜୀବନ ଯିବା ଘଟଣା ବନ ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ବନ ବିଭାଗ ଓ ବିଦ୍ୟୁତ ବିଭାଗର ଅବହେଳାରୁ ବାରମ୍ବାର ହାତୀମାନଙ୍କ ଜୀବନ ଯାଉଥିବାରୁ ଏହାକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି।



### ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ

● ନାକଟିଦେଉଳ ଗଲା ଟିମ୍

**ଭୁବନେଶ୍ୱର:** ରେଢ଼ାଖୋଲ ହାତୀ ମୃତ୍ୟୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିସହ ହାତୀ ମୃତ୍ୟୁ ନେଇ ଅଧିକ ଅନୁସନ୍ଧାନ ପାଇଁ ଭୁବନେଶ୍ୱରରୁ ଏକ ଟିମ୍ ନାକଟିଦେଉଳ ଅଭିମୁଖେ ଗସ୍ତ କରିଛି। ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ମନୋଜ ନାୟାରଙ୍କ ନେତୃତ୍ୱରେ ଉକ୍ତ ଟିମ୍ ନାକଟିଦେଉଳ ଯାଇଥିବା ଜଣାପଡ଼ିଛି। ସେପଟେ ସମ୍ପୃକ୍ତ ଅଞ୍ଚଳର ଉଚ୍ଚପଦସ୍ଥ ବନ ବିଭାଗ ଅଧିକାରୀ ଓ ବିଦ୍ୟୁତ୍ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରୁଛନ୍ତି। ଘଟଣା ନେଇ ଦୁଃଖ ପ୍ରକାଶ କରିବା ସହ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

# ସନ୍ଧ୍ୟାରାଣୀ ପ୍ରଥମ ସରକାରୀ ଚାଳକ

## ପରିବହନ ସଚିବଙ୍କ ଗାଡ଼ି ଦାୟିତ୍ୱରେ ରହିବେ



**ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ):** ମୟୂରଭଞ୍ଜର ସନ୍ଧ୍ୟାରାଣୀ ମାଝୀ ସରକାରୀ କ୍ଷେତ୍ରରେ ପୁରୁଷଙ୍କ ପ୍ରାଧାନ୍ୟ ଥିବା ଗାଡ଼ି ଚାଳକ ପଦରେ ପ୍ରବେଶ କରିଛନ୍ତି। ସେ ପ୍ରଥମ ମହିଳା ଭାବେ ସରକାରୀ ଗାଡ଼ି ଚାଳକ ଭାବେ ନିଯୁକ୍ତି ପାଇ ଏ କ୍ଷେତ୍ରରେ ଥିବା ଲିଙ୍ଗଗତ କଟକଣାକୁ ଭାଙ୍ଗିଛନ୍ତି। ସହରାଞ୍ଚଳ ବିକାଶ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଗାଡ଼ି ଚାଳନା ଦାୟିତ୍ୱରେ ସନ୍ଧ୍ୟାରାଣୀ ନିୟୋଜିତ ରହିଛନ୍ତି। ସମ୍ବେଦନଶୀଳତା, ଅନ୍ତର୍ଭୁକ୍ତୀକରଣ ଏବଂ ଶାନ୍ତ ସାହସ ମାଧ୍ୟମରେ ନେତୃତ୍ୱକୁ ପୁନଃନିର୍ଦ୍ଧାରଣ କରି ପାଇଲଟ୍ କମ୍ପାନୀ ପୱନ ହଂସ ଲିମିଟେଡର ପ୍ରଥମ ସିଏମଡି ଓ ବେସାମରିକ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋର ପ୍ରଥମ ମହିଳା ଡିଜି ହୋଇଛନ୍ତି। ଏପରି ଏକ ବିଶ୍ୱରେ ଯେଉଁଠାରେ ପର୍ଦ୍ଦା ପଛରେ ସେବା କରୁଥିବା ଲୋକଙ୍କଠାରୁ ଅନେକ ସମୟରେ ପଦବୀ ଆମକୁ ଦୂରେଇ ରଖିଥାଏ, ସେ ଏକ ଶକ୍ତିଶାଳୀ, ସହାନୁଭୂତିଶୀଳ ପସନ୍ଦ କରିଥିଲେ- ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଅଧୀନରେ ଥିବା ଛତିଆ, ବୈରୀସ୍ଥିତ ଏଚଏମଭି ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମପ୍ରାପ୍ତ ମହିଳା , ମୟୂରଭଞ୍ଜର ସନ୍ଧ୍ୟାରାଣୀ ମାଝିଙ୍କୁ ନିଯୁକ୍ତ କରିଛନ୍ତି ତାଙ୍କର ଜଣେ ସରକାରୀ ଗାଡି ଚାଳକ ଭାବେ । ଓଡ଼ିଶା ପାଇଁ ପ୍ରଥମ। ଭାରତ ପାଇଁ ଏକ ମାଇଲଖୁଣ୍ଟ।

ଏହା କେବଳ ଲିଙ୍ଗ ବିଷୟରେ ନୁହେଁ। ଏହା ସମ୍ମାନ ବିଷୟରେ ଥିଲା। ବିଶ୍ୱାସ କରନ୍ତୁ। ମାନବିକତା। ଡ୍ରାଇଭରମାନେ-ପ୍ରାୟତଃ ଅବହେଳିତ ଏବଂ କ୍ୱଚିତ୍ ପାଳନ କରାଯାଏ-ଶାସନ, ସେବା ବିତରଣ ଏବଂ ସାର୍ବଜନୀନ ଜୀବନରେ ଏକ ନୀରବ କିନ୍ତୁ ଅପରିହାର୍ଯ୍ୟ ଭୂମିକା ଗ୍ରହଣ କରନ୍ତି। ସନ୍ଧ୍ୟାରାଣୀଙ୍କ କାହାଣୀରେ ଆମେ କେବଳ ଲିଙ୍ଗଗତ ଷ୍ଟେରିଓଟାଇପ୍ ଭାଙ୍ଗିବା ନୁହେଁ ବରଂ ଆକାଂକ୍ଷା, ଦକ୍ଷତା ଏବଂ ନେତୃତ୍ୱ ନେବାର ସାହସ ଥିବା ବ୍ୟକ୍ତି ଭାବରେ ଡ୍ରାଇଭରଙ୍କ ସ୍ୱୀକୃତି ମଧ୍ୟ ଦେଖିଛୁ। ଏହା କେବଳ ସନ୍ଧ୍ୟାଙ୍କ ପାଇଁ ଏକ ଚାକିରି ନଥିଲା। ଏହା ଅନ୍ତର୍ଭୁକ୍ତିର ପ୍ରତୀକ ଥିଲା-ପ୍ରମାଣ ଯେ ଯେତେବେଳେ ମହିଳାମାନଙ୍କୁ, ବିଶେଷକରି ପାରମ୍ପରିକ ଭାବରେ ଅଦୃଶ୍ୟ ଭୂମିକାରେ ଥିବା ମହିଳାମାନଙ୍କୁ ସୁଯୋଗ ଏବଂ ସମ୍ମାନ ଦିଆଯାଏ, ସେମାନେ ସ୍ଥିରତା ଏବଂ ଗର୍ବ ସହିତ ଉଠିଥାନ୍ତି। ତାଙ୍କ ଯାତ୍ରା ମାଧ୍ୟମରେ ସେ ଏକ ଗଭୀର ସତ୍ୟ ଘରକୁ ନେଇଯାଇଛନ୍ତି ପ୍ରତ୍ୟେକ ଡ୍ରାଇଭର ଯାତ୍ରୀଙ୍କ ଅପେକ୍ଷା ଅଧିକ ବହନ କରନ୍ତି-ସେମାନେ ଦାୟିତ୍ୱ, ବିନମ୍ରତା ଏବଂ ହୃଦୟ ବହନ କରନ୍ତି। ଓଡ଼ିଶାର କାହାଣୀ ସେଇଠି ଅଟକୁନି। ଆଜି ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ବିଭାଗ ଅଧୀନରେ ଥିବା ଆମ୍ ବସ ଏବଂ ଓଏସଆରଟିସି ଗର୍ବର ସହ ଅନେକ ମହିଳାଙ୍କୁ କଣ୍ଡକ୍ଟର ଭାବେ ନିଯୁକ୍ତି ଦେଇଛନ୍ତି-ବସର ନେତୃତ୍ୱ ନେଉଛନ୍ତି, ଜୀବନ ସହ ଯୋଡିଛନ୍ତି।

## 'ଜୟ ଓଡ଼ିଶା'ର ଦଶମ ରକ୍ତଦାନ ଶିବିର




**ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ):** ଜୟ ଓଡ଼ିଶାର ପକ୍ଷରୁ ଚାଲିଥିବା ରକ୍ତଦାନ ଯୋଜନାର ଦଶମ ଶିବିର ବିଏମ୍‌ପି ତକ୍ଷଶୀଳା ସ୍କୁଲ ସହଯୋଗରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ନୟାପଲ୍ଲୀସ୍ଥିତ ଆଇଆର୍‌ସି ଭିଲେଜ୍‌ଠାରେ ଆୟୋଜିତ ଉକ୍ତ ରକ୍ତଦାନ ଶିବିରର ପରିଚାଳନା ତକ୍ଷଶୀଳା ସ୍କୁଲର ପ୍ରତିଷ୍ଠାତା ସିକ୍ତା ଦାସ କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହ ଅଭିଭାବକମାନେ ଏହି ଶିବିରରେ ରକ୍ତଦାନ କରିବା ଅନ୍ୟମାନଙ୍କୁ ଏ ଦିଗରେ ଆଗେଇ ଆସିବା ସକାଶେ ପ୍ରୋତ୍ସାହିତ କରିଛନ୍ତି। ମୁଖ୍ୟ ଅତିଥି ଭାବେ ବିଜେପିର ବରିଷ୍ଠ ନେତା ପ୍ରିୟଦର୍ଶୀ ମିଶ୍ର, ପୁଲିସ ଡେପୁଟି କମାଣ୍ଡାଣ୍ଟ ଲଲାଟେନ୍ଦୁ ମହାନ୍ତି ଓ ନୟାପଲ୍ଲୀ ଥାନା ଆଇଆଇସି ସତ୍ୟରଞ୍ଜନ ପ୍ରଧାନ ଯୋଗଦେଇ ରକ୍ତଦାନ ଏକ ମହତ୍ ଦାନ ହୋଇଥିବାରୁ ସମସ୍ତେ ଏଥିରେ ସହଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି। ଜୟ ଓଡ଼ିଶା ବିଭିନ୍ନ ଅନୁଷ୍ଠାନ ସହଯୋଗରେ ୧୦୦ଟି ରକ୍ତଦାନ ଶିବିର ଆୟୋଜନ ପାଇଁ ଲକ୍ଷ୍ୟ ରଖିଥିବା ବେଳେ ଆଜିର ଶିବିରରେ ତକ୍ଷଶୀଳା ସ୍କୁଲ୍‌ର ସହଯୋଗକୁ ପ୍ରଶଂସା କରାଯାଇଛି। ଆଗାମୀ ଦିନରେ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ମଧ୍ୟ ଜୟ ଯବାନ ସଂଗଠନ ସହ ସହ ହାତ ମିଳାଇ ରକ୍ତଦାନ ଶିବିର ଆୟୋଜନରେ ସହଯୋଗ କଲେ, ଏହା ଯୁବବର୍ଗଙ୍କୁ ଉତ୍ସାହିତ କରିବା ସହ ଜନସାଧାରଣଙ୍କୁ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ବୁଝାଇବାରେ ସହାୟକ ହେବ ବୋଲି 'ଜୟ ଓଡ଼ିଶା'ର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ ଆଶା କରିଛନ୍ତି।

# ବାର୍ଡ ଫ୍ଲୁ ପ୍ରଭାବିତ ଅଞ୍ଚଳ ବୁଲିଲେ ମନ୍ତ୍ରୀ



**ଭୁବନେଶ୍ୱର,୧୩।୭(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକର ବଡ଼ ଆଙ୍ଗୁଲା ଗାଁରେ କୁକୁଡ଼ାମାନଙ୍କୁ ବାର୍ଡ ଫ୍ଲୁ ରୋଗ ଲାଗିଥିବା ଜାତୀୟ ଉଚ୍ଚ ସୁରକ୍ଷା ପ୍ରାଣିରୋଗ ପ୍ରତିଷ୍ଠାନ, ଭୋପାଳ ଗତ ୧୧ ତାରିଖରେ ସ୍ପଷ୍ଟ କରିଛି। ଖବର ପାଇବା କ୍ଷଣି ରାଜ୍ୟ ସରକାର ଏହି ରୋଗ କିପରି ଅନ୍ୟ ଅଞ୍ଚଳକୁ ବ୍ୟାପିବ ନାହିଁ ଓ ରୋଗର ନିରାକରଣ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି । ଆଜି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ଅଞ୍ଚଳକୁ ଗସ୍ତ କରି ରୋଗ ଲାଗିଥିବା ଅଞ୍ଚଳର ସ୍ଥିତି ସମୀକ୍ଷା କରିଛନ୍ତି । ଶ୍ରୀ ମଲ୍ଲିକ ରୋଗ ନିୟନ୍ତ୍ରଣ ବିଷୟରେ ସମୀକ୍ଷା କରି କ୍ଷେତ୍ର ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଶ୍ରୀ ମଲ୍ଲିକ କହିଛନ୍ତି ଯେ ରୋଗ ବ୍ୟାପିଥିବା ଅଞ୍ଚଳରେ କୁକୁଡ଼ାମରା, ବିଶୋଧନ, ପରିଷ୍କାର ପରିଚ୍ଛନ୍ନତା ଓ ରୋଗ ନିୟନ୍ତ୍ରଣ ପାଇଁ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ତରଫରୁ ୭ଟି ରାପିଡ ରେସପନ୍ସ ଦଳ ଗଠନ କରାଯାଇଛି। ଗତକାଲିଠାରୁ କୁକୁଡ଼ା ମରା ଅଭିଯାନ ଆରମ୍ଭ ହୋଇଛି। ଏଥିପାଇଁ ରାପିଡ ରେସପନ୍ସ ଦଳଗୁଡିକୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି ଏବଂ ବିଶେଷଜ୍ଞ ପ୍ରାଣିଚିକିତ୍ସକ ମାନେ ଏହାର ତଦାରଖ କରୁଛନ୍ତି। ସେହିପରି ଗତକାଲି ଓ ଆଜି ଦୁଇ ଦିନ ଧରି ରୋଗ ଲାଗିଥିବା ସ୍ଥାନର ଏକ କିମି ବ୍ୟାସାର୍ଦ୍ଧ ଅଞ୍ଚଳରେ ୬,୭୫୬ କୁକୁଡ଼ାଙ୍କୁ ମରାଯାଇଛି। ଏହି କାର୍ଯ୍ୟ ଅତି ଶୀଘ୍ର ସମାପନ କରାଯାଇ ଜୈବ ସୁରକ୍ଷା ନିୟମ ଅନୁଯାୟୀ ମରାଯାଇଥିବା କୁକୁଡାଙ୍କୁ ବୈଜ୍ଞାନିକ ପଦ୍ଧତିରେ ଗଭୀର ଗାତ ଖୋଳି ଚୂନ ଦେଇ ପୋତାଯାଇଛି। କେନ୍ଦ୍ର ସରକାରଙ୍କ ତରଫରୁ ଜାରି ନିୟମାବଳୀ ଅନୁଯାୟୀ କୁକୁଡ଼ା ମରା ଯାଇଥିବା କୁକୁଡାପାଳକଙ୍କ ଜୀବିକା ଓ ରୋଜଗାର ନିଶ୍ଚିତ କରିବାକୁ ଦୁଇ ଦିନ ମଧ୍ୟରେ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ରୋଗ ଲାଗିଥିବା ସ୍ଥାନର ୧୦

### କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିବ କ୍ଷତିପୂରଣ

କିମି ପରିଧି ମଧ୍ୟରେ ଜୈବ-ସୁରକ୍ଷା ପଦକ୍ଷେପ କଡାକଡି କରାଯାଇଛି । ଏହି ଅଞ୍ଚଳରେ ବାର୍ଡ ଫ୍ଲୁ ଭୂତାଣୁ ସଂକ୍ରମଣ ରୋକିବାକୁ କୁକୁଡ଼ା ଫାର୍ମ ଗୁଡିକରେ ଯାନବାହାନ ଯିବାଆସିବାକୁ ନିୟନ୍ତ୍ରଣ କରାଯାଇଛି ଓ ବିଶୋଧନ ପ୍ରକ୍ରିୟା ଜାରି ରହିଛି। କୁକୁଡ଼ାପାଳନ କ୍ଷେତ୍ରକୁ ଆବଶ୍ୟକୀୟ ଗୁରୁତ୍ୱ ପ୍ରଦାନ, କୁକୁଡ଼ା ପାଳକଙ୍କ ସ୍ୱାର୍ଥ ଓ ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବାର୍ଡ ଫ୍ଲୁ ନିୟନ୍ତ୍ରଣ ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ବୋଲି ସେ କହିଛନ୍ତି। ମନ୍ତ୍ରୀଙ୍କ ଗସ୍ତ ସମୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏବଂ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ପ୍ରାଣିସମ୍ପଦ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ହୃଦ୍‌ଘାତରେ ଯନ୍ତ୍ରୀଙ୍କ ଅକାଳ ବିୟୋଗ



**ଭୁବନେଶ୍ୱର, ୧୩।୭ (ସଂଚାର ବ୍ୟୁରୋ) :** ଜନୈକ ଯନ୍ତ୍ରୀ ଈଶ୍ୱର ଚନ୍ଦ୍ର ପ୍ରଧାନଙ୍କର ଆଜି ହୃଦଘାତରେ ମୃତ୍ୟୁ ହୋଇଯାଇଛି। ନିକଟରେ ସେ ଅବସରଗ୍ରହଣ କରିଥିଲେ। ଆଜି ସନ୍ଧ୍ୟାରେ ହଠାତ ତାଙ୍କର ହୃଦଘାତ ହୋଇଥିଲା। ପରିବାର ଲୋକେ ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ। ସେ ୱାଟକୋର ପୂର୍ବତନ ଯନ୍ତ୍ରୀ ଥିଲେ। ଦୀର୍ଘ ବର୍ଷର ଚାକିରିକାଳ ମଧ୍ୟରେ ସେ ଭୁବନେଶ୍ୱରର ବିଭିନ୍ନ ଜଳଯୋଗାଣ ଦାୟିତ୍ୱରେ ରହି ସଫଳତାର ସହ କାର୍ଯ୍ୟ କରିଥିଲେ। କର୍ମକ୍ଷେତ୍ରରେ ସେ ଜଣେ ବିଚାରବନ୍ତ ଓ ଦକ୍ଷ ଅଧିକାରୀ ଭାବେ ସୁପରିଚିତ ଥିଲେ। ତାଙ୍କ ବିୟୋଗରେ ରାଜ୍ୟର ବହୁ ଯନ୍ତ୍ରୀ ଦୁଃଖ ପ୍ରକାଶ ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ମା' କଟକ ଚଣ୍ଡୀ ସମେତ ୫ ମନ୍ଦିର ଉନ୍ନୟନ ପ୍ରକଳ୍ପର ସମୀକ୍ଷା

# କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପୂର୍ତ୍ତ ମନ୍ତ୍ରୀଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର, ୧୩।୭ (ସଂଚାର ବ୍ୟୁରୋ) :** କଟକ ଜିଲ୍ଲା ଅନ୍ତର୍ଗତ ମା' କଟକ ଚଣ୍ଡୀ, ନୀଳମାଧବ, ମା' ଚର୍ଚ୍ଚିକା, ଧବଳେଶ୍ୱର ଓ ଗୋପୀନାଥ ଜୀଉ ମନ୍ଦିର ଉନ୍ନୟନ ପ୍ରକଳ୍ପର ସମୀକ୍ଷା ବୈଠକ ଆଜି ସ୍ଥାନୀୟ ରାଜ୍ୟ ଅତିଥି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମା' କଟକ ଚଣ୍ଡୀ ମନ୍ଦିରର ଉନ୍ନୟନ ପ୍ରକଳ୍ପ ଅନ୍ତର୍ଗତ ଜମି ଅଧିଗ୍ରହଣ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ମନ୍ଦିର ପରିସରରେ ଥିବା ପୁରାତନ ଗଛର ସୁରକ୍ଷା ସହ ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେବା ବିଷୟରେ ଆଲୋଚନା ହୋଇଥିଲା। ସେହିପରି ନେମାଳସ୍ଥିତ ଅଚ୍ୟୁତାନନ୍ଦ ଗାଦି ଓ ଗୋପୀନାଥ ଜୀୟୁ ମନ୍ଦିର ବେଢ଼ା ନିର୍ମାଣ, ପ୍ରସାଦ ମଣ୍ଡପ, ପ୍ରସ୍ତାବିତ ନୂଆ ରାସ୍ତା ଆଦି ନିର୍ମାଣ ବିଷୟରେ ଆଲୋଚନା ହୋଇଥିଲା। ନୀଳମାଧାନ ଉନ୍ନୟନ ପ୍ରକଳ୍ପ ଅନ୍ତର୍ଗତ ପୂର୍ବ ଦ୍ୱାର ଓ ପାହାଚ ନିର୍ମାଣ, ବେଢ଼ା ପରିକ୍ରମା, ଗାଡ଼ି ପାର୍କିଙ୍ଗ ସ୍ଥଳ, ଦୋକାନ ଗୃହ ଓ ଶୌଚାଳୟ ଆଦି ନିର୍ମାଣ ବିଷୟରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ମା' ଚର୍ଚ୍ଚିକା ମନ୍ଦିର ଜମି ଅଧିଗ୍ରହଣ, ଭୋଗମଣ୍ଡପ ନିର୍ମାଣ, ମନ୍ଦିର ପରିକ୍ରମା, ପାର୍କିଂ ସ୍ଥଳ ଏବଂ ବର୍ଦ୍ଧିତ ନିର୍ମାଣ ପ୍ରକଳ୍ପ ସହ ସମନ୍ୱିତ ଧବଳେଶ୍ୱର ଉନ୍ନୟନ ପ୍ରକଳ୍ପ ଅଧୀନରେ ଥିବା ବ୍ରାହ୍ମଣ କଟେଜ, ସିଂହଦ୍ୱାର, ଯଜ୍ଞ ମଣ୍ଡପ, ଆନନ୍ଦ ବଜାର, ଅଫିସ ଗୃହ, ପାର୍କିଂ ସ୍ଥଳ ନିର୍ମାଣ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, କଟକ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ମିଶ୍ର, ଇଆଇସି ସିଭିଲ ସତ୍ୟବ୍ରତ ବେହେରା, ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତା, ମୁଖ୍ୟଯନ୍ତ୍ରୀ (କୋଠାବାଡ଼ି) ପ୍ରିୟବ୍ରତ ସାମନ୍ତରାୟଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

● ଛାତ ଢଳେଇ ବେଳେ ଅଘଟଣ

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରାଜମିସ୍ତ୍ରୀ ମୃତ

**ବ୍ରହ୍ମପୁର,୧୩।୭(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାର ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ମୌଳାଭଞ୍ଜା ଗ୍ରାମ ମା' ସାତଭଉଣୀ ମନ୍ଦିର ନିକଟସ୍ଥ ଜଗନ୍ନାଥ ପଣ୍ଡାଙ୍କ ଘରର ଛାତ ଢଳେଇ କାମ ଆଜି ଚାଲିଥିବା ସମୟରେ ଏକ ଅଘଟଣ ଘଟିଛି। ଘର ନିକଟ ଦେଇ ଯାଇଥିବା ଉଚ୍ଚ କ୍ଷମତାସମ୍ପନ୍ନ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ରାଜମିସ୍ତ୍ରୀଙ୍କର ମୃତ୍ୟୁ ଘଟିଛି। ମୃତ ରାଜମିସ୍ତ୍ରୀ ଜଣଙ୍କ ଜି. ନାରାୟଣ ଦୋରା (୨୨) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଆଜି ସକାଳେ ଅନ୍ୟ କେତେକ ଶ୍ରମିକଙ୍କ ସହ ରାଜମିସ୍ତ୍ରୀ ଜଣଙ୍କ ଛାତ ଉପରେ ଲୁହାଛଡ଼ ସେଣ୍ଟ୍ରିଂ କରୁଥିଲେ। ତେବେ ଘର ଉପର ଦେଇ ଯାଇଥିବା ବିଦ୍ୟୁତ୍ ତାର ପ୍ରତି ତାଙ୍କର ନଜର ନ ଥିଲା।

ତେଣୁ ଅସାବଧାନତାବଶତଃ ସେ ହାତରେ ଧରିଥିବା ଲୁହାଛଡ଼ ଉକ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବା କାରଣରୁ ସେ ଝଟ୍‌କା ଖାଇ ତଳେ ପଡ଼ିଯାଇଥିଲେ। ନିକଟରେ ଥିବା ଶ୍ରମିକମାନେ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖବର ପାଇ ଦିଗପହଣ୍ଡି ପୁଲିସ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## ରେଭେନ୍ସାରେ ଝାଡ଼ାବାନ୍ତି ମାମଲା

# ଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀର ଲିଜ୍ ବାତିଲ୍




**କଟକ,୧୩।୭(ସଂଚାର ବ୍ୟୁରୋ):** କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ୱେଷ୍ଟ୍ ହଷ୍ଟେଲ୍‌ରେ ଝାଡ଼ାବାନ୍ତି ବ୍ୟାପିଥିବା ବେଳେ ଏହି ଘଟଣାରେ ଆଜି ରାଜ୍ୟ ସରକାର ଠୋସ୍ ପଦକ୍ଷେପ ନେଇଛନ୍ତି। ଉକ୍ତ ହଷ୍ଟେଲ୍‌ର ଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀର ଲିଜ୍‌କୁ ସରକାର ବାତିଲ୍ କରିଥିବା ସୂଚନା ଦେଇଛନ୍ତି ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସେ କହିଛନ୍ତି ଯେ ରେଭେନ୍ସାରେ ଝାଡ଼ାବାନ୍ତି ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। କେଉଁ କାରଣ ପାଇଁ ହଷ୍ଟେଲରେ ଝାଡ଼ାବାନ୍ତି ବ୍ୟାପିଛି, ଏହାର ଯାଞ୍ଚ ମଧ୍ୟ ଚାଲିଛି। ଏପରିକି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଛାତ୍ରଛାତ୍ରୀଙ୍କଠାରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହ ଚିକିତ୍ସାଧୀନ ଥିବା ଛାତ୍ରଛାତ୍ରୀ ତୁରନ୍ତ ସୁସ୍ଥ ହୋଇ ଫେରିବେ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ସିଏସ୍ଆର୍‌ରୁ ବହୁ କମ୍ପାନି ଦୂରରେ

**ଭୁବନେଶ୍ୱର, ୧୩।୭ (ସଂଚାର ବ୍ୟୁରୋ):** ଖଣି ଖନନ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ନିଜର ଭିଟାମାଟିଠାରୁ ଆରମ୍ଭ କରି ସବୁକିଛି ଦେଉଛନ୍ତି। ରାଜ୍ୟ ଏବଂ ଦେଶର ବିକାଶରେ ଏହି ଅଞ୍ଚଳଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସୁଛନ୍ତି। କିନ୍ତୁ ସେସବୁ ଅଞ୍ଚଳର ବିକାଶ ଦିଗହରା ହୋଇପଡ଼ିଛି। ସିଏସ୍ଆର୍ (କର୍ପୋରେଟ୍

## ଖଣି ଓ ଶିଳ୍ପାଞ୍ଚଳର ବିକାଶ ଦିଗହରା

ସାମାଜିକ ଦାୟିତ୍ୱବୋଧ) ଅଧୀନରେ ପାରିପାର୍ଶ୍ୱିକ ବିକାଶ ପାଇଁ ହଜାରହଜାର କୋଟି ଟଙ୍କା ବ୍ୟୟ ହେଉଥିବା କୁହାଯାଉଥିଲେ ମଧ ଅଞ୍ଚଳବାସୀଙ୍କର ସେପରି ଉନ୍ନତି ହୋଇପାରିନାହିଁ। ଯେଉଁ ଅଞ୍ଚଳବାସୀଙ୍କର ଅବଦାନରେ ଖଣିଖାଦାନ ଓ ଶିଳ୍ପାନୁଷ୍ଠାନ ସମୃଦ୍ଧ ହେଉଛି ସେହି ଅଞ୍ଚଳରେ ଏବେ ବି ଦାଦନଶ୍ରମିକ, ବାଲ୍ୟବିବାହ, ଅପପୁଷ୍ଟି ଭଳି ସଙ୍ଗିନ୍ ସ୍ଥିତି ଦୂର ହୋଇପାରୁ ନାହିଁ। ସେହିପରି ପାନୀୟଜଳ ଅଭାବ, ପରିବେଶ ଅବକ୍ଷୟ, ଦୁର୍ବଳ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଅଞ୍ଚଳବାସୀ ଗତି କରୁଛନ୍ତି।

କମ୍ପାନି ଗୁଡ଼ିକ ସିଏସ୍ଆର୍ ବାବଦରେ ଲୋକଙ୍କ ବିକାଶ ପାଇଁ ହଜାରହଜାର କୋଟି ଟଙ୍କା ବ୍ୟୟ କରୁଥିବା



ପ୍ରଚାର କରୁଛନ୍ତି। ରାଜ୍ୟରେ ଶତାଧିକ ଖଣି ଓ ଶିଳ୍ପାନୁଷ୍ଠାନ ଥିବା ସତ୍ତ୍ୱେ ମାତ୍ର ୨୩ଟି ସଂସ୍ଥା ସିଏସ୍ଆର୍ ବାବଦରେ ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ଯଥାକ୍ରମେ ୪୭୬କୋଟି ୩୬ଲକ୍ଷ ୩୧ହଜାର ଓ ୧୩୭କୋଟି ୪୫ଲକ୍ଷ ୯୧ହଜାର ଟଙ୍କା ବ୍ୟୟ କରିଛନ୍ତି। ଏହି ୨ବର୍ଷରେ ମୋଟ୍ ୬୧୩କୋଟି ୮୨ଲକ୍ଷ ୨୨ହଜାର ଟଙ୍କା ୧୩ଟି ବିଭାଗରେ ବ୍ୟୟ ହୋଇଛି ବୋଲି ଶିଳ୍ପମନ୍ତ୍ରୀ ବିଧାନସଭା ପ୍ରଶ୍ନୋତ୍ତର ସମୟରେ କହିଛନ୍ତି। ଖଣିଖାଦାନ ଓ ଶିଳ୍ପାଞ୍ଚଳଗୁଡ଼ିକ ବିଶେଷ କରି ଆଦିବାସୀ ଓ ଅନଗ୍ରସର ଅଞ୍ଚଳରେ ଥିବାରୁ ସିଏସ୍ଆର୍ ଅର୍ଥର ସଦ୍‌ବିନିଯୋଗର ବହୁଗୁରୁତ୍ୱ ରହିଛି। କିନ୍ତୁ ତୃଣମୂଳରେ ସେପରି ଦେଖିବାକୁ ମିଳୁନାହିଁ। ଇସ୍ପାତ ରାଜଧାନୀ କୁହାଯାଉଥିବା ଯାଜପୁର ଜିଲ୍ଲାର କଳିଙ୍ଗନଗରରେ ୧୩ଟି ବୃହତ୍ ଇସ୍ପାତ କାରଖାନା, ୩ଟି ସିମେଣ୍ଟ କାରଖାନା ଓ ନିକଟରେ ଥିବା କାଳିଆପାଣି କ୍ରୋମ ଉପତ୍ୟକାରେ ୧୦ଟି କ୍ରୋମାଇଟ୍ ଖଣି ରହିଛି। ଖଣିଖାଦାନ ସହିତ ଶିଳ୍ପାଞ୍ଚଳ ଥିବା କାରଣରୁ ପ୍ରଦୂଷଣରେ ଲୋକମାନେ କଲବଲ ହେଉଛନ୍ତି। ଏହି ଇସ୍ପାତ ରାଜଧାନୀରୁ ମାତ୍ର ୨ଟି ଶିଳ୍ପାନୁଷ୍ଠାନ ସିଏସ୍ଆର୍‌ରେ ଅର୍ଥ ବ୍ୟୟ କରିଥିବା ମନ୍ତ୍ରୀଙ୍କ ତଥ୍ୟରେ ଦର୍ଶାଯାଇଛି। ଅନ୍ୟ ଶିଳ୍ପାନୁଷ୍ଠାନର ନାମ ନାହିଁ। ଯାଜପୁର ଭଳି ପଡ଼ୋଶୀ ଜିଲ୍ଲା କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳର ଖଣିଖାଦାନ ଓ ଶିଳ୍ପାଞ୍ଚଳରେ ଦୀପତଳ ଅନ୍ଧାର ଭଳି ଅନଗ୍ରସରତାକୁ ଆଜି ପର୍ଯ୍ୟନ୍ତ ଦୂର କରାଯାଇପାରିନାହିଁ। ସିଏସ୍ଆର୍ ବାବଦରେ ଅଧିକ ଅର୍ଥ ଖର୍ଚ୍ଚ କରିବା ସହିତ ସେହି ରାଶିର ଯେଭଳି ଉପଯୁକ୍ତ ବିନିଯୋଗ ହେବ ତାହା ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ଭାରତ ପାଇଁ ଶୁଳ୍କ କୋହଳ କରିପାରନ୍ତି ଟ୍ରମ୍ପ




ନୂଆଦିଲ୍ଲୀ, ୧୩।୭: ଭାରତ ସହିତ ଅନ୍ତରୀଣ ବାଣିଜ୍ୟ ରାଜିନାମା ପାଇଁ ଆମେରିକା କାର୍ଯ୍ୟ କରୁଛି। ଏହି ରାଜିନାମାରେ ଟ୍ରମ୍ପ ପ୍ରଶାସନ ଭାରତ ପାଇଁ ଶୁଳ୍କକୁ ୨୦ ପ୍ରତିଶତରୁ କମ୍ ରଖିପାରେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯଦି ଏହାକୁ ମଞ୍ଜୁରି ଦିଅନ୍ତି ତାହେଲେ ଅନ୍ୟ ଦେଶ ତୁଳନାରେ ଭାରତ ଅପେକ୍ଷାକୃତ ଭଲ ସ୍ଥିତିରେ ରହିବ। ଅନ୍ୟ ଦେଶଗୁଡ଼ିକ ଭଳି ଭାରତ ଚଳିତ ସପ୍ତାହରେ ଆନୁଷ୍ଠାନିକ ଶୁଳ୍କ ବୃଦ୍ଧି ନୋଟିସ ପାଇବା ଆଶା କରାଯାଉନାହିଁ। ସରକାରୀ ବିବୃତି ଜରିଆରେ ରାଜିନାମା ସଂପର୍କରେ ଘୋଷଣା ହୋଇପାରେ ବୋଲି ଏକ ସୂତ୍ରରୁ ଜଣାଯାଇଛି। ଦୁଇ ଦେଶ ମଧ୍ୟରେ ପ୍ରସ୍ତାବିତ ଅନ୍ତରୀଣ ବାଣିଜ୍ୟ ରାଜିନାମା ଉଭୟଙ୍କ ପାଇଁ ଭବିଷ୍ୟତ ଆଲୋଚନା ଅବ୍ୟାହତ ରଖିବା ଦିଗରେ ସହାୟକ ହେବ। ଚଳିତବର୍ଷ ଶେଷ ବେଳକୁ ଏକ ବୃହତ୍ ରାଜିନାମା ହେବା ପୂର୍ବରୁ ଅସମାହିତ ସମସ୍ୟାର ସମାଧାନ କରିବା ଲାଗି ଭାରତ ସମୟ ପାଇପାରିବ ବୋଲି କୁହାଯାଉଛି।

# ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ରାଜନଙ୍କ ଚେତାବନୀ

ନୂଆଦିଲ୍ଲୀ ୧୩।୭: ଜାପାନ ଓ ଜର୍ମାନକୁ ପଛରେ ପକାଇ ଭାରତ ଏବେ ବିଶ୍ୱର ତୃତୀୟ ଅର୍ଥ ବ୍ୟବସ୍ଥାରେ ପରିଣତ ହେବାକୁ ଯାଉଛି। ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଙ୍କ ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନଙ୍କ ତର୍କ ହେଉଛି ଗ୍ଲୋବାଲ ଇନୋଭେସନ ନେତୃତ୍ୱ ବିନା ଏପରି ଉପଲବ୍ଧି ଫମ୍ପା। 'ଦି ଟାଇମ୍ସ ଅଫ ଇଣ୍ଡିଆ' ପାଇଁ ଲେଖିଥିବା ଏକ ସ୍ତମ୍ଭରେ ଚିକାଗୋ ବିଶ୍ୱବିଦ୍ୟାଳୟର ପ୍ରଫେସର ଗ୍ଲୋବାଲ ପ୍ରଡକ୍ଟ ଆଇକନ ତିଆରିରେ ଦେଶର ଘୋର ବିଫଳତାକୁ ଉଜାଗର କରିଛନ୍ତି। ରାଜନ କହିଛନ୍ତି ଯେ ଘରୋଇ ସ୍ତର ଓ ସରକାରୀ ସମର୍ଥନ ସତ୍ତ୍ୱେ ଭାରତ ଗ୍ଲୋବାଲ ପ୍ରଡକ୍ଟ ଆଇକନ ତିଆରିପାରି ନାହିଁ। ସେ ଲେଖିଛନ୍ତି 'ଆମ ପାଖରେ ଗୋଟେ ବି ଏମିତି କମ୍ପାନୀ ନାହିଁ ଯାହା ନିଜ ପ୍ରଡକ୍ଟ ପାଇଁ ବିଶ୍ୱସ୍ତରେ ପରିଚିତ ହେଉଛି। ନା ନିଣ୍ଟେଡୋ ନା ସୋନି ନା ଟୟୋଟା ଭାରତରେ ଏପରି ଏକ ବିଶ୍ୱସ୍ତରରେ ପରିଚିତ କମ୍ପାନୀଟିଏ ବି ନାହିଁ। ସେ କହିଛନ୍ତି ଯେ ହାଇ ଟାରିଫ ଦ୍ୱାରା ସଂରକ୍ଷିତ ବିଶାଳ କାର ମାର୍କେଟ ସତ୍ତ୍ୱେ ବିକଶିତ ଦେଶରେ ଗୋଟେ ବି ଭାରତୀୟ କାର ମଡେଲ ବିପୁଳ ମାତ୍ରାରେ ବିକ୍ରି ହେଉ ନାହିଁ। ଭାରତର ଅଟୋ ରପ୍ତାନୀ କେବଳ ମୂଲ୍ୟ ସମ୍ବେଦନଶୀଳ ବଜାର ପର୍ଯ୍ୟନ୍ତ ସୀମିତ ହୋଇଯାଇଛି।



ରାଜନ ବିଦେଶୀ କମ୍ପିଟେଟର୍ସଙ୍କ ସମ୍ପର୍କରେ ଲେଖିଛନ୍ତି ଯେ 'ଯଦି ୱାଲମାର୍ଟ ଭଳି ପ୍ରତ୍ୟକ୍ଷ ବିଦେଶୀ ନିବେଶକ ବିପଦ ସୃଷ୍ଟି କରୁଛନ୍ତି, ତାଙ୍କ ଉପରେ ରେଗୁଲେଟରୀ କଟକଣା ଲଗାଅ' ନଚେତ ତାଙ୍କର ପ୍ରତିଯୋଗୀତା କ୍ଷମତାକୁ ଦୁର୍ବଳ କରିବା ଲାଗି ଅବିଶ୍ୱାସ ପ୍ରସ୍ତାବ ଆଣ। ରାଜନଙ୍କ ତର୍କ ହେଉଛି 'ଅନ୍ତରୀଣ ଧ୍ୟାନ' ଏକ ଲକ୍ଷଣ ଓ ଏକ ଜାଲ ମଧ। ସେ ଚେତାବନୀ ଦେଇଛନ୍ତି 'ଘରୋଇ ବଜାର ଯେତିକି ପରିବର୍ଦ୍ଧିତ ହେଉଛି, ସମସ୍ୟା ଆହୁରି ଜଟିଳ ହେବାରେ ଲାଗିଛି'। ସେ ପଚାରିଛନ୍ତି ଯେତେବେଳେ ଘରୋଇ ଉପଭୋକ୍ତାଙ୍କୁ ସନ୍ତୁଷ୍ଟ ରଖିବା ପାଇଁ ଯଦି ନକଲ କାଫି, ସେତେବେଳେ ଇନୋଭେସନ କାହିଁକି କରିବା ଓ ବୈଶ୍ୱିକ ସ୍ତରକୁ କାହିଁକି ଯିବା? ରାଜନ କହିଛନ୍ତି ଭାରତୀୟ ଔଷଧ କମ୍ପାନୀଙ୍କ ଯଦିଓ ବୈଶ୍ୱିକ ଉପସ୍ଥିତି ଅଛି ତେବେ ଜେନେରିକ ଔଷଧର ମୂଳ ଫର୍ମେସନ ଆଡକୁ ମୁହାଁଇବାକୁ ବିଫଳ ହୋଇଛନ୍ତି। ସେହିପରି ସଫ୍ଟୱେର କ୍ଷେତ୍ର ଯାହା 'ୱାଇ୨କେ' କାଳରେ ସମ୍ପ୍ରସାରିତ ହୋଇଥିଲା ଏପର୍ଯ୍ୟନ୍ତ ବୈଶ୍ୱିକ ସ୍ତରରେ ପ୍ରଭାବଶାଳୀ ଉତ୍ପାଦ ତିଆରି ପାରି ନାହିଁ। ସେ ପଚାରିଛନ୍ତି ଭାରତୀୟ ଟିକ୍ ଟକ୍, ଡିପସିକ୍, ଚାଟଜିପିଟି ଓ ଫୋର୍ଟନାଇଟ୍ କାଇଁ? ଆମ ପାଖରେ କେତେକଙ୍କ ଘରୋଇ ସଂସ୍କରଣ ତ ଅଛି, ହେଲେ ସେଗୁଡିକର ବୈଶ୍ୱିକ ପହଞ୍ଚ ନାହିଁ। କାରଣ ସେ ଗୁଡିକ ପ୍ରାୟତଃ ନକଲ ଉପରେ ଆଧାରିତ। ଏଥିରେ ସେ ନିଷ୍କର୍ଷରେ ଉଲ୍ଲେଖ କରିଛନ୍ତି ଯେ ଯଦିବି ଆମେ ତୃତୀୟ ବୃହତ୍ତ ଅର୍ଥନୀତିରେ ପରିଣତ ବି ହୁଅନ୍ତି, ଏଥିରେ କିନ୍ତୁ ଆମେ ସନ୍ତୁଷ୍ଟ ହୋଇ ପାରିବା ନାହିଁ। ଏଥି ପାଇଁ ଆମକୁ ସବୁଠୁ ଅଧିକ ଇନୋଭେସନର ଦେଶ ହେବାକୁ ପଡିବ। ଏହା ଦ୍ୱାରା ଆମ କମ୍ପାନୀମାନେ ବିଶ୍ୱସ୍ତରରେ ପ୍ରସିଦ୍ଧ ବ୍ରାଣ୍ଡ ବନି ପାରିବେ।

# ଓଡ଼ିଶା ଏଏମ୍ଏନ୍ଏସ୍ ଇଣ୍ଡିଆ ଖୋଖୋ ଏଚ୍‌ପିସିକୁ ବର୍ଷେ ପୂରିଲା

ପୁରୀ, ୧୩।୭: ଓଡ଼ିଶା ଏଏମ୍ଏନ୍ଏସ୍ ଇଣ୍ଡିଆ ଖୋଖୋ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର (ଏଚ୍‌ପିସି)କୁ ୧ ବର୍ଷ ପୂରଣ ହୋଇଛି। ପ୍ରଥମ ବାର୍ଷିକୀ ଉତ୍ସବ ପୁରୀ ତାଳବଣିଆସ୍ଥିତ ଜିଲ୍ଲା କ୍ରୀଡ଼ା କମ୍ପ୍ଲେକ୍ସରେ ପାଳିତ ହୋଇଯାଇଛି। ପ୍ରଥମ ବର୍ଷରେ ଏଚ୍‌ପିସି ନିଜକୁ ଖୋ ଖୋ କ୍ରୀଡ଼ା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ




କରିପାରିଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହି କେନ୍ଦ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ତଥା ଆର୍ଥିକ ଉପଦେଷ୍ଟା ନେଲସନ ଲାକ୍ରା, ଡେପୁଟି ସେକ୍ରେଟାରି ପଦ୍ମଚରଣ ସାହୁ, ଏଏମ୍ଏନ୍ଏସ୍ ଇଣ୍ଡିଆର ସିଏସ୍ଆର୍ ମୁଖ୍ୟ ବିକାଶ ଯାଦବେନ୍ଦୁ, ସ୍ପୋର୍ଟସ ଫର୍ ଅଲ୍‌ର ପ୍ରତିଷ୍ଠାତା ବିଶ୍ୱାସ ଚୋକ୍ସି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡ଼ିଶା ଏଏମ୍ଏନ୍ଏସ୍ ଇଣ୍ଡିଆ ଖୋଖୋ ଏଚ୍‌ପିସିର ମୁଖ୍ୟ କୋଚ୍ ସଞ୍ଜୀବ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଦର୍ଶନୀ ମ୍ୟାଚ୍ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ବର୍ଷରେ ଏଚ୍‌ପିସିରୁ ୨୦୦ରୁ ଅଧିକ ଅନ୍ତର୍ଜାତୀୟ ସ୍ତରର ଖେଳାଳି ବାହାର କରିବା ଲାଗି ଲକ୍ଷ୍ୟ ରଖାଯାଇଛି।

# ଆଫ୍ରିକୀୟ ଦେଶରୁ ଲିଥିୟମ ଆଣିବ ଏନଏଲସି ଇଣ୍ଡିଆ

ନୂଆଦିଲ୍ଲୀ, ୧୩।୭: ସରକାରୀ ମାଲିକାନାରେ ଥିବା କୋଇଲା ଉତ୍ତୋଳନକାରୀ କମ୍ପାନି ଏନଏଲସି ଇଣ୍ଡିଆ ଲିମିଟେଡ ରୁଷର ଏକ ସରକାରୀ କମ୍ପାନି ସହ ହାତ ମିଳାଇବାକୁ ଯାଉଛି। ଏହାର ଉଦ୍ଦେଶ୍ୟ ଆଫ୍ରିକାରେ ଥିବା ରୁଷ କମ୍ପାନିର ଲିଥିୟମ ଖଣିରୁ ଖଣିଜ ଆମଦାନୀ କରିବା। ଆଫ୍ରିକାର ମାଲିରେ ଥିବା ଏହି ଲିଥିୟମ ଖଣିରେ ସେୟାର ପାଇଁ ଏନଏଲସି ଇଣ୍ଡିଆ, ରୁଷ କମ୍ପାନି ସହ ଆଲୋଚନା ଜାରି ରହିଥିବା ସୂଚନା ମିଳିଛି। ଭାରତ ନିଜର ସ୍ୱଚ୍ଛ ଉର୍ଜା ଲକ୍ଷ୍ୟକୁ ଧ୍ୟାନରେ ରଖି ଲିଥିୟମ ଭଳି ଗୁରୁତ୍ୱପୂର୍ଣ୍ଣ ଧାତୁର ନିରବଚ୍ଛିନ୍ନ ଯୋଗାଣ ଉପରେ ଧ୍ୟାନ ଦେଉଥିବାବେଳେ ଏହି ପଦକ୍ଷେପ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ବର୍ତ୍ତମାନ ଦେଶରେ ଇଲେକ୍ଟ୍ରିକ ଗାଡ଼ି ଏବଂ ଏହାର ବ୍ୟାଟେରୀର ଚାହିଦା ବଢୁଛି ଫଳରେ ଲିଥିୟମର ଆବଶ୍ୟକତା ମଧ ଦ୍ରୁତ ଭାବରେ ବଢୁଛି। ସୂଚନାଥାଉକି, ଏନଏଲସି ଇଣ୍ଡିଆ ମୁଖ୍ୟତଃ କୋଇଲା ଏବଂ ଲିଗ୍‌ନାଇଟ ଖନନ ତଥା ବିଜୁଳି ଉତ୍ପାଦନ କରୁଛି। କମ୍ପାନି ଅକ୍ଷୟ ଶକ୍ତି ଏବଂ କୋଇଲା ଖନନ କ୍ଷେତ୍ରରେ ମଧ ଦେଶ ବିଦେଶରେ ନିଜର ଆଧିପତ୍ୟ ବିସ୍ତାର କରିଛି। ନିକଟରେ ଏନଏଲସି ଇଣ୍ଡିଆକୁ ପଞ୍ଚମ ପର୍ଯ୍ୟାୟ ଖଣିଜ ନିଲାମୀରେ ଦୁଇ ବଡ଼ ଖଣିଜ ବ୍ଲକ୍ ମିଳିଛି। ଛତିଶଗଡ଼ରେ ଫସ୍ଫୋରାଇଟ ଏବଂ ଚୂନ ପଥରର ଦୁଇଟି ବ୍ଲକ୍ ମିଳିଛି।

# ମାରୁତି ଏର୍ଟିଗାକୁ ଟକ୍କର ଦେବାକୁ ଆସୁଛି କିଆର କ୍ୟାରେନ୍ସ କ୍ଲାଭିସ ଇଭି

**ନୂଆଦିଲ୍ଲୀ, ୧୩।୭:** ଭାରତରେ ଇଲେକ୍ଟ୍ରିକ୍ କାରର ଚାହିଦା ନିରନ୍ତର ବୃଦ୍ଧି ପାଉଛି। ଭଲ କଥା ହେଉଛି ଯେ ଏବେ ବଜାରରେ ଅତି କମରେ ୪୦୦ କିଲୋମିଟରରୁ ୫୦୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ଥିବା ମଡେଲଗୁଡ଼ିକ ଲଞ୍ଚ ହେଉଛି। କେବଳ ଏତିକି ନୁହେଁ, ଇଭି ର ମୂଲ୍ୟ ମଧ ପେଟ୍ରୋଲ-ଡିଜେଲ ଯାନ ସହିତ ସମକକ୍ଷ ହୋଇଛି। ଏହି କାରଣରୁ ଲୋକମାନେ ଏବେ ଇଲେକ୍ଟ୍ରିକ୍ କାରଗୁଡ଼ିକୁ କିଣୁଛନ୍ତି। ଏବେ କିଆ ଏହାର ନୂତନ କ୍ୟାରେନ୍ସ କ୍ଲାଭିସ ଇଭି ଲଞ୍ଚ କରିବାକୁ ଯାଉଛି। କମ୍ପାନୀ ଏହା ମଧ ପ୍ରକାଶ କରିଛି ଯେ ଏହା ୧୫ ଜୁଲାଇରେ ଲଞ୍ଚ ହେବ। ଆଉ ବିଶ୍ୱାସ କରାଯାଉଛି ଯେ ଏହା ମାରୁତି ଏର୍ଟିଗାକୁ କଡା ଟକ୍କର ଦେଇପାରେ। କିଆ କ୍ୟାରେନ୍ସ କ୍ଲାଭିସ ଇଭିର ଡିଜାଇନରେ ନୂତନତ୍ୱ ଦେଖିବାକୁ ମିଳିପାରେ । ଏହା ବର୍ତ୍ତମାନର ପେଟ୍ରୋଲ ମଡେଲଠାରୁ ଟିକେ ଭିନ୍ନ ହୋଇପାରେ। ଏହା ଏକ ପ୍ରିମିୟମ୍ ଏମ୍ପିଭି ଭାବରେ ଆସିବ। ଏହା ବ୍ୟତୀତ, ଏଥିରେ ଡିଆରଏଲ ସହିତ ନୂତନ ଏଲଇଡ଼ି ହେଡଲାଇଟ୍ ମିଳିବ। ନୂତନ କ୍ୟାରେନ୍ସ କ୍ଲାଭିସରେ ୭ ଜଣଙ୍କ ପାଇଁ ବସିବା ସ୍ଥାନ ରହିବ। ଏହାର ଦ୍ୱିତୀୟ ଧାଡିରେ କେବଳ ୩ ଜଣ ଏବଂ ତୃତୀୟ ଧାଡିରେ ୨ ଜଣ ବସିପାରିବେ। ନୂତନ କ୍ୟାରେନ୍ସ କ୍ଲାଭିସ ଇଭିରେ ୫୧.୪ କିଲୋୱାଟ ବ୍ୟାଟେରୀ ପ୍ୟାକ୍ ମିଳିବ, ଏବଂ ଏହା ପୂର୍ଣ୍ଣ ଚାର୍ଜରେ ୪୯୦ କିଲୋମିଟର ରେଞ୍ଜ ପ୍ରଦାନ କରିବ। ସୂତ୍ର ଅନୁଯାୟୀ, କମ୍ପାନୀ ଏହାକୁ ୧୮ ଲକ୍ଷ ଏକ୍ସ-ଶୋରୁମ୍ ମୂଲ୍ୟରେ ଲଞ୍ଚ କରିପାରେ। ବର୍ତ୍ତମାନ ପର୍ଯ୍ୟନ୍ତ, ଭାରତରେ ଅନ୍ୟ କୌଣସି ଇଲେକ୍ଟ୍ରିକ୍ ଏମ୍ପିଭି ନାହିଁ ଯାହା କ୍ୟାରେନ୍ସ କ୍ଲାଭିସ ଇଭି ସହିତ ପ୍ରତିଯୋଗିତା କରିପାରିବ। ଏଥିରେ ପରିସ୍ଥିତିରେ, ଏର୍ଟିଗାର ବିକ୍ରୟ ସାମାନ୍ୟ ପ୍ରଭାବିତ ହୋଇପାରେ।



# ଆଦିତ୍ୟ ବିର୍ଲା ଜୁଏଲାରି 'ଇନ୍ଦ୍ରିୟା'ର ପ୍ରଥମ ଷ୍ଟୋର୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୩।୭: ଆଦିତ୍ୟ ବିର୍ଲା ଜୁଏଲାରି ବ୍ରାଣ୍ଡ୍ 'ଇନ୍ଦ୍ରିୟା' ଓଡ଼ିଶା ବଜାରରେ ପ୍ରବେଶ କରିଛି। ଭୁବନେଶ୍ୱରର ଚନ୍ଦ୍ରଶେଖରପୁରରେ ଆଜି ଏହାର ପ୍ରଥମ ମେଗା ଷ୍ଟୋର୍ ଉଦ୍‌ଘାଟିତ ହୋଇଛି। ୫,୦୦୦ରୁ ଅଧିକ ସ୍ୱତନ୍ତ୍ର ଡିଜାଇନ୍ ଏବଂ ସୂକ୍ଷ୍ମ କାରୁକାର୍ଯ୍ୟରେ ପରିପୂର୍ଣ୍ଣ ୨୦,୦୦୦ରୁ ଅଧିକ ଗହଣା ଏଠାରେ ଉପଲବ୍ଧ କରାଯାଇଛି। ସେଗୁଡ଼ିକ ମଧ୍ୟରେ 'ଇନ୍ଦ୍ରିୟା'ର ନବୀନତମ 'ଆସମାନିୟତ' କଲେକ୍‌ସନ ମଧ ରହିଛି। ନୂଆ ସୋ'ରୁମରେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଉଦ୍‌ଘାଟନୀ ଅଫର ସମେତ ଏକ୍ସଚେଞ୍ଜ ସୁବିଧା ଉପଲବ୍ଧ ଅଛି।

ଭୁବନେଶ୍ୱରରେ ନୂଆ ସୋରୁମ୍ ଖୋଲିବା ପରିପ୍ରେକ୍ଷୀରେ 'ଇନ୍ଦ୍ରିୟା'ର ସିଇଓ ସନ୍ଦୀପ କୋହଲି କହିଛନ୍ତି, ଅଳଙ୍କାରର ସୌନ୍ଦର୍ଯ୍ୟ କେବଳ ଡିଜାଇନରେ ନଥାଏ, ବରଂ ଏଥିରେ ନିହିତ ଥିବା ବ୍ୟକ୍ତିଗତ ଅର୍ଥରେ



ରହିଥାଏ। 'ଇନ୍ଦ୍ରିୟା'ର ଗହଣାଗୁଡ଼ିକର ପ୍ରସ୍ତୁତି ମୂଳରେ ଏହି ବିଶ୍ୱାସ ରହିଛି। ନୂଆ ସୋ'ରୁମ୍ ଉଦ୍‌ଘାଟନ ଉତ୍ସବରେ 'ଇନ୍ଦ୍ରିୟା'ର ଚିଫ୍ ମାର୍କେଟିଂ ଅଫିସର ଶାନ୍ତିସ୍ୱରୂପ ପଣ୍ଡା, ରିଟେଲ୍ ଏବଂ ମର୍ଚ୍ଚାଣ୍ଡାଇଜିଂ ମୁଖ୍ୟ ଅନନ୍ତନାରାୟଣନ ହରିହରନ୍ ଏବଂ ଫ୍ରାଞ୍ଚାଇଜ ପାର୍ଟନର ଏସ୍ ମାଲେଶ୍ୱର ରାଓ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ପଣ୍ଡା କହିଥିଲେ ଯେ ଭୁବନେଶ୍ୱର ଷ୍ଟୋର୍ ହେଉଛି ଦେଶରେ 'ଇନ୍ଦ୍ରିୟା'ର ୨୭ତମ। ଗତ ବର୍ଷକ ମଧ୍ୟରେ ଦେଶର ବିଭିନ୍ନ ସହରରେ କମ୍ପାନି ୨୬ଟି ଷ୍ଟୋର୍ ଖୋଲି ସାରିଛି। ଆସନ୍ତା ୨ ବର୍ଷ ମଧ୍ୟରେ କମ୍ପାନି ଓଡ଼ିଶାର ପ୍ରମୁଖ ସହରଗୁଡ଼ିକରେ ୫ରୁ ୬ଟି ନୂଆ ଷ୍ଟୋର୍ ଖୋଲିବା ଯୋଜନା ରଖିଛି। ୨୦୨୬ ସୁଦ୍ଧା ଦେଶରେ ୧୦୦ଟି ଷ୍ଟୋର୍ ଖୋଲାଯିବା ଯୋଜନା ରହିଥିବା ସେ ସୂଚନା ଦେଇଥିଲେ।

## ଆଜିର ସୁନା ରୁପା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା, ୯୯, ୭୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ,୪୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯, ୭୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୧ ହଜାର ୪୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯, ୭୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ହଜାର ୪୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯, ୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୯,୮୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧ ହଜାର ୫୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୯, ୭୧୦ ଓ ୯୧ ହଜାର ୪୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୫ , ୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ପଇସା ରହିଛି।

# ବର୍ଷା ଦିନରେ ଚାଲିଛି ଆଡ଼ିବନ୍ଧ କାମ

## ଜଳ ସମ୍ପଦ ବିଭାଗର ଦୁର୍ନୀତିକୁ ପ୍ରୋତ୍ସାହନ ଅଭିଯୋଗ



**ବଲାଙ୍ଗିର,୧୩।୭ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଜଳ ସମ୍ପଦ ବିଭାଗ ପକ୍ଷରୁ ବର୍ଷା ଦିନରେ ନଦୀନାଳ ଉପରେ ଆଡିବନ୍ଧ କାମ ଚଲାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏହି କାମ ଗୁଡିକ ଅତି ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହେଉଛି। ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି କରୁଥିବା ୧୨ଟି ନଦୀନାଳ ଚିହ୍ନଟ କରାଯାଇଛି। ଏହି ନଦୀନାଳ ଗୁଡିକର ଉଭୟ ପାର୍ଶ୍ୱରେ ୮୮୮ କିଲୋମିଟର ଆଡିବନ୍ଧ କରିବାକୁ ଯୋଜନା ରହିଛି। କିନ୍ତୁ ବର୍ତ୍ତମାନ ଯାଏ ମାତ୍ର ୧୮୦ କିଲୋମିଟର ଆଡିବନ୍ଧ ସମ୍ପୂର୍ଣ୍ଣ ହୋଇଛି। ଅର୍ଥାତ ୭୦୭ କିଲୋମିଟର ଆଡିବନ୍ଧ କାମ ଆରମ୍ଭ ହୋଇନାହିଁ କିମ୍ବା ସମ୍ପୂର୍ଣ୍ଣ ହୋଇନାହିଁ। ଯଦ୍ୱାରା ନଦୀନାଳ ଗୁଡିକ ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଛି। ଏହାକୁ ଦୃଷ୍ଟିରେ ରଖି ତେଲ, ଅଙ୍ଗ, ସୋନଗଡ଼, ଲାନ୍ତ, ମାୟାବତୀ, ସୁକତେଲ ସମେତ ଅନ୍ୟ ଛୋଟ ନଦୀରେ ଆଡିବନ୍ଧ କାମ ହାତକୁ ନିଆଯାଇଛି। ଜିଲ୍ଲାରେ ୧୯ଟି ସ୍ଥାନରେ ନଦୀ ଏବଂ ଛୋଟ ନାଳରେ ଏହି କାମ ଚାଲିଛି। ଏଥିରେ ୭ଟି ପ୍ରକଳ୍ପକୁ ଚଳିତ ବର୍ଷ ଅଗଷ୍ଟ ୨ ତାରିଖ ସୁଦ୍ଧା କାମ ସାରିବାକୁ ଧାର୍ଯ୍ୟ ରହିଛି।

ଦେଓଗାଁ ବ୍ଲକ ସୋନଗଡ଼ ନଦୀରେ ଆଡିବନ୍ଧ କାମରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଥିଲା। ନଦୀ ହିଡରେ କେବଳ ପଥର ରଖି ମାଟି ଚଟାଇ ଦେଉଥିବା ତଦନ୍ତରୁ ଜଣାପଡ଼ିଥିଲା। ଏଭଳି ସ୍ଥିତିରେ ସାମାନ୍ୟ ବର୍ଷା ହେଲେ ମାଟି ନଦୀକୁ ଖସି ଯାଉଛି। ଅଧିକ ଟିକେ ବର୍ଷାହେଲେ ମାଟି ସମେତ ପଥର ସବୁ ନଦୀ ଗର୍ଭକୁ ଧସିଯିବା ଆଶଙ୍କା ରହିଛି। ଅଧିକାଂଶ ସ୍ଥାନରେ ସମାନଧରଣର କାମ ଚାଲିଥିବା ଜଣାପଡ଼ିଛି। ପାଖାପାଖି ଗୋଟିଏ ମାସ ହେବ ଜିଲ୍ଲାରେ କ୍ରମାଗତ ଭାବରେ ବର୍ଷା ଲାଗି ରହିଛି। ଫଳରେ ନଦୀନାଳ ଗୁଡିକରେ ନିରନ୍ତର ମାଟି ଅତଡା ଖସୁଥିବା ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ଆଡିବନ୍ଧ କାମ ଚଳାଇବା ଜଳ ସମ୍ପଦ ବିଭାଗ ପକ୍ଷରୁ ଦୁର୍ନୀତିକୁ ପ୍ରୋତ୍ସାହନ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ସୁକତେଲ ନଦୀରେ ୩୮ କିଲୋମିଟର, ଅଙ୍ଗ ନଦୀରେ ୪୮ କିଲୋମିଟର, ତେଲ ନଦୀରେ ୫୭ କିଲୋମିଟର, ସୋନଗଡ଼ ନଦୀରେ ୬୩ କିଲୋମିଟର, ମାୟାବତୀ ନଦୀରେ ୫୦ କିଲୋମିଟର ଏବଂ ଲାନ୍ତ ନଦୀରେ ସର୍ବାଧିକ ୧୦୦ କିଲୋମିଟର ଆଡିବନ୍ଧ ନିର୍ମାଣ କାମ ବାକି ରହିଥିବା ସୂଚନା ମିଳିଛି। ତେବେ ଅନ୍ୟପଟେ ଏହି ବର୍ଷାଦିନରେ କିଛି ଆଡିବନ୍ଧ କାମକରି କାମଚଳା ବନ୍ୟା ମୁକାବିଲା ପାଇଁ ମସୁଧା ଚଳାଇଥିବା ଜଣାଯାଇଛି।

## କାରଖାନା ବନ୍ଦ, ଜୀବିକା ହରାଇବା ଚିନ୍ତାରେ ଠିକା ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ

**କଳିଙ୍ଗନଗର,୧୩।୭ (ସଂଚାର ବ୍ୟୁରୋ):** କଳିଙ୍ଗନଗରରେ ଥିବା ଏକମାତ୍ର ଶତପ୍ରତିଶତ ସ୍ଥାନୀୟ ନିଯୁକ୍ତି ପ୍ରଦାନ କରିଥିବା ଶିଳ୍ପସଂସ୍ଥା ଭିସା ଷ୍ଟିଲ କାରଖାନାର ଜଣେ ଠିକା ଶ୍ରମିକ ଶୁକ୍ରବାର ଅପରାହ୍ନରେ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶ୍ରମିକଙ୍କ ନାମ ମଧୁ ସେଠୀ(୫୭) ଓ ତାଙ୍କ ଘର ସୁକିନ୍ଦା ଥାନା ହରିପୁର ଗ୍ରାମରେ।

ଦ୍ୱିତୀୟ ସିଫ୍ଟରେ ଡ୍ୟୁଟି କରିବାକୁ ସେ ଆସିଥିବା ବେଳେ ପରିଚାଳନା ଅନୁମତି ନଥିବାରୁ କାରଖାନା ଆଗକୁ ଖୋଲିବା ନେଇ ଅନିଶ୍ଚିତତା ଦେଖା ଦେଇଥିବା ସହକର୍ମୀମାନଙ୍କ ଠାରୁ ଶୁଣିବା ପରେ ସେ ହଠାତ ଅସୁସ୍ଥ ହୋଇ ପଡିଥିଲେ। କାରଖାନାର ଆମ୍ବୁଲାନ୍ସ ମଧୁଙ୍କୁ ପ୍ରଥମେ ମେଡିକା ହସ୍ପିଟାଲକୁ ନେଇଥିବା ବେଳେ ସେଠାରେ ଡ଼ାକ୍ତର ତାଙ୍କୁ ଗୁରୁତର ରହିଥିବା ଦର୍ଶାଇ କଟକକୁ ସ୍ଥାନାନ୍ତର କରିଥିଲେ। କଟକରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ହୃଦୟ ସ୍ପନ୍ଦନ ବନ୍ଦ ପାଇଁ ହୋଇଥିବା କୁହାଯାଉଛି। ତେବେ କାରଖାନା ପକ୍ଷରୁ ମଧୁଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ତାଙ୍କ ଶେଷକୃତ୍ୟ ପାଇଁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। କଳିଙ୍ଗନଗରରେ ଥିବା ଏକାଧିକ ଶିଳ୍ପସଂସ୍ଥା ଠାରୁ ଅଧିକ ସ୍ଥାନୀୟ ନିଯୁକ୍ତି ପ୍ରଦାନ କରିଥିବା ଶିଳ୍ପ ସଂସ୍ଥା ହଠାତ୍ ବନ୍ଦ ରହିଥିବା ଯୋଗୁଁ ଆଗକୁ ଆହୁରି ଅନେକ ଘର ଉଜୁଡି ଯିବାର ଆଶଙ୍କା ରହିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ହିଞ୍ଜିଳିକାଟୁ,୧୩।୭ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ହିଞ୍ଜିଳି ଗୋଷ୍ଠୀ ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ପକ୍ଷରୁ ବ୍ଲକର ୩ଜଣ କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶାନ୍ତିଲତା ମୁନୀ ଯୋଗ ଦେଇ ଦୀପ ପ୍ରଜ୍ୱଳନରେ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତା ରୂପେ ବ୍ରହ୍ମପୁର ବିଇଓ ସୁଜିତ ପାଢ଼ୀ ଓ ସମ୍ମାନିତ ଏନ ଲୋକନାଥ ୩ଜଣ କ୍ରୀଡ଼ା ଶିକ୍ଷକଙ୍କ କର୍ତ୍ତବ୍ୟ ନିଷ୍ଠା ଉପରେ ମତ ରଖିଥିଲେ। କ୍ରୀଡ଼ା ଶିକ୍ଷକ ବିଭୂତି ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ୩ ଜଣ କ୍ରୀଡ଼ା ଶିକ୍ଷକ ବଟକୃଷ୍ଣ ପଣ୍ଡା,ବେଣୁଧର ନାୟକ ଓ ପି.ପର୍ଶୁରାମଙ୍କୁ ବିଦାୟ ସମ୍ବର୍ଦ୍ଧନା ଉପଲକ୍ଷେ ମାନପତ୍ର ଦିଆଯାଇଥିଲା। ସିଆରସିସି ଅଖିଳ କୁମାର ପଣ୍ଡା,କ୍ରୀଡ଼ା ଶିକ୍ଷକ ସମୀର ବେହେରା,ଚିମନ ସାହୁ,ଦୁର୍ଗା ପଣ୍ଡା,ଅରୁଣ ସାମନ୍ତଙ୍କ ସମେତ ହିଞ୍ଜିଳି ବ୍ଲକର ସମସ୍ତ କ୍ରୀଡ଼ା ଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶରତ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



**ହିଞ୍ଜିଳିକାଟୁ,୧୩।୭ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ସଂଚାର : ବିଜେପିର ବରିଷ୍ଠ ବିଜେପି ନେତା ତଥା ଯୁବମୋର୍ଚ୍ଚାର ପୂର୍ବତନ ସଭାପତି ସ୍ୱର୍ଗତ ଶରତ ମିଶ୍ରଙ୍କ ବିଂଶତମ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ରଙ୍କ ନେତୃତ୍ୱରେ ବହୁ ଯୁବ କର୍ମୀ ଆଜି ସକାଳୁ ଆରଏମସି ଛକ ଠାରୁ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପର୍ଯ୍ୟନ୍ତ ଗଣଦୌଡ଼ରେ ସାମିଲ ହୋଇଥିଲେ। ପୂର୍ବାହ୍ନ ସମୟରେ ମିନି ଷ୍ଟାଡିୟମ ପରିସରରେ ଥିବା ବରିଷ୍ଠ ନାଗରିକ ଚିତ୍ତ ବିନୋଦନ କେନ୍ଦ୍ରରେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ରକ୍ତ ଦାନ ଶିବିରରେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲା ବେଳେ ବ୍ରହ୍ମପୁର ବ୍ଲଡ଼ ବ୍ୟାଙ୍କର କର୍ମଚାରୀ ମାନଙ୍କ ଦ୍ୱାରା ୧୨୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ମଧ୍ୟାହ୍ନ ସମୟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରି ଶରତ ମିଶ୍ରଙ୍କ ସାଙ୍ଗଠନିକ ଦକ୍ଷତା ଥିଲା ବୋଲି ମତ ରଖିଥିଲେ। ସ୍ୱର୍ଗତ ଶରତ ମିଶ୍ର ଲୋକଙ୍କ ସହ ସୁସମ୍ପର୍କ ରଖି ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ପାଇଁ ସଦାବେଳେ ଚେଷ୍ଟା କରୁଥିଲେ ବୋଲି ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମତ ରଖିଥିଲେ। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ଆସିକା ସାଙ୍ଗଠନିକ ଜିଲ୍ଲା ସଭାପତି ବିଜୟ ସ୍ୱାଇଁ, ଭଞ୍ଜନଗର ଜିଲ୍ଲା ସଭାପତି ନୀଳମାଧବ ପାତ୍ର ଓ ଉଦ୍ୟୋଗୀସାଥି ସୁଦୀପ୍ତ ରାୟ ଉପସ୍ଥିତ ରହି ସ୍ୱର୍ଗତ ମିଶ୍ରଙ୍କ ଦଳ ପାଇଁ କର୍ତ୍ତବ୍ୟ ନିଷ୍ଠା ଉପରେ ମତ ରଖିଥିଲେ। ହିଞ୍ଜିଳିକାଟୁ ଓ ଶେରଗଡ଼ ବ୍ଲକ ଦଶମ ଏବଂ ଯୁକ୍ତ ଦୁଇ ଟପ୍ପର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତସହ ବର୍ଷିୟାନ ଦାସକାଠିଆ ଗୁରୁ ରାଧାଶ୍ୟାମ ସାହୁ ଶର୍ମା ଓ ଶ୍ରେଷ୍ଠ କୃଷି ସମ୍ମାନରେ ହରିକୃଷ୍ଣ ସାବତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାକ୍ସି ଆଞ୍ଚଳିକ ଯାଦବ କମିଟି ଗଠନ

**ନର୍ଲା,୧୩।୭ (ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ଯାଦବ ସମିତି ଅଧିନରେ ଆଜି ନୂତନ ଭାବେ ରାକ୍ସି ଆଞ୍ଚଳିକ ଯାଦବ କମିଟି ଗଠିତ ହୋଇଛି। କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡାମାଝୀ ଏନେଇ ଆୟୋଜିତ ବୈଠକରେ ଅତିଥି ଭାବେ ଯୋଗ ଦେଇଥିବାବେଳେ ନର୍ଲା ବ୍ଲକ ଯାଦବ ସମିତି ସଭାପତି ଯୁଧିଷ୍ଠିର ଗଉଡ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ। ସର୍ବସମ୍ମତିକ୍ରମେ ରାକ୍ସି ଆଞ୍ଚଳିକ ଯାଦବ ସମିତିର ନୂତନ ସଭାପତି ଭାବେ ଲକ୍ଷ୍ମଣ ଗୌଡ଼, ସାଧାରଣ ସମ୍ପାଦକ ଭାବେ ଶତ୍ରୁଘନ ଧଙ୍ଗଡାମାଝୀ, ଉପ ସଭାପତି ଭାବେ ଦିବାକର ଗୌଡ଼, ସହ ସଂପାଦକ ଲିଙ୍ଗରାଜ ପୋଡ଼ ଓ କୋଷାଧକ୍ଷ ଭାବେ ପିତାମ୍ବର ଗୌଡ଼ ମନୋନୀତ ହୋଇଛନ୍ତି।

## ବିଶ୍ୱ ସନାତନ ସେବାସଂଘ ପକ୍ଷରୁ ଚାରା ବଣ୍ଟନ ଓ ରୋପଣ କାର୍ଯ୍ୟକ୍ରମ




**ମହାକାଳପଡ଼ା,୧୩।୭ (ସଂଚାର ବ୍ୟୁରୋ):** ପୁଜ୍ୟ ପୁଜକ ଶ୍ରୀ ବାବା ବଳିଆଙ୍କ ନିର୍ଦ୍ଦେଶରେ ବିଶ୍ୱ ସନାତନ ସେବାସଂଘ ତରଫରୁ ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯିବା ସହିତ ଜନସାଧାରଣମାନଙ୍କୁ ବିଭିନ୍ନ ଧରଣର ଚାରା ବଣ୍ଟନ କରାଯାଇ ବୃକ୍ଷ ରୋପଣ ସମ୍ପର୍କରେ ସଚେତନ କରାଯାଇଛି। ଜିବିଆଇଟିର ସମ୍ପାଦକ ସୁଶୀଲ ସାହୁ ଓ ସହ ସମ୍ପାଦକ ସଞ୍ଜୟ କୁମାର ଦାସଙ୍କ ଉଦ୍ୟମ କ୍ରମେ ଦେଉଳପଡା ଗ୍ରାମପଞ୍ଚାୟତ ର ମେରଦା, ଦେଉଳପଡା,ଓଳିହା,ରାମକଣି, ବାଙ୍କିଛନ୍ଦା, ଅମିରାବାଦ ଆଦି ଗ୍ରାମରେ ସଦସ୍ୟମାନେ ବୁଲି ବୁଲି ଗ୍ରାମବାସୀମାନଙ୍କୁ ବିଭିନ୍ନ ଫଳ ବୃକ୍ଷ ପ୍ରଦାନ କରି ବୃକ୍ଷ ରୋପଣ ପାଇଁ ସଚେତନ କରାଇ ଫାଙ୍କା ସ୍ଥାନ ମାନଙ୍କରେ ଗଛ ଲଗାଇଥିଲେ। ଆଗାମୀ ଯୁବ ପିଢି କିପରି ଅଧିକରୁ ଅଧିକ ବୃକ୍ଷ ରୋପଣ ଦିଗରେ ମନବଳାଇବେ ସେ ସମ୍ପର୍କରେ ମଧ ପିଲାମାନଙ୍କୁ ସଚେତନ କରାଯାଇ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା।



## ଦୟାନଦୀରେ ୪ଦିନ ହେଲା ସ୍ଥିତି ଅପରିବର୍ତ୍ତିତ

**କଣାସ,୧୩।୭ (ସଂଚାର ବ୍ୟୁରୋ):** କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀ ତାହାର ଶାଖା ନଦୀ ରାଜୁଆ, ମଳାଗୁଣୀ, କାଣିଆ ନଦୀରେ ୪ଦିନ ହେଲା ବନ୍ୟାଜଳ ଆସି ସ୍ଥିର ରହିଥିବା ଜଣାପଡ଼ିଛି। କଣାସ ଠାରେ ଦୟାନଦୀ ବିପଦ ସଂଙ୍କେତ ୩.୯୯ମିମି ଥିବା ବେଳେ ୪ଦିନ ହେଲା ପ୍ରଥମ ବନ୍ୟାଜଳ ପ୍ରବାହିତ ହୋଇ ୩.୬୫ମିମିରେ ସ୍ଥିର ହୋଇରହିଛି। ବନ୍ୟାଜଳ ଯୋଗୁଁ କଣାସ ବ୍ଲକର ଦୋକନ୍ଦା, ବଡାସ, ବଳଭଦ୍ରପୁର ଗ୍ରାମପଞ୍ଚାୟତର ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡ଼ା, ବଡାସ, ବୈଦ୍ୟନାଥପାଟଣା, କଖାରୁବସ୍ତ, ଗଡ଼ବଳଭଦ୍ରପୁର, ଅଠରବାଟିଆ ଗ୍ରାମର ପରିବାଫସଲ ଜମିରେ ୪ଦିନ ହେଲା ବନ୍ୟାଜଳ ଲହଡି ଭାଙ୍ଗୁଥିବାରୁ ପୋଟଳ, କଲରା, କଖାରୁ, ଜହ୍ନି, ବାଇଗଣ, ଭେଣ୍ଡି, ପୋଇଖାଡି, କଞ୍ଚାଲଙ୍କା ବୁଡି ରହି ନଷ୍ଟ ହୋଇଯାଇଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି।

## ପାଚେରୀ ଭୁଶୁଡି ଦୁଇ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ସପ୍ତାହେ ବିତିଲା, ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଶୂନ୍

**ବାଲିପାଟଣା,୧୩।୭ (ସଂଚାର ବ୍ୟୁରୋ):** ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ବେଙ୍ଗବତୀ ନିକଟରେ ଡ୍ରେନ କାର୍ଯ୍ୟ ସମୟରେ ପାଚେରୀ ଭୁଶୁଡି ଦୁଇ ଜଣ ଆଦିବାସୀ ଶ୍ରମିକ ମାଟି ତଳେ ଚାପି ହୋଇ ମୃତ୍ୟୁବରଣ କରିଥିବା ବେଳେ ଜଣେ ଗୁରୁତର ହେଲେ। ମୃତଦେହକୁ

### ଉଚ୍ଚସ୍ତରୀୟ ତଦନ୍ତ ଦାବି

ବୋହିବା ପାଇଁ ଆମ୍ବୁଲାନ୍ସର ଦେଖା ନଥିଲା ଶେଷରେ ଜେସିବ ସାହାର୍ଯ୍ୟରେ ମୃତଦେହ ଓ ଗୁରୁତରଙ୍କୁ ଅଠାନ୍ତର ମେଡିକାଲକୁ ନିଆଯାଇଥିବା ନେଇ ଅଭିଯୋଗ ହୋଇଛି। ଘଟଣାକୁ ଏକ ସପ୍ତାହ ବିତିଲାଣି ହେଲେ ଏତେ ବଡ଼ ଅଘଟରେ ଦୋଷୀ କିଏ ଓ କାର୍ଯ୍ୟାନୁଷ୍ଠାନ ହୋଇନାହିଁ କାହିଁକି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ରବିବାର ଛୁଟି ଦିନ ଏବଂ ସନ୍ଧ୍ୟାରେ ସମୟରେ ବିଭାଗୀୟ ଅଧିକାରୀମାନଙ୍କ ଅନୁପସ୍ଥିରେ କାର୍ଯ୍ୟ କରିବା ପାଇଁ ଅନୁମତି



ଦେଲା କିଏ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗତ କିଛି ବର୍ଷ ତଳେ ଭୁବନେଶ୍ୱର ବମ୍ପିଖାଲ ନିକଟରେ ଓଭର ବ୍ରିଜ ନିର୍ମାଣ ସମୟରେ ଅଘଟଣ ଘଟିବା ପରେ ଠିକାଦାର ଓ ସରକାରୀ ବିଭାଗୀୟ ଅଧିକାରୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନେଇ ସୂଚନା ରହିଛି। କିନ୍ତୁ ବାଲିପାଟଣା ବ୍ଲକ ବେଙ୍ଗବତୀ ନିକଟରେ ଡ୍ରେନ କାର୍ଯ୍ୟ ସମୟରେ ଏବେ ବଡ ଘଟଣା ଘଟିବା ପରେ କାହିଁକି କାହା ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନ ହେବ ବୋଲି ପ୍ରଶ୍ନ କରିଛନ୍ତି ଅଞ୍ଚଳବାସୀ। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବାଲିପାଟଣା ବ୍ଲକ ବାସିନ୍ଦା।

# ଗ୍ରୀନ ମେମୋରୀ କ୍ୟାମ୍ପେନ ପକ୍ଷରୁ ଚାରା ରୋପଣ

**ସୁନ୍ଦରଗଡ଼,୧୩।୭ (ସଂଚାର ବ୍ୟୁରୋ):** ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ଶୁଖା ମହାଦେବ ମନ୍ଦିର ପରିସରରେ ୧୫୧ ବଟ ବୃକ୍ଷ ଓ ପିପଲ ଚାରା 'ଗ୍ରୀନ ମେମୋରୀ କ୍ୟାମ୍ପେନ' ପକ୍ଷରୁ ମନ୍ଦିର କମିଟି ଏବଂ ସେବକର କର୍ମକର୍ତ୍ତା ରୋପଣ କରିଥିଲେ। ବୃକ୍ଷ ରୋପଣର ଏହି ଅନନ୍ୟ ପରମ୍ପରାରେ ଆଜୀବନ ସୁରକ୍ଷାର ଶପଥ ନେଲେ ଗ୍ରାମବାସୀ।

ରବିବାର ପ୍ରସିଦ୍ଧ ଶୈବ ପୀଠ "ଶୁଖା ମହାଦେବ" ଶ୍ରାବଣ ମାସ ପ୍ରଥମ ସୋମବାରକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଚଳିତ ବର୍ଷ ସୁବୃଷ୍ଟି ସୁସୃଷ୍ଟିର କାମନା କରି ଏକ ଅଭିନବ ଢଙ୍ଗରେ ପାଳନ କରିଛନ୍ତି ଏକ ନିଆରା ଉତ୍ସବ। ବିଭିନ୍ନ ସ୍ମରଣୀୟ ଦିବସକୁ ଚିର ସ୍ମରଣୀୟ କରିବା ନିମନ୍ତେ ଗଛଟିଏ ଲଗାଇ ଏହାର ଆଜୀବନ ସୁରକ୍ଷାର ପ୍ରତିବଦ୍ଧତା ନେଇ ଆରମ୍ଭ କରାଯାଇଥିବା "ଗ୍ରୀନ ମେମୋରୀ କ୍ୟାମ୍ପେନ" ବା "ସବୁଜ ସ୍ମୃତି ଅଭିଯାନ" ତରଫରୁ ଶୁଖା ମହାଦେବ ମନ୍ଦିର ପରିସରରେ ଥିବା ଖାଲି ପଡିଆରେ



ବୃକ୍ଷ ରୋପଣ କରାଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦାନ କରି ବର ଓ ପିପଲର ଏକ ଯୁଗ୍ମ ଚାରା ରୋପଣ କରିଥିଲେ। ସେ କହିଥିଲେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବୃକ୍ଷ ହିଁ ଆମର ପ୍ରକୃତ ସାଥି, ବୃକ୍ଷ ରୋପଣକୁ ସ୍ମରଣୀୟ କରିବାର ଏହି ଅନନ୍ୟ ଉଦ୍ୟମ ନିମନ୍ତେ "ଗ୍ରୀନ ମେମୋରୀ କ୍ୟାମ୍ପେନ" କେବଳ ଆମ ରାଜ୍ୟରେ ନୁହେଁ ବରଂ ଦେଶରେ ଏକ ଆଦର୍ଶ ସାଜିବ । ସମ୍ମାନିତ ଅତିଥି ଭାବେ ବାଲିଶଙ୍କରା ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆ ଯୋଗଦାନ କରି ଗୋଟିଏ ପିପଲ ଚାରା ରୋପଣ କରିବା ସହ ସମସ୍ତଙ୍କୁ ନିଜ ନିଜ ପରିବାର ଓ ସାମାଜିକ ସ୍ତରର ବିଭିନ୍ନ ସ୍ମରଣୀୟ ଦିବସରେ ବୃକ୍ଷ ରୋପଣ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ସେବକର ଭାଗ୍ୟଶ୍ରୀ ଜେନା ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଗ୍ରୀନ ମେମୋରି କ୍ୟାମ୍ପେନର ପ୍ରତିଷ୍ଠାତା ତଥା ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ସଭା ପରିଚାଳନା କରିବା ସହ ଏହି ଅଭିଜାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।



## ସବୁଜ ବାହିନୀର 'ବୃକ୍ଷ ହିଁ ଜୀବନ' କାର୍ଯ୍ୟକ୍ରମ

**ବ୍ରହ୍ମପୁର,୧୩।୭ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ଉପକଣ୍ଠ ସୁକୁଣ୍ଡା ଗ୍ରାମ ସ୍ଥିତ ହଜରେ ସବୁଜ ବାହିନୀ ପକ୍ଷରୁ "ବୃକ୍ଷ ହିଁ ଜୀବନ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖର ଏବଂ ବ୍ରହ୍ମପୁର ଏସ.ପି ଶ୍ରବଣ ବିବେକ ଏମ ଯୋଗ ଦେଇ ସଂଗଠନର ସଦସ୍ୟଙ୍କ ସହ ବୃକ୍ଷ ରୋପଣରେ ସାମିଲ ହୋଇଥିଲେ। ଅଶୋକ ଚାରା, ବାଉଁଶ ଏବଂ ବିଭିନ୍ନ ଫଳନ୍ତି ଚାରା ସହ ଶହେରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ବ୍ରହ୍ମପୁର ନିକଟ ଜଙ୍ଗଲ ଚନ୍ଦନିଆ ପାହାଡ଼କୁ ସଂଯୋଗ କରୁଥିବା ସୁକୁଣ୍ଡା ହଜରେ ସଂଗଠନ ଦ୍ୱାରା ବିଗତ ପଞ୍ଚବର୍ଷ ମଧ୍ୟରେ ୧୫୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ରୋପଣ ହୋଇଥିବା ବେଳେ ସେଗୁଡିକ ଉଚିତ ରକ୍ଷଣାବେକ୍ଷଣ ଯୋଗୁଁ ବର୍ତ୍ତମାନ ଏହି ଅଞ୍ଚଳ ଏକ କୃତ୍ରିମ ଜଙ୍ଗଲର ଭ୍ରମ ସୃଷ୍ଟି କରିପାରିଛି। ବର୍ତ୍ତମାନ ବର୍ଷା ଦିନରେ ହଜରେ ଅତ୍ୟଧିକ ଜଳ ରହିବା ସହ ଏଠାରେ ଔଷଧ ଜାତୀୟ, ଫୁଲ, ଫଳନ୍ତି ଗଛ ରହିଥିବାରୁ ସ୍ଥାନୀୟ ଜଙ୍ଗଲରୁ ପଶୁ ପକ୍ଷୀ,କୀଟ ପୋତଙ୍ଗଙ୍କ ଆଶ୍ରୟ ସ୍ଥଳୀ ପାଲଟିଛି ଏହି ଅଞ୍ଚଳ। ଏହାକୁ ଦୃଷ୍ଟିରେ ରଖି ସଂଗଠନ ସଦସ୍ୟ ଏହି ହଜ ଚତୁଃପାର୍ଶ୍ୱକୁ ଜୈବ ବିବିଧତା ପାର୍କ ଭାବେ ଗଢ଼ିବା ପାଇଁ ବନଖଣ୍ଡ ଅଧିକାରୀ ଶ୍ରୀ ଖୋଖରଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ଶ୍ରୀ ଖୋଖର ଏହି ଅଞ୍ଚଳକୁ ପର୍ଯ୍ୟବେକ୍ଷଣ କରିବା ସହ ପ୍ରାରମ୍ଭିକ ଭାବେ ହର୍ବାଲ ପାର୍କ ଭାବେ ଗଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ଉପସଭାପତି ଏ ପ୍ରକାଶ, ସହ ସମ୍ପାଦକ ଅନୀଲ ଚୌଧୁରୀଙ୍କ ସମେତ ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## କଣାସ ଥାନା ମୁରବୀଶୂନ୍ୟ

**କଣାସ,୧୩।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର କଣାସ ଥାନା ଉତେଜନା ପ୍ରବଣ ଅଞ୍ଚଳ ଭାବେ ପୋଲିସ୍ ରେକର୍ଡରେ ଚିହ୍ନ ହୋଇଥିବା ବେଳେ ଉକ୍ତ ଥାନାରେ ଦୀର୍ଘ ୧୫ଦିନ ହେଲା ଆଇ.ଆଇ.ସି ପଦବୀ ଖାଲି ପଡ଼ିଛି। ଥାନାରେ ଥିବା ଆଇ.ଆଇ.ସି ପ୍ରଦୀପ କୁମାର ଯୁଝାରସିଂହ ଜୁନ୍ ୩୦ତାରିଖ ଦିନ ଚାକିରୀରୁ ଅବସର ନେଇଥିଲେ। ସେହିଦନ ଠାରୁ ଆଜି ପର୍ଯ୍ୟନ୍ତ କୌଣସି ଆଇ.ଆଇ.ସି ନିଯୁକ୍ତି ପାଇ ନାହାନ୍ତି। ତୁରନ୍ତ ଆଇ.ଆଇ.ସି ପଦବୀ ପୁରଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବିହେଉଛି।




# ଡଗରା ବେଳାଭୂମିରେ ସାମୁଦ୍ରିକ ଥାନା ପ୍ରତିଷ୍ଠା କେବେ ?

## ଝାଉଁ ଜଙ୍ଗଲ ସଫା କରିଦେଉଛନ୍ତି କାଠ ମାଫିଆ

## ଜଙ୍ଗଲ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ

**ବାଲିଆପାଳ,୧୩।୭ (ସଂଚାର ବ୍ୟୁରୋ):** ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ବାଲିଆପାଳ ବ୍ଲକର ମନରୋମ ଡଗରା ବେଳାଭୂମି। ଏହାର ସୌନ୍ଦର୍ଯ୍ୟରେ, ବିସ୍ତୀର୍ଣ୍ଣ ବେଳାଭୂମି, ନାଲିକଙ୍କଡାର ଲୁଚକାଳି ଖେଳ ସାଙ୍ଗକୁ ଶାନ୍ତ ସୁଶୀତଳ ଝାଉଁ ଜଙ୍ଗଲରେ ବଣଭୋଜିର ମଜାନେବା ପାଇଁ ପ୍ରତିଦିନ ବାଲିଆପାଳ ବ୍ଲକ ସମେତ ରାଜ୍ୟ ଏବଂ ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଏଠାକୁ ଛୁଟି ଆସିଥାନ୍ତି। ସରକାରଙ୍କ ପକ୍ଷରୁ ଏହାକୁ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଇଥିଲେ ମଧ ଏହାର ଆଖିଦୃଶିଆ ଉନ୍ନତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇନଥିବାରୁ ସନ୍ଧ୍ୟା ପୂର୍ବରୁ ପର୍ଯ୍ୟଟକ ମାନଙ୍କୁ ଫେରିବାକୁ ପଡୁଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ବେଳାଭୂମି ଠାରୁ ଅନୀତଦୂରରେ ଚଉମୁଖଠାରେ ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ପାଇଁ ପ୍ରସ୍ତାବ ରହିଥିବାରୁ ଏହି ବେଳାଭୂମିରେ ଗୁରୁତ୍ୱ ଆହୁରି ବଢ଼ିଯାଇଛି। ତେବେ ଏହି ବେଳାଭୂମିରେ ସୁରକ୍ଷା ବ୍ୟବସ୍ଥା ପତି କୌଣସି ବ୍ୟବସ୍ଥା ନଥିବାରୁ ପର୍ଯ୍ୟଟକ ଏଠାକୁ ଆସିବାକୁ ସୁରକ୍ଷିତ ମଣୁନାହାନ୍ତି। ଏହି ବେଳାଭୂମିଟି ବାଲିଆପାଳ ଥାନା ଅନ୍ତର୍ଗତ ଜାମକୁଣ୍ଡା ଫାଣ୍ଡି ଅଧିନରେ ରହିଛି। ବାଲିଆପାଳ ଥାନାଠାରୁ ଏହି ବେଳାଭୂମିର ଦୂରତା ୧୫ କିଲୋମିଟର ହୋଇଥିବା ବେଳେ ଜାମକୁଣ୍ଡା ଫାଣ୍ଡିଠାରୁ ୯ କିଲୋମିଟର ଦୂର। ବେଳାଭୂମିକୁ ଲାଗି ଡଗରା, ଚଉମୁଖ, ବେତଗଡ଼ିଆ, ନୂଆଗାଁ, ଜମ୍ବୀରାଇ, ଅଳଡିହା ପ୍ରଭୃତି ପଞ୍ଚାୟତ ରହିଛି। ଥାନା ଓ ଫାଣ୍ଡିଠାରୁ ଏହି ସବୁ ଅଞ୍ଚଳ ଅନେକ ଦୂର ହୋଇଯାଇଥିବାରୁ ଏହାର ସୁଯୋଗ ନେଇ ବହୁ ବେଆଇନ ଦେଶୀ ଓ ବିଦେଶୀ ମଦଭାଟି, ଜୁଆଆଡ୍ଡା ସାଙ୍ଗକୁ ଆସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି।






ଡଗରା ବେଳାଭୂମିରେ ଏକ ଫରେଷ୍ଟବିଟ୍ ଥିଲେ ମଧ କର୍ମଚାରୀ ଅଭାବରୁ ବନବିଭାଗ କର୍ମଚାରୀମାନେ ବେଳାଭୂମିର ସୁରକ୍ଷା ଦେବାର ବିଫଳ ହେଉଛନ୍ତି। କାଠମାଫିଆମାନେ ଝାଉଁ ଜଙ୍ଗଲ ସଫା କରିନେଉଛନ୍ତି। ପ୍ରତିବର୍ଷ ଏହି ଡଗରା ଓ ଚଉମୁଖ ବେଳାଭୂମିରେ ହଜାର ହଜାର ଅଲିଭରିଡଲେ କଇଁଚ ଅଣ୍ଡା ଦେବା ପାଇଁ ଆସିଥାନ୍ତି। ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏହି କଇଁଚମାନେ ମଧ ସୁରକ୍ଷିତ ମଣୁନାହାନ୍ତି। ଜଳପଥରେ ବାହ୍ୟଶତ୍ରୁ ମଧ ଏହି ଅଞ୍ଚଳରେ ପ୍ରବେଶ କରିବାର ସମ୍ଭାବନା ରହିଛି। ପ୍ରସ୍ତାବିତ୍ ସୁବର୍ଣ୍ଣରେଖା ବନ୍ଦର ପାଇଁ ଏହି ଅଞ୍ଚଳରେ ସବୁବେଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଛି। ଏହି ସମସ୍ତ ଦୃଷ୍ଟି କୋଣରୁ ଡଗରାଠାରେ ଏକ ସାମୁଦ୍ରିକ ଥାନା ପ୍ରତିଷ୍ଠା ପାଇଁ ଏବେ ଦାବି ଜୋର ଧରିଛି। ବାଲିଆପାଳ ସୂଚନା ଅଧିକାର ସଂଘ ପକ୍ଷରୁ ଏନେଇ ବାଲିଆପାଳ ତହସିଲଦାରଙ୍କ ଜରିଆ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରଯାଇଛି। ତେବେ ସରକାର ଏହି ବେଳାଭୂମିରେ ଏକ ସାମୁଦ୍ରିକ ଥାନା ପାଇଁ କେବେ ଦୃଷ୍ଟି ଦେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର।



ଆଉ ଏବେ ଚିନ୍ତା କରିବାର ସମୟ ଆସିଛି। କିଛି ସମୟ ନିଅନ୍ତୁ ଏବଂ ନିଜର ଶରୀର ଉପରେ ଧ୍ୟାନ ଦିଅନ୍ତୁ। ଆପଣ ଝୁଙ୍କିକି ଚାଲୁଛନ୍ତି କି? ଆପଣଙ୍କ ବେକ ଏବଂ କାନ୍ଧ ଆଗକୁ ମୁହାଁଇଛନ୍ତି କି? ଯଦି ଆପଣ ବସିଛନ୍ତି, ତେବେ ଆପଣ ଦେଖୁଛନ୍ତି କି ଆପଣଙ୍କ ପିଠି ଏକ ବକ୍ର ସୃଷ୍ଟି କରୁଛି? ଯଦି ଆପଣ ମୁଣ୍ଡ ନୁଆଁଇଛନ୍ତି, ତେବେ ଆପଣଙ୍କର ମୁଦ୍ରା ଖରାପ ଅଛି, ଏବଂ ଏହା ଅସ୍ୱାଭାବିକ ନୁହେଁ। ଲାପଟପ୍ ଏବଂ ସ୍ମାର୍ଟଫୋନ୍ ଦୁନିଆରେ ଆମ ମଧ୍ୟରୁ ଅଧିକାଂଶଙ୍କର ମୁଦ୍ରା ଖରାପ ଥାଏ ଏବଂ ଏହାକୁ ସୁଧାରିବା ଅତ୍ୟନ୍ତ ଜରୁରୀ ଅଟେ।

# ଖରାପ ମୁଦ୍ରାକୁ କିପରି ଠିକ୍ କରିବେ

## ଏହାର କାରଣ କ'ଣ?

ମୁମ୍ବାଇର ଗ୍ଲେନେଗଲ୍ସ ହସ୍ପିଟାଲର ଅର୍ଥୋପେଡିକ୍ସର ବରିଷ୍ଠ ପରାମର୍ଶଦାତା ଡାକ୍ତର ଅନୁପ ଖତ୍ରୀ କୁହନ୍ତି, 'ଏକ ଅଚଳ ଜୀବନଶୈଳୀ ଅନୁସରଣ କରିବା, ଉପଯୁକ୍ତ ବିରତି କିମ୍ବା ଗତିବିଧି ବିନା ଦୀର୍ଘ ସମୟ ଧରି ବସିବା ଦ୍ୱାରା ମାଂସପେଶୀ ଅସନ୍ତୁଳନ, କଠୋରତା ଏବଂ ଖରାପ ମୁଦ୍ରା ହୋଇପାରେ।'

ସ୍ମାର୍ଟଫୋନ୍ କିମ୍ବା କମ୍ପ୍ୟୁଟର ଭଳି ସ୍କ୍ରିନ୍‌କୁ କ୍ରମାଗତ ଭାବରେ ତଳକୁ ଦେଖିଲେ ବେକ ଏବଂ ପିଠିର ଉପର ଭାଗରେ ଚାପ ପଡ଼ିଥାଏ, ଯାହାଫଳରେ ଖରାପ ମୁଦ୍ରା ଏବଂ ଦୁର୍ବଳ କୋର୍ ମାଂସପେଶୀ ସୃଷ୍ଟି ହୋଇଥାଏ। ଆଘାତ, ଅସୁସ୍ଥତା କିମ୍ବା ଜେନେଟିକ୍ସ କାରଣରୁ ମଧ୍ୟ ଖରାପ ମୁଦ୍ରା ଦେଖିବାକୁ ମିଳିପାରେ। ଏହାବ୍ୟତୀତ କେତେକ ବୃତ୍ତିରେ ଦୀର୍ଘ ସମୟ ଧରି ଠିଆ ହେବା ଆବଶ୍ୟକ, ଯାହା ଫଳରେ ଖରାପ ଆଚରଣ ସୃଷ୍ଟି ହୋଇଥାଏ। ଏହି ସମସ୍ୟାର ସମାଧାନ ପାଇଁ ଯୋଗ ଯାହା ପିଠି ଏବଂ ମୂଳ ଶକ୍ତିରେ ଉନ୍ନତି ଆଣିଥାଏ। ଆପଣ ଏହାକୁ ଆପଣଙ୍କ ବ୍ୟାୟାମ ରୁଟିନରେ ଯୋଡ଼ି ପାରିବେ।




## ଖରାଦିନେ ସୂର୍ଯ୍ୟକିରଣ ନୁହେଁ

# ଦହି ଓ ପାଳଙ୍ଗରୁ ମିଳିବ ଶୁଦ୍ଧ ଭିଟାମିନ୍ ଡି



ସୁସ୍ଥ ହାଡ଼ ପାଇଁ ଭିଟାମିନ ଡି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପୋଷକ ତତ୍ତ୍ୱ। ଏହାର ଅଭାବ ଆପଣଙ୍କୁ ଅଷ୍ଟିଓପୋରୋସିସ୍‌ର ଶିକାର କରିପାରେ। ଜାଣନ୍ତୁ ଖରାଦିନେ କିପରି ପୂରଣ କରିବେ ଏହି ଭିଟାମିନର ଅଭାବ, ଜାଣନ୍ତୁ ଏଥିପାଇଁ କିଛି ଖାଦ୍ୟ।

ଭିଟାମିନ୍ ଡି ଶରୀର ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭିଟାମିନ। ଏହାର ଅଭାବରୁ ହାଡ଼ ଦୁର୍ବଳ ହେବା ସହ ହାଡ଼ର ଘନତ୍ୱ କମିଯାଏ। ହାଡ଼ ସହିତ ଦାନ୍ତର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଭିଟାମିନ ଡି ଜରୁରୀ ଅଟେ। ଏହି ଭିଟାମିନ କ୍ୟାଲସିୟମ ଏବଂ ଫସଫେଟର ସଠିକ ଅବଶୋଷଣ ଏବଂ ସଂରକ୍ଷଣରେ ସାହାଯ୍ୟ କରେ, ଯାହା ହାଡ଼ର ସ୍ୱାସ୍ଥ୍ୟ ଏବଂ ଶକ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ। ଭିଟାମିନ୍ ଡି'ର ପ୍ରାକୃତିକ ଉତ୍ସ ହେଉଛି ସୂର୍ଯ୍ୟକିରଣ, କିନ୍ତୁ ଏହି ଗରମ ପାଗରେ ଖରାରେ ବସିବା ସମ୍ଭବ ନୁହେଁ। ତେଣୁ ଭିଟାମିନ ଡି'ର ଅଭାବକୁ ପୂରଣ କରିବା ପାଇଁ ଖାଦ୍ୟରେ କିଛି ଜିନିଷ ସାମିଲ କରିବା ମଧ୍ୟ ଏକ ଭଲ ବିକଳ୍ପ ହୋଇପାରେ।

**ଦହି:** ଗାଈ କ୍ଷୀରରୁ ପ୍ରସ୍ତୁତ ଦହି ସେବନ କରି ଆପଣ ଭିଟାମିନ ଡି ପାଇପାରିବେ। ଶରୀରରେ ଭିଟାମିନ ଡି'ର କୌଣସି ଅଭାବ ନ ଥାଏ, ତେଣୁ ପ୍ରତିଦିନ ତାଜା ଦହି ଖାଆନ୍ତୁ। ଏହା ଆପଣଙ୍କ ପେଟ ପାଇଁ ମଧ୍ୟ ଲାଭଦାୟକ ଅଟେ। ଦହି ବ୍ୟତୀତ କ୍ଷୀର, ପନିର ଭିଟାମିନ ଡି'ର ଉତ୍ତମ ଉତ୍ସ ଅଟେ।

**ପାଳଙ୍ଗ:** ପାଳଙ୍ଗରେ ଅନେକ ପ୍ରକାର ଭିଟାମିନ ମିଳିଥାଏ, ସେଥିମଧ୍ୟରୁ ଗୋଟିଏ ହେଉଛି ଭିଟାମିନ ଡି। ପାଳଙ୍ଗରେ ପ୍ରୋଟିନ୍, ଆଇରନ୍, ଭିଟାମିନ୍ ଏବଂ ମିନେରାଲ୍ସ ରହିଛି। ପାଳଙ୍ଗରେ ଆଲଫା ଲିପୋଇକ୍ ଏସିଡ୍ ଥାଏ, ଯାହା ଏକ ପ୍ରକାର ଆଣ୍ଟିଅକ୍ସିଡାଣ୍ଟ, ଯାହା ଅନେକ ରୋଗର ଆଶଙ୍କାକୁ ମଧ୍ୟ କମ୍ କରିଥାଏ।



# ପୁରୁଷମାନେ ଠିଆହୋଇ ପରିସ୍ରା କରିବା ଉଚିତ କି?



- ଚିକିତ୍ସକଙ୍କ ମତରେ ଯଦି ଆପଣ ଠିଆହୋଇ ପରିସ୍ରା କରୁଛନ୍ତି ପେଲଭିସ ଓ ସ୍ପାଇନ ର ମସଲସ ସଂକୁଚିତ ହୋଇ ଯାଇଥାଏ। ୨୦୧୪ ରେ ଗୋଟିଏ ଅଧ୍ୟୟନ ଅନୁସାରେ ଚିକିତ୍ସକ ମାନେ ମତ ଦେଇଥିଲେ ଯେ ଠିଆହୋଇ ପରିଶ୍ରା କରିବା ଦ୍ୱାରା ହିପ ମସଲସ ରିଲାକ୍ସ ହୋଇଥାଏ। ଯାହାଦ୍ୱାରା ପରିସ୍ରା କରିବା ଖୁବ ସହଜ ହୋଇଥାଏ।
- ଅନ୍ୟ ଗୋଟିଏ ଅଧ୍ୟୟନ ଅନୁସାରେ ବସିକି ପରିସ୍ରା କରିବା ଦ୍ୱାରା ବ୍ଲାଡର ଠିକ ଭାବରେ ସଫା ହୋଇଥାଏ, ଏବଂ ବ୍ଲାଡର ଉପରେ ଅଧିକ ପ୍ରେସର ମଧ୍ୟ ପଡ଼ିନଥାଏ।
- ଅନ୍ୟ ଗୋଟିଏ ଅଧ୍ୟୟନ ଅନୁସାରେ ବିଶେଷଜ୍ଞ ମତ ଦେଇଛନ୍ତି ଯେ ଯଦି ଆପଣଙ୍କ ବ୍ଲାଡର ଠିକ ଭାବରେ ଖାଲି ହେଉନାହିଁ, ଏବଂ ବାରମ୍ବାର ପରିଶ୍ରା ଲାଗୁଚି ତେବେ ଏହା ୟୁରିନାରୀ ପ୍ରୋବ୍ଲେମ ମଧ୍ୟ ହୋଇପାରେ।



# ଦିନକୁ କେତେଥର ମୁହଁ ଧୋଇବା ଉଚିତ?

ଚେହେରାକୁ ସଫା କରିବା ସବୁବେଳେ ସ୍କିନ୍ କେୟାର ରୁଟିନ୍‌ର ପ୍ରଥମ ପଦକ୍ଷେପ। କ୍ଲିନିକାଲ କସ୍ମେଟୋଲୋଜିଷ୍ଟଙ୍କ ମତରେ 'ମୁହଁ ଧୋଇବା ସମୟରେ ଆପଣ ଚର୍ମ ପୃଷ୍ଠରେ ଜମା ହୋଇଥିବା ମଇଳା, ତେଲ, ଝାଳ ଏବଂ ମୃତ ଚର୍ମ କୋଷଗୁଡ଼ିକୁ ବାହାରିଯାଏ। ଏହା ଛିଦ୍ରକୁ ଅନଲଗ୍ କରିବା, ବ୍ରଣକୁ ରୋକିବା, ତ୍ୱଚାର ହାଇଡ୍ରେସନ୍ ବଜାୟ ରଖିବା ଏବଂ ସାମଗ୍ରିକ ଚର୍ମ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ। ମୁହଁ ଧୋଇବାଦ୍ୱାରା ଚର୍ମ ଜନିତ ସମସ୍ୟା ସୃଷ୍ଟି ହେଉଥିବା ଆବର୍ଜନା ଦୂର ହୋଇଥାଏ। ସାଧାରଣତଃ ଦିନକୁ ଦୁଇଥର ମୁହଁ ଧୋଇବାକୁ ଡାକ୍ତରମାନେ ପରାମର୍ଶ ଦେଇଥା'ନ୍ତି- ଥରେ ସକାଳେ ଏବଂ ଥରେ ରାତିରେ।

- ମୁହଁ ଧୋଇବା ପୂର୍ବରୁ ପ୍ରଥମେ ହାତକୁ ଭଲଭାବେ ଧୋଇ ଦିଅନ୍ତୁ। ଅପରିଷ୍କାର ହାତ ଆପଣଙ୍କ ତ୍ୱଚା ପାଇଁ କୌଣସି ଉପକାର କରିବ ନାହିଁ।
- ସର୍ବଦା ଏକ କ୍ଲିଞ୍ଜର ବ୍ୟବହାର କରନ୍ତୁ ଯାହା ଆପଣଙ୍କ ତ୍ୱଚା ଅନୁକୂଳ ଅଟେ। ଆପଣଙ୍କର ତ୍ୱଚା ତୈଳଯୁକ୍ତ, ଶୁଷ୍କ କିମ୍ବା ମିଶ୍ରିତ କି ନାହିଁ ତାହା ଜାଣିବା ଜରୁରୀ।
- ଯଦିଓ ଆପଣ ସକାଳେ ସାମାନ୍ୟ କ୍ଲିଞ୍ଜର କିମ୍ବା କେବଳ ପାଣି ବ୍ୟବହାର କରି ମୁହଁ ଧୋଇପାରିବେ, ସନ୍ଧ୍ୟାରେ ମେକଅପ୍, ସନ୍ ସ୍କ୍ରିନ୍, ମଇଳା ଏବଂ ପ୍ରଦୂଷଣକୁ ଦୂର କରିବା ପାଇଁ ଅଧିକ ପରିଷ୍କାର ରୁଟିନ୍ ଅନୁସରଣ କରନ୍ତୁ।
- ଆପଣ ରାତିରେ ଡବଲ କ୍ଲିନିଂ ପଦ୍ଧତି ମଧ୍ୟ ଅନୁସରଣ କରିପାରିବେ। ଯେଉଁମାନେ ନିୟମିତ ମେକଅପ୍ ଲଗାନ୍ତି ସେମାନଙ୍କ ପାଇଁ ଭଲ।
- ଗରମ ପାଣି ବ୍ୟବହାର କରିବାରୁ ଦୂରେଇ ରୁହନ୍ତୁ, କାରଣ ଏହା ଏହାର ପ୍ରାକୃତିକ ତେଲରୁ ତ୍ୱଚାକୁ ଛଡ଼ାଇ ଦେଇଥାଏ ଏବଂ ଶୁଷ୍କତା ସୃଷ୍ଟି କରିଥାଏ। ଆପଣ ଉଷୁମ ପାଣି ବ୍ୟବହାର କରିପାରିବେ।
- ଏହାବ୍ୟତୀତ କଠୋର ସ୍କ୍ରବରୁ ଦୂରେଇ ରୁହନ୍ତୁ ଏବଂ ଚର୍ମକୁ ଧୀରେ ଧୀରେ ଶୁଖିବାଦ୍ୱାରା ଜଳାପୋଡ଼ାରୁ ରକ୍ଷା ପାଇପାରିବେ।

### ସକାଳ ଏବଂ ସନ୍ଧ୍ୟାରେ ସଫା କରିବାର ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ରହିଛି

- ସକାଳ ମୁହଁଧୁଆରୁ ତ୍ୱଚାକୁ ବାହ୍ୟ ସମସ୍ୟାରୁ ରକ୍ଷା କରିଥାଏ, ହାଇଡ୍ରେସନ୍ ପ୍ରଦାନ କରିଥାଏ ଏବଂ ତ୍ୱଚାକୁ ଦିନସାରା ପ୍ରସ୍ତୁତ କରିଥାଏ। ସକାଳୁ ସଫା କରିବାଦ୍ୱାରା ଆପଣଙ୍କ ତକିଆ କିମ୍ବା କେଶରୁ ତ୍ୱଚାରେ ରାତିସାରା ସୃଷ୍ଟି ହୋଇଥିବା ବ୍ୟାକ୍ଟେରିଆକୁ ହଟାଇ ଥାଏ।
- ରାତିର ମୁହଁଧୁଆରୁ ମେକଅପକୁ ଦୂର କରିଥାଏ, ଭଲ ଭାବରେ ସଫା କରିଥାଏ ଏବଂ ଶୋଇବା ସମୟରେ ତ୍ୱଚାର ଆର୍ଦ୍ରତା ଏବଂ ପୋଷକ ତତ୍ତ୍ୱକୁ ପୂରଣ କରିଥାଏ। ରାତିରେ ସଫା କରିବାଦ୍ୱାରା ସନ ସ୍କ୍ରିନ୍, ମଇଳା, ମେକଅପ୍ ଏବଂ ଜମା ହୋଇଥିବା ଅଶୁଦ୍ଧି ଦୂର ହୋଇଥାଏ।



# ଶରୀରର ଉତ୍ତାପ ଦୂର କରିବ ନଡ଼ିଆ ପାଣି

ଗ୍ରୀଷ୍ମ ଋତୁରେ ନଡ଼ିଆ ପାଣିର ଅନେକ ଫାଇଦା ରହିଛି। ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଓ କ୍ୟାଲସିୟମ୍ ଭଳି ଇଲେକ୍ଟ୍ରୋଲାଇଟ୍‌ରେ ଭରପୂର ନଡ଼ିଆ ପାଣି ଝାଳରେ ନିର୍ଗତ ତରଳ ପଦାର୍ଥକୁ ପୂରଣ କରିବାରେ ସାହାଯ୍ୟ କରିଥାଏ, ଯାହା ଶରୀରକୁ ହାଇଡ୍ରେଟ୍ ରଖିବା ସହ ଡିହାଇଡ୍ରେସନ୍‌କୁ ରୋକିଥାଏ। ଏଥିରେ ଥିବା ଉଚ୍ଚ ପୋଟାସିୟମ୍ ହୃତ୍‌ପିଣ୍ଡର ସ୍ୱାସ୍ଥ୍ୟକୁ ସମର୍ଥନ କରିବା ସହ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ନଡ଼ିଆ ପାଣିରେ କ୍ୟାଲୋରୀ ଓ ଚିନିର ମାତ୍ରା କମ୍ ଥାଏ, ଯାହା ମିଠା ପାନୀୟର ଏକ ସୁସ୍ଥ ବିକଳ୍ପ ହୋଇଥାଏ। ଏହାର ପ୍ରାକୃତିକ ମଧୁରତା ଏବଂ ସାମାନ୍ୟ ସ୍ୱାଦ ଏହାକୁ ଗରମ ଦିନରେ ଥଣ୍ଡା ଏବଂ ହାଇଡ୍ରେଟେଡ୍ ରହିବାର ସର୍ବୋତ୍ତମ ଉପାୟ କରିଥାଏ।





# ଓଡ଼ିଆ ଘର ପଣା

ଶ୍ରୀମନ୍ଦିରର ଛପନ ଭୋଗ ମଧ୍ୟରେ 'ପଣା' ଭୋଗ ଅନ୍ୟତମ। ପଣା ଭୋଗ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ସମେତ ବିଶେଷ ପର୍ବମାନଙ୍କରେ ମଧ୍ୟ ଲାଗି ହୋଇଥାଏ। ପଣାର ସଂସ୍କୃତ ନାମ ହେଉଛି 'ପ୍ରପାନକ' ଅର୍ଥାତ 'ଗୁଡ଼ ବା ନବାତ ମିଶ୍ରିତ ପାନୀୟ'। ଏହି ନାମ ଅପଭ୍ରଂଶ ହୋଇ ପରେ ଓଡ଼ିଆମାନଙ୍କ ପାଖରେ 'ପଣା' ନାମରେ ପରିଚିତ ହୋଇଛି। ମାଦଳାପାଞ୍ଜିରେ ବର୍ଣ୍ଣିତ ତଥ୍ୟ ଅନୁସାରେ ଅତୀତରେ ଶ୍ରୀମନ୍ଦିରରେ ପଣା ପ୍ରସ୍ତୁତ କରୁଥିବା ସେବକଙ୍କୁ 'ପଣା ସୁଆର ସେବକ' ନାମରେ ଅଭିହିତ କରାଯାଉଥିଲା।

## ଭୌମକର ରାଜବଂଶଠାରୁ ପଣା ପ୍ରଚଳନ!

ଜଗନ୍ନାଥ ସଂସ୍କୃତି ଗବେଷକ କୃଷ୍ଣକେଶବ ଷଡ଼ଙ୍ଗୀ କହନ୍ତି, ଶ୍ରୀମନ୍ଦିରରେ ପଣା କେବେଠାରୁ ପ୍ରଚଳିତ ହେଲା, ସେ ନେଇ କୌଣସି ଲିଖିତ ଇତିହାସ ନାହିଁ। ଚୈତ୍ର ସଂକ୍ରାନ୍ତିରୁ ବୈଶାଖ ସଂକ୍ରାନ୍ତିଯାଏ ଏକ ମାସ ସମଗ୍ର ଦେଶରେ ବିଭିନ୍ନ ପର୍ବପର୍ବାଣି ପାଳନ ସହ ପଣାପାନ ପରମ୍ପରା ରହିଛି। ଗ୍ରୀଷ୍ମ ଉତ୍ତାପ ବଢୁଥିବାରୁ ଜଳଶୁଷ୍କତାରୁ ରକ୍ଷା ପାଇବା ପାଇଁ 'ପଣାପାନ' ହେଉଛି ଏକ ବୈଜ୍ଞାନିକ ଚିନ୍ତନ, ଯାହାକୁ ସାଂସ୍କୃତିକ ଜୀବନ ଭିତରେ ମିଶାଇ ଦିଆଯାଇଛି। ବିଶ୍ୱାସ କରାଯାଏ, ୮ମ ଓ ୯ମ ଶତାବ୍ଦୀ ଆଡ଼କୁ ବୌଦ୍ଧ ଧର୍ମର ବିଲୁପ୍ତି ସହ 'ଦେବୀ ଉପାସନା' ଜନଜୀବନକୁ ପ୍ରବେଶ କରିଥିଲା। ସେ ସମୟରେ ପ୍ରଥମେ 'ପଣା' ପ୍ରଚଳନ ହୋଇଥିଲା। ସେତେବେଳେ ରାଜାରାଜୁଡ଼ାମାନେ ଇଷ୍ଟଦେବୀମାନଙ୍କ ଉଦ୍ଦେଶ୍ୟରେ ପଣା ଅର୍ପଣ କରୁଥିଲେ। ଓଡ଼ିଶାରେ 'ଭୌମକର ରାଜବଂଶ'ଠାରୁ ପଣା ସଂସ୍କୃତି ଆରମ୍ଭ ହୋଇଥିବା ବିଶ୍ୱାସ ରହିଛି।

## ପଣାରେ ଛତୁଆ ଓ ବେଲ କାହିଁକି?

ପଣାସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଓଡ଼ିଆ ନୂଆବର୍ଷ ଭାବରେ ପାଳନ କରାଯାଏ। ଏହା ପହିଲା ବୈଶାଖ ଅର୍ଥାତ୍ ବୈଶାଖର ପ୍ରଥମ ଦିନରେ ପଡ଼େ। ଇଂରାଜୀ ମାସାନୁସାରେ ସାଧାରଣତଃ ଏପ୍ରିଲ ୧୩/୧୪ରେ ପଣା ସଂକ୍ରାନ୍ତି ପଡ଼ିଥାଏ। ଏହି ଦିନ ବସନ୍ତଋତୁ ଶେଷ ଓ ଗ୍ରୀଷ୍ମଋତୁ ଆରମ୍ଭ ହୋଇଥାଏ। ଫଳରେ ସୂର୍ଯ୍ୟ ତାପ ବୃଦ୍ଧି ପାଏ। ଦେହର ଅତ୍ୟଧିକ ତାପକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟ ପରମ୍ପରାରେ ପଣାକୁ ଯୋଡ଼ି ଦିଆଯାଇଛି। ପେଟ ଥଣ୍ଡା ରଖିବା ଲାଗି ଏହି ସମୟରେ ପାଚୁଥିବା ବେଲ ପଣା କରି ପିଆଯାଏ। ବେଲ ପେଟ ଥଣ୍ଡା ରଖିବା ସହ ହଜମ ଶକ୍ତି ବି ବଢ଼ାଇଥାଏ। ସେହିଭଳି ଗ୍ରୀଷ୍ମ ପ୍ରବାହ ବଢ଼ିବା ସହ ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ।



## ଶ୍ରାବଣ ମାସର ପ୍ରଥମ ସୋମବାର ପାଇଁ ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ଚଳଚଞ୍ଚଳ

**ନୀଳଗିରି,୧୩।୭ (ସଂଚାର ବ୍ୟୁରୋ):** ଶ୍ରାବଣ ମାସର ପ୍ରଥମ ସୋମବାର ଉପଲକ୍ଷେ ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ଚଳଚଞ୍ଚଳ ହୋଇଉଠିଛି। ନୀଳଗିରି ନିକଟରେ ବହୁ ବର୍ଷ ପୂର୍ବରୁ ଦେବଗିରି ପର୍ବତ ମାଳାର ଅଂଶବିଶେଷର ଏକ ଚିରସ୍ରୋତା ଝରଣାର ପଥର ଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ପାଞ୍ଚଟି ଲିଙ୍ଗଙ୍କୁ ବାବା ପଞ୍ଚଲିଙ୍ଗେଶ୍ୱର ନାମରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିବା ସହ ଶ୍ରାବଣ ମାସରେ କାଉଡ଼ିଆ ମହାଦେବଙ୍କୁ ଜଳାଭିଷେକ କରିଥାନ୍ତି। ଏଠାରେ ନୀର ଶଯ୍ୟାରେ ବିଜେ ପାଞ୍ଚ ଲିଙ୍ଗଙ୍କୁ ସ୍ପର୍ଶ କରି ସାନିଧ୍ୟ ଲାଭ କରିବାର ସୁଯୋଗ ମିଳିଥାଏ। ପାଞ୍ଚ ଲିଙ୍ଗଙ୍କୁ ସ୍ପର୍ଶ କରିବାର ସୁଯୋଗ ଥିବାରୁ ବିଶ୍ୱାସ ଅଛି ପାଞ୍ଚଟି ଶୈବପୀଠରେ ପୂଜା କଲେ ଯେଉଁ ପୂଣ୍ୟ ମିଳିଥାଏ ପଞ୍ଚଲିଙ୍ଗେଶ୍ୱରରେ ସମାନ ପୂଣ୍ୟ ମିଳିଥାଏ। ରବିବାର ରାତି ୧୨ଟାରୁ ଜଳାଭିଷେକ ନୀତି ଆରମ୍ଭ ହେବ, ପାଠରେ ଶାନ୍ତିଶୃଙ୍ଖଳାରେ ଜଳାଭିଷେକ ଲାଗି ମନ୍ଦିର ଭିତରେ ଓ ବାହାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ବ୍ୟାରିକେଡ୍ ଆଦିର ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏନେଇ ରବିବାର ବହୁ ଦୂର ଦୂରାନ୍ତରୁ ଶହ ଶହ କାଉଡ଼ିଆମାନେ ବିଭିନ୍ନ ନଦୀରୁ ଜଳ ଆଣି ଆସୁଥିବାର ଦେଖିବାକୁ ମିଳିଥିଲା।

# କଳାହାଣ୍ଡିରେ ବଢ଼ିଚାଲିଛି ମ୍ୟାଲେରିଆ

**କଳାହାଣ୍ଡି,୧୩।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ଦୀର୍ଘ ୧୦ବର୍ଷ ପରେ ମ୍ୟାଲେରିଆ ଗ୍ରାଫ୍ ବଢ଼ିଥିବା ଲକ୍ଷ୍ୟ କରାଯାଇଛି। ଗତ କିଛିବର୍ଷ ଧରି କେହି ମୃତ୍ୟୁବରଣ କରି ନ ଥିଲେ ମଧ୍ୟ ଚଳିତ ବର୍ଷ ରୋଗୀଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇଛି। ପୂର୍ବ ବର୍ଷମାନଙ୍କରେ ଜାନୁଆରୀରୁ ମେ' ମାସ ମଧ୍ୟରେ ଯେଉଁ ପରିମାଣରେ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲା ଚଳିତବର୍ଷ ତାହା ଦୁଇଗୁଣକୁ ବୃଦ୍ଧିପାଇଛି।

ପ୍ରକାଶ ଯେ, ଗତ ୨୦୨୨ରେ ୩,୭୫,୯୫୦ଜଣଙ୍କ ରକ୍ତନମୁନା ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୩୮୪୦ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲେ। ୨୦୨୩ରେ ୪,୨୪,୮୧୪ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ୭୫୪୩ ଜଣ ରୋଗୀ ଚିହ୍ନଟ କରାଯାଇଥିଲା। ୨୦୨୪ରେ ୪,୮୦,୯୭୨ ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇ ୧୪,୩୧୯ ରୋଗୀ ଚିହ୍ନଟ ହୋଇଥିଲେ। କେବଳ ସେତିକିନୁହେଁ, ଗତବର୍ଷ ଜାନୁଆରୀରୁ ମେ ମାସ ଭିତରେ ମ୍ୟାଲେରିଆ



ରୋଗୀ ସଂଖ୍ୟା ମାତ୍ର ୨୦୯୧ ଥିବାବେଳେ ଚଳିତବର୍ଷ ତାହା ବୃଦ୍ଧି ପାଇ ୪୩୨୧ରେ ପହଞ୍ଚିଛି।

ଜିଲ୍ଲାରେ ଥିବା ୧୩ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ହିସାବରୁ ଜଣାପଡୁଛି ଯେ, ଦୁର୍ଗମ ଅଞ୍ଚଳ ଥୁଆମୂଳ ରାମପୁର ବ୍ଲକରେ ୫ମାସ ମଧ୍ୟରେ ମ୍ୟାଲେରିଆ ରୋଗୀ ୯୮୧ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଲାଞ୍ଜିଗଡ଼ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଗାଁଗୁଡ଼ିକରେ ମ୍ୟାଲେରିଆ ପାଉଡ଼ୁଛି ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ଏହି ବ୍ଲକରେ ରୋଗୀଙ୍କ ସଂଖ୍ୟା ୧୨୭୫ ବୋଲି ରିପୋର୍ଟରୁ ସୂଚନା ମିଳିଛି। ମଦନପୁର ରାମପୁର ବ୍ଲକରେ ୫୩୪ ଜଣ ଏହିପରି ଜିଲାରେ ୫ମାସରେ ମ୍ୟାଲେରିଆ ରୋଗୀ ଆଶାତୀତ ବୃଦ୍ଧି ପାଇ ୪୩୨୧ ଜଣଙ୍କୁ ଆକ୍ରାନ୍ତ କରିସାରିଛି। ୨୦୨୦ରୁ ୨୦୨୪ ପର୍ଯ୍ୟନ୍ତ ମ୍ୟାଲେରିଆ ରୋଗ ନିୟନ୍ତ୍ରଣ ଭିତରେ ରହିଥିଲା। ୨୦୨୪ରୁ ମ୍ୟାଲେରିଆ ଆତଙ୍କ ଗ୍ରାମାଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିସାରିଛି। ଏହି ରୋଗର ଶିକାର ନ ହେବା ଲାଗି ଔଷଧଯୁକ୍ତ ମଶାରି ବଣ୍ଟନ କରାଯାଉଛି। ତେବେ ଏଯାବତ କେସିଙ୍ଗା ଓ ଗୋଲାମୁଣ୍ଡା ବ୍ଲକ ସମେତ ଜିଲାର ୩ ବିଜ୍ଞାପିତ ଅଞ୍ଚଳ ଜୁନାଗଡ଼, ଧର୍ମଗଡ଼, କେସିଙ୍ଗା ଓ ଭବାନୀପାଟଣା ପୌରାଞ୍ଚଳରେ ମଶାରି ବଣ୍ଟନ ହୋଇନାହିଁ। ଏବେ ସୁଦ୍ଧା ଜିଲାରେ ୮,୩୭,୦୦୭ ମଶାରି ଆବଶ୍ୟକ ଥିବାସ୍ଥଳେ ୮,୨୭,୨୪୮ଟି ଦିଆଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପ୍ରକାଶ କରିଛି। ଆହୁରି ୧ଲକ୍ଷ ୮୧ହଜାର ମଶାରି ବାଣ୍ଟିବାକୁ ଅଛି। ନବୀନ ସରକାର ସମୟରେ ଆରମ୍ଭ ହୋଇଥିବା ଦମନ କାର୍ଯ୍ୟକ୍ରମ କିପରି ଚାଲିଛି ତାହା ଅନୁଧ୍ୟାନ ସାପେକ୍ଷ।

# ସରପଞ୍ଚଙ୍କ ପରିବାରର ସୁରକ୍ଷା ଦାବିକଲା ସଂଘ

**ସୁବର୍ଣ୍ଣପୁର,୧୩।୭ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର୍ ବ୍ଲକ୍ ସରପଞ୍ଚ ସଂଘର ଏକ ଜରୁରୀ ବୈଠକ ସଭାନେତ୍ରୀ ଶ୍ରୀୟା କର୍ମୀଙ୍କ ପୌରହିତ୍ୟରେ ମୁର୍ଷୁଣ୍ଡି ଗ୍ରାମ ପଞ୍ଚାୟତ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ସଭାନେତ୍ରୀ ଶ୍ରୀୟା କର୍ମୀ ବ୍ଲକ୍କୁ ଆସିଥିବା ସମସ୍ତ ଗ୍ରାମପଞ୍ଚାୟତ ସରପଞ୍ଚଙ୍କୁ ସ୍ୱାଗତ କରିଥିଲେ। ଦୁଙ୍ଗୁରି ପାଲି ବ୍ଲକ୍ର ଗଜବନ୍ଧ ଗ୍ରାମ ପଞ୍ଚାୟତ ସରପଞ୍ଚ ବାସନ୍ତୀ ଖେତୀଙ୍କ ସ୍ୱାମୀ ତଥା ପୂର୍ବତନ ସରପଂଚ ବଲ୍ଲଭ କ୍ଷେତୀଙ୍କୁ ବିଭତ୍ସ ଭାବରେ ହତ୍ୟା କରିଥିବା ଆସାମୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଜିଲ୍ଲା ଓ ପୋଲିସ ପ୍ରଶାସନ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ସ୍ୱର୍ଗତ ବଲ୍ଲଭ କ୍ଷେତୀଙ୍କ ଅମରଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

ଗତବର୍ଷ ଜୁଲାଇ ୨୪ ତାରିଖରେ ସ୍ପଷ୍ଟ ଦିବାଲୋକରେ ଡୁଙ୍ଗୁରିପାଲି ବ୍ଲକ୍ ପରିସରରେ ଇଚ୍ଛାପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଓ ଗତ ୧୦ ତାରିଖ ଗୁରୁବାର ରାତିରେ ଶ୍ରୀ ବଲ୍ଲଭ ଖେତିଙ୍କୁ ଅତର୍କିତ ଭାବରେ ଆକ୍ରମଣ ଓ ହତ୍ୟାକୁ ନେଇ ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇ ଥିବା ଅନୁଭବ କରି ହତ୍ୟାକାରୀଙ୍କ



ଗିରଫଦାରୀ ଓ ତୃଣମୂଳସ୍ତରର ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ପ୍ରତିନିଧି ସରପଞ୍ଚ ଓ ପରିବାର ବର୍ଗଙ୍କ ସୁରକ୍ଷା ଦାବୀ ନେଇ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି ଦାବୀପତ୍ର ଦେବାକୁ ନିଷ୍ପତ୍ତି ଗ୍ରହଣ କରାଗଲା। ବ୍ଲକ୍ ପ୍ରଶାସନ କାର୍ଯ୍ୟ କରୁଥିବା ସମସ୍ତ ସ୍କିମ ଓ ନିର୍ଦ୍ଧାରିତ ସମୟ ସୀମା ଭିତରେ ପ୍ରତ୍ୟେକ ଉନ୍ନୟନ ମୂଳକ କାର୍ଯ୍ୟ କରିବା , ଏହାର ସଫଳ ରୁପାୟନ ପାଇଁ ସ୍ୱଚ୍ଛତା ରକ୍ଷା ଓ ଲୋକଙ୍କୁ ନ୍ୟାୟ ଦେବାକୁ ବ୍ଲକ୍ ର ଅଧିକାରୀ ଓ ନିର୍ବାଚିତ ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିବାକୁ ମତ ପ୍ରକାଶ ପାଇଲା।

ଆଲୋଚନାରେ ଉପଦେଷ୍ଟା ସରପଞ୍ଚ ମନୋଜ କୁମାର ସାହୁ, ପ୍ରମୋଦ କୁମାର ମହାପାତ୍ର ସରପଞ୍ଚ ଜୟଶ୍ରୀ ଦେହୁରୀ , ସଂପାଦକ ସୂର୍ଯ୍ୟ କୁମାର ନନ୍ଦ , ସରପଞ୍ଚ ସସ୍ମିତା ଦୀପ, ଆକସ୍ମିତା ବଢ଼ିଆ, ନିରୁପମା ସେଠି, ଅଲକା କର୍ମୀ, ନିରୁପମା ବଗର୍ତ୍ତୀ, ବନିତା ସେଠୀ ସମେତ ସମସ୍ତ ସରପଞ୍ଚ ଆଲୋଚନାରେ ଅଂଶ ଗ୍ରହଣ କରି ସଂଘ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିନୋବାନନ୍ଦ ପଧାନ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇଥିଲେ ।ଶେଷରେ ଉପଦେଷ୍ଟା ସରପଞ୍ଚ ମହେନ୍ଦ୍ର ଜଗଦଲା ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ।

## ପ୍ରହସନ ପାଲଟିଛି ସ୍ୱତନ୍ତ୍ର ଗ୍ରାମସଭା

**ବୈଶିଙ୍ଗା,୧୩।୭ (ସଂଚାର ବ୍ୟୁରୋ):** ପ୍ରତି ପଞ୍ଚାୟତରେ ଉନ୍ନତି ମୂଳକ କାର୍ଯ୍ୟକ୍ରମ କରାଯିବା ପାଇଁ ପଲ୍ଲୀସଭା ଏବଂ ପରେ ଗ୍ରାମସଭା କରାଯାଇ ବିଭିନ୍ନ ପ୍ରକଳ୍ପ ମଞ୍ଜୁରୀ କରାଯିବା ସହିତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁମୋଦନ ପ୍ରାପ୍ତ କରାଯାଇ ଥାଏ। ପଲ୍ଲୀ ସଭାର ସିଦ୍ଧାନ୍ତ ଅନୁଯାଇ ଗ୍ରାମରେ ବଛା ଯାଇଥିବା ବ୍ୟକ୍ତିବିଶେଷ କ୍ରମାନ୍ୱୟରେ କାର୍ଯ୍ୟାଦେଶ ପାଇ ପ୍ରକଳ୍ପ କାର୍ଯ୍ୟ କରିଥାନ୍ତି। ମାତ୍ର ବିଡମ୍ବନା ର ବିଷୟ ଯେ ଗତ ପଞ୍ଚାୟତ ନିର୍ବାଚନ ପର ଠାରୁ ଆଜି ପର୍ଯ୍ୟନ୍ତ ଗ୍ରାମମାନଙ୍କରେ ପଲ୍ଲୀସଭା ଅନୁଷ୍ଠିତ ହୋଇ ପାରି ନାହିଁ। କେବଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତବାସୀ ଙ୍କ ଅଗୋଚରରେ ନିଜ ଇଚ୍ଛା ମୁତାବକ ପ୍ରକଳ୍ପ ଦିଆଯାଉଥିବାର ଅଭିଯୋଗ ହୋଇ ଆସୁଛି। କେବଳ ଗାନ୍ଧି ଜୟନ୍ତୀ ଏବଂ ସ୍ୱାଧୀନତା ଦିବସ ଅବସରରେ ରାଜ୍ୟର ପ୍ରତି ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା କରାଯିବା ସହିତ ପ୍ରକଳ୍ପ ଗୁଡ଼ିକର ସିଦ୍ଧାନ୍ତ ନିଆଯିବା ର ସରକାରୀ ବ୍ୟବସ୍ଥା ରହିଛି। ଏଥିପାଇଁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏକ ଡେଙ୍ଗୁରା ଦିଆ ଯିବାର ବ୍ୟବସ୍ଥା ରହିଛି। ମାତ୍ର ଡେଙ୍ଗୁରା ନ ଦେବା ଯୋଗୁଁ କୌଣସି ଗ୍ରାମବାସୀ ଜାଣି ନ ପାରିବାର ଅଭିଯୋଗ ମଧ୍ୟ ରହିଛି । ଏଥିପାଇଁ ଜନ ସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ର ଦାନା ବାନ୍ଧିବାରେ ଲାଗିଛି।ଉନ୍ନତି ମୂଳକ କାର୍ଯ୍ୟରେ ଫଳକ ନ ଲଗାଇ ମନଇଚ୍ଛା କାର୍ଯ୍ୟ କରାଯିବାକୁ ପ୍ରଶାସନର ଅବହେଳା ବୋଲି ମତ ପ୍ରକାଶ ପାଇଛି । ସ୍ଥାନୀୟ ସରପଞ୍ଚ ଏଥି ପ୍ରତି ଧ୍ୟାନ ଦେବାକୁ ଦାବୀ ହେଉଛି।

## ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ବ୍ରହ୍ମପୁର,୧୩।୭ (ସଂଚାର ବ୍ୟୁରୋ):** ପ୍ରେସ କ୍ଲବ ବ୍ରହ୍ମପୁର ପରିସରରେ କ୍ଲବ୍ ଉପ ସଭାପତି ଅଭୟ ପାଢ଼ୀଙ୍କ ନେତୃତ୍ୱରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରବିବାର ଅପରାହ୍ନରେ ଆୟୋଜିତ ହୋଇଥିଲା। ଏଥିରେ କ୍ଲବ୍ ସମ୍ପାଦକ ପ୍ରହ୍ଲାଦ ସାହୁ, ସହ ସମ୍ପାଦକ ଡି ଗୋପାଳ କୃଷ୍ଣ ରେଡ୍ଡୀ ଓ କୋଷାଧ୍ୟକ୍ଷ ଶିବ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ରବି ନାରାୟଣ ବେହେରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପ୍ରକାଶ ଥାଉ କି, ଶ୍ରୀ ବେହେରା ନିଜ କାର୍ଯ୍ୟକାଳ ସମୟ ଭିତରେ ଗଞ୍ଜାମ ଜିଲ୍ଲାର ବହୁ ପ୍ରେସ କ୍ଲବ୍ ଓ ସାମ୍ବାଦିକ ସଂଘ ତଥା କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ସ୍ୱାର୍ଥ ଓ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରିଥିବା ବେଳେ ପ୍ରେସ କ୍ଲବ୍ ବ୍ରହ୍ମପୁରକୁ ମଧ୍ୟ ବହୁ ସମୟରେ ସହଯୋଗ କରିଥିଲେ । ସେନେଇ ଆଜି ପ୍ରେସ କ୍ଲବ୍ ବ୍ରହ୍ମପୁର ତରଫରୁ ବହୁ ସଦସ୍ୟ ତଥା ସହରର ବହୁ ସାମ୍ବାଦିକ ମାନଙ୍କ ଦ୍ୱାରା ତାଙ୍କୁ ଉପଢୌକନ ଓ ସ୍ମୃତି ସ୍ମାରକୀ ପ୍ରଦାନ ସ୍ୱରୂପ ସମ୍ବର୍ଦ୍ଧିତ କରାଯାଇଛି।

## ଖୋର୍ଦ୍ଧାର ପୂର୍ବତନ ଜିଲ୍ଲାପାଳଙ୍କୁ ବିଦାୟୀ ସମ୍ବର୍ଦ୍ଧନା



**ଖୋର୍ଦ୍ଧା,୧୩।୭ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ପୁରୀ ଜିଲ୍ଲାପାଳ ଭାବେ ବଦଳି ହୋଇଥିବା ପୂର୍ବତନ ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରାଣାଙ୍କୁ ଖୋର୍ଦ୍ଧା ଜିଲ୍ଲାପ୍ରଶାସନ ଓ ଖୋର୍ଦ୍ଧା କଲେକ୍ଟୋରେଟ୍ ଷ୍ଟାଫ୍ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଭାରାପ୍ରାପ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ବୈଠକରେ ଆରକ୍ଷୀ ଅଧିକ୍ଷକ ସାଗାରିକା ନାଥ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର, ଶ୍ରୀ ରୁଦ୍ର ନାରାୟଣ ମହାନ୍ତି, ଉପଜିଲ୍ଲାପାଳ, ଖୋର୍ଦ୍ଧା, କିଶୋର କୁମାର ପଣ୍ଡା, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ. ମନୋରଞ୍ଜନ ସାହୁ, ଅବକାରୀ ଅଧିକ୍ଷକ, ଖୋର୍ଦ୍ଧା ସୁମିତ୍ରା ତ୍ରିପାଠୀ, ଆରକ୍ଷୀ ଅଧିକ୍ଷକ, ଭୁବନେଶ୍ୱର, ଦେବାଶିଷ ପଟେଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ପୂର୍ବତନ ଜିଲ୍ଲାପାଳ ଶ୍ରୀ ରାଣାଙ୍କ ପ୍ରଶାସନିକ କାର୍ଯ୍ୟ ଦକ୍ଷତାକୁ ଭୂୟସୀ ପ୍ରଶଂସା କରିଥିଲେ । ବୈଠକରେ ପୂର୍ବତନ ଜିଲ୍ଲାପାଳ ଶ୍ରୀ ରାଣାଙ୍କୁ ବୃକ୍ଷ ଚାରାକୁଣ୍ଡ, ଶ୍ରୀ ଜଗନ୍ନାଥ ଶ୍ରୀ ବଳଭଦ୍ର,ମା ସୁଭଦ୍ରାଙ୍କ ଫଟୋ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ ସହ ତାଙ୍କର ଭବିଷ୍ୟତ ଉତ୍ତୋରତ୍ତର କାମନା କରିଥିଲେ ।

## ଟ୍ରକ ଧକ୍କାରେ ପୁଅ ମୃତ, ବାପା-ଝିଅ ଆହତ

**ସୁବର୍ଣ୍ଣପୁର,୧୩।୭ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା - ସୋନପୁର ମୁଖ୍ୟ ରାସ୍ତାର ଗଣ୍ଡାମେହେର ପୋଲ ନିକଟରେ ଏକ ଅଜଣା ଟ୍ରକ ବାଇକ କୁ ଧକ୍କା ଦେବାରୁ ବାଇକରେ ଥିବା ପୁଅର ମୃତ୍ୟୁ ହୋଇଥିବା ବେଳେ ବାପା ଓ ଭଉଣୀ ଗୁରୁତର ଆହତ ହୋଇଛନ୍ତି । ଘଟଣାରୁ ପ୍ରକାଶ ଯେ,ସୋନପୁର ବ୍ଲକର ସାଗରପାଲି ପଟରୁ ନିଜ ଘର ବିନିକା ସହର ନୂଆପଡାକୁ ଏକ ଗ୍ଲାମର ବାଇକ ଯୋଗେ ପୁଅ ଘୁଣ୍ଡୁଗୋପାଳ ମେହେରଙ୍କ ସହ ବାପା ବିଦ୍ୟା ମେହେର ଓ ଭଉଣୀ ଯଶୋବନ୍ତି ମେହେର ନିଜ ଘରକୁ ଗତ ରାତିରେ ଫେରୁଥିଲେ। ହେଲେ ଘରଠୁ ମାତ୍ର ଦେଢ଼ କିଲୋମିଟର ଦୂରରେ ଅଜଣା ଟ୍ରକଟି ଧକ୍କା ଦେବାରୁ ଏମାନେ ବାଇକରୁ ଛିଟିକି ପଡିଥିଲେ। ଯାହା ଫଳରେ ଟ୍ରକଟି ଘୁଣ୍ଡୁଗୋପାଳଙ୍କ ମୁଣ୍ଡରେ ଚାପି ଦେଇଥିବାରୁ ତାଙ୍କ ମୃତ୍ୟୁ ଘଟିଥିବା ବେଳେ ବାପା ଓ ଭଉଣୀ ଗୁରୁତର ଆହତ ହୋଇ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି । ଦୁର୍ଘଟଣା ଘଟାଇ ଟ୍ରକଟି ଫେରାର ମାରିଛି। ଘଟଣା ସ୍ଥଳକୁ ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ଏକ ମକଦ୍ଦମା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ କରିବା ପରେ ପାରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବ୍ରାଉନସୁଗର ଜବତ, ଯୁବକ ଗିରଫ



**ଖୋର୍ଦ୍ଧା,୧୩।୭ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ସାମନ୍ତରାପୁର ଅଂଚଳରୁ ୨୫ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହିତ ଗୋଟିଏ ମୋଟର ସାଇକେଲ ସମେତ ଜଣେ ଯୁବ ବ୍ୟବସାୟୀଙ୍କୁ ଗିରଫ କରିଥିବା ପୁଲିସ ସୂଚନାରୁ ପ୍ରକାଶ ପାଇଛି। ତେବେ ଖୋର୍ଦ୍ଧା ସାମନ୍ତରାପୁର ଅଞ୍ଚଳ ବ୍ରାଉନସୁଗାର ବ୍ୟବସାୟୀଙ୍କ ଅଡ଼ା ବନିଯାଇଥିବା ବେଳେ ଜିଲ୍ଲା ପୁଲିସ ଅଧିକାରୀ ସାଗରିକ ନାଥ ଏହାର ସୁରାକ ପାଇ ଏହାକୁ ରୋକିବା ପାଇଁ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ ଏବଂ ଏସଡିପିଓ ନିହାର ରଞ୍ଜନ ପ୍ରଧାନ (ଓପିଏସ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଦର୍ଶ ଥାନା ପୁଲିସ ଏକ ଟିମ ଗଠନ କରି ଏସଡିପିଓଙ୍କ ନେତୃତ୍ୱରେ ସାମନ୍ତରାପୁର ଅଂଚଳରେ ଚଢ଼ାଉ କରିବା ସମୟରେ ଜଣେ ଯୁବକ ବେଆଇନ ଭାବରେ ବ୍ରାଉନସୁଗାର ବ୍ୟବସାୟ କରୁଥିବା ବେଳେ ଧରା ହୋଇଥିଲା। ତାଙ୍କ ନିକଟରୁ ୨୫ ଗ୍ରାମ ବ୍ରାଉନସୁଗାର ସହିତ ଗୋଟିଏ ମୋଟର ସାଇକେଲ ଜବତ ହୋଇଛି।

● ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ 'ମାତୃ ସମ୍ମିଳନୀ'

## ଶିଶୁଙ୍କ ପ୍ରଗତିରେ ପିତାମାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ନୟାଗଡ଼,୧୩।୭ (ସଂଚାର ବ୍ୟୁରୋ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଶିଶୁବାଟିକା ବିଭାଗ " ମାତୃ ସମ୍ମିଳନୀ " ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ, ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ରୂପେ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପକ ମାନନୀୟ କେଶବ ଚନ୍ଦ୍ର ରାଉତରାୟ ଉପସ୍ଥିତ ରହି " ଶିଶୁଙ୍କର ପ୍ରଗତିରେ ପିତାମାତାଙ୍କ ଭୂମିକା " ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ । ଶିଶୁବାଟିକା ପ୍ରମୁଖ ଭାଗ୍ୟଲତା ସାହୁ ଅରୁଣ, ଉଦୟ ଓ ପ୍ରଭାତ ଶ୍ରେଣୀର ଶିକ୍ଷାଦାନ ସମ୍ବନ୍ଧରେ ଆଲୋଚନା କରିଥିଲେ ଏବଂ ମାଆ ମାନଙ୍କୁ ସେମାନଙ୍କର ମତାମତ ପଚାରି ବୁଝିଥିଲେ । କାର୍ଯ୍ୟକ୍ରମ ଶେଷରେ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ସସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଇଟାମାଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଇଟାମାଟି ଠାରେ ଶିଶୁବାଟିକା ବିଭାଗର ମାତୃ ସମ୍ମିଳନୀ



ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ପରିଚାଳନା ସମିତି ସଭାପତି ଅଭିମନ୍ୟୁ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ବନ୍ଦନା ପରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରକାଶ ଜୀବନ ପାଳ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରିଚାଳନା ସମିତିର ସମ୍ପାଦକ ଡ ରଙ୍ଗନାଥ ବେହେରା ଆଭିମୁଖ୍ୟ କଥନ କରିଥିଲେ । ବିଦ୍ୟାଳୟର ବରିଷ୍ଠା ଆଚାର୍ଯ୍ୟା ରଞ୍ଜୁଲତା ଗୁରୁମା ସୈଦ୍ଧାନ୍ତିକ ଶିଶୁ ଶିକ୍ଷାର ଭାରତୀୟ ସଂକଳ୍ପନା /ଶିଶୁ ଶିକ୍ଷାରେ ପରିବାରର ଭୂମିକା ବିଷୟରେ ଧାରଣା ଦେଇଥିଲେ । ବିଦ୍ୟାଳୟର ଆଚାର୍ଯ୍ୟା ମମତା ମଞ୍ଜରୀ ଗୁରୁମା ଆହାର ବିଷୟରେ ମା ମାନଙ୍କ ସହିତ ଆଲୋଚନା କରିଥିଲେ । ବିଦ୍ୟାଳୟର ପ୍ରଦୀପ୍ତ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁବାଟିକା ପ୍ରମୁଖା ବାର୍ଷିକ ଯୋଜନା ର ସୂଚନା ମା ମାନଙ୍କ ନିକଟରେ ଉପସ୍ଥାପନା କରିଥିଲେ । ଶାନ୍ତିମନ୍ତ୍ର ଏବଂ ବନ୍ଦେମାତରଂ ପରେ କାର୍ଯ୍ୟକ୍ରମକୁ ଶେଷ କରାଯାଇଥିଲା । ସର୍ବ ଶେଷରେ ସମସ୍ତେ ପ୍ରଦର୍ଶନୀ ବୁଲି ଦେଖିଥିଲେ ।

**ବେଳାଭୂମି ସାହିତ୍ୟ ସଂସଦ**

## ଭାଷା ବଞ୍ଚିଲେ ସାହିତ୍ୟ ସମୃଦ୍ଧ ହେବ




**କାକଟପୁର/ଅସ୍ତରଙ୍ଗ,୧୩।୭ (ସଂଚାର ବ୍ୟୁରୋ):** ଭାଷା ବଞ୍ଚିଲେ ଜାତି ବଂଚିବ ଓ ସାହିତ୍ୟ ଚିରକାଳ ସମୃଦ୍ଧ ହେବ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପୀରଜାହାନିଆ କଲ୍ୟାଣମଣ୍ଡପ ଠାରେ ବେଳାଭୂମି ସାହିତ୍ୟ ସଂସଦର ସାହିତ୍ୟ ଆସରରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ମୁଖ୍ୟବକ୍ତା ସଙ୍ଗୀତ ନିର୍ଦ୍ଦେଶକ, ଚଳଚିତ୍ର ନିର୍ଦ୍ଦେଶକ ଓ ଅଭିନେତା ଶ୍ରୀକାନ୍ତ ଗୌତମ, ସଂମ୍ମାନିତ ଅତିଥି ଭାବେ ଶିକ୍ଷାବିତି ଶ୍ରୀଯୁକ୍ତ ଶସଧର ପଣ୍ଡା, ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମୀୟ ପଟ୍ଟନାୟକ, ଅବସର ପ୍ରାପ୍ତ ପ୍ରଶାସକ ଅଶୋକ କୁମାର ଶତପଥୀ, ଖବର ଦାତା ରାଜକିଶୋର ସ୍ୱାଇଁ,ବ୍ୟଙ୍ଗ କବି ସମ୍ପଦ ରଥ, ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି ପ୍ରମୁଖ ଉପସ୍ଥିତ ଅତିଥି ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରମୁଖ ପ୍ରଚାର ସହ ପ୍ରସାର ଦିଗରେ ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିନ୍ନ ଆଭିମୁଖ୍ୟ ଉପରେ ଆଲୋଚନା କରିବା ସହ, ଆଜିର ଦିନରେ ବେଳାଭୂମି ସାହିତ୍ୟ ସଂସଦର ଓଡ଼ିଆ ସାହିତ୍ୟ ଜଗତର ଏହି ଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ଉପସ୍ଥିତ ଅତିଥି ଓ ଶୁଭେଚ୍ଛୁମାନେ। ବେଳାଭୂମି ସାହିତ୍ୟ ସଂସଦର ସଭାପତି ଚିତ୍ତରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାହିତ୍ୟ ଆସରକୁ ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ, କଂଗ୍ରେସ ନେତା ଅମୀୟ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସଂସଦର ସମ୍ପାଦକ ଧୁଶାସନ ନାୟକ ବିବରଣୀ ପାଠ କରି ସାହିତ୍ୟ ସଂସଦର ସମସ୍ୟା ଓ ତାହାର ନିରାକରଣ ଉପରେ ଅତିଥି ଦୃଷ୍ଟି ଆକର୍ଷଣ କରିଥିଲେ। ସାହିତ୍ୟ ସଂସଦ ଅସ୍ତରଙ୍ଗ ଭଳି ଏକ ଉପକୂଳ ତଥା ସମୁଦ୍ର ବେଳାଭୂମି ତୀରରେ ସାହିତ୍ୟ ପ୍ରଚାର ଓ ପ୍ରସାର ପାଇଁ ଯେଉଁ ପ୍ରୟାସ ଜାରି ରଖିଛି ତାହାକୁ ଶ୍ରୀ ପଟ୍ଟନାୟକ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଷା ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ସାହିତ୍ୟ ସଂସଦର ଏଭଳି ମହତ୍ୱପୂର୍ଣ୍ଣ କାର୍ଯ୍ୟକୁ ପ୍ରଶଂସା କରିଥିଲେ ଦୂରଦୁରାନ୍ତରୁ ଆସିଥିବା ଶୁଭେଚ୍ଛୁ ଓ କବି କବିୟତ୍ରୀମାନେ।

## ମୋ ଗାଁ ମୋ ସ୍ୱାଭିମାନର 'ଗାଁ ପାଇଁ ଗଛଟିଏ' କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା,୧୩।୭ (ସଂଚାର ବ୍ୟୁରୋ):** ମୋ ଗାଁ ମୋ ସ୍ୱାଭିମାନ ଅନୁଷ୍ଠାନ ତରଫରୁ ଗାଁ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଆବାହକ ବଳରାମ ସେଠୀଙ୍କ ନେତୃତ୍ୱରେ ପ୍ରଥମେ କୋରୋ ଜଗନ୍ନାଥ ମନ୍ଦିର ଠାରୁ ଉଛରପଡ଼ା ପର୍ଯ୍ୟନ୍ତ ବିଭିନ୍ନ ବୃକ୍ଷ ଯଥା ନିମ୍ବ, ହରିଡ଼ା, ବାହାଡା, କରଞ୍ଜ ଆଦି ଏକଶହରୁ ଉର୍ଦ୍ଧ୍ୱ ଔଷଧୀୟ ବୃକ୍ଷ ରୋପଣ କରାଯାଇ ଗଛର ଚତୁର୍ପାର୍ଶ୍ୱରେ ବାଡ଼ ଦିଆଯାଇଥିଲା। ଦୁଇପ୍ରହରରେ ସ୍ଥାନୀୟ କୋରୋ ସରସ୍ୱତୀ ଛକ ଠାରେ ବିଭିନ୍ନ ଫଳ ବୃକ୍ଷ ଯଥା ଆମ୍ବ, ପିଜୁଳି, ଲେମ୍ବୁ, ପଣସ, ଲାଲ ଚନ୍ଦନ ଆଦି ବୃକ୍ଷ ବଣ୍ଟନ କରାଯାଇ ଲୋକମାନଙ୍କୁ




ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପି୍ଏମଶ୍ରୀ କୋରୋ ପଞ୍ଚାୟତ ହାଇସ୍କୁଲର ଗାଇଡ଼ ପିଲାମାନଙ୍କ ସମେତ ଖଗେଶ୍ୱର ସୁତାର, ରଞ୍ଜନ ମଳିକ, ଶ୍ରୀଧର ବେହେରା, ଜୟପ୍ରକାଶ ବରାଳ, ଦିଲ୍ଲୀପ ରାଉତ, ପ୍ରଫୁଲ୍ଲ ମଳିକ, ମେଘନାଦ ମଳିକ, ସଞ୍ଜୟ ପାତ୍ର, ରଞ୍ଜନ ବାରିକ, ପ୍ରଶାନ୍ତ ସାହୁ, ଗିରିଧାରୀ ମଳିକ, ଭଜନ ସୁତାର, ସୁଶାନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଲାଲବାହାଦୁର ଶାସ୍ତ୍ରୀ ସରକାରୀ ଉଚ୍ଚବିଦ୍ୟାଳୟରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

**ଡେରାବିଶ,୧୩।୭ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗଣେଶପୁର ସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ସରକାର ଉଚ୍ଚବିଦ୍ୟାଳୟ ସତ୍ୟବିହାରରେ ବିଦ୍ୟାଳୟର ପୁରାତନ ଛାତ୍ରସଂସଦ ପକ୍ଷରୁ ଆଜି ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭୁବନେଶ୍ୱରର ସ୍ପର୍ଶ ହସ୍‌ପିଟାଲ ଓ ପାରାଦ୍ୱୀପର ସାଇ ହସପିଟାଲର ଅଭିଜ୍ଞ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଏହି ଶିବିରରେ ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡକ୍ଟର ରାଜକିଶୋର ମଲିକ, ଶିଶୁ ରୋଗ



ବିଶେଷଜ୍ଞ ଡକ୍ଟର ସ୍ୱାତୀ ସାହୁ, ଭେଷଜ ବିଶେଷଜ୍ଞ ଡକ୍ଟର ଗିତାଞ୍ଜଳୀ, ଶଲ୍ୟ ରୋଗ ବିଶେଷଜ୍ଞ ଡକ୍ଟର ଗୌରବ ସେଠୀ, ନାସା, କର୍ଣ୍ଣ ଓ ଗଳା ବିଶେଷଜ୍ଞ ଡକ୍ଟର ଗୋପବନ୍ଧୁ ଦାସ, ଦନ୍ତରୋଗ ବିଶେଷଜ୍ଞ ଡକ୍ଟର ଅରବିନ୍ଦ ନାୟକ ଓ ଡକ୍ଟର ପ୍ରଗତି ପ୍ରିୟା ଏବଂ ଚକ୍ଷୁରୋଗ ବିଶେଷଜ୍ଞ ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ପ୍ରମୁଖ ୫୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବହୁ ରୋଗୀଙ୍କୁ ମାଗଣାରେ ଡାକ୍ତରୀ ଚଷମା, ଅଣ୍ଟା ବେଲ୍ଟ ଇତ୍ୟାଦି ସହାୟକ ଉପକରଣ ପ୍ରଦାନ କରାଯାଇଥିଲା।

## ପରଲୋକରେ ଆଧ୍ୟାତ୍ମିକ ସଂଗଠକ କଳ୍ପତରୁ



**ମାର୍ଶାଘାଇ,୧୩।୭ (ସଂଚାର ବ୍ୟୁରୋ):** ପାଟକୁରା ଥାନା ଆଖୁଆ ଗ୍ରାମର ବରିଷ୍ଠ ନାଗରିକ କଳ୍ପତରୁ ପରିଡ଼ାଙ୍କ ୮୦ ବର୍ଷ ବୟସରେ ଗତକାଲି ରାତି ୯ଟାରେ ଦେହାବସାନ ଘଟିଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ନୀଳାଚଳ ସାରସ୍ୱତ ସଂଘ ପୁରୀ ଅନ୍ତର୍ଗତ ପାଟକୁରା ଶାଖାସଂଘର ସେ ଦୀର୍ଘ ୩୦ ବର୍ଷଧରି ସଭାପତି ଦାୟିତ୍ୱରେ ରହି ସେବା କରିଆସୁଥିଲେ। ଜଗତ ଗୁରୁ ଠାକୁର ନିଗମାନନ୍ଦ ସରସ୍ୱତୀଙ୍କ ଜୟଗୁରୁ ଦୀକ୍ଷିତ ଥିଲେ। ସମସ୍ତ ଶାଖା ସଂଘକୁ ସାଥିରେ ନେଇ ଆଖୁଆରେ ଠାକୁରଙ୍କର ରାଜ୍ୟସ୍ତରୀୟ ସମ୍ମିଳନୀ ଆୟୋଜନ କରିଥିଲେ। ଆଖୁଆ ଓଡ଼ଙ୍ଗ ଦୁର୍ଗାପୂଜା କମିଟିର ୩୯ ବର୍ଷକାଳ ସମ୍ପାଦକ ଓ ମୁଖ୍ୟ ପୁରୋଧା କର୍ତ୍ତା ହେଉଥିଲେ। ଜଣେ ଅମାୟିକ,ସ୍ନେହୀ,ମେଳାପି,ସମାଜସେବୀ ବିଶେଷକରି ଜଣେ ଆଧ୍ୟାତ୍ମିକ ସଂଗଠକ ଭାବେ ତାଙ୍କର ସୁଖ୍ୟାତି ଥିଲା। ତାଙ୍କ ପରଲୋକ ଖବରପାଇ ବରିଷ୍ଠ ରାଜନେତା ବିଜୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସମେତ ଅଗଣିତ ଗୁରୁ ଭାଇ,ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି।